# ସମାରୋହ

ଜାନୁୟାରୀ ୨୦୨୬ www.samaroha.in




# KALINGA COMMERCIAL CORPORATION LTD

KALINGA COMMERCIAL CORPORATION LTD
KCC
BHUBANESWAR

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-
Unity &
Teamwork with*





*Commitment and
Dedication*

*Our Motto –
No Words but Deeds*





*Aiming for Excellence
in Achievement with
Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**


Bringing SMILE
to the Rural Life...
Mining
Power & Steel
Green Energy
Education
Agritech
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com


THE NO.1 OUTDOOR MEDIA HOUSE
IN THE STATE OF ODISHA
NO.1
Mohapatra
torrent
ADVERTISERS
R. SHED NO. 37, RASULGARH IND.
ESTATE BHUBANESWAR - 751010, ODISHA
torrentadv4@gmail.com
9238321015, 9114152665, 9438840801
Deals In :- Hoarding, Bulletin, Kiosk, Backlit, Ete.

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )

**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 35 Issue - 4**
**January - 2026**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**ମହୋଦଧୀ ଆରତୀ** ଇଂ. ପ୍ରଶାନ୍ତ କୁମାର ଆଚାର୍ଯ୍ୟ.....୭
**ମାନବ ଓ ଅରଣ୍ୟ** ଜୟଶ୍ରୀ ପଟ୍ଟନାୟକ........... ୯


### କଥା ଓ କାହାଣୀ


**ଗୋଟେ ନୂଆ ସକାଳ** ମୂଳ ହିନ୍ଦୀ- ବିବେକ ମିଶ୍ର
ଓଡ଼ିଆ ରୂପାନ୍ତର - ଜନ୍ମେଜୟ ବାବୁ..... ୧୧
**ବ୍ୟତିକ୍ରମ ବ୍ୟବଚ୍ଛେଦ** ନୃସିଂହ ବେହେରା............ ୧୫
**ଋଣ** ଲେଖକ:- ଅନୀଲ ଶର୍ମା
ମୂଳଭାଷା:- ହିନ୍ଦୀ
ଅନୁବାଦ:- ସମ୍ବେଦନା ମିଶ୍ର............. ୧୮
**ଅପରାଧୀ** ମୂଳ ଇଂରାଜୀ- ଗାଏ.ଡ଼ି - ମୋପାସାଁ
ମର୍ମାନୁବାଦ-ଲିଙ୍ଗରାଜ ମହାନ୍ତି............ ୨୦
**ବଗୁଲା ବଗୁଲୀ** ଜିତେନ୍ଦ୍ର ପରିଡ଼ା............. ୩୩
**ମମତାମୟୀ ମା'ର ମନ** ଦେବୀ ପ୍ରସାଦିନୀ ମିଶ୍ର........୩୭
**ପ୍ରତୀଚୀ ବର୍ଣ୍ଣବିଭା** ଦୁର୍ଗାପ୍ରସାଦ ଆଚାର୍ଯ୍ୟ.......... ୪୦


### କବିତା


**ଝିଅଟିଏ** ଅକ୍ଷୟ ପାତ୍ର.................. ୪୫
**ବାପା** ପ୍ରଦୀପ କୁମାର ପାତ୍ର.......... ୪୫
**ଆସୁ ଅଛ ଯଦି ଆସ** ଗୋପାଳ ଚନ୍ଦ୍ର ମିଶ୍ର........... ୪୬
**ନୂଆ ବର୍ଷ** ସ୍ନେହା ରଥ.................. ୪୭
**ନୂଆଁ ବର୍ଷ - ୨୦୨୬** ଡଃ. ସଞ୍ଜୟ କୁମାର ତ୍ରିପାଠୀ.. ୪୭
**ନୂଆ ବର୍ଷ ଆଗମନେ** ଚକ୍ରଧର ସାହୁ............... ୪୭
**ଘାସ** ସୁଶୀଲ କୁମାର ପାଣିଗ୍ରାହୀ..... ୪୮
**ମଲାଜହ୍ନ** ଶିବ ଶଙ୍କର ଦାସ............ ୪୯
**ନୈବେଦ୍ୟ** ପ୍ରତିଭା ଦାଶ................. ୪୯
**ଅନୃତ ଆଶ୍ୱାସନା** ଅନସୂୟା ପଣ୍ଡା.............. ୫୦

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**
- **ଡା. ଅମରେନ୍ଦ୍ରନାଥ ଦାସ**
- **ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**
- **ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**

## ତନ୍ମାତ୍ର

**ଧୂରନ୍ଧର**.................................................................. ୫୧

## ଖେଳ ଓ ଖେଳାଳୀ

**ଟି-୨୦ ବିଶ୍ୱକପ୍ ୨୦୨୬**........................................ ୫୨

## ଜ୍ୟୋତିଷ ବିଚାର

**ରାଶିଫଳ** ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ.................. ୫୪

**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**




**ଯୋଗାଯୋଗ ଠିକଣା**
**ସହଯୋଗୀ ସଂପାଦକ : ସମାରୋହ**
**ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**
**ଫୋନ୍ ନମ୍ବର : ୦୬୭୪-୨୩୫୪୮୬୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**
E-mail: thesamaroha@gmail.com

| **ସମାରୋହର ଦେୟ** | ବାର୍ଷିକ................ଟ. ୩୦୦.୦୦ | ଦ୍ୱିବାର୍ଷିକ..............ଟ. ୬୦୦.୦୦ |
|---|---|---|
| | ୩ ବର୍ଷ ପାଇଁ..........ଟ. ୯୦୦.୦୦ | ୫ ବର୍ଷ ପାଇଁ..........ଟ. ୧୫୦୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* | |

# ସଂ ପା ଦ କୀ ୟ

"ନିକିତି ତଉଲ ସାନ ବଡ଼କୁ
ଭାରି ହୁଏ ଯିଏ ରହେ ତଳକୁ"

ଏହି ଉକ୍ତିଟି ପୁରୁଣା କାଳିଆ। କେଉଁଟା ତଳ କେଉଁଟା ଉପର ବର୍ତ୍ତମାନ ଜାଣି ହେବନି। ପ୍ରତି ମୂହୁର୍ତ୍ତରେ କଣ୍ଟା ବଦଳି ଚାଲିଛି। ବିକଶିତ ଗ୍ରାମପଞ୍ଚାୟତରୁ ବିକଶିତ ଭାରତ ଅଭିମୁଖେ, ୨୧୫ ଦିନର ରୋଜଗାର ଗ୍ୟାରେଣ୍ଟି ଏହା ମୋଦିଙ୍କ ବଚନ ଖନାଙ୍କ ବଚନ ନୁହେଁ। ମୋଦିଙ୍କ ୮୨% ରାହୁଲଙ୍କ ୧୧୭% ସମ୍ପତ୍ତି ବୃଦ୍ଧି। ଏହା ଖବର କାଗଜର ବାର୍ତ୍ତା। ଇ-ମେଲ୍ ରେ କୋର୍ଟକୁ ବୋମା ଧମକ। ୧. ଧମକ ପରେ ଅଦାଲତ ଗୁଡ଼ିକରେ ହାଇ ଆଲର୍ଟ। ୨. ବୋମା ସ୍କ୍ୱାର୍ଡ଼ ସନ୍ଧାନି କୁକୁର ସହ ଯାଞ୍ଚ। ୩. ଯାଞ୍ଚ ପରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହେଲା। ସମ୍ବଲପୁର, ବରଗଡ଼ ରାଜ୍ୟର ତିନି ଜିଲ୍ଲା କୋର୍ଟକୁ ବୋମାରେ ଉଡ଼ାଇ ଦେବାର ଧମକ ମିଳିଛି। କଟକ, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲା କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଅଜଣା ବ୍ୟକ୍ତିଙ୍କ ଧମକ ପୂର୍ଣ୍ଣ ଇ-ମେଲ୍ ଆସିବାପରେ ସବୁ ନ୍ୟାୟାଳୟ ପରିସରରେ ଗୁରୁବାର ଆତଙ୍କ ଖେଳି ଯାଇଥିଲା। କାର୍ଯ୍ୟ ବନ୍ଦ ସହ କୋର୍ଟ ପରିସର ଛାଡ଼ିବାକୁ ନିର୍ଦ୍ଦେଶ ଦିଆ ଯାଇଥିଲା। ଏହି ଧମକ ପୂର୍ଣ୍ଣ ଇ-ମେଲ ଜଣାପଡ଼ିବା ପରେ ଓଡ଼ିଶା ହାଇକୋର୍ଟରେ ମଧ୍ୟ ଆତଙ୍କ ଖେଳି ଯାଇଥିଲା। ବିଚାରପତି, ଆଇନଜୀବି ଓ ଲୋକେ କୋର୍ଟ ପରିସରରୁ ବାହାରି ଆସିଥିଲେ। ଅଦାଲତ ଆଖପାଖ ଅଞ୍ଚଳକୁ ସିଲ୍ କରି ବୋମା ସ୍କ୍ୱାର୍ଡ଼ ଓ ସନ୍ଧାନି କୁକୁରଙ୍କ ସହିତ ତନାଘନା ଯାଞ୍ଚ କରାଯାଇଥିଲା। ଏଇଥିରୁ ଆମର ମାନସିକ ପ୍ରବୃତ୍ତି କିପରି ପାଲଟି ଯାଇଛି ଜଣାପଡ଼ିଯିବ। ସତ୍ୟ ଓ ମିଥ୍ୟାକୁ ପରଖିବାକୁ କାହାରି ଧୈର୍ଯ୍ୟ ବା ସାହସ ନାହିଁ। ଦୁଇହଜାର ପଚିଶି ଯାଇ ଦୁଇ ହଜାର ଛବିଶି ପଶିଆସିଲା ଉତ୍ସବ ଓ ନାଚଗୀତର ପରିସର ମଧ୍ୟଦେଇ। ସେଥିପାଇଁ ବୋମା ବିଷୟରେ କେହି ଭାବିବାକୁ ସମୟ ପାଇନଥିଲେ।

ଟ୍ରମ୍ପ କହିଲେ, ଭାରତ ଉପରେ ଲାଗିପାରେ ପାଞ୍ଚଶହ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ। ଟ୍ରମ୍ପଙ୍କର ଭାରତ ଉପରେ ଶ୍ୱେନ ଦୃଷ୍ଟି କାହିଁକି? ଯିଏ ନିଜ ରାଜ୍ୟକୁ ସମ୍ଭାଳିବା କଥା ଅନ୍ୟ ରାଜ୍ୟ ଉପରେ ତା'ର ଆଖି କାହିଁକି ପଡୁଛି। ବର୍ଷ ଶେଷ ବେଳକୁ ଦିଲ୍ଲୀ ବାୟୁମଣ୍ଡଳ ସାଂଘାତିକ ହୋଇଥିଲା। ଯଦ୍ୱାରା ୧୨୮ ବିମାନ ବାତିଲ୍ ଶତାଧିକ ଟ୍ରେନ ଚଳାଚଳରେ ବିଳମ୍ବ ଏବଂ ଦିଲ୍ଲୀ ବାୟୁମଣ୍ଡଳ ଅବସ୍ଥା ସାଂଘାତିକ ବୋଲି ବାହାରିଥିଲା।

ନିର୍ମଳା ସୀତାରମଣ କହିଥିଲେ କେନ୍ଦ୍ରୀୟ ବଜେଟ ଦୁଇହଜାର ପଚିଶିରେ ଭାରତର ଆର୍ଥିକ ଏବଂ ବ୍ୟବସାୟିକ ଦୃଶ୍ୟପଟରେ ବଡ଼ ପରିବର୍ତ୍ତନ ହୋଇଥିଲା, ଦୃଢ଼ ଆର୍ଥିକ ଅଭିବୃଦ୍ଧି ଘଟିଥିଲା, ଗୁରୁତ୍ୱପୂର୍ଣ୍ଣ ଆଇନଗତ ସଂସ୍କାର ଏବଂ ଭିତ୍ତିଭୂମି ଓ ପ୍ରଯୁକ୍ତିବିଦ୍ୟାରେ ରଣନୈତିକ ନିବେଶ ଦ୍ୱାରା ଏହା ସମ୍ଭବ ହୋଇଥିଲା। ମୁଖ୍ୟତଃ କେନ୍ଦ୍ରୀୟ ବଜେଟ୍ ଦୁଇହଜାର ପଚିଶି-ଛବିଶି ଏବଂ ନୂତନ ପ୍ରତ୍ୟକ୍ଷ ଟିକସ କୋର୍ଡ଼ ଚଳିତ ବର୍ଷର ସବୁଠାରୁ ଚର୍ଚ୍ଚିତ ପ୍ରସଙ୍ଗ ରହିଥିଲା।

ଦେଶ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତିରେ ପରିଣତ ହେବାସହ ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତିରେ ପରିଣତ ହୋଇଥିଲା। ଭାରତ ଏଭଳି ସବୁ ଘଟଣାର ସାକ୍ଷୀ ରହିଛି ଯାହା ଶିଳ୍ପଗୁଡ଼ିକୁ ପୁନଃ ଆକୃତି ଦେଇଛି। ନବ ସୃଜନକୁ ପ୍ରୋତ୍ସାହିତ କରି ଏବଂ ଦେଶର ବିଶ୍ୱରେ ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିଛି। କେନ୍ଦ୍ରୀୟ ବଜେଟ୍ ଦୁଇହଜାର ପଚିଶିର ପ୍ରସ୍ତାବନା ଯଦି ଠିକ୍ କାର୍ଯ୍ୟ କରିଥାଏ, ଭାରତୀୟ ବଜେଟ୍ ନିଶ୍ଚୟ ଉପକୃତ ହୋଇଥିବ।

ଦ୍ରୁତଗାମୀ ରକେଟ 'ପିନାକ' ର ପ୍ରଥମ ପରିକ୍ଷଣ ସଫଳ। ଚାନ୍ଦିପୁରସ୍ଥିତ ପରୀକ୍ଷା ପରିସରରୁ ଏହା ପରୀକ୍ଷା କରାଯାଇଛି। 'ପିନାକ' ୧୨୦ କିଲୋମିଟର ଯାଇ ନିର୍ଦ୍ଧାରିତ ଲକ୍ଷକୁ ଭେଦ କରିବାରେ ସଫଳ ହୋଇଥିଲା। ଏହି ଦୂରଗାମୀ ରକେଟ୍ ସେନା ବାହିନୀର କ୍ଷମତା ବୃଦ୍ଧି କରିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଡି. ଆର୍. ଡି. ଓ. କୁ ଅଭିନନ୍ଦନ ଜଣାଇଛନ୍ତି।

ଦୁଇହଜାର ଛବିଶ ନୂଆବର୍ଷକୁ ସମ୍ବର୍ଦ୍ଧନା କରିବା ପାଇଁ କିଛି କଟକଣା ରଖା ଯାଇଥିଲା। ବୋଧହୁଏ ତାହା ଶୃଙ୍ଖଳିତ ହୋଇଥିବ। ନୂଆବର୍ଷ ଆସୁ ଆସୁ ଛଅ ଜାନୁୟାରୀ ରୁ ଏସ. ଆଇ. ନିଯୁକ୍ତି ଜାଲିଆତି ଘଟଣାରେ ସି.ବି.ଆଇ ଚାର୍ଜସିଟ୍

ଦେଇଛି । "କଲିକତାର ପ୍ରିଣ୍ଟିଙ୍ଗ୍ ପ୍ରେସ୍‌ରୁ ଚଞ୍ଚକତା। ସୁରେଶ ବଦଳାଇ ଥିଲା ପ୍ରଶ୍ନପତ୍ର ସେଟ୍। କିସ ପୁଣି ଦେଖା ନଯାଏ ଏ ଜଗତେ ।"

ଦୁଃଖଦ ସମ୍ବାଦ ଦେଖିବାକୁ ମିଳିଲା ହିନ୍ଦୁ ସାମ୍ବାଦିକଙ୍କୁ ହତ୍ୟା, ବିଧବାଙ୍କୁ ବଳାତ୍କାର। ବାଂଲାଦେଶରେ ତିନି ସପ୍ତାହରେ ଗଲାଣି ପାଞ୍ଚ ହିନ୍ଦୁଙ୍କ ଜୀବନ। "ପାଇକ ଦଲକୁଲ ଗୁଡ଼ା" ପ୍ରାଥମିକ ସ୍କୁଲରେ ଅଘଟଣ, ନିଆଁରେ ପୋଡ଼ି ହୋଇ ଚାରି ଛାତ୍ର ଆହତ। ଟର୍ପେଣ୍ଟାଇନ୍ ଅଏଲ୍ ରୁ ଦେହରେ ନିଆଁ ଲାଗି ଚାରି ଛାତ୍ର ଆହତ ହୋଇଛନ୍ତି। ବର୍ତ୍ତମାନ ପ୍ରାୟ ପ୍ରତିଦିନ ରାଜ୍ୟବ୍ୟାପୀ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହ ଇତ୍ୟାଦିରେ ଗୋଟିଏ ପଟେ ନରେନ୍ଦ୍ର ମୋଦିଙ୍କ ଫଟୋ ଓ ଆରପଟେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କର ଫଟୋ ଦେଖିବାକୁ ମିଳୁଛି। "ରାଜାନୁଗତ ଧର୍ମ" ଆମ ବସ୍ ଦୁର୍ଘଟଣା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ହେଲା ଚାଳକଙ୍କ ପ୍ରଶିକ୍ଷଣ ମଦ୍ୟପାନ ଯାଞ୍ଚ। "ବହୁପୂର୍ବରୁ ଏହା ଥିଲା ବର୍ତ୍ତମାନ ମଧ୍ୟ ରହିଛି।"

ନୂତନ ବର୍ଷରେ କୌଣସି ନୂତନତ୍ୱ ନଥାଇ ଦିବସ ଆରମ୍ଭ ହୋଇ ଆଗକୁ ଚାଲିଛି। ଆଗକୁ ଯାହା ଆସିବ ନୂତନ ବା ଅତି ନୂତନ ତା'କୁ ସହ୍ୟ କରିବାକୁ ଭଗବାନ ଶକ୍ତି ଓ ସାହସ ଦିଅନ୍ତୁ। ଓଡ଼ିଶାର ଉନ୍ନତି ପାଇଁ ଦେଶବାସୀ ଲାଗି ଯାଆନ୍ତୁ।

ହରିଓଁ ତତ୍‌ସତ୍
ବ୍ରହ୍ମାର୍ପଣମସ୍ତୁ

## ଇଂରାଜୀ ନବବର୍ଷ ୨୦୨୬ ର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ



ପ୍ରବନ୍ଧ

# ମହୋଦଧୀ ଆରତୀ
## ଲୟ, କ୍ଷୟ ଓ ଶ୍ରେୟ

**ଇଂ. ପ୍ରଶାନ୍ତ କୁମାର ଆଚାର୍ଯ୍ୟ**

**ଲୋକପଥ ଶିବଯନ୍ତ୍ର, ତୀର୍ଥରାଜ ମହୋଦଧୀ**
**ବିମଳା ଭୈରବୀ ଯନ୍ତ୍ର, ଜଗନ୍ନାଥ ସ୍ତୁ ଭୈରବ।**

ଆସନ୍ତା ପୌଷ ପୂର୍ଣ୍ଣିମା ମହାପ୍ରଭୁଙ୍କର ପୁଷ୍ୟାଭିଷେକ ଦିବସ। ମର୍ଯ୍ୟାଦାପୁରୁଷ ପରମପାବନ ଶ୍ରୀରାମଙ୍କର ଏହା ଅଭିଷେକ ଉତ୍ସବ। ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ବା ରାମାଭିଷେକ ଉତ୍ସବ ଦର୍ଶନ କରିବାପାଇଁ ସମସ୍ତ ଦେବାଦେବୀ ଓ ଭକ୍ତ ଶ୍ରୀକ୍ଷେତ୍ରରେ ରୁଣ୍ଡ ହୁଅନ୍ତି। ଏଥିପାଇଁ ଶ୍ରୀକ୍ଷେତ୍ର ଉତ୍ସବମୁଖର ହୋଇପଡ଼େ। ଶ୍ରୀକ୍ଷେତ୍ରର ଏହି ପୁଷ୍ୟାଭିଷେକ ଉତ୍ସବମୁଖରତା ଏବେ ବହୁଗୁଣିତ ହୋଇଛି ସମୁଦ୍ର ଆଳତୀ ସଂଯୋଗ ହେତୁ। ଆସନ୍ତା ପୌଷପୂର୍ଣ୍ଣିମାରେ ମହୋଦଧି ଆଳତୀର ଅଷ୍ଟମ ବର୍ଷ ପାଳନ ହେବାକୁ ଯାଉଅଛି। ସର୍ବଶ୍ରେଷ୍ଠ ତୀର୍ଥ ମହୋଦଧିଙ୍କର ଗୁରୁତ୍ୱ ଉପଲବ୍ଧି କରି ଗୋବର୍ଦ୍ଧନ ପୀଠାଧିଶ୍ୱର ସ୍ୱାମୀ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ପ୍ରାୟ ଆଠବର୍ଷ ହେଲା ନିତ୍ୟ ଆଳତୀର ବିଧାନ କରିଛନ୍ତି । ପୁଷ୍ୟାଭିଷେକରେ ସମାପନ ହୁଏ ବାର୍ଷିକ ଆଳତୀ। ବାସ୍ତବିକ ଲକ୍ଷକଲେ ଜଣାଯାଏ ଯେ ଏଭଳି ଗୁରୁତାମଣ୍ଡିତ ଆଳତୀ ଜଗତ୍‌ହିତାକାରୀ ଅଟେ। ଲୟ ଲଗାଇ ଲକ୍ଷ କରାଯାଉ। ସମସ୍ତ ନଦୀର ପରିଣତି ହିଁ ସାଗର। ନଦୀ ନିଜ ଗତି ପଥରେ ରହିଥିବା ଅଳିଆ ଆବର୍ଜନାକୁ ସଂଗରେ ଘେନି ଧାଇଁଥାଏ।

ସମସ୍ତ ଆବର୍ଜନା ମଧ୍ୟ ନିମଜ୍ଜିତ ହୁଅନ୍ତି ସାଗରରେ। ପ୍ରତିବଦଳରେ ସାଗରରୁ ମିଳେ ରତ୍ନ। ଏଣୁ ତ ଜଳଧିଙ୍କ ଅନ୍ୟନାମ ରତ୍ନାକର। ବିଜ୍ଞାନର ଅଗ୍ରଗତି ପରେ, ଶିଳ୍ପ ସଭ୍ୟତାର ପ୍ରଭାବରେ ଆଜି ସଦା ସୁନାବ୍ୟାମାନେ ମୃତପ୍ରାୟ ଓ କଳୁଷିତ ମଧ୍ୟ। ସେ ସମସ୍ତ କଳୁଷ ପଙ୍କକୁ ଧରି ଆଜି ମଧ୍ୟ ରତ୍ନାକରଙ୍କ ନିଜ ନାମରେ କଳଙ୍କ ଲାଗିନାହିଁ । ଯେ କେହି ଭକ୍ତ ବା ଶ୍ରଦ୍ଧାଳୁ ମହୋଦଧି କୂଳରେ ପହଞ୍ଚିଲେ ଦଣ୍ଡପ୍ରଣାମ ପକାଇ ଆସିଲା ଭଳି ଢେଉ ଗଡ଼ିଆସି ପ୍ରତ୍ୟେକଟି ପାଦକୁ ଧୋଇଦେଇ ବିନମ୍ରତାର ସହିତ ଅପସରିଯାଏ କୌଣସି ପ୍ରାପ୍ତ୍ୟାଶା ନରଖି।



ସମସ୍ତ ଦୁଃଷିତତାକୁ ଗର୍ଭସ୍ଥ କରି ସଂସାରକୁ ବାଷ୍ପୀଭବନ ପ୍ରକ୍ରିୟାରେ ମଧୁରଜଳ ପ୍ରଦାନ କରନ୍ତି। ଲୟ କ୍ଷୟ ହେଲେ ଏ ସମସ୍ତ ଗୁରୁତ୍ୱକୁ ଉପଲବ୍ଧ କରିହୁଏନା । ଏକଦା ତୀର୍ଥାଟନ ବା ଧର୍ମକାର୍ଯ୍ୟ ସଂପାଦନର ମୂଳ ଉଦ୍ଦେଶ୍ୟ ଥିଲା ଚତୁଃବର୍ଗ ଫଳପ୍ରାପ୍ତି। ଅର୍ଥାତ୍ ଧର୍ମ, ଅର୍ଥ, କାମ ଓ ମୋକ୍ଷ। ସଂପ୍ରତି ଧର୍ମ ଓ ମୋକ୍ଷ ନିଜ ଉତ୍ସଭୂମିଠାରୁ ଦୂରେଇ ଗଲାଣି। ବରଂ ଅର୍ଥ ଓ କାମ ହୋଇଛି ପ୍ରଧାନ ଧ୍ୟାନ। ଏକାଧାରରେ କହିଲେ ଠିକ୍ ହେବ ଯେ ଲୟ କ୍ଷୟ ହୋଇଛି ମନୁଷ୍ୟର। ଏକଦା ଜଣେ ତତ୍ତ୍ୱଦର୍ଶୀ କହିଥିଲେ ଯେ Nothing is Permanent in this world except changes.

କ୍ଷୟ, ଲୟ ଓ ଶ୍ରେୟ ମୂଳତଃ ଆଧ୍ୟାତ୍ମିକ ଶବ୍ଦ । ଅର୍ଥାତ୍ ଆଧ୍ୟାତ୍ମିକତା ମଣ୍ଡିତ ଜୀବନର ଉତ୍ଥାନ ଓ ପତନ ସହ ଏହା ଜଡ଼ିତ। ଲୟ କ୍ଷୟ ହେଲେ ଶ୍ରେୟ ହୁଏ ସୁଦୂର ପରାହତ । ଜୀବନରେ ଘୋଟିଆସେ ଦୈନ୍ୟ, ଦୁଃଖ, ଦୁର୍ଗତି ଓ ଦୁର୍ଦ୍ଦଶା। ଶ୍ରେୟ ପ୍ରତି ଲୟ ହିଁ ଶ୍ରେଷ୍ଠ ମାନବୀୟ ଧର୍ମ- ଏକଥା ବେଦ ପୁରାଣ କେବେଠୁ କହି ଆସୁଛନ୍ତି। ତଥାପି ମାନବିକତାର କ୍ଷୟ ହିଁ ଚଳିତ ସମୟର ମହାଚିନ୍ତା। ବସ୍ତୁଗତ ଦିଗପ୍ରତି ସାଂପ୍ରତିକ ମନୁଷ୍ୟର ବିକଳ ଆକର୍ଷଣ ଓ ଭାଗ ଭାବଗତ ଦିଗପ୍ରତି ବିତସ୍ପୃହତା ଲକ୍ଷ କରିବାର କଥା। ଭାବ ହିଁ ମହାଭାବ ପ୍ରତି ଆଖି ଖୋଲି ଦେଇଥାଏ। ତା



ସତ୍ତ୍ୱେ ସବୁଜାଣି ମଧ୍ୟ ମଣିଷ ଭ୍ରାନ୍ତିର ଶିକାର ହେବା ହିଁ ଆଶ୍ଚର୍ଯ୍ୟର କଥା । ଏ ସୃଷ୍ଟି ଆଶ୍ଚର୍ଯ୍ୟମୟ । ତା ସତ୍ତ୍ୱେ ସବୁଜାଣି ମଧ୍ୟ ମଣିଷ ଭ୍ରାନ୍ତିର ଶିକାର ହେବାହିଁ ଆଶ୍ଚର୍ଯ୍ୟର କଥା । ଏ ସୃଷ୍ଟି ଆଶ୍ଚର୍ଯ୍ୟମୟ । ସବୁ ଆଶ୍ଚର୍ଯ୍ୟ ମଧ୍ୟରେ ପରମ ଆଶ୍ଚର୍ଯ୍ୟ ପୁରୁଷୋତ୍ତମ କ୍ଷେତ୍ର । ଯେଉଁଠାରେ ଲୟ ରଖିଲେ ପାପାଦି ଦୋଷ କ୍ଷୟ ହୁଏ ଓ ଶ୍ରେୟ ପ୍ରାପ୍ତିର ରାସ୍ତା ହୁଏ ପ୍ରଶସ୍ତ । ଏକଥା ଶାସ୍ତ୍ରପୁରାଣାଦି ମୁକ୍ତ କଣ୍ଠରେ ଘୋଷଣା କରିଥାନ୍ତି । ବୈଦିକ ଯୁଗରୁ ସନାତନ ଧର୍ମ ସଂସ୍କୃତିରେ ଅନନ୍ତ ସୃଷ୍ଟିର ନିର୍ଯ୍ୟାସରୂପେ କ୍ଷିତି, ଅପ, ତେଜ, ମରୁତ ଓ ବ୍ୟୋମ ସ୍ୱୀକୃତ । ଏହି ପଞ୍ଚମହାଭୂତର ସମାହାର ହିଁ ଏ ଚରାଚର ସୃଷ୍ଟି । ପ୍ରତ୍ୟେକଟି ଜୀବସତ୍ତା ଓ ସୃଷ୍ଟି ପ୍ରକ୍ରିୟା ମଧ୍ୟରେ ଏ ପଞ୍ଚମହାଭୂତ ନିହିତ ଅଛନ୍ତି । ଏଣୁ ପଞ୍ଚମହାଭୂତ ହିଁ ପ୍ରଣମ୍ୟ । ପୂଜନୀୟ ପୁରୁଷୋତ୍ତମ କ୍ଷେତ୍ର ସଂଲଗ୍ନ ଜଳଧିର ନାମ ମହୋଦଧି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅବସ୍ଥାନ କ୍ଷେତ୍ର ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରର ପ୍ରସିଦ୍ଧ ତୀର୍ଥ ପଙ୍କ ମଧ୍ୟରୁ ମହୋଦଧି ମହାନ । ସୁତରାଂ ମହୋଦଧିରେ ସ୍ନାନ, ଦର୍ଶନ, ତର୍ପଣ, ଦାନ ଓ ଶ୍ରାଦ୍ଧ ଆଜି ପବିତ୍ର କ୍ରିୟ ସଂପାଦନ କରାଗଲେ ଆଉ ପୂନର୍ଜନ୍ମ ହୁଏ ନାହିଁ । ପୁରୁଷୋତ୍ତମ କ୍ଷେତ୍ରର ପ୍ରସିଦ୍ଧ ପଞ୍ଚତୀର୍ଥ ହେଲେ -

ମାର୍କଣ୍ଡେୟ ବଟକୃଷ୍ଣ ରୋହିଣ୍ୟାଚ ମହୋଦଧି
ଇନ୍ଦ୍ରଦ୍ୟୁମ୍ନ ସରେ ସ୍ନାତ୍ୱା ପୂନର୍ଜନ୍ମ ନ ବିଦ୍ୟତେ ।

(ବ୍ରହ୍ମାଣ୍ଡ ପୁରାଣ)

କେବଳ ଏତିକି ନୁହେଁ । ମହୋଦଧିଠାରୁ ଶ୍ରୀମନ୍ଦିର ବେଢାସ୍ଥିତ କଳ୍ପବଟ ମୂଳଦେଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ସ୍ଥାନରେ ବସବାସ କରୁଥିବା କେବଳ ମନୁଷ୍ୟ ନୁହେଁ ପ୍ରତ୍ୟେକ ଜୀବଜନ୍ତୁ ଏପରିକି କୀଟପତଙ୍ଗ ଯିଏ ବି ପ୍ରାଣତ୍ୟାଗ କରନ୍ତି ସେମାନେ ମୁକ୍ତି ହିଁ ପ୍ରାପ୍ତ ହୁଅନ୍ତି, କାରଣ ଏହି କ୍ଷେତ୍ରରେ ଜନ୍ତୁପତିଙ୍କ କର୍ତ୍ତୃତ୍ୱ ରହେନାହିଁ । ସୁତରାଂ ଏହି ପରମପାବନ ପୁରୁଷୋତ୍ତମ କ୍ଷେତ୍ରରେ ତୀର୍ଥରାଜ ମହୋଦଧିଙ୍କର ଉତ୍କର୍ଷତାକୁ ଅନୁଭବ କରି ତାହାଙ୍କର ବନ୍ଦନ, ପୂଜନ ଓ ଅର୍ଚ୍ଚନ ଇତ୍ୟାଦି କେଉଁ ଆବାହନ କାଳରୁ ଅନୁସୃତ । ଅର୍ଥାତ୍ ପରିବର୍ତ୍ତନ ହିଁ ସତ୍ୟ ଅଟେ । ଯଦି ପରିବର୍ତ୍ତନ ସତ୍ୟ ଅଟେ ତେବେ କ୍ରମେ ଅବଲୁପ୍ତ ଲୟକୁ ଅବକ୍ଷୟରୁ ଉଦ୍ଧାରକରି ଶ୍ରେୟଦିଗରେ ଅବଧାବିତ କରାଇବାହିଁ ଜଗଦ୍‌ଗୁରୁ କର୍ତ୍ତୃକ ପ୍ରତିପାଳିତ ଏହି ସମୁଦ୍ର ଆଳତୀର ଅନ୍ତର୍ନିହିତ ଉଦ୍ଦେଶ୍ୟ ।

ଶ୍ରେୟପ୍ରାପ୍ତି ପାଇଁ ଅଭିପ୍ରେତ ଶ୍ରେଷ୍ଠ ମାର୍ଗମାନଙ୍କ ମଧ୍ୟରେ ସମୁଦ୍ର ଆଳତୀ ଅନ୍ୟତମ । ଏଥିପାଇଁ ମହୋଦଧି ତୀରରେ ସଭକ୍ତି ଏକ ସୁଦୃଶ ମଞ୍ଚର ବ୍ୟବସ୍ଥା ହୋଇଥାଏ । ଦର୍ଶକ ଓ ଭକ୍ତମାନଙ୍କ ସୌଭାଗ୍ୟ ଯେ ଏହି ଦିନ ପ୍ରାୟ ଶତାଧିକ ସାଧୁସନ୍ଥଙ୍କର ଦୁର୍ଲଭ ଦର୍ଶନ ସୁଯୋଗ ମିଳିଥାଏ । କାରଣ ବିଗତ ଆଠବର୍ଷ ମଧ୍ୟରେ ସମୁଦ୍ର ଆଳତୀ ପାଇଁ ଉଦ୍ଦିଷ୍ଟ ମଞ୍ଚ ହୋଇଗଲାଣି ଓଡିଶାର ମୁଖ୍ୟ ଆଧ୍ୟାତ୍ମିକ ମଞ୍ଚ । ଏହା ସହିତ ଏହି ଦିନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପୂର୍ବ ରାମାଭିଷେକ ଏହି ଦିନର ବିଶିଷ୍ଟତାକୁ ବହୁଗୁଣିତ କରି ଗଢି ତୋଳିଛି । କାମ ଓ ଅର୍ଥର ବଶବର୍ତ୍ତୀ ହୋଇ ମଣିଷ ଆଜି ଯେଉଁ ଦୁର୍ଗତିକୁ ଆମନ୍ତ୍ରଣ କରିଛି ତାହାର ଏକମାତ୍ର କାରଣ ହେଉଛି ଦୁର୍ଭାବନା । କୁହାଯାଇଛି ଯେ ଯଦ୍‌ଭାବ ତଦ୍‌ଭବତି । ମାତ୍ର ଆଜି ତୁଣ୍ଡ ମୁଣ୍ଡ ଏଣୁ ଦାଣ୍ଡ ବି ପ୍ରଦୂଷିତ । ଏଇ ପ୍ରଦୂଷଣକାରୀମାନଙ୍କ ଉଦ୍ଦେଶ୍ୟରେ ଏକଦା କବି ଦୀନକୃଷ୍ଣ ବିପ୍ଳବ ଘୋଷଣା କରି କହିଥିଲେ -

"କରନ୍ତି ଅଙ୍ଗେ ଅନେକ ଛାପ
କେହି ନଜାଣେ ଭିତର ପାପ"

ବାସ୍ତବିକ ଧର୍ମ ବିମୁଖତା ଭଳି ଅବକ୍ଷୟକୁ ଲକ୍ଷ କରି ଆଦି ଶଙ୍କର ପ୍ରଦର୍ଶିତ ମାର୍ଗରେ ସ୍ୱାମୀ ନିଶ୍ଚଳାନନ୍ଦଙ୍କ ସମୁଦ୍ର ଆଳତୀ ପଦକ୍ଷେପ ଲୟହରା କ୍ଷୟଶୀଳ ଜୀବନର ଶ୍ରେୟଗାମୀ ଆଲୋକବର୍ତ୍ତିକା ନିଶ୍ଚୟ । ଲୟହୀନ ମନୁଷ୍ୟ ପରିଣତିରେ ଶ୍ରେୟପ୍ରାପ୍ତିର ସୁଯୋଗରୁ ବଂଚିତ ହୁଏ । ଲୟ ହରାଇ ବିଲୟକୁ ଯାଉଥିବା ଦେହବାଦୀ ଆଜିର ସମାଜପାଇଁ ଆଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦଙ୍କ ସମୁଦ୍ର ଆଳତୀ ପରୋକ୍ଷରେ ସତର୍କତାମୂଳକ ଆଲୋକ ସଂକେତ ନିଶ୍ଚୟ ।

(୧) ତୀର୍ଥରାଜ ମହୋଦଧି ତଟରେ ସାଧୁ ସନ୍ଥ, ମହନ୍ତ, ମଠାଧିଶ, ତଥା ସନ୍ଥ ମଉଡମଣି ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦର୍ଶନ, (୨) ଜଗଦ୍‌ଗୁରୁ ଓ ଗଜପତି ମହାରାଜଙ୍କ ରାଷ୍ଟ୍ର ଉଦ୍ଦେଶ୍ୟରେ ଦିବ୍ୟ ସନ୍ଦେଶ ଶ୍ରବଣ, (୩) ସମୁଦ୍ର ଭଗବାନଙ୍କ ମଙ୍ଗଳମୟ ଆରତୀର ପ୍ରତ୍ୟକ୍ଷ ଦର୍ଶନ, (୪) ପୁଷ୍ୟାଭିଷେକରେ ପ୍ରାଣପ୍ରିୟ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଓ (୫) ପଦ୍ମବିଭୂଷଣ ବାଂଶୁରୀ ଗୁରୁ ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କର ଆଧ୍ୟାତ୍ମିକ ସଂଗୀତମୟ ବଂଶୀବାଦନ, ଏ ଦିବ୍ୟ ପଞ୍ଚାମୃତ ପାନ କରିବାର ଅପୂର୍ବ ସୁଯୋଗ ଲାଭ କରି ଜୀବନକୁ ଅମୃତମୟ କରିବାପାଇଁ ପରମପାବନ ଶ୍ରୀକ୍ଷେତ୍ରକୁ ଯିବା ।

**- ଜୟ ଜଗନ୍ନାଥ -**

***ମହାସଚିବ, ପୀଠ ପରିଷଦ, ଗୋବର୍ଦ୍ଧନ ମଠ, ପୁରୀ***
***ତଥା ଅଧ୍ୟକ୍ଷ, ମହୋଦଧି ଆଳତୀ ପରିଚାଳନା ସମିତି***

# ମାନବ ଓ ଅରଣ୍ୟ

**ଜୟଶ୍ରୀ ପଟ୍ଟନାୟକ**

ଆଦିମ ମାନବ ଓ ଆଧୁନିକ ମାନବ ଭିତରେ ପ୍ରଭେଦ ଦେଖାଯାଏ। ଆଦିମ ମାନବର ଘର ଥିଲା ପ୍ରକୃତି, ଖାଦ୍ୟ ଥିଲା କଞ୍ଚା ଫଳମୂଳ ଆଉ ବାସ ଥିଲା ଜଙ୍ଗଲ। ଯେତିକି ଉତ୍ପାଦନ କରୁଥିଲା ସେତିକିରେ ସେ ଚଳୁଥିଲା। ଜନସଂଖ୍ୟା ବୃଦ୍ଧି, ସଭ୍ୟତାର ବିକାଶ, ମନୁଷ୍ୟର ଆବଶ୍ୟକତା ହେତୁ ପ୍ରାକୃତିକ ସଂପଦର ଉପଯୋଗ କରିଆସିଛି। ମୃତ୍ତିକା, ଜଳ, ଉଦ୍ଭିଦ, ଜୀବଜନ୍ତୁ, ଖଣିଜ ଦ୍ରବ୍ୟ, ଭୂ ସଂପଦ, ଅରଣ୍ୟ ସଂପଦ ଏହାର ଅନ୍ତର୍ଭୁକ୍ତ। ଶିକ୍ଷା ସଭ୍ୟତା ଓ ବିଜ୍ଞାନର ଉନ୍ନତି ଫଳରେ ପ୍ରାକୃତିକ ସଂପଦକୁ ବିନିଯୋଗ କରି ଜୀବନକୁ ସରସ ସୁନ୍ଦର କରିପାରୁଛି। ବଣ ଜଙ୍ଗଲ ମଣିଷ ଜାତି ପାଇଁ ଅମୂଲ୍ୟ ଦାନ। ପରିବେଶରେ ଭାରସାମ୍ୟ ରକ୍ଷା କରିବାରେ ଜଙ୍ଗଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ଏହା ଭୂପୃଷ୍ଠର ଉତ୍ତାପକୁ ନିୟନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ମେଘ ବୃଷ୍ଟିର ସଂଚାଳନ କରେ ଓ ମୃତ୍ତିକା ସାରକୁ ରକ୍ଷା କରିଥାଏ। ଜଙ୍ଗଲରୁ ଆମେ ଜାଳେଣି କାଠ, ଗୃହପଯୋଗୀ କାଠ, ଔଷଧୀୟ ବୃକ୍ଷ ଲତା ପତ୍ର, ଫୁଲ, ବିଭିନ୍ନ ପ୍ରକାରର ଫଳ ଓ କୋଳି ଚମଡା, ଶିଙ୍ଗ, ହାତୀ ଦାନ୍ତ ପାଇଥାଉ। ପଶୁପକ୍ଷୀ ମାନଙ୍କର ବାସସ୍ଥଳୀ ହେଉଛି ଜଙ୍ଗଲ। ଲାଖ, ଅଠା ଓ ରବର ଜଙ୍ଗଲରୁ ମିଳେ। ମୋଟାମୋଟି କହିବାକୁ ଗଲେ କ୍ଷୁଦ୍ର ଘାସ ଠାରୁ ଦ୍ରୁମ ଯାଏଁ ସବୁ ଆମର ଉପକାରରେ ଲାଗନ୍ତି। ଜଙ୍ଗଲ ଯୋଗୁଁ ବର୍ଷା ହୁଏ, ବନ୍ୟାକୁ ନିୟନ୍ତ୍ରଣ କରେ। ମୃତ୍ତିକାକୁ କ୍ଷୟ ହେବାରୁ ବଞ୍ଚାଏ। ପଶୁପକ୍ଷୀ ଖାଦ୍ୟ, ବିଜୁଳି ଶକ୍ତି, ଭୂମିହୀନ ଜନଜାତିଙ୍କୁ ସହାୟ ହୁଏ ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ସବଳ କରେ ସେମାନଙ୍କ ଜୀବିକା ନିର୍ବାହରେ ସହାୟ ହୁଏ।

ଜଙ୍ଗଲର ଅନେକ ଉପକାରିତା ରହିଛି ଜାଣି ମଧ୍ୟ ମଣିଷ ବାସ ସ୍ଥାନ, ରାସ୍ତା, କଳ କାରଖାନା ନିର୍ମାଣ, ଆପାର୍ଟମେଣ୍ଟ ନିର୍ମାଣ ପାଇଁ ଧ୍ୱଂସ କରିଚାଲିଛି ଜଙ୍ଗଲ। ଫଳରେ ହିଂସ୍ର ପଶୁ ଜଙ୍ଗଲ ଛାଡ଼ି ସହର ମୁହାଁ ହେଉଛନ୍ତି। ଜନ ଜୀବନ ବିପର୍ଯ୍ୟସ୍ତ।

ବିକାଶ ନାଁରେ ଜଙ୍ଗଲ ଧ୍ୱଂସ କରାଯାଉଛି ଫଳରେ ଉତ୍ତପ୍ତ ବସୁଧା ଯୋଗୁଁ ଜନଜୀବନ ବିପର୍ଯ୍ୟସ୍ତ ହୋଇ ପଡୁଛନ୍ତି।। ଦିନକୁ ଦିନ ପ୍ରକୃତିର ଗନ୍ତାଘର ଖାଲି ହେବାରେ ଲାଗିଛି ବାୟୁ, ଜଳ ଓ ସୌର ଶକ୍ତିର କ୍ଷୟ ନାହିଁ କିନ୍ତୁ ଖଣିଜ ପଦାର୍ଥ, ଖଣିଜ ତୈଳ ସୀମିତ। ଦିନକୁ ଦିନ ଏହାର ବ୍ୟବହାର ବଢ଼ିଚାଲିଛି। ବସି ଖାଇଲେ ନଈ ବାଲି ସରିଲା ପରି ସଞ୍ଚିତ ଭଣ୍ଡାର ଶେଷ ହେଉଛି ସିନା ପୂରଣ ହୋଇପାରୁନି।

ସେହିପରି ମୃତ୍ତିକା ସଂପଦ, ଅରଣ୍ୟ, ବନ୍ୟ ଜନ୍ତୁ, ମତ୍ସ୍ୟ ସମ୍ପଦ ଆଦି ଦିନକୁ ଦିନ ହ୍ରାସ ପାଉଛି। ମୃତ୍ତିକା ଜୀବନର ଆଧାର ତାକୁ ସଞ୍ଚ ରଖିବା ଦ୍ୱାରା ଉଦ୍ଭିଦ ଓ ପ୍ରାଣୀ ଜଗତ ଖାଦ୍ୟ ଓ ଆଶ୍ରୟ ପାଇ ପାରିବେ। ବର୍ଷକୁ ବର୍ଷ ଯୋଉ ପରିମାଣରେ ଗଛ କଟା ହେଉଛି ସେହି ପରିମାଣରେ ଗଛ ଲଗା ଯାଉନାହିଁ। ଯଦିବା ଆଖି ଦୃଶିଆ ଗଛ ଲଗା ଯାଉଛି ଯତ୍ନ ଅଭାବରୁ ମୃତ୍ୟୁବରଣ କରୁଛନ୍ତି। ଦିନକୁ ଦିନ ପୃଥିବୀର ଜନ ସଂଖ୍ୟା ଯେପରି ବଢ଼ିଚାଲିଛି ଲୋକଙ୍କର ଚାହିଦା ମଧ୍ୟବଢ଼ି ଚାଲିଛି। ଆମକୁ ମନେ ରଖିବାକୁ ହେବ ଯେ ପ୍ରାକୃତିକ ସଂପଦର କ୍ଷୟ ହେଲେ ମନୁଷ୍ୟ ଜାତିର ଭବିଷ୍ୟତ ଅନ୍ଧାର। ଜନସଂଖ୍ୟା ନିୟନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ପ୍ରାକୃତିକ ସଂପଦର ସୁବିନିଯୋଗ କରିବା ସେତେବେଳେ ଜନସଂଖ୍ୟା ବେଶୀ ନଥିବା ଏବଂ ଲୋକଙ୍କର ମୌଳିକ ଆବଶ୍ୟକତା ମଧ୍ୟ କମ ଥିଲା। ମନୁଷ୍ୟ ଯେତିକି ଉତ୍ପାଦନ କରୁଥିଲା ସେତିକିରେ ତାର କାମ ଚଳି ଯାଉଥିଲା। ଜନସଂଖ୍ୟା ବୃଦ୍ଧି ପରେ ଜୀବନଯାପନ ପ୍ରଣାଳୀରେ ପରିବର୍ତ୍ତନ ଘଟିଛି ଫଳରେ ଯାନ୍ତ୍ରିକ ଶକ୍ତି, ବିଜୁଳି ଶକ୍ତି, ଆଣବିକ ଶକ୍ତି, ଜଳ ଶକ୍ତି, ସୌର ଶକ୍ତି ଆଦିର ପ୍ରୟୋଗ ଦ୍ୱାରା ଅଳ୍ପ ସମୟରେ ଅଧିକ ଉତ୍ପାଦନ ହୋଇପାରୁଛି। କୃଷି, ଶିଳ୍ପ, ଗମନା ଗମନ ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ମୂଳରେ ରହିଛି ପ୍ରାକୃତିକ ସଂପଦର ସଦୁପଯୋଗ। ପ୍ରାକୃତିକ ସଂପଦ ଉପରେ ଦେଶର ସାମାଜିକ ଓ ଅର୍ଥନୈତିକ ଏବଂ ଦେଶ ଦେଶ ଭିତରେ ସୁସମ୍ପର୍କ ବଢ଼ିବାରେ ସୁବିଧା ହୋଇଛି ଫଳରେ ବାଣିଜ୍ୟ କ୍ଷେତ୍ରରେ ଶକ୍ତି ବୃଦ୍ଧିକୁ ଲକ୍ଷ୍ୟରେ ରଖି ଉତ୍ପାଦନ ବୃଦ୍ଧି କରିବାକୁ ଦେଶ ଦେଶ ଭିତରେ ପ୍ରତିଯୋଗିତା ଲାଗି ରହିଛି। ପ୍ରାକୃତିକ ସଂପଦର ଉପଯୋଗ ଠିକ ଭାବରେ ହୋଇପାରିଲେ ଦେଶର ଅଭିବୃଦ୍ଧି ହୋଇପାରିବ। ଦିନକୁ ଦିନ ପ୍ରକୃତିର ଗନ୍ତାଘର ଖାଲି ହେବାରେ ଲାଗିଛି। ମୃତ୍ତିକା ସମ୍ପଦ, ଅରଣ୍ୟ ସମ୍ପଦ, ବନ୍ୟଜନ୍ତୁ, ମତ୍ସ୍ୟ ସମ୍ପଦ ଆଦି ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ମୃତ୍ତିକା ହେଉଛି ସକଳ ପ୍ରକାର ଜୀବନର ଆଧାର। ଏହା ଉଦ୍ଭିଦ ଓ ପ୍ରାଣୀ ଜଗତକୁ ଖାଦ୍ୟ ଓ ଆଶ୍ରୟ ଯୋଗାଏ। ଜଙ୍ଗଲ ଚାରିପାଖରେ ମୃତ୍ତିକା ଆର୍ଦ୍ର ଓ ଉର୍ବର ରହିବା ଫଳରେ କୃଷି କାର୍ଯ୍ୟ ଭଲ ହୁଏ। ବାୟୁ ମଣ୍ଡଳ ଶୀତଳ ରହେ, ବୃଷ୍ଟିପାତ ଅଧିକ ହୁଏ। ଜଙ୍ଗଲ ମୃତ୍ତିକା କ୍ଷୟ ଓ ବନ୍ୟା ନିୟନ୍ତ୍ରଣ, ପ୍ରାକୃତିକ ବିପର୍ଯ୍ୟୟ ବେଳେ ରକ୍ଷା କରେ ଜୀବଜନ୍ତୁ ମାନଙ୍କୁ ଅକ୍ଲେଶରେ

ବିଚରଣ କରିବାକୁ ସାହାଯ୍ୟ କରିଥାଏ । ପ୍ରତିବର୍ଷ ଜଙ୍ଗଲ କଟା ହେବାରେ ଲାଗିଛି ଲୋକଙ୍କର ଚାହିଦା ଅନୁସାରେ । ଏବେଠାରୁ ପ୍ରାକୃତିକ ସଂପଦର ସଂରକ୍ଷଣ ଅରଣ୍ୟର ଶାନ୍ତ ଶୀତଳ ପରିବେଶ ମୁନି ଋଷି ମାନଙ୍କର ଆଧାତ୍ମିକ ସାଧନାର କେନ୍ଦ୍ର ଥିଲା । ଗୃହ, ରାସ୍ତା, କଳ କାରଖାନା, ଶିଳ୍ପ, ପୋଡୁ ଚାଷ ପାଇଁ ଜଙ୍ଗଲ ନଷ୍ଟ କଲେ ।

କରିଲେ ଭବିଷ୍ୟତ ଅନ୍ଧକାର ହୋଇଯିବ ମାନବ ଜାତିର । ପଶୁମାନେ ସହରାଭିମୁଖୀ ହୋଇ ଧନ ଜୀବନ ନଷ୍ଟ କରିବାରେ ଲାଗିବେ । ପ୍ରାକୃତିକ ବିପର୍ଯ୍ୟୟ, ସ୍ୱଳ୍ପ ବୃଷ୍ଟି, ମୃତ୍ତିକା କ୍ଷୟ, ପରିବେଶ ପ୍ରଦୂଷଣ, ପଶୁସମ୍ପଦର ଅପଚୟ ନ କରି ଜଙ୍ଗଲ ସଂରକ୍ଷଣ ଦିଗରେ ଯତ୍ନବାନ ହେବା ଜରୁରୀ କାରଣ ବୃକ୍ଷହଃ ରକ୍ଷତି ରକ୍ଷିତମ । ବୃକ୍ଷର ଜୀବନ ଆମେ ରକ୍ଷା କଲେ ସେ ଆମ ଜୀବନକୁ ରକ୍ଷା କରିବ । ଏଥିପାଇଁ ସବୁ ସ୍ତରରେ ସଚେତନତା ଦରକାର । ସରକାରୀ ସ୍ତରରେ କେତେକ ଜଙ୍ଗଲ ସଂରକ୍ଷିତ ଓ ଅଭୟାରଣ୍ୟର ଅନ୍ତର୍ଗତ କରାଯାଇ ଗଛ କଟା ନିଷେଧ କରାଯାଇଛି । ପ୍ରତିବର୍ଷ ବନ ମହୋତ୍ସବ ପାଳନ କରି ବୃକ୍ଷରୋପଣକୁ ପ୍ରୋତ୍ସାହିତ କରାଯାଉଛି, ସ୍ୱୟଂ ସହାୟକ, ଯୁବକ ପରିଷଦ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଚିତ୍ର, ସ୍ଲୋଗାନ ପଥ ପ୍ରାନ୍ତ ନାଟକ ସାହାଯ୍ୟରେ ମଧ୍ୟ ସଚେତନ କରାଯାଉଛି । ଫଳରେ ମାର୍ଚ୍ଚ ୨୦୨୫ ସୁଧା ଆମର ଜଙ୍ଗଲ ଓ ବୃକ୍ଷ ସବୁଜିମା ବୃଦ୍ଧି ପାଇ ୩୭.୬୩ ପ୍ରତିଶତରେ ପହଁଚିଛି ତଥାପି ଗଛ କଟା ଦ୍ରୁତ ଗତିରେ ଚାଲିଛି । ଆମକୁ ମନେ ରଖିବାକୁ ହେବ ପ୍ରକୃତି ହିଁ ଆମକୁ ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା, ମହା ବାତ୍ୟା, ସୁନାମି, ଅଂଶୁଘାତ, ଅନାବୃଷ୍ଟି, ପ୍ରଚଣ୍ଡ ରୌଦ୍ର ତାପରୁ ବଞ୍ଚାଇ ପାରିବ । ତେଣୁ ବେଳ ଥାଉନୁ ନିଜେ ସଜାଗ ରହି ଅନ୍ୟମାନଙ୍କୁ ସଜାଗ ଅଭିଯାନରେ ସାମିଲ କରିଲେ ମହା ବିଭୀଷିକାର କବଳରୁ ସମଗ୍ର ଜୀବଜଗତ ରକ୍ଷାପାଇବ । ଏଥିପ୍ରତି ଯତ୍ନବାନ ହେବା ସମସ୍ତଙ୍କର କର୍ତ୍ତବ୍ୟ । କରୋନା ଆମକୁ ମହାଶିକ୍ଷା ଦେଇ ଯାଇଛି ଭବିଷ୍ୟତ ବଂଶଧର ତଥା ନିଜେ ଟିକେ ସୁସ୍ଥ ବାୟୁ ଓ ସୁସ୍ଥ ପରିବେଶରେ ରହି ସୁସ୍ଥତା ଅନୁଭବ କରିବା ନିରୋଗ ରହିବା ସମସ୍ତଙ୍କର ଧ୍ୟେୟ ହେଉ ।

*ଗଙ୍ଗନଗର, ଭୁବନେଶ୍ୱର*
*ଦୂରଭାଷ: ୭୯୭୮୧୧୦୪୭୪*



**Looking forward to our association in Rotary**

*Rtn. Jayashree   Rtn. Tanmay Mohanty*

**Rotary Club of Bhubaneswar**

**Web:** www.luminousinfoways.com **Email:** jaya@lipl.in, tanmay@lipl.in **Contact No.:** +91 9238426536

Luminous Infoways
Delivering values through qualitative thinking

**Proud to be associated with**

ସୂଚନା ଅଧିକାର
RTI Central Monitoring Mechanism

e-Blood Bank
An Integrated Blood Bank Automation System

e-nirman
Online Project Monitoring System

**Dedicated to Personalized e-Governance**




# ଗୋଟେ ନୂଆ ସକାଳ

ମୂଳ ହିନ୍ଦୀ- ବିବେକ ମିଶ୍ର
ଓଡ଼ିଆ ରୂପାନ୍ତର - ଜନ୍ମେଜୟ ବାବୁ

ପ୍ରଧାନ ଶିକ୍ଷୟିତ୍ରୀ ପଠନ-ଲେଖନ ବିଷୟରେ ସମସ୍ତ ଶିକ୍ଷୟିତ୍ରୀଙ୍କ ସହିତ ମିଟିଂ କରିଥିଲେ। ଏହି କାରଣରୁ ରେଣୁ ସ୍କୁଲ୍‌ରୁ ବାହାରିବାରେ ବିଳମ୍ବ ହୋଇଗଲା। ତେଣୁ, ଘରେ ପହଞ୍ଚୁ ପହଞ୍ଚୁ ତାକୁ ପାଞ୍ଚଟା ବାଜିଗଲା।

ଯେମିତି ସେ ଘରେ ପଶିଲା, ତା' ସାହୀର ମହିଳାମାନଙ୍କ ସହିତ ତା'ର ଶାଶୁ, ନଣନ୍ଦ ଖଟିରେ ବସିଛନ୍ତି। ସେ ମନେ ମନେ ଭାବିଲା ଯେ, ଖଟିରେ ଗପସପ କରିବା ଛଡା ସେ ଦୁହିଁଙ୍କ ପାଖରେ ଅନ୍ୟ କୌଣସି କାମ ହିଁ ନାହିଁ। ସାରା ଦିନ ଅନ୍ୟ ଲୋକଙ୍କ ଘର ବିଷୟରେ ମନ୍ଦ ଚିନ୍ତା କରିବା ଓ ସାହୀର ଜଣେ ଲୋକଙ୍କଠିଁ ଅନ୍ୟ ଲୋକଙ୍କର ଚୁଗୁଲି କରିବା ଓ ସାହୀର ଖବର ଗୁଡିକୁ ଅତିରଞ୍ଜିତ କରି କହିବା ବୋଧହୁଏ ସେ ଦୁହିଁଙ୍କର କାମ ଥିଲା।

ବସ୍ତ୍ର ବଦଳାଇ, ହାତ ମୁହଁ ଧୋଇ, ରେଣୁ ଡ୍ରଇଂ ରୁମ୍‌ରେ ପହଞ୍ଚି ଦେଖିଲା ଯେ, ଘଡିରେ ସନ୍ଧ୍ୟା ଛ'ଟା ବଜିଛି। ଆଉ ତା'ର ଶାଶୁ ଓ ନଣନ୍ଦ ଖଟିରୁ ଫେରି ସେଠି ବସିଛନ୍ତି।

- "ମୁକେଶ ଏବେ ଆସୁଥିବେ।" ଏତକ ଭାବି ସେ ରୋଷେଇ ଘରକୁ ଯାଇ ଚା' ତିଆରି କରିବାରେ ଲାଗିଲା ଏବଂ ଏକାସଙ୍ଗରେ ଚିପ୍ସ ବି ଛାଣିବାରେ ଲାଗିଲା।

ରେଣୁର ବିବାହ ଏହି ପରିବାରର ଏକ ମାତ୍ର ପୁତ୍ର ମୁକେଶ ସହିତ ହୋଇଥିଲା। ଘରର ଖର୍ଚ୍ଚ ସୁଚାରୁ ରୂପରେ ତୁଲାଇବା ପାଇଁ ତାକୁ ଚାକରୀ ବି କରିବାକୁ ପଡିଥିଲା ଓ ଘରର ସକଳ କାମ କରିବାକୁ ପଡୁଥିଲା, ଯଦିଓ ଶାଶୁ ଘରେ ଜଣେ ଅବିବାହିତ ଝିଅ ଥିଲା। ଏହାଛଡା, ଦି' ଜଣ ବିବାହିତ ଝିଅ ବି ଥିଲେ। ସେହି ବିବାହିତ ଝିଅ ଦି'ଜଣଙ୍କ ମଧ୍ୟରୁ ଜଣେ ନା ଜଣେ କୌଣସି ନା କୌଣସି ବାହାନା କରି ପ୍ରତିଦିନ ମା'ଘରେ ଆସି ରହିଯାଉଥିଲେ। ଏମାନେ ସଭିଏଁ ମିଶି କରି ରେଣୁକୁ ହଇରାଣ କରୁଥିଲେ ଏବଂ ରେଣୁ ବିରୁଦ୍ଧରେ ମା'ଙ୍କ କାନରେ ଖରାପ୍ କଥାମାନ ଭରୁଥିଲେ।

ଏବେ କପ୍‌ରେ ରେଣୁ ଚା' ଢାଳୁଥିବା ବେଳେ ମୁକେଶ ପହଞ୍ଚି ଗଲା ଏବଂ ଟେବୁଲ୍ ଉପରେ ଥିବା ଚା'କପ୍‌କୁ ଦେଖି କହିଲା, - "ବାଃ......... ଠିକ୍ ସମୟରେ ପହଞ୍ଚି ଯାଇଛି, ମୁଁ।"

ସେତେବେଳେ ଖୁସାମତ୍ କରିବା ଢଙ୍ଗରେ ଛୋଟ ନଣନ୍ଦ କହିଲା, - "ଭାଇ, ଦେଖନା, ତମଲାଗି ମୁଁ ଚିପ୍ସ ବି ଛାଣି ରଖିଛି, ଶୀଘ୍ର ଆସ।"

ରେଣୁ ଏ'କଥା ଶୁଣି ମନରେ ବହୁତ କଷ୍ଟ ଅନୁଭବ କଲା, କିଛି କହିପାରିଲା ନି। କାହିଁକିନା, ଶାଶୁ ସାମ୍ନାରେ ବସିଥିଲେ।

ଭଉଣୀର କଥା ଶୁଣି କରି ମୁକେଶ ରେଣୁଆଡେ ଦେଖିଲା ଓ ହସି କରି କହିଲା, - "ଦେଖିଲ, ମୋ'ର ଭଉଣୀ ମୋ' ଖାଇବା, ପିଇବାର ବ୍ୟବସ୍ଥା କେତେ ଯତ୍ନରେ କରୁଛି।"

ଏତିକି ଶୁଣି କରି ରେଣୁର ଶରୀରରେ ଯେପରି ନିଆଁ ଲାଗିଗଲା। ହେଲେ, ସେ ଏକ ଚାଲାକ୍, ଶିକ୍ଷିତ ଯୁବତୀ ଥିଲା, ଘରର ମାହୋଲ୍ ଉତ୍ତେଜନାପୂର୍ଣ୍ଣ କରିବାକୁ ଚାହୁଁନଥିଲା। ତେଣୁ, ସେ ଚୁପ୍ ରହିଲା। ମୁକେଶ ନିଜର ମା' ଓ ଭଉଣୀ ମାନଙ୍କ ଦ୍ୱାରା ବହୁତ ପ୍ରଭାବିତ ହେଉଥିଲା, ଯଦିଓ ରେଣୁ ପ୍ରତି ତା'ର ମନୋଭାବ ଖରାପ୍ ନଥିଲା। ତଥାପି, ତା'ର ଆଚରଣ କିଛି ଏମିତି ଥିଲା ଯେ, ସେ ମା' ଓ ଭଉଣୀମାନଙ୍କ ବିରୁଦ୍ଧରେ ଗୋଟେ ଶବ୍ଦ ବି ଶୁଣିବାକୁ ଚାହୁଁନଥିଲା।

- "ଭାଇ, ରାତିର ଭୋଜନ ପାଇଁ କ'ଣ ବନାଇବି ?" ଛୋଟ ନଣନ୍ଦ କହିଲା।

- "ଗୋଟେ କାମ କର୍......ଆଲୁପରଟା ଓ ମଟର୍ ପନିର୍ ତରକାରି ବନାଇ ଦେ'।" ମୁକେଶ ଉତ୍ତର ଦେଲା।

ରେଣୁ ମନେ ମନେ ରାଗିଗଲା। ଭାବିଲା, କଥା ତ ନଣନ୍ଦ ଏମିତି କହୁଛି, ଯେମିତି ସେ ଘରର ସକଳ କାମ କରିଦେଉଛି, ଯଦିଓ ବାସ୍ତବ କଥା ଏହା ଯେ, ତା' ଦ୍ୱାରା କିଛି କାମ୍ ହେଉନି। ହଁ, ସେ ଖାଲି ମୁକେଶ ସାମ୍ନାରେ ଚାପୁଲାସି କଥା କହିଥାଏ।

ଚା'ପିଇ ସାରିଲା ପରେ ରେଣୁ କପ୍ ପ୍ଲେଟ୍‌ମାନ ଉଠାଇ ରୋଷେଇ ଘରକୁ ଆଣି ସେ ଗୁଡିକୁ ମାଜିବାରେ ଲାଗିଲା । ନଣନ୍ଦ କି ଶାଶୁ ଭାବିଲେ ନି ଯେ, ରେଣୁ ଥକା ହୋଇ ଅଫିସ୍ ରୁ ଫେରିଛି, ତାକୁ କାମରେ ଟିକିଏ ସାହାଯ୍ୟ କରାଯାଉ ।

ନଣନ୍ଦ ମାନେ ସବୁବେଳେ ରେଣୁର ଛିଦ୍ରାନ୍ୱେଷଣ କରନ୍ତି । ହେଲେ, ସେ ସେମାନଙ୍କ ଅପମାନକୁ ସହିଯାଏ ଓ ଜବାବ ନ ଦେଇ ଚୁପ୍ ହୋଇଯାଏ । ସେତେବେଳେ ଭାବେ ଯେ, ମା'ଙ୍କ କଥାରେ ଯଦି ଘର ଚଳୁଥାନ୍ତା, ତେବେ ତାଙ୍କର ବିବାହିତ ଦି'ଝିଅଙ୍କୁ ବି ଡାକି ଆଣି ଏଠି ରଖନ୍ତେ । ତାଙ୍କୁ ତ ଏହି ବିଷୟ ଜଣା ନାହିଁ ଯେ, ଏହି ମହଙ୍ଗା ଯୁଗରେ ସ୍ୱଳ୍ପ କମାଣିରେ ନିଜର ଘର ଚଳାଇବା କେତେ କଷ୍ଟକର, ପୁଣି ନଣନ୍ଦ ମାନଙ୍କ ଆସିବା ଯିବା ଯୋଗୁଁ ଯେଉଁ ଖର୍ଚ୍ଚ ହେବ, ତାହା ବୋଝ ଉପରେ ନଳିତା ବିଡା କହିଲେ, କିଛି ଭୁଲ୍ ହେବନି । ଏଥିପାଇଁ ତାଙ୍କର ଯାଏ କି ଆସେ !

ଯଦି ରେଣୁ ଏହି ବାବଦରେ କିଛି କହେ, ତେବେ ଶାଶୁ ଜବାବ ଦିଅନ୍ତି ଯେ, ମୁଁ ତ ତୋ'ରି କମାଣିରୁ କିଛି ଖର୍ଚ୍ଚ କରୁନି, ଯାହା ବି ଖର୍ଚ୍ଚ କରୁଛି, ତାହା ମୋ' ପୁଅର କମାଣିରୁ । ତା'ଛଡା, ମୋ' ପୁଅର କମାଣି ଉପରେ ମୋ'ର ବି ଅଧିକାର ଅଛି ।

ମୁକେଶ ତ ତା' ମା'ଙ୍କର ଅଯଥା ଖର୍ଚ୍ଚ ବାବଦରେ କିଛି ଜାଣେ ନି କି କିଛି ଜାଣିଲେ ବି କହେନି । ତେଣୁ, ଏହି ସୁଯୋଗ ନେଇ କି ସେ ଫାଲ୍‌ତୁ ଖର୍ଚ୍ଚରେ ଟଙ୍କା ବର୍‌ବାଦ୍ କରନ୍ତି ।

ରେଣୁ ରୋଷେଇ ଘରକୁ ଆସି ପ୍ରେସର୍ କୁକର୍‌ରେ ଆଳୁକୁ ସିଝାଇବା ପାଇଁ ପକାଇ ଦେଲା । ଏତିକି ବେଳେ ଛୋଟ ନଣନ୍ଦ ଆସି କି କହିଲା "ଭାଉଜ, ମୁଁ ସିରିୟଲ୍ ଦେଖିବାକୁ ଯାଉଛି, ତମେ ରୋଷେଇ କାମଟି ସାରିଦେବ ।"

ରେଣୁ ମନେ ମନେ ଭାବିବାରେ ଲାଗିଲା, ଏହା ତ ଏମାନଙ୍କ ନିତିଦିନିଆଁ କାମ । ହଁ, ମୁକେଶ ଥିଲେ କି କୌଣସି ବନ୍ଧୁବାନ୍ଧବ ଆସିଥିଲେ, ଦେଖାଇ ହେବାପାଇଁ ତା'ରି ଆଖେପାଖେ ଘୂରି ବୁଲୁଥାନ୍ତି । ଛାଡ, ଏ'କଥା, ଏହା ତ କୌଣସି ଗୋଟେ ଦିନର ସମସ୍ୟା ନୁହେଁ ।

ହଠାତ୍ ସ୍ୱଭାବନାରୁ ନିଜକୁ ସ୍ୱାଭାବିକ କଲା । ଆଉ ଗୋଟେ ଚୂଲିରେ ତରକାରୀ ବସାଇଲା ଓ ଅନ୍ୟ ଚୂଲିରେ ପରଟା ସେକିବାରେ ଲାଗିଲା । ରାନ୍ଧଣା ସରିବାପରେ ସମସ୍ତେ ଖାଇବା ପାଇଁ ବସିଗଲେ, ସମସ୍ତଙ୍କୁ ରେଣୁ ଖାଦ୍ୟ ପରଷିଦେଲା । ଆଉ ଖାଦ୍ୟ ଯାହା ବଳିଲା, ତାହାକୁ ଖାଇ ସାରି ସେ ଉଠିଲା । ବିଳମ୍ବିତ ରାତିଯାଏଁ ବାସନ କୁସନ ଆଦି ସଫା କରି ଯେତେବେଳେ ତା' କୋଠରୀରେ ପହଞ୍ଚିଲା, ସେତେବେଳେ ମୁକେଶ ଗୋଟେ ପତ୍ରିକା ପଢିବାରେ ବ୍ୟସ୍ତ ଥିଲା । ରେଣୁକୁ ଦେଖି ସେ ପଚାରିଲା, – "ଆଜି ତ ତମର ବହୁତ ଡେରି ହେଲା ?"

– "ହଁ, ଆଜି ବେଶୀ କାମ ଥିଲା, ଶୀଘ୍ର ଆସିଥିଲେ, ଘରର ବାକି କାମ କିଏ କରିଥାନ୍ତା ?"

– "ମା' ଓ ଭଉଣୀ କ'ଣ କାମରେ ତମକୁ ସାହାଯ୍ୟ କରନ୍ତି ନି ?"

– "ଆଗରୁ କେବେ ସାହାଯ୍ୟ କରୁଥିଲେ ସିନା ଆଜି ସାହାଯ୍ୟ କରିଥାନ୍ତେ ।"

– "ତମେ କାହିଁକି ମିଛ କହୁଛ, ମୋ' ସାମ୍ନାରେ ସେମାନେ ତ ତମକୁ ସାହାଯ୍ୟ କରନ୍ତି ।"

– "ହଁ, ସାହାଯ୍ୟ କରନ୍ତି, ତମେ ଥିବାଯାଏଁ ।"

– "ମୁଁ କାହିଁକି ତମ କଥା ଉପରେ ବିଶ୍ୱାସ କରିପାରୁନି ।" ମୁକେଶ କହିଲା । କଥା ଆଗକୁ ନ ବଢାଇବା ପାଇଁ ରେଣୁ ଚୁପ୍ ରହିଲା ।

– ୨ –

ରେଣୁ ଯେତେବେଳେ ସକାଳୁ ଶୋଇ କରି ଉଠିଲା, ସେତେବେଳେ ଦେଖିଲା ଯେ, ଭୋର୍‌ର କିରଣ ଝରକା ଦେଇ କୋଠରୀକୁ ଆସ୍ତେ ଆସ୍ତେ ପ୍ରବେଶ କରୁଛି । ସେ ଜଲ୍‌ଦି ଉଠି କରି ସ୍ନାନ ଘରଆଡେ ଚାଲିଗଲା । କାହିଁକି ନା, ସେ ଜାଣୁଥିଲା ଯେ, ତା'ର ଶାଶୁ ଓ ନଣନ୍ଦ ଏବେ ଉଠିବେ ନି ।

ଭୋଜନ ରାନ୍ଧଣା କରି ସେହିଦିନ ରେଣୁ ପ୍ରସ୍ତୁତ ହୋଇ ଅଫିସ୍ ଚାଲିଗଲା । ସେତେବେଳକୁ ଶାଶୁ ଉଠି ସାରିଥିଲେ, ତା'ର ନଣନ୍ଦ ଶୋଇ ରହିଥିଲା ।

ସକାଳେ ରେଣୁ ବସ୍ତ୍ରମାନ ସଫା କରି ଛାତ ଉପରେ ଶୁଖାଇ ଦେଇଥିଲା । ସନ୍ଧ୍ୟାରେ ଯେତେବେଳେ ଅଫିସ୍‌ରୁ ଫେରିଲା, ସେତେବେଳେ ସେ ଗୁଡିକୁ ଆଣିବାପାଇଁ ଛାତ ଉପରକୁ ଚାଲିଗଲା । ବସ୍ତ୍ର ଗୁଡିକୁ ଧରି ଫେରୁଥିବାବେଳେ କ'ଣ ହେଲା, କେଜାଣି, ତା'ର ପାଦ ଦି'ଟା ପିଛିଳିଗଲା । ଓ ସେ ଧଡାସ୍ କରି ସାତ୍, ଆଠଟା ପାହାଚରୁ ତଳକୁ ଗଡିଗଡି ଆସି ଅଗଣାରେ ଯାଇ ପଡିଲା । ତା'ର ମୁଣ୍ଡ ଫାଟିଗଲା ଓ ବେହୋସ୍ ହୋଇଗଲା । ଶାଶୁ ଓ ନଣନ୍ଦ ଜୋର୍‌ରେ ଚିଲ୍ଲାଇବାରୁ ସାହୀର ସଭିଏଁ ଜମା ହୋଇଗଲେ । ସାହୀର କିଏ ଜଣେ ମୁକେଶକୁ ଖବର କରି ଦେଇଥିବାରୁ ସେ ଘାବରାଇ ହସ୍‌ପିଟାଲ୍‌ରେ ପହଞ୍ଚିଗଲା ।

ଡାକ୍ତର୍‌ମାନେ ରେଣୁକୁ ଶୀଘ୍ର ଆପତକାଳୀନ କକ୍ଷରେ ନେଇ କରି ତା'ର ଚିକିତ୍ସା ଆରମ୍ଭ କରିଦେଲେ । ତା'ର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା, ଚାରି ପାଞ୍ଚଟା ଷ୍ଟିଚ୍ଚ୍‌ଲଗାଇବାକୁ ପଡିଲା ।

କିଛି ସମୟ ପରେ ସିନିୟର୍ ଡାକ୍ତର୍ କହିଲେ, – "ଡାହାଣ ପାଦର ହାଡ ଭାଙ୍ଗି ଯାଇଛି, ସେହିଟାକୁ ପ୍ଲାଷ୍ଟର୍ କରିବାକୁ ପଡିବ ।"

ବିଳମ୍ବିତ ରାତି ଯାଏଁ ରେଣୁର ଉପଚାର ଚାଲିଲା । ମୁକେଶ ପୂରା ରାତି ଅନିଦ୍ରା ରହି ବିତାଇଦେଲା । ଯେତେବେଳେ ରେଣୁର ହୋସ୍ ଆସିଲା, ସେତେବେଳେ ହସ୍ପିଟାଲ୍‌ର ବିଛଣାରେ ନିଜକୁ ପଟିରେ ବନ୍ଧା ହୋଇଥିବା ପାଇଲା । ସେ ଯନ୍ତ୍ରଣାରେ ପଚାରିଲା, – "ମୁଁ କେଉଁଠି ଅଛି,

ଆଉ ମୋ'ର କ'ଣ ହୋଇଛି ?"

– "ତମକୁ କିଛି ହୋଇନି। ମୁଣ୍ଡରେ ଓ ପାଦରେ ଟିକିଏ ଆଘାତ ଲାଗିଛି।" ମୁକେଶ ତା'ର ମୁଣ୍ଡରେ ସ୍ନେହର ହାତ ବୁଲାଇ ଆଣି କହିଲା।

– ୩ –

ଗୋଟେ ଦିନବାଦ୍ ରେଣୁକୁ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ କରି ଡାକ୍ତର ମୁକେଶ ଓ ପାଖରେ ଛିଡା ହୋଇଥିବା ତା'ର ମା'ଙ୍କୁ ପରାମର୍ଶ ଦେଇ କହିଲେ– "ଏବେ ବୋହୂକୁ ତିନିମାସ ଯାଏଁ ପୂର୍ଣ୍ଣ ଆରାମ୍‌ର ଆବଶ୍ୟକତା ରହିଛି। ଆଉ ରୋଗୀକୁ ରୋଜ୍ କ୍ଷୀର, ଫଳଜୁସ୍ ଆଦିଦେବ।"

ଘରେ ପହଞ୍ଚି ମୁକେଶ ରେଣୁର ବିଛଣାଟା ଝରକା ତଳେ ପକାଇ ଦେଲା। ଯାହାଫଳରେ ଝରକା ଦେଇ ସ୍ୱଚ୍ଛ ପବନ ରେଣୁ ପାଇପାରିବ ଓ ବାହାରର ଦୃଶ୍ୟ ଦେଖି ମନରେ ଖୁସୀ ଓ ଶାନ୍ତି ଅନୁଭବ କରିପାରିବ।

ଏଣେ ରେଣୁ ତିନିମାସ ଯାଏଁ ପୂର୍ଣ୍ଣ ଆରାମ୍ କରିବା କଥା ଶୁଣି କରି ତା'ର ଶାଶୁ, ଛୋଟ ଝିଅକୁ କହିବାରେ ଲାଗିଲେ, – "ଝିଅ, ଏବେ ଘରର କାମ କେମିତି ହେବ ? ଆମେ ତ କାମ କରିବା ଛାଡି ଦେଇଛେ, ବୋହୂ ତ ସବୁ କାମ କରୁଥିଲା। ପୁଣି ମୁଁ ବୋହୂକୁ ସାହାଯ୍ୟ କରିବାପାଇଁ ଚାହୁଁଥିଲି। ହେଲେ, ତୁ ମନା କରିଦେଉଥିଲୁ।"

ସେଦିନ ମୁକେଶ ଅଫିସ୍ ଯିବାର ଥିଲା। ହେଲେ, ତାକୁ ଠିକ୍ ସମୟରେ ଚା' ମିଳିଲା ନାହିଁ। ଆଉ ଯେତେବେଳେ ନାସ୍ତା ଖାଇବା ପାଇଁ ଡାଇନିଂ ଟେବୁଲ୍ ପାଖରେ ପହଞ୍ଚିଲା, ସେତେବେଳେ ତା'ର ମନ ଖିନ୍ନ ହୋଇଗଲା। କାରଣ, ମା' ଖିଚିଡି ବନାଇ କରି ରଖିଥିଲେ। ମୁକେଶ ଖିଚିଡି ଖାଇବାକୁ ଆଦୌ ପସନ୍ଦ କରୁନଥିଲା। ଅଳ୍ପ କିଛି ଖିଚିଡି ଖାଇ ମୁକେଶ ଅଫିସ୍‌କୁ ଚାଲିଗଲା।

ବିଗତ ପନ୍ଦର ଦିନ ଭିତରେ ମୁକେଶ ଦେଖୁଥିଲା ଯେ, ଘରର ସବୁ ବ୍ୟବସ୍ଥା ବିଲ୍‌କୁଲ ଭାଙ୍ଗିଯାଇଛି। ଘରେ କୌଣସି କାମ ପୂର୍ଣ୍ଣ ରୂପରେ ହେଉନଥିଲା। ଠିକ୍ ଢଙ୍ଗରେ ନା ନାସ୍ତା ତିଆରି ହେଉଥିଲା, ନା ଠିକ୍ ସମୟରେ ଚା' ମିଳୁଥିଲା। ନା, ଠିକ୍ ସମୟରେ ଭୋଜନ ମିଳୁଥିଲା। ଏଣେ ତେଣେ ମଇଳା ବାସନ କୁସନ ପଡିରହିଥିଲା। ଅଥଚ, ରେଣୁ ଭଲ ଥିଲାବେଳେ ଘରର କୌଣସି ପାଇଟି ଅଧୁରା ରହୁନଥିଲା।

ଶେଷରେ ଦିନେ ମୁକେଶ ରାଗରେ ମା'ଙ୍କ ସାମ୍ନାରେ ଅବ୍ୟବସ୍ଥା ବାବଦରେ କହିଦେଲା। ଛୋଟ ଭଉଣୀ ସବୁ ଶୁଣୁଥିଲା। ମୁକେଶ କହୁଥିଲା, – "ଏବେ ଘରର କାମ ଏମିତି ବିଗିଡିଗଲା କାହିଁକି ? କୌଣସି କାମ ବି ସମୟ ଅନୁସାରେ କାହିଁକି ହେଉନି ? ପୂର୍ବେ ଏଇ ଘରର ସବୁକାମ କିଏ କରୁଥିଲା ? କେମିତି ସମୟ ଅନୁସାରେ ଚା', ନାସ୍ତା ଭୋଜନ ମିଳୁଥିଲା, କପଡା-ଲତା ସଫାସୁତୁରା ଓ ସାରା ଘରର ଝଡାପୋଛା ହେଉଥିଲା, ପ୍ରତିଟି ବସ୍ତୁ ନିଜ ନିଜର ସ୍ଥାନରେ ସଜ୍ଜିତ ହୋଇ ରହୁଥିଲା। ହେଲେ, ଏବେ ଘରଟି ତ ଅପରିଷ୍କାର ସ୍ଥଳରେ ପରିବର୍ତ୍ତିତ ହୋଇଗଲାଣି। ପ୍ରତିଟି ବସ୍ତୁ ନିଜ ନିଜର ଜାଗାରେ ନାହିଁ, କପଡା ଲତା ମଇଳା ହୋଇ ପଡିଛି, ଏଣେତେଣେ ଧୂଳି ପରସ୍ତ ପରସ୍ତ ହୋଇ ଜମିରହିଛି। ପୁଣି ଘରର ସବୁଠିଁ ମାଛି ମାନେ ଭଣଭଣ ହେଉଛନ୍ତି। ଏଇଟା ଘରକି ଗୋଦାମ୍ ସ୍ଥଳ।"

– "ଭାଇ, ଆମେ ପୂରା ଚେଷ୍ଟା କରୁଛୁ। ତଥାପି, କିଛି କିଛି କାମ ବାକି ରହିଯାଉଛି।" ଛୋଟ ଭଉଣୀ କହିଲା।

ଏବେ ଭଉଣୀ ଓ ମା' ନିଜ ସପକ୍ଷରେ କହିବେ ତ କ'ଣ କହିବେ ? କେମିତି ବା ସେମାନଙ୍କ ଦୋଷ ସ୍ୱୀକାର କରିବେ ଯେ, ଏହା ପୂର୍ବରୁ ସେ ଦୁହେଁ ରେଣୁକୁ ସାହାଯ୍ୟ ନ କରି ଦୁର୍ବ୍ୟବହାର କରୁଥିଲେ। ହେଲେ, ଏବେ ସେମାନଙ୍କ ଦୋଷର ପର୍ଦାଫାଶ ହେଉଥିଲା। ଏହାଛଡା, ସତକଥା ଏବେ ସାମ୍ନାକୁ ଆସୁଥିଲା।

– ୪ –

ଦିନେ ମା' ସନ୍ଧ୍ୟାବେଳେ ଭୋଜନ ପ୍ରସ୍ତୁତ କରୁଥିଲେ। ହେଲେ, ସେ ଦିନ ତାଙ୍କର ଶରୀର ଭଲ ନଥିଲା। ସେ ଛୋଟଝିଅକୁ ଉଚ୍ଚପାଟିରେ କହିଲେ, – "ଝିଅ, ମତେ ଟିକିଏ ସାହାଯ୍ୟ କର, ଆଜି ମୋ'ର ଦେହ ଭଲ ନାହିଁ।" ଗେହ୍ଲି ଝିଅ ଆରାମ୍‌ରେ ଖଟରେ ଶୋଇ ଟିଭିରେ ଚଳଚ୍ଚିତ୍ର ଦେଖୁଥିଲା। ଏଣୁ, ସେ ଖଟରେ ଥାଇ ଉତ୍ତର ଦେଲା, – "କ'ଣ କହୁଛ, ମା'. ଟିକିଏ କାମ ପାଇଁ ବି ରଡିରଡି ଘର ଫଟାଇ ଦେଉଛ। ଏହି ଟିକିଏ କାମ ପାଇଁ ମତେ ହଇରାଣ କରୁଛ।"

ନିଜ ସନ୍ତାନର ଏ'ଭଳି ଉତ୍ତର ଶୁଣି ମା'ଙ୍କର ଚେହେରା କଳା ପଡିଗଲା। ସେ ନିଜର ଝିଅଠୁଁ ଏମିତି ଉତ୍ତର ଆଶା କରିନଥିଲେ। ସେ ଭାବିବାରେ ଲାଗିଲେ ଯେ, ରେଣୁ ବୋହୂ ହେଲେ ବି କେବେ ତାଙ୍କର କୌଣସି କଥା ଉପରେ ଓଲଟି ଜବାବ ଦେଉନଥିଲା। ଆଉ ସବୁବେଳେ ମା', ମା' ବୋଲି ଡାକିବାରେ ଥକୁନଥିଲା, ଅଥଚ, ମୁଁ ତା'ର ଛିଦ୍ର ଅନ୍ୱେଷଣ କରି ଦୁର୍ବ୍ୟବହାର କରୁଥିଲି। ଏବେ ତ ସେ ଦୁର୍ଘଟଣାରେ ଶୀକାର ହୋଇ ବିଛଣାରେ ପଡିରହିଛି। ଏମିତି ସମୟରେ ତାକୁ କାମପାଇଁ ବାଧ କରିବା ଅର୍ଥ ଅପରାଧ କରିବା ସଙ୍ଗେ ସମାନ। ସେ ପୁଣି ବୋହୂ ହେଲେ ବି ନିଜର ଝିଅ ଭଳି ହେବ।

ମା' ରାନ୍ଧଣା କରିବା ସହିତ ଏ'ଭଳି ଭାବିଯାଉଥିଲେ ଯେ, ରେଣୁ ବି ହେଉଛି, କାହାରି ଝିଅ। ପୁନଶ୍ଚ, ସେ ଏଇ ଘରକୁ ସମ୍ଭାଳିବାରେ ନିଜକୁ ପୂରାପୂରି ସମର୍ପିତ କରିଦେଇଛି। ମୁକେଶ ତ ସାରା ଦିନ ଘରେ ରହୁନି, କିଏ ଜାଣିଛି, ଛୋଟ ଝିଅଟି ସାରା ଦିନ କୁଆଡେ ଘୂରି ବୁଲୁଛି। ଏହାଛଡା, ଭବିଷ୍ୟତ କଥା କିଏ ଜାଣିଛି, ଛୋଟଝିଅଟି ବାହା ହୋଇଗଲେ, ଫୁର୍ କରି ଉଡିଯିବ। ଆଉ ରହିଯିବି ମୁଁ ଏକାକୀ। ମୋ'ର ପୁଣି କିଏ ସେବା କରିବ ? ବୃଦ୍ଧ ବୟସରେ ତ ବୋହୂ ହିଁ କାମରେ ଆସିବ। ଯଦି କେବେ କୌଣସି ଶାରୀରିକ ବିଘଟଣ ଘଟିବ, ବୋହୂ ହିଁ ମୋ'ର ଦେଖାରେଖା କରିବ। ଆଉ ଝିଅମାନେ ଦି'ଚାରିଦିନ ପାଇଁ

ଆସି ପୁଣି ନିଜ ନିଜର ଘରକୁ ଚାଲିଯିବେ। ସେତେବେଳେ କାମରେ ଆସିବ, କେବଳ ବୋହୂ। ତେଣୁ, ବୋହୂ ହିଁ ଅସଲି ଝିଅ...। ଏ'ଭଳି ଗୋଟେ ପରେ ଗୋଟେ ବିଚାର ତାଙ୍କର ମନରେ ଆସୁଥିଲା।

ଏଣିକି ମା' ରେଣୁକୁ ଦେଖାରେଖା ନିୟମାନୁସାରେ କରିବା ଆରମ୍ଭ କରିଦେଲେ। ତାକୁ ସମୟାନୁସାରେ ଔଷଧ ଦେବା, ଚା'ଦେବା, ଜୁସ୍ ଦେବା ସହ ଆଉ ତା' ପାଖରେ ବସି ଘଣ୍ଟା ଘଣ୍ଟା ଧରି ତା' ସହିତ କଥାବାର୍ତ୍ତା କରୁଥିଲେ।

ତୃତୀୟ ମାସ ଶେଷ ହେଉନହେଉଣୁ ରେଣୁର ସ୍ୱାସ୍ଥ୍ୟ ବହୁତ ସୁଧୁରିଗଲା। ଏବେ ତା' ଗୋଡର ପ୍ଲାଷ୍ଟର୍ ବି ଖୋଲି ଦିଆଯାଇଥିଲା। ତଥାପି, ଡାକ୍ତର ତାକୁ କୌଣସି ପ୍ରକାର କାମ କରିବାକୁ ମନା କରିଥିଲେ।

– ୫ –

ସେଦିନ ରେଣୁ ସକାଳୁ ଉଠି ଚା' ତିଆରି କରିବାପାଇଁ ଚେଷ୍ଟା କରୁଥିବାବେଳେ ମା' ତା'ର ହାତ ଧରି ତାକୁ ଚୌକିରେ ବସାଇଦେଲେ। ତା'ପରେ ଛୋଟ ଝିଅକୁ ଡାକି ଚା' ତିଆରି କରିବାପାଇଁ ଆଦେଶ ଦେଲେ। ଆଉ କହିଲେ, – "ବୋହୂ ଆଉ କିଛି ଦିନ ଆରାମ୍ କରିବ, ରୋଷେଇ କାମ ଏବେ ତତେ ସମ୍ଭାଳିବାକୁ ପଡିବ। ବହୁତ ହୋଇଗଲା, ତୋ'ର ପାଠପଢା ଓ ଏ'ଆଡେ ସେଆଡେ ବୁଲିବା।"

ଛୋଟ ଝିଅ ହଠାତ୍ କହିଉଠିଲା, – "ମା', ମତେ ଯେତେବେଳେ କିଛି ତିଆରି କରିବା ଜଣାନାହିଁ, ସେତେବେଳେ ଏଇ ସବୁକାମ କେମିତି କରିପାରିବି ?"

– "ଏବେ ତତେ ସବୁକିଛି ଶିଖିବାକୁ ପଡିବ। ନହେଲେ, ତୁ ବି ବଡ ଝିଅ ଭଳି ଘରପାଇଟିରୁ ବଞ୍ଚିବାପାଇଁ ମନଇଚ୍ଛା ଏଠିକି ଚାଲିଆସିବୁ। ଏବେ ତୋ'ର ବାହାନା ଆଦୌ ଚଳିବ ନି। ତୋ'ରି ଯୋଗୁଁ ହିଁ ବୋହୂର ଏହି ଦଶା ହୋଇଛି।"

– "ଯଦି ଭାଉଜ ପାହାଚରୁ ଖସି ପଡିଲେ, ତେବେ ସେଥିପାଇଁ ମୋ'ର କ'ଣ ଦୋଷ ଅଛି ?" ଛୋଟ ଝିଅ ଉତ୍ତର ଦେଲା।

– "ଘରର ସବୁ ବସ୍ତ୍ର ଛାତରେ ସୁଖାଇବା ଓ ଆଣିବା କ'ଣ ବୋହୂର କାମ ? ତୁ ଯଦି ଏତେ କାମିକା ହୋଇଥାନ୍ତୁ, ତେବେ ଏହି ଦୁର୍ଘଟଣା ହୋଇନଥାନ୍ତା।" ମା' କହିଲେ।

ଛୋଟ ଝିଅ ଚିନ୍ତିତ ହୋଇ ଭାବୁଥିଲା, ମା'ଙ୍କୁ କ'ଣ ହୋଇଗଲା ଯେ, ଭାଉଜଙ୍କ ସପକ୍ଷରେ କହୁଛନ୍ତି। ଭାଉଜ କ'ଣ କୌଣସି ଯାଦୁ ଔଷଧ ଖୁଆଇଛନ୍ତି କି ?

ସନ୍ଧ୍ୟାବେଳେ ଖାଇବା ଟେବୁଲ୍ ପାଖରେ ବସି ପରିବାରରେ ଖୁସୀର ମାହୋଲ୍ ଥିଲା। ସଭିଙ୍କୁ ସାନଝିଅ ଖାଦ୍ୟ ପରଷୁଥିଲା ବେଳେ ମୁକେଶ କହିଲା, – "ମା', ଆଜି ଛୋଟକୀ ବହୁତ ପରିଶ୍ରମ କରୁଛି।"

– "ହେଲେ, ଯେ କ'ଣ ପାଇଁ ଏତେ ପରିଶ୍ରମ କରୁଛି, ଜାଣିଛୁ। କାରଣ, ଏୟାକୁ ଦିନେ ତ ପରଘରକୁ ଯିବାକୁ ପଡିବ। ତେଣୁ, ଏହି ରନ୍ଧାବଢା ଶିଖିବାକୁ ଏତେ ପରିଶ୍ରମ କରୁଛି।"

ମା'ଙ୍କ ଉତ୍ତର ଶୁଣି ମୁକେଶ ଓ ରେଣୁ ଜଣେ ଅନ୍ୟ ଜଣକୁ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଦେଖି ହସିଲେ। ରେଣୁ ଜାଣିପାରୁନଥିଲା ଯେ, ମା' ଓ ନଣନ୍ଦ ଏତେ ଶୀଘ୍ର କେମିତି ବଦଳିଗଲେ ?

ଏଣେ ମା'ଙ୍କୁ ରେଣୁର ଦୁର୍ଘଟଣା ଯୋଗୁଁ ଏକ ନୂଆ ଦିଶା ମିଳିଥିଲା। ରେଣୁ ପରିବାରରେ ପରିବର୍ତ୍ତନ ଦେଖି ଗୋଟେ ନୂଆ ସକାଳ ଉଦୟ ହେବାର ଅନୁଭବ କରୁଥିଲା।

*ପଟ୍ଟନାୟକ ପଡା, ସମ୍ବଲପୁର-୧*
*ଦୂରଭାଷ: ୯୩୪୮୪୮୦୩୨୨*

**ପଢ଼ନ୍ତୁ !** **ପ୍ରକାଶ ପାଇଛି**

କଥାଶିଳ୍ପୀ **ପ୍ରଫେସର ଉପେନ୍ଦ୍ର ନାୟକ** ଙ୍କର

**ଗଳ୍ପ ସମଗ୍ର**
**(ପ୍ରଥମ ଭାଗ)**

ପ୍ରକାଶକ – ବିଦ୍ୟା ପବ୍ଲିଶିଂ
ଟରଣ୍ଟୋ, କାନାଡ଼ା

# ବ୍ୟତିକ୍ରମ ବ୍ୟବଚ୍ଛେଦ

ନୃସିଂହ ବେହେରା

ସେଲ୍‌ଫି ନେବ ? ନାଁ, ବିକୃତ ଭାବେ ଓଠକୁ ଲମ୍ୱେଇ ଦେଇ ଉତ୍ତରଟିଏ ଫୋପାଡ଼ି ଦେଲା ଝିଲିକ୍। କୌଣସି ପ୍ରତିକ୍ରିୟା ପ୍ରକାଶ ନକରି ପ୍ରବିର ବାବୁ କହିଲେ, ତେବେ ମୁଁ ନେଉଛି। କାଲିର ପେପରରେ ବୁଢ଼ି ସହ ମୋତେ ଦେଖିବ। ଏତକ କହି ସେ କେତୋଟି ଫଟୋ ନେବାପରେ ନିଜ କ୍ୟାମେରାଟି ଝିଲିକ୍ ହାତକୁ ବଢ଼େଇ ଦେଇ ଆଉ କେତୋଟି ସ୍ନାପ ନେବାକୁ ଇଙ୍ଗିତ ଦେଲେ। ଆଜ୍ଞାବହ ଭଳି ମାନି ନେଲା ଝିଲିକ୍। ଘରି ପାଖରୁ ଆଉ କେତେ ଜଣ ନିଜ ମୋବାଇଲ୍‌ରେ ଫଟୋ ଉଠାଇବାରେ ଲାଗିଥାନ୍ତି। ସେମାନଙ୍କର ବୁଢ଼ି ପ୍ରତି ଦରଦ ଫଟୋରେ ସୀମିତ ଥାଏ। ବୟସ୍କ ଜଣେ ବୁଢ଼ିକୁ ଖୁଆଇ ଦେଉ ଦେଉ ସେମାନଙ୍କୁ ଚାହିଁ କିଛି କହିବାକୁ ଭାବି କହି ପାରିଲେ ନାହିଁ। ଉପସ୍ଥିତ ମହିଳା ଜଣେ କହିଲେ, ଯାହା ହେଉ ବୁଢ଼ିଟା ବଞ୍ଚିଗଲା। ସେଥିରେ କଥା ମିଶାଇ ଆଉ ଜଣେ କହିଲେ, ଏମିତି ବଞ୍ଚିବାରେ କି ଲାଭ ? ପାଣି ଆଣି ଦେଉଥିବା ଜନୈକ ପଡ଼ୋଶି କହିଲେ, ମୁଁ ନ ଦେଖିଥିଲେ ମାଉସୀର କ'ଣ ଆଉ ଦେଖା ମିଳିଥାନ୍ତା ? ଝରକାରୁ ସେ ହାତ ଠାରିବାରୁ ମୁଁ ପାଖେଇ ଆସି ଜାଣିଲି ମାଉସୀ ଆଉ ଅବସ୍ଥାରେ ନାହିଁ। ଘର ଆଗରେ ତାଲା ପଡ଼ିଛି।

ଏତିକି ବେଳେ ପୋଲିସ୍ ପହଞ୍ଚିବାରୁ ସମସ୍ତେ ନିରବି ଗଲେ। ଇତି ମଧ୍ୟରେ ସାମ୍ବାଦିକ ପ୍ରବିର ବାବୁ ଥାନାକୁ ଖବର ଦେଇଥିଲେ। ପୋଲିସ୍ ଅନୁସନ୍ଧାନରୁ ଆବିଷ୍କୃତ ତଥ୍ୟର ସାରାଂଶ ହେଲା ବୁଢ଼ିର ପୁଅ ପୂଣ୍ୟ ପାଇବାକୁ ପ୍ରୟାଗ ରାଜର କୁମ୍ଭମେଳାକୁ ଯାଇଛି। କିନ୍ତୁ ମା'କୁ କିଛି ନ ଜଣାଇ ବାହାରୁ ତାଲା ଦେଇଛି। ସାଥୀରେ ପୁତ୍ର କନ୍ୟା ପତ୍ନୀ ତଥା ଶାଶୁ ଶ୍ୱଶୁରଙ୍କୁ ନେଇଛି। କଥାଟା ସମସ୍ତଙ୍କୁ ଅସହ୍ୟ ବିସ୍ମୟ ଦେଲା। ବିମର୍ଷରୁ ବିତୃଷ୍ଣା ବିତରି କିଏ କେତେ ଟିପ୍‌ପଣୀ ଦେଲେ। ହେଲେ କେହି ବୁଢ଼ିର ଦାୟିତ୍ୱ ନେବାକୁ ଆଗେଇ ଆସିଲେ ନାହିଁ। ଶେଷରେ ବିଚାରି ବୁଢ଼ୀ ପୋଲିସ୍‌ର ହେପାଜତ୍‌କୁ ସ୍ଥାନାନ୍ତରିତ ହେଲା।

ପ୍ରାୟ ଆଠ ଦିନ ପରେ ବୁଢ଼ୀର ପୁଅ ସୁବାସ ସାରେ ଫେରିଲେ। ଡାକରା ପାଇ ଥାନାରେ ପହଞ୍ଚିଲେ। ଥାନା ବାବୁ ଦେଖିଲେ ତାଙ୍କ ଭିତରେ ନା ଅଛି ଅନୁଶୋଚନା ନା ଅଛି ଅନୁନୟ। କାହିଁକି ରହିବ ? ସ୍ଥାନୀୟ ବିଧାୟକ ଗୋପୀନାଥ ବାବୁଙ୍କର ସେ ପଛ ଲୋକ। ତାଙ୍କର ନିହାତି ଆପଣାର ଭାବେ ଯେମିତି ଦେଖେଇ ହୁଅନ୍ତି। ସଭା ସମିତି ବେଳେ ସେମିତି ଦେଖା ଦିଅନ୍ତି। କ୍ଷମତା ଛତାର ଛାଇରେ ଥିବାରୁ ଟାଣ ଖରାପରି ସମସ୍ୟାର ବହପ ପ୍ରତି ସେ ନିହାତି ବେପରୁଆ।

ସେ ଥରେ ନିଜ ପିରିୟଡ୍‌ରେ ଶ୍ରେଣୀରେ ଥା'ନ୍ତି। ବହି ଦେଖି ଲେଖିବାକୁ ପିଲାଙ୍କୁ ନିର୍ଦ୍ଦେଶ ଦେଇ ସେ ଚଉକିରେ ବସି ପଡ଼ିଲେ। ଆରାମ ପାଇଁ ଗୋଡ଼ ଦି'ଟାକୁ ଟେବୁଲ ଉପରେ ରଖି ଶୋଇଗଲେ। ଶ୍ରେଣୀ କକ୍ଷରେ ଏକ ଭିନ୍ନ ନୀରବତା ଥାଏ। ମାଡ଼ ଭୟରେ ପିଲାଙ୍କ ପାଟି ଖୋଲୁନଥାଏ। କିନ୍ତୁ ଆଖିର ଇଶାରା ସହ ହାତର କରାମତି କମ୍ ନଥାଏ। ଝରକା ସେପାରିରୁ ମୁହଁ ଫେରାଇ ପଛ ପିଲାଟି ତା'ର ଆଗରେ କାଗଜ ଡଙ୍ଗା ଗଢୁଥିବା ହିମେଶକୁ ଫିସ୍ ଫିସ୍ କରି କହିଲା, ଗୁରୁଜୀ ତ କେବେ ରହନ୍ତି ନାହିଁ, ଲେଖା ଦେଇଯାଇ ବଜାର ଶେଷରେ ଫଳ ଦୋକାନ ପଛରେ ବସି ତାସ୍ ଖେଳନ୍ତି। ଆଜି କ'ଣ ଏଠି ଶୋଇଗଲେଣି ?

ଏତିକି ବେଳେ ଜଣେ ଭଦ୍ର ବ୍ୟକ୍ତି ଶ୍ରେଣୀକୁ ଆସିବାରୁ ପିଲାଏ ଅପ୍ରସ୍ତୁତ ହୋଇଗଲେ। ଗୁରୁଜୀଙ୍କର ଅବସ୍ଥା ଦେଖି ଆଗନ୍ତୁକ କ'ଣ କହିବେ ଭାବି ପାରିଲେ ନାହିଁ। ତାଙ୍କର ରାଗ ପଞ୍ଚମକୁ ଛୁଇଁଗଲା। ନିଜର ଉତେଜନାକୁ ଆୟତରେ ରଖି ଶାନ୍ତଭାବେ କହିଲେ ଗୁରୁଜୀ କାଲି କ'ଣ ଯାତ୍ରାକୁ ଯାଇଥିଲେ ? ଅପ୍ରତ୍ୟାଶିତ କଥାରେ ଚେଙ୍କ ଲାଗିଲା ପରି ଚମକି ଉଠିଲେ ଗୁରୁଜୀ।

ତାଙ୍କର ନିଦ ହଜିଗଲା। ସେ ଚଉକିରୁ ଉଠି ଠିଆ ହୋଇ ନମସ୍କାର ଜଣାଇ ନିଜ ପ୍ରତ୍ୟୁତ୍ପନ୍ନ ମତିର ବିନିଯୋଗ ପୂର୍ବକ କହିଲେ: ନା ସାରେ, ସ୍କୁଲ୍ ବାଡ଼ ମରାମତିରେ ସହଯୋଗ କରୁ କରୁ କଣ୍ଟାଟିଏ ଫୁଟିଥିଲା। କଷ୍ଟ ହେବାରୁ ଦେଖୁଥିଲି। କଥାଟା ଇନ୍‌ସପେକ୍ଟରଙ୍କ ଉପରେ କୌଣସି ପ୍ରଭାବ ପକାଇପାରିଲା ନାହିଁ। ସେ ଅଫିସ୍‌କୁ ଯାଇ ପ୍ରଧାନ ଶିକ୍ଷକଙ୍କ

ଉପରେ ବର୍ଷିଗଲେ। ପରିସ୍ଥିତିର ପ୍ରତିଦାନ ସମସ୍ତ ଗୁରୁଜୀଙ୍କ ଭିତରେ ଏକ ଆଲୋଡନ ଖେଳାଇ ଦେଲା। ଆଗରୁ ସେମାନେ ସୁବାସ୍ ସାର୍‌ଙ୍କ ବ୍ୟତିକ୍ରମ ନ ଦେଖିଛନ୍ତି ନୁହେଁ, ଦେଖିଛନ୍ତି। ପ୍ରତିରୋଧ ବା ପ୍ରତିକାର ପାଇ ନାହାଁନ୍ତି। ଇନିସ୍‌ପେକ୍ଟର ଯିବା ପରେ ହସି ହସି ଭୀମ ସାର୍ କହିଲେ ଏଥର ସୁବାସ୍ ସାର୍‌ଙ୍କର ଚାକିରି ଗଲା। ତାଙ୍କର କଥା କାଟିବାକୁ ପ୍ରତି ଅସ୍ତ୍ର ପ୍ରୟୋଗ କଲେ ନାହିଁ ସୁବାସ୍ ସାରେ। କାରଣ ଭୀମ ସାରେ ତାଙ୍କଠାରୁ ବୟସରେ ଯଥେଷ୍ଟ ବଡ଼। ମହାଯନି କରି ସୁଧରୁ ସାଇତା ଅର୍ଥରେ ସେ ଯଥେଷ୍ଟ ସମର୍ଥ। ସର୍ବ ପରି ସେ ଗଭୀର ଜଳର ମାଛ। ନେତାଙ୍କ ସହ ତାଙ୍କର ଭିତରି ସଂପର୍କ ବେଶ୍ ଭଲ। ତେଣୁ ତାଙ୍କ କଥାରେ ସେ କଠିନ ଉତ୍ତର ଫେରାନ୍ତି ନାହିଁ। ଆଉ କେହି କହିଥିଲେ କଥାର ତୋଡ଼ରେ ଦାନ୍ତ ତାଡ଼ିଦେଇଥାନ୍ତେ। ତଥାପି ସେ ମୁହଁ ଉପରକୁ ଅମଛା ଟାଣ ପଣ ଟାଣି ଆଣି କହିଲେ ହଁ...। ଯାଉନ ଏମିତି କେତେ ଅଫିସ୍‌ର ଦେଖିଛି।

କାହାର ଉତ୍ତରକୁ ଅପେକ୍ଷା ନକରି ସେ କ୍ଲାସ୍ ଯିବା ବାହାନାରେ ଯାଇ ବଗିଚାରେ ବସିଲେ। ଭାବିଲେ ଗୋଖର ଚୋଟ ମାରିଲେ ବିଷ ତା'ର କରାମତି ନିଶ୍ଚୟ ଦେଖାଇବ। କ୍ଷମତାର ଛାଟ ସେମିତି ଅହେତୁକ ହନ୍ତସନ୍ତ ଦେବ। ଏଥି ପାଇଁ ପ୍ରତିକାର ନିହାତି ପ୍ରୟୋଜନ। ସମସ୍ୟାର ସମାଧାନ ପାଇଁ ଭକ୍ତ ଗରୁଡ଼ ଭଗବାନଙ୍କ ପାଖରେ ହାଜର ହେବା ପରି ତତ୍‌କ୍ଷଣାତ୍ ସେ ଯାଇ ଗୋପୀନାଥ ବାବୁଙ୍କ ପାଖରେ ପହଞ୍ଚିଲେ। ଆନୁସଙ୍ଗିକ ପଥ୍ୟ ସହ ନିଜର ସମସ୍ତ ତଥ୍ୟ ଦେଲେ। ସବୁ ଶୁଣି ସାମାନ୍ୟ ହସିଲେ ବିଧାୟକ। ନିରାପତ୍ତା ପାଇଁ ଅଭୟ ବାଣି ଶୁଣାଇବାରେ ଅବହେଳା କଲେ ନାହିଁ। ଅଭୟ ପାଇ ନୂଆ ବସନ୍ତରେ ବିଭୋର ପରି ଫେରିଲେ ସୁବାସ ସାରେ। ବିଧାୟକ ଇନ୍‌ସପେକ୍ଟରଙ୍କ ପାଖରେ ପହଞ୍ଚି କହିଲେ ସୁବାସ ସାରେ ଆମ ଲୋକ, କ'ଣ ଟିକେ ଭୁଲ୍ ହୋଇଯାଇଛି ବୋଲି ଶୁଣିଲି। ତାଙ୍କ ଉପରେ ସେମିତି କିଛି ଆକସନ୍ ନେବେ ନାହିଁ। ଇନସ୍‌ପେକ୍ଟର ନିର୍ବାକ ହୋଇ ତାଙ୍କ ମୁହଁକୁ ଚାହିଁଥାନ୍ତି।

ଏତିକିବେଳେ ଥାନା ଅଧିକାରିଙ୍କ ଧମକ ପୂର୍ଣ୍ଣ ବିଦ୍ରୁପ ତାଙ୍କ ଭାବନାକୁ ତଡ଼ିଦେଲା। ସେ କହିଲେ ଆପଣ ପରା ଜଣେ ଶିକ୍ଷକ? ପିଲାମାନଙ୍କୁ ଏଇ ଶିକ୍ଷା ଦେଉଛନ୍ତି? ତିର୍ଥ କରିବା ପାଇଁ କେହି କ'ଣ ଗୋଟାଏ ମଣିଷକୁ ଏମିତି ଭାବେ ରଖିଯାଇପାରେ? ଖବରକାଗଜ ଦେଖିଛନ୍ତି?

ସାର୍ ସେମିତି ଦୁର୍ବିନିତ ଭାବେ ନିରୁତ୍ତର ରହିଲେ। ଜଣେ କନେଷ୍ଟବଳ କେତୋଟି ଖବରକାଗଜ ଆଣି ତାଙ୍କ ଆଗରେ ରଖିଲେ। ଯେଉଁଥିରେ ତାଙ୍କ ମାଆଙ୍କ ଫଟୋ ସହ ଗୃହବନ୍ଦି ଖବର ପ୍ରସରି ଥିଲା। ତାହା ତାଙ୍କୁ ଅଜଣା ନଥିଲା। ତେଣୁ ସେ ସେଥିପ୍ରତି ଦୃଷ୍ଟି ଦେଲେ ନାହିଁ କି ସାମାନ୍ୟ ବିଚଳିତ ହେଲେ ନାହିଁ। ଥାନା ଅଧିକାରୀ ଆଉ କ'ଣ କହିବାକୁ ଯାଉଥିଲେ, ମୋବାଇଲ୍‌ର ସଂଗୀତ ତାକୁ ଅଟକାଇ ଦେଲା। ସେ ରିସିଭ୍ କଲେ, କଥା ଭିତରେ ତାଙ୍କ ମୁହଁରେ ଏକ ଭିନ୍ନ ଭାବ ସଂଚରିଗଲା। କେମିକାଲ୍ ଯୋଗେ ପାଚୁଥିବା ଫଳପରି ନିଜର ସ୍ୱର ବଦଳାଇ ସେ କହିଲେ, ଜଣେ ବୟସ୍କା ବ୍ୟକ୍ତିଙ୍କୁ ବାହାରୁ ତାଲା ଦେଇ ଏକୁଟିଆ ଘରେ ରଖି ଯିବା ଆଦୌ ସମୁଚିନ ନୁହେଁ। ଆଉ କେବେ ଏମିତି କରିବେ ନାହିଁ। ଆପଣ ଯାଆନ୍ତୁ। ଏତକ କହିବାପରେ ସେ ଆଉ କ'ଣ ବିରକ୍ତ ହୋଇ ଅସ୍ପଷ୍ଟ ଭାବେ କହିଲେ ଶିକ୍ଷକ ମହାଶୟ ଶୁଣିପାରିଲେ ନାହିଁ। ଆଉ ଖଣ୍ଡେ ପାନ ଚୋବେଇ ନିଜର ମକା ମଂଜିଆ ଦାନ୍ତ ଦେଖେଇ ବାହୁଡ଼ି ଆସିଲେ।

> ମା ପ୍ରତି ତାଙ୍କ ମନର ଭାବ ସଂପୂର୍ଣ୍ଣ ବଦଳିଗଲା। ବଦଳିଲା ନାହିଁ ମା ପାଇଁ ଥିବା ଅନାଦର ଜନିତ ଅବହେଳା। ପତ୍ନୀଙ୍କର ବ୍ୟବହାରର ଉତ୍‌ପିଡ଼ନ ପାଇଁ ସେ ବେଳେ ବେଳେ ଯେଉଁ ମିଛ ପ୍ରତିବାଦ କରୁଥିଲେ ସେତକ ଉଭେଇଗଲା। ନାତି ନାତୁଣି ବି ପାଖ ମାଡ଼ିଲେ ନାହିଁ। ଏକାକିତ୍ୱର ନିର୍ଯ୍ୟାତନା ସହି ନପାରି ଗୌରୀଦେବୀ ନୀରୋଳାରେ ଲୁହ ଢାଳିବା ସାର ହେଲା।

ଏମିତି ସେ ଦିନେ ଲୁହ ଝରାଉଥିଲେ। ସ୍ୱାମୀ ତାଙ୍କର କାରଣ ଜିଜ୍ଞାସା କଲେ। ଉତ୍ତରରେ ସେ କହିଲେ ତମେ ମୋର କୌଣସି କଥା ରଖିଲ ନାହିଁ। ଆମର ତ କେହି ନାହାଁନ୍ତି। ବୟସ ହେଲେ କିଏ ଆମର ଦାୟିତ୍ୱ ନେବ? ହାତ ଗୋଡ଼ ଅଚଳ ହେଲେ କିଏ ଚଳାଇବ? ଜମି ଜମା ଘର ବାଡ଼ି କ'ଣ ହେବ? ପତ୍ନୀଙ୍କ କଥାରେ ହସି ଉଠିଲେ ସଦାନନ୍ଦ। ପତିଙ୍କର ଖାମଖିଆଲ ଭାବରେ ତାଙ୍କ କଥା ସୋଲ ପରି ଭାସିବାର ଅନୁଭବି ଗୌରୀ ଦେବୀଙ୍କର କୋହ ବଢ଼ିଗଲା। ଲୁହ କୋହ ଏକାକାର ହୋଇ ସଦାନନ୍ଦ ସାର୍‌ଙ୍କୁ ପତ୍ନୀ ମନସ୍କ ହେବାକୁ ବାଧ କଲା। ସେ ଶାନ୍ତ ଭାବେ ତାଙ୍କ ମୁହଁକୁ ଋହିଁଲେ। ସହାନୁଭୂତି ସ୍ୱରରେ କହିଲେ ତମେ କ'ଣ ଋହୁଁଛ? ଲୁହ ପୋଛି ଗୌରୀ ଦେବୀ କହିଲେ ମୋ ଭଉଣୀର ନଣନ୍ଦର ଋରୋଟି ପୁଅ ଅଛି। ସବା ସାନଟିକୁ ଆମେ ପୋଷ୍ୟ କରି ଆଣିବା। ତା'ର ଏଥିରେ ସଂପୂର୍ଣ୍ଣ ସମ୍ମତି ଅଛି। ଏତକ ଶୁଣି ସଦାନନ୍ଦ ସାରେ ଟିକେ ଗମ୍ଭୀର ହୋଇଗଲେ।

ନୀରବତା ଭାଙ୍ଗି ସେ କହିଲେ ଏଥିରେ ଅନେକ ଅସୁବିଧା ଅଛି। ସଂଗେ ସଂଗେ ପତ୍ନୀ ପ୍ରତିବାଦ କଲେ। ଉଭୟଙ୍କ ଭିତରେ କଥା କଟା କଟି ହେଲା। ଭଲ ମନ୍ଦର ଦ୍ୱନ୍ଦ ସାରି ଏକ ଶେଷ ସିଦ୍ଧାନ୍ତ ମିଳିଲା। ଏପ୍ରିଲ ଚଉଦ ତାରିଖରେ ଉଭୟ କଟକ ଯିବେ। ଶିଶୁ ମଙ୍ଗଳ ସମିତିରୁ ପୁଅଟିଏ ଆଣିବେ। ଏଥିପାଇଁ ଆଗରୁ ଆନୁସଙ୍ଗିକ ଆବେଦନ ପ୍ରକ୍ରିୟା ସାରିଲେ ସଦାନନ୍ଦ। ନିର୍ଦ୍ଦିଷ୍ଟ ଦିନ ସେହି ଅନୁଷ୍ଠାନରେ ପହଞ୍ଚିଲେ ଦେଖିଲେ ଅନେକ ଅନାଥ ପିଲା ଅଛନ୍ତି। ଗୋଟିଏ ଡଉଲ ଡାଉଲ ପିଲାର ସୌନ୍ଦର୍ଯ୍ୟରେ ଆକୃଷ୍ଟ ହୋଇ ଗୌରୀ ଦେବୀ ସ୍ୱାମୀଙ୍କୁ କହିଲେ ଏଇ ପିଲାଟିକୁ ନେବା। ସଦାନନ୍ଦ ସ୍ୱଭାବରେ ଶାନ୍ତ। ସମ୍ବେଦନଶୀଳ ଜଣେ ଦୂରଦ୍ରଷ୍ଟା ବ୍ୟକ୍ତି। ଟିକିଏ ଚିନ୍ତାକରି ସେ ଆଉ ଗୋଟିଏ ପିଲାକୁ ଦେଖାଇଲେ। କହିଲେ ଦେଖ, ଏଇ ପିଲାଟା କେମିତି ଶାନ୍ତ ଭାବେ ଶୋଇଛି। ତାକୁ ଦେଖି ଗୌରୀ ଦେବୀ ମୁହଁ ମୋଡ଼ି ଦେଲେ। ସଦାନନ୍ଦ

ପୁନଶ୍ଚ କହିଲେ ଏହାର ସେମିତି ରୂପ ସିନା ନାହିଁ ଗୁଣ ନିଶ୍ଚୟ ଥିବ। ପୁଣି ଏହାକୁ ନେବାପାଇଁ ସହଜରେ କେହି ଇଚ୍ଛା କରିବେ ନାହିଁ। ଭାବିଲ ତମ ପୁଅଟିଏ ଯଦି ଏମିତି ହୋଇଥାନ୍ତା ? ତେବେ ତମେ କ'ଣ ତାକୁ ହତାଦର କରିପାରିଥାନ୍ତ ?

ଗୌରୀ ଦେବୀ ନିରୁତ୍ତର ରହିଲେ କାରଣ ତାଙ୍କର ମନ ମାନୁ ନଥାଏ। ତଥାପି ସ୍ୱାମୀଙ୍କର କଥାକୁ କାଟିପାରିଲେ ନାହିଁ। ଭାବିଲେ ସେ ହୁଏତ ପିଲାଟି ପାଖରେ ସେମିତି କିଛି ସ୍ୱତନ୍ତ୍ରତା ଦେଖିଥିବେ। ତେଣୁ ତାକୁ ସାଥୀରେ ନେଇ ଫେରିଲେ। ପରେ ପରେ ମାତୃତ୍ୱର ଅଫୁରନ୍ତ ଆନନ୍ଦରେ ତାଙ୍କ ଭିତରଟା ପୁରି ଉଠିଲା। ଉଚ୍ଛଳିତ ସ୍ନେହ ସାଥେ ନିବିଡ଼ ମମତାର ନୀଡ଼ରେ ବଢ଼ିଉଠିଲା ସୁବାସ। ହେଲେ ଆଚରଣ ଉଚ୍ଚାରଣରେ ରହିଲାନି ମା' କିମ୍ବା ବାପାର ଅଣୁଏ ଗୁଣ। ଦଶଥର ପରୀକ୍ଷା ଦେବାପରେ ସ୍କୁଲ ଛାଡ଼ି କଲେଜ ଯାଇପାରିଲା ନାହିଁ। ସେହି ଦୁଃଖରେ ବେଶି ଆକ୍ରାନ୍ତ ହେଲେ ସଦାନନ୍ଦ। ତାଙ୍କର ମନସ୍ତାପର ସୀମା ରହିଲା ନାହିଁ। ରକ୍ତଚାପ ବଢ଼ିଗଲା। ବଟିକା ଖାଇବାର ଅବହେଳାରୁ ଅଣାୟତ ହେଲା ମଧୁମେହ। ଅନେକ ଚିନ୍ତା କରି ଏକ ସଂସ୍କୃତ ବିଦ୍ୟାଳୟରେ ସୁବାସର ନାମ ଲେଖାଇଲେ। ସେଠାକାର ବ୍ୟବସ୍ଥା ବିଷୟରେ ଜାଣି ସେ ଟିକେ ଆଶ୍ୱସ୍ତ ହେଲେ। କିନ୍ତୁ ଚେଷ୍ଟା ତାଙ୍କର ନିଷ୍ଫଳ ହେଲା। ପରୀକ୍ଷା ଫଳ ପୁସ୍ତିକାରୁ ସୁବାସର ନାମ ମିଳିଲା ନାହିଁ। ଦାରୁଣ ଦୁଃଖର ଆଘାତରେ ସେ ଭାଙ୍ଗିପଡ଼ିଲେ। ହଠାତ୍ ତାଙ୍କର ହୃଦ୍ କ୍ରିୟା ବନ୍ଦ ହୋଇଗଲା। ବିଦଗ୍ଧ ବୈଶାଖର ଜ୍ୱାଳାରୁ ମୁକୁଳି ସେ ଆରପାରିକୁ ଚାଲିଗଲେ।

ପରେ କିନ୍ତୁ ଜଣାପଡ଼ିଲା ସୁବାସ ପାସ୍ କରିଛି। ଭୁଲ ବଶତଃ ପୁସ୍ତିକାରେ ତା'ର ନାମ ନଥିଲା। ସୁବାସ ଉପରେ ସମସ୍ତଙ୍କର ଶୁଭ ଦୃଷ୍ଟି ପଡ଼ିଲା। ଅଯାଚିତ ସହାନୁଭୂତି ଜମା ହୋଇଗଲା। ସରକାରୀ ନିୟମ ଅନୁଯାୟୀ ସେ ବାପାଙ୍କର ଚାକିରୀ ପାଇଲା। ସଦାନନ୍ଦ ସାର୍‌ଙ୍କର କାମର ନିଷ୍ଠା ତଥା ବିଦ୍ୟାଳୟ ଉନ୍ନତିର ଚେଷ୍ଟା ପାଇଁ ସେ ସମସ୍ତଙ୍କର ପ୍ରିୟଭାଜନ ଥିଲେ। ସେଥିପାଇଁ ସମସ୍ତଙ୍କର ସହଯୋଗରେ ସୁବାସ ସେହି ସ୍କୁଲରେ ଶିକ୍ଷକ ଭାବେ ନିଯୁକ୍ତି ପାଇଲେ। ସରକାରୀ ଚାକିରୀ ଯୋଗୁଁ ସୁନ୍ଦରୀ ଝିଅଟିଏ ବୋହୂ ହୋଇ ଆସିଲା। ଗୌରୀ ଦେବୀ ଭାବିଲେ ସେ ଝିଅଟି ଯେହେତୁ ଶିକ୍ଷିତା ସେ ସୁବାସକୁ ନିଶ୍ଚୟ ସଜାଡ଼ି ଦେବ। ଭଲରେ ପରିବାରକୁ ଚଳେଇନେବ। ତାଙ୍କର ମନ ଜାଣି ସେବା ଯତ୍ନ କରିବ। କିନ୍ତୁ ସେ ସବୁ କେବଳ କଳ୍ପନାରେ ରହିଗଲା। ବାସ୍ତବତା ଭିନ୍ନ ରୂପରେ ଚଳିଲା। ଯାହାକୁ ସହି ହେଉଛି ନା କହି ହେଉଛି।

ସେ ଏକ ଦୀର୍ଘ ଶ୍ୱାସ ଛାଡ଼ି କାନ୍ଥରେ ଥିବା ସ୍ୱାମୀଙ୍କର ଫଟୋକୁ ଚାହିଁଲେ। ତାଙ୍କୁ ଦିଶିଲା ସେ ଯେମିତି ହସୁଛନ୍ତି, ମନକୁ ମନ ସେ କହିଲେ ତୁମେ ସ୍ୱର୍ଗ ସୁଖରେ ରହିଛ। ମୋର ନରକ ଯନ୍ତ୍ରଣାକୁ ଜାଣିବ କେମିତି ? ଏତିକି ବେଳେ ହଠାତ୍ କାନ୍ଦ ଶୁଭିଲା। ଗୌରୀ ଦେବୀ ମୁହଁ ବୁଲାଇ ଦେଖିଲେ ବାହାରେ ଖେଳୁଥିବା ନାତିଟି ପଡ଼ିଯାଇ କାନ୍ଦୁଛି। ତାକୁ କୋଳେଇ ଆଣି ଶାନ୍ତ କରିବାକୁ ଇଚ୍ଛା କରି ସେ ସହଜରେ ଉଠି ପାରିଲେ ନାହିଁ। ସଙ୍ଗେ ସଙ୍ଗେ ବୋହୂ ଆସି ଚିତ୍କାର ଛାଡ଼ି କହିଲା, ପିଲାଟା ତଳେ ପଡ଼ି କାନ୍ଦୁଛି, ତାକୁ ଉଠେଇ ଆଣିଲେ କ'ଣ ହାତ ଖଣ୍ଡିଆ ହୋଇଯିବ ? ଏହା ପରେ ଆହୁରି କେତେ କ'ଣ ଅଶ୍ଳୀଳ ଶବ୍ଦର ବିସ୍ଫୋରଣ ହେଲା। ଶାଶୁ ବିରୁଦ୍ଧରେ ଅନେକ ବଖାଣି ବୋହୂ କହିଲା ମୋତେ ଆମ ଘରେ ଛାଡ଼ି ଆସ। ନଚେତ୍ ଭଡ଼ା ଘର ଦେଖ ମୁଁ ସେଠାରେ ରହିଯିବି। କିନ୍ତୁ ଏମିତି ଲୋକ ପାଖରେ ରହିପାରିବି ନାହିଁ। ଏତକ କହି ସକେଇ ନାକ ସୁଁ ସୁଁ ଶୁଣାଇଲା। ଆଉ କେତେ ମନଗଢ଼ା ମିଛ ଯୋଡ଼ି ଶାଶୁ ବିରୁଦ୍ଧରେ ବଖାଣିଲା।

ସୁବାସ କହିଲେ- ବ୍ୟସ୍ତ ହୁଅନାହିଁ। କିଛି ଗୋଟାଏ ଉପାୟ କରିବା। ଶାନ୍ତ୍ୱନା ପାଇ ପତ୍ନୀ ପ୍ରସ୍ତାବ ଦେଲେ। ତାଙ୍କୁ ବୃଦ୍ଧାଶ୍ରମରେ ରଖିଲେ ହୁଅନ୍ତା ନାହିଁ ? ମାସକୁ ମାସ ବରଂ କିଛି ଖର୍ଚ୍ଚ ଦେଇ ଦିଅନ୍ତ। କଥାଟା ସୁବାସଙ୍କ ମନକୁ ନ ଗଲେ ମଧ୍ୟ ମନା କରିପାରିଲେ ନାହିଁ। କହିଲେ ଠିକ୍ ଅଛି। କାଲି ମୁଁ ଏ ବିଷୟରେ ବୁଝି କିଛି ଗୋଟିଏ ବ୍ୟବସ୍ଥା କରିବି। ସକାଳୁ ଉଠି ମା' ପାଖକୁ ଗଲେ ସୁବାସ। ତା' କୋଠରୀରେ ମା'କୁ ପାଇଲେ ନାହିଁ। ଘରୁ ବାହାରଯାଏ ଖୋଜି ନିରାଶ ହେଲେ।

ନିଆଁରେ ଘିଅ ଢାଳିବା ପରି ପତ୍ନୀଙ୍କର କଥା ଆଉରି ବ୍ୟସ୍ତ ଓ ବିବ୍ରତ ବଢ଼ାଇ ଦେଲା। ଘଟଣାଟି ପ୍ରତୀବେଶୀମାନଙ୍କ ପାଖକୁ ପ୍ରସରି ଗଲା। କିଛି ସମୟ ପରେ ପିଲାଟିଏ ଦଉଡ଼ି ଦଉଡ଼ି ଆସି ସୁବାସ ସାର୍‌ଙ୍କୁ କହିଲା ମା' ବଡ଼ ପୋଖରୀରେ ଭାସୁଛି। ସୁବାସ ସାରେ ଆଶ୍ଚର୍ଯ୍ୟ ହୋଇଗଲେ। କଥାଟା ଶୁଣି ପତ୍ନୀ ତାଙ୍କର ଆଶ୍ୱସ୍ତ ହେଲେ। ତାହା ସତ ହେଇଥାଉ ବୋଲି ମନେ ମନେ ଠାକୁରଙ୍କୁ ମିନତି କଲା। ଜଣେ ନିଖୁଣ ଅଭିନେତ୍ରୀ ପରି ଦୁଃଖିତ ହୋଇ ସୁବାସଙ୍କୁ କହିଲା, "ତମେ ଯାଇ ଦେଖି ଆସ ତ। କିଛି ଉତ୍ତର ନ ଦେଇ ଚିରାଚରିତ ଢଙ୍ଗରେ ବାହାରି ଗଲେ ସୁବାସ।"

*ରାଜକନିକା, କେନ୍ଦ୍ରାପଡ଼ା-୭୫୪୨୨୦*
*ଦୂରଭାଷ: ୯୯୩୮୬୪୬୦୩୪*

# ରଣ

ଲେଖକ :- ଅନୀଲ ଶର୍ମା
ମୂଳଭାଷା :- ହିନ୍ଦୀ
ଅନୁବାଦ:- ସମ୍ବେଦନା ମିଶ୍ର

"ରିତେଶ, ତୁ ସ୍କୁଲ ଯିବୁ ନା ନାହିଁ ?" ମାଆଙ୍କ ଏହି ପ୍ରଶ୍ନ ଶୁଣି ରିତେଶ ରାଗି ଯାଇ କହିଲା , "ନା ! ମୁଁ ସ୍କୁଲକୁ ଯିବିନି ।" ରିତେଶ କଥା ଶୁଣି ତାର ମାଆ ଶାରଦାଙ୍କୁ ଭାରି ରାଗ ଲାଗିଲା । ତଥାପି ସେ ନିଜ ରାଗକୁ ନିୟନ୍ତ୍ରଣ କରି ରିତେଶକୁ କହିଲେ, "ପୁଅରେ ! ତୁ ସ୍କୁଲକୁ ନ ଗଲେ ବଡ଼ଲୋକ କେମିତି ହେବୁ ? କଣ ମୋ ଭଳି ତୁ ଶ୍ରମିକ ହେବୁ ?"

ରିତେଶ କହିଲା, "ହଁ, ମାଆ ! ମୁଁ ମଧ୍ୟ ଏବେ ଠାରୁ କାମ କରିବାକୁ ଚାହୁଁଛି । ତୁମକୁ ଏପରି କାମ କରୁଥିବାର ଦେଖିଲେ ମୋତେ ବହୁତ କଷ୍ଟ ଲାଗୁଛି ।" ଏତିକି କହିବାରେ ରିତେଶ ଆଖିରୁ ଲୁହ ବାହାରି ଆସିଲା । ପୁଅର ଏଭଳି କଥା ଶୁଣି ଶାରଦାଙ୍କ ଆଖିରୁ ମଧ୍ୟ ଲୁହ ବାହାରି ଆସିଲା ।

ପ୍ରଥମେ ନିଜର ସ୍ୱାମୀଙ୍କ ଦେହ ଖରାପକୁ ନେଇ ଭାରି କଷ୍ଟ ପାଇଲେ ଶାରଦା । କେତେବେଳେ କେଉଁ କେଉଁ ଡାକ୍ତରଖାନା ବୁଲି ବୁଲି ତାଙ୍କୁ ଚିକିତ୍ସା କରାଇଲେ ଶାରଦା । ମାତ୍ର ବହୁତ ଦିନ ପରେ ତାଙ୍କର ଦୁଇଟିଯାକ ବୃକକ ଏକାଠି ଖରାପ ହୋଇଯିବା ଯୋଗୁଁ ସେ ମୃତ୍ୟୁବରଣ କଲେ । ତାଙ୍କର ମୃତ୍ୟୁ ହେବା ପରେ ଏବେ ପ୍ରାୟ ବର୍ଷେ ହେବ ଶାରଦା ଘରକୁ ଘର ବୁଲି କାମ କରି କୌଣସି ପ୍ରକାରରେ ନିଜର ଆଠବର୍ଷର ପୁଅ ରିତେଶକୁ ପାଠ ପଢ଼ାଉଥିଲେ ।

କିଛି ସମୟ ରହି ଶାରଦା ପୁଅ ରିତେଶକୁ ବୁଝାଇବାକୁ ଯାଇ କହିଲେ, "ପୁଅରେ ! ମୋର ଚିନ୍ତା ଛାଡ଼ି ଦେ । ମୁଁ ସବୁକିଛି ନିଜେ ସମ୍ଭାଳି ନେବି । ଖାଲି ତୁ ଯେମିତି ହେଲେ ନିଜ ପାଠ ସବୁ ପଢ଼ି ମଣିଷ ହୋଇ ଯା । ତା ପରେ ଦେଖିବୁ ଆମର ଭଲଦିନ ପୂର୍ବଭଳି ଫେରି ଆସିବ । ତୋର ମନେ ଅଛି ନା ବାପା ଆମକୁ କେତେ ଭଲରେ ରଖିଥିଲେ ! ତାଙ୍କର ଦେହ ଖରାପ ହେବା ଯୋଗୁଁ ଆମର ସବୁକିଛି ବିକ୍ରି ହୋଇଗଲା । ଏବେ ଖାଲି ଏ ଘର ଖଣ୍ଡିକ ହିଁ ଆମର ବାକି ରହିଛି । ଏହାକୁ ଯଦି ଆମକୁ ନିଜର କରି ରଖିବାର ଅଛି ତେବେ ମୋତେ କାମ କରିବାକୁ ପଡ଼ିବ । ନହେଲେ ଆମକୁ ରାସ୍ତାରେ ରହିବାକୁ ହେବ ।"

ତାଙ୍କ କଥା ଶୁଣି ରିତେଶ କହିଲା, "ମାଆ ! ଏବେ ଆମକୁ ଟଙ୍କାର ବହୁତ ଆବଶ୍ୟକତା ଅଛି । ବାପାଙ୍କ ଦେହ ଖରାପ ସମୟରେ ଆମେ ଯେଉଁସବୁ ରଣ କରିଛେ ତାକୁ କିପରି ପରିଶୋଧ କରିବା ? ସେହି ରଣ ଟଙ୍କା ପାଇଁ ଯେତେବେଳେ ସାହୁକାରମାନେ ତୁମକୁ ଆସି ଗାଳି ଦେଉଛନ୍ତି, ସେତେବେଳେ ମୋତେ ସେ ସବୁ ଶୁଣିଲେ ଭାରି କଷ୍ଟ ହେଉଛି ।"

ଶାରଦା କହିଲେ, "ପୁଅରେ ! ସବୁ ଧୀରେ ଧୀରେ ପରିଶୋଧ ହୋଇଯିବ । ସେଥିପାଇଁ ମୁଁ ତୋର ଜୀବନ ନଷ୍ଟ ହେବାକୁ ଦେବି ନାହିଁ । ତୁ ମୋ କଥା ମାନେ ଓ ନିଜର ପାଠପଢ଼ାକୁ ବନ୍ଦ ନ କରି ଭଲରେ ଭଲରେ ସାରିବାକୁ ଚେଷ୍ଟା କର ।"

ରିତେଶ ତାଙ୍କ କଥାକୁ ଗୁରୁତ୍ୱ ନ ଦେଇ କହିଲା, "ମାଆ ! ତୁମକୁ ଜଣା ଅଛି ତ ମୋର ସ୍କୁଲର ନାମଲେଖା ଖର୍ଚ୍ଚ କେତେ ? ବାପା ମୋର ନାଆଁ ବହୁତ ବଡ଼ ସ୍କୁଲରେ ଲେଖାଇ ଦେଇଛନ୍ତି । ସେଠାରେ ମୋର ପଢ଼ା ଖର୍ଚ୍ଚ ଜମା କରିବାରେ ତୁମର ପୁରା ମାସର ରୋଜଗାରର ଅଧା ଟଙ୍କା ଚାଲିଯାଉଛି । ତେବେ ଆମର ରଣ କେମିତି ଶୁଝି ହେବ ?"

ଶାରଦା ମଧ୍ୟ ମନରେ ଏକଥା ହିଁ ଭାବୁଥିଲେ । ବର୍ତ୍ତମାନର ସ୍ଥିତିରେ ତାଙ୍କର ଆଉ କ୍ଷମତା ନଥିଲା ସେହି ସ୍କୁଲରେ ପାଠ ପଢ଼ାଇବା ।

ମାତ୍ର ତାଙ୍କର ମନେ ପଡ଼ିଯାଉଥିଲା କେତେ କଷ୍ଟରେ ତାଙ୍କର ସ୍ୱାମୀ ବହୁତ ଧାଁ ଧପଡ଼ କରି ରିତେଶର ନାଆଁ ଲେଖାଇଥିଲେ । ତାଙ୍କର ଇଚ୍ଛା ଥିଲା ଯେ ରିତେଶ ପାଠପଢ଼ି ବଡ଼ଲୋକ ହୋଇଯାଉ । ଯେଉଁ ପର୍ଯ୍ୟନ୍ତ ରିତେଶର ବାପା ରାଜେଶ ବଞ୍ଚିଥିଲେ ସେ ପର୍ଯ୍ୟନ୍ତ ଶାରଦାଙ୍କୁ ମଧ୍ୟ କୌଣସି ପ୍ରକାରର ଅସୁବିଧା ଭୋଗ କରିବାକୁ ଦେଇନଥିଲେ । ଘରେ ସବୁବେଳେ ହସଖୁସିର ପରିବେଶରେ ଭୋଜିଭାତ ଆସର ଜମୁଥିଲା ।

ଘରକୁ ସବୁବେଳେ କିଏ ନା କିଏ ଅତିଥି ଆସୁଥିଲେ । ସେମାନଙ୍କର ସ୍ୱାଗତ ସତ୍କାରରେ ଶାରଦାଙ୍କୁ ମଧ୍ୟ ବହୁତ ଖୁସି ମିଳୁଥିଲା । ଫଳରେ ତାଙ୍କୁ ଲାଗୁଥିଲା ସେ ସବୁବେଳେ ଗୋଟିଏ ବଡ଼ ପରିବାର ଭିତରେ ରହିଛନ୍ତି । ସମସ୍ତେ ତାଙ୍କୁ ମଧ୍ୟ ବହୁତ ସମ୍ମାନ କରୁଥିଲେ ।

କିନ୍ତୁ ଯେବେଠାରୁ ରାଜେଶଙ୍କ ଦେହ ଖରାପ ହେଲା, ଧୀରେ ଧୀରେ ସମସ୍ତେ ତାଙ୍କୁ ଏକୁଟିଆ ଛାଡ଼ିଦେଲେ । ସମୟ ବଦଳି ବଦଳି ପରିସ୍ଥିତି ଏପରି ହୋଇଗଲା ଯେ, ଯେତେବେଳେ ରାଜେଶ ମୃତ୍ୟୁବରଣ କରିଥିଲେ ସେତେବେଳେ ତାଙ୍କ ପାଖରେ କେବଳ ରିତେଶ ଓ ଶାରଦା ହିଁ ଥିଲେ । ଆମ୍ବୁଲାନ୍ସ ଯେତେବେଳେ ରାଜେଶଙ୍କ ମରଶରୀର ଧରି ଘରକୁ ଆସିଲା ସେତେବେଳେ କିଛି ପଡ଼ୋଶୀ ସାହାଯ୍ୟ କରିଥିଲେ ତାଙ୍କର ଅନ୍ତିମ ସଂସ୍କାର ହେବା ପର୍ଯ୍ୟନ୍ତ । ସେହିଦିନଠାରୁ ଆଜିଯାଏଁ ତାଙ୍କର କୌଣସି ନିକଟ ସଂପର୍କୀୟ ତାଙ୍କୁ ଦେଖା କରିବାକୁ ଆସିନଥିଲେ । ହଁ, କେବଳ ଜଣେ ଦୂର

ସଂପର୍କୀୟ କେତେଥର ଶାରଦାଙ୍କ ପାଖକୁ ଫୋନ କରିଥିଲେ ତାଙ୍କ ଘର କିଣିବାକୁ, ଯାହାଙ୍କୁ ରାଗି କରି ରୋକ ଠୋକ ମନା କରିଥିଲେ ଶାରଦା।

ଦୁହେଁ ମାଆ ପୁଅ ଜଣେ ଜଣଙ୍କୁ ବୁଝାଇବାକୁ ଚେଷ୍ଟା କରିବା ସମୟରେ କବାଟର ଘଣ୍ଟି ବାଜିଲା। ଶାରଦା କବାଟ ଖୋଲି ଦେଖିଲେ, ସାମନାରେ ଜଣେ ବୟସ୍କ ବୃଦ୍ଧ ବ୍ୟକ୍ତି ଛିଡ଼ା ହୋଇଥିଲେ। ସେ ଶାରଦାଙ୍କୁ ପଚାରିଲେ, "ତୁମେ କଣ ରାଜେଶଙ୍କ ପତ୍ନୀ?"

ଶାରଦା କିଛି ବୁଝିପାରୁନଥିଲେ। ତଥାପି ସେ ତାଙ୍କୁ କହିଲେ, "ଆଜ୍ଞା, ହଁ! ମୁଁ ହିଁ ତାଙ୍କ ପତ୍ନୀ। ମାତ୍ର ଆପଣ କିଏ ଓ ତାଙ୍କୁ ଆପଣ କେମିତି ଜାଣିଛନ୍ତି?"

ଗୋଟିଏ ନିଶ୍ୱାସରେ ସେ କହିଲେ, "ଝିଅ! ମୁଁ କଣ ଭିତରକୁ ଆସି ବସି ପାରିବି? ମୁଁ ବହୁତ ଦୂରରୁ ଆସିଛି। କଣ ମୋତେ ଗୋଟେ ଗିଲାସ ପାଣି ଦେବ କି ପିଇବା ପାଇଁ?" ତା'ପରେ ସେ ଶାରଦାଙ୍କ ଉତ୍ତରକୁ ଅପେକ୍ଷା କରି ରହିଲେ।

ଶାରଦା ତା'ପରେ କହିଲେ, "ହଁ, ହଁ, ଆପଣ ଭିତରକୁ ଆସନ୍ତୁ। ଆପଣ ବସନ୍ତୁ। ମୁଁ ଆପଣଙ୍କ ପାଇଁ ପାଣି ଆଣୁଛି।"

ଶାରଦାଙ୍କ କଥା ଶୁଣି ସେହି ବୟସ୍କ ବୃଦ୍ଧ ବ୍ୟକ୍ତି ଜଣକ ସାମନାରେ ପଡ଼ିଥିବା ଗୋଟିଏ ପୁରୁଣା ଚୌକି ଉପରେ ଆସି ବସିଲେ। ରିତେଶ ସହିତ କଥାବାର୍ତ୍ତା ହେବା ପାଇଁ ସେ ତାଙ୍କୁ ପଚାରିଲେ, "ପୁଅରେ! ତୁମେ କେଉଁ ଶ୍ରେଣୀରେ ପଢୁଛ?"

ରିତେଶ ଖାଲି, "ତୃତୀୟ ଶ୍ରେଣୀରେ" କହି ଚୁପ ହୋଇଗଲା।

ସେତିକି ଭିତରେ ଶାରଦା ପାଣି ନେଇ ଆସି ସେହି ବ୍ୟକ୍ତିଙ୍କୁ ପିଇବାକୁ ଦେଲେ। ପାଣି ପିଇ ସାରିବା ପରେ ସେହି ବୃଦ୍ଧ ବ୍ୟକ୍ତି ଜଣକ କହିଲେ, "ଝିଅ! ମୋର ନାଆଁ ଶାନ୍ତିଲାଲ! ତୁମର ସ୍ୱାମୀ ମୋର କମ୍ପାନୀରେ ହିଁ ଚାକିରୀ କରୁଥିଲେ। ସେ ବହୁତ କମ ବୟସରୁ ମୋ ପାଖରେ କାମ କରିବା ଆରମ୍ଭ କରିଥିଲେ। ଧୀରେ ଧୀରେ ସେ ମୋର ବିଶ୍ୱାସ ଜିତିବାରେ ମଧ୍ୟ ସଫଳ ହୋଇଗଲେ। ମୋର କମ୍ପାନୀର ସବୁ ଦାୟିତ୍ୱ ସେ ଏକୁଟିଆରେ ହିଁ ସମ୍ଭାଳୁଥିଲେ। ଏମିତି ଏକ ସମୟ ଆସିଲା ଯେତେବେଳେ ମୋର ଦେହ ଖରାପ ଆରମ୍ଭ ହୋଇଗଲା। ଫଳରେ ମୋର ପୁଅ ମୋର କମ୍ପାନୀ ଚଳାଇଲା। ମୁଁ ମୋର ପୁଅକୁ କହିଥିଲି ଯେ ପୁଅରେ ରାଜେଶଙ୍କୁ କେବେ ମଧ୍ୟ କୌଣସି ଅସୁବିଧା ହେବାକୁ ଦେବୁ ନାହିଁ। ମୋର ଦେହ ଖରାପ ଯୋଗୁଁ ମୁଁ କମ୍ପାନୀ ଆସିବା ଛାଡ଼ିଦେଲି। ମୋର ଚିକିତ୍ସା ପାଇଁ ମୁଁ ବିଦେଶ ଚାଲିଗଲି।

ଏବେ ମାତ୍ର ସପ୍ତାହେ ତଳେ ମୁଁ ବିଦେଶରୁ ଆସିବା ପରେ ଶୁଣିଲି ଯେ ରାଜେଶ ଆଉ ଆମ ଭିତରେ ନାହାନ୍ତି। ମୋତେ ବହୁତ ଦୁଃଖ ଲାଗୁଛି। ଯେଉଁ ଲୋକ ମୋ ଦେହ ଖରାପ ସମୟରେ ମୋ କମ୍ପାନୀକୁ ବୁଡ଼ିବାକୁ ନ ଦେଇ ସମ୍ଭାଳି ରଖିଥିଲା ମୁଁ ତାଙ୍କର ଶେଷ ସମୟରେ ତାଙ୍କୁ ସାହାଯ୍ୟ କରିପାରିଲିନାହିଁ।

ମୋର ପୁଅ କେବଳ ଗୋଟିଏ ମାସର ଦରମା ଦେଇ ଆପଣମାନଙ୍କୁ ଏପରି ଅବସ୍ଥାରେ ଏକୁଟିଆ ଛାଡ଼ିଦେଲା। ହୁଏତ ମୁଁ ଯଦି ସେତେବେଳେ ଏଠାରେ ରହିଥାନ୍ତି ତେବେ ନିଶ୍ଚୟ ତାଙ୍କର ଭଲ ଚିକିତ୍ସା କରାଇ ପାରିଥାନ୍ତି।" ଏତିକି କହିସାରି ସେ ରହିଗଲେ ଓ କିଛି ସମୟ ପାଇଁ ଚୁପ ହୋଇଗଲେ।

ଶାରଦା ତା ପରେ କହିଲେ, "ହଁ, ବାବୁ! ସେ ମଧ୍ୟ ଆପଣଙ୍କ ବିଷୟରେ ସବୁବେଳେ ବହୁତ କଥା କହୁଥିଲେ। ମୋତେ କ୍ଷମା କରିଦେବେ, ମୁଁ ଆପଣଙ୍କୁ ଚିହ୍ନିପାରିଲି ନାହିଁ। ସେମିତି ଦେଖିବାକୁ ଗଲେ ବିଧିର ବିଧାନକୁ କିଏ କାଟିପାରିବ? ତାଙ୍କର ଦୁଇଟିଯାକ ବୃକକ ଖରାପ ହୋଇଯାଇଥିଲା। ଫଳରେ ଡାକ୍ତରମାନେ କିଛି କରିପାରିଲେ ନାହିଁ।"

ଶାନ୍ତିଲାଲ ଶାରଦାଙ୍କୁ ଦେଖିଲେ ଓ କହିଲେ, "ନାହିଁ, ଝିଅ! ମୁଁ ରାଜେଶର ଦୋଷୀ। ମୁଁ ଏଠାରେ ଥିଲେ ନିଶ୍ଚୟ ତାଙ୍କର ଭଲରେ ଚିକିତ୍ସା କରାଇଥାନ୍ତି। ଛାଡ଼, ସେ କଥା! ଯାହା ହେବାର ଥିଲା ହୋଇଗଲାଣି, ଆଉ ତାକୁ ବଦଳାଯାଇପାରିବ ନାହିଁ। କିନ୍ତୁ ଏବେ ଠାରୁ ତୁମେ ଆଉ ଚିନ୍ତା କର ନାହିଁ। ରାଜେଶର ଦରମା ଯେଉଁ ପର୍ଯ୍ୟନ୍ତ ତୁମ ପୁଅକୁ ଅଠର ବର୍ଷ ନ ହୋଇଛି ସେ ପର୍ଯ୍ୟନ୍ତ ପ୍ରତି ମାସରେ ମିଳିବ। କାଲି ମୁଁ ରହେ ନ ରହେ ତଥାପି ତୁମକୁ ଟଙ୍କା ମିଳିବାରେ ଅସୁବିଧା ହେବ ନାହିଁ। ଦରମା ଠିକ ସମୟରେ ତୁମର ବ୍ୟାଙ୍କ ଖାତାକୁ ଆସିଯିବ। ନିଜର ପୁଅକୁ ତୁମେ ଭଲରେ ପାଠ ପଢ଼ାଅ। ରାଜେଶଙ୍କ ସବୁ ଇଚ୍ଛା ଏବେ ତୁମେ ପୂରଣ କର।"

ଏହା ଶୁଣି ଶାରଦା କାନ୍ଦିବାକୁ ଲାଗିଲେ। ରିତେଶ ମଧ୍ୟ କାନ୍ଦୁଥିଲା। ଶାରଦା ତା ପରେ କହିଲେ, "ବାବୁ! ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ। ନହେଲେ କିଏ ଏସବୁ କାହା ପାଇଁ କରୁଛି? ମରିବା ସମୟରେ ସେ କହୁଥିଲେ, "ଯଦି ବାବୁ ଏଠାରେ ଥାଆନ୍ତେ, ସେ ମୋର ନିଶ୍ଚୟ ଦେଖାଶୁଣା କରିଥାନ୍ତେ। "ତାଙ୍କୁ ଜଣା ନ ଥିଲା ଯେ, ବାବୁ ତାଙ୍କର ଯିବା ପରେ ମଧ୍ୟ ଆମର ଦେଖାଶୁଣା କରିବେ ବୋଲି।"

ଶାନ୍ତିଲାଲ ଯିବା ପାଇଁ ବାହାରିଲେ ଓ ଯାଉ ଯାଉ କହିଲେ, "ପୁଅରେ! ପାଠ ପଢ଼ି ନିଜର ବାପାଙ୍କ ଭଳି ହେବୁ। ତାଙ୍କର ଯିବା ପରେ ତାଙ୍କ ଭଳି ଲୋକଟିଏ ମିଳିବା ଆମ ପାଇଁ ବହୁତ କଷ୍ଟକର ହୋଇପଡୁଛି। ତାଙ୍କର ଅଭାବ ଆମେ ବହୁତ ଅନୁଭବ କରୁଛୁ।"

ତାଙ୍କର ଯିବା ପରେ ରିତେଶ ଶାରଦାଙ୍କୁ କୁଣ୍ଢେଇ ଧରି କହିଲା, "ମାଆ! ମୁଁ ବହୁତ ପାଠ ପଢ଼ିବି। କାଲି ଠାରୁ ସବୁଦିନ ସ୍କୁଲ ବି ଯିବି।"

ତା ପରଦିନ ହିଁ ଶାରଦାଙ୍କ ଖାତାକୁ ଦରମା ଆସି ଗଲା। ଏମିତିରେ କିଛିମାସ ବିତିଗଲା। ଦିନେ ଶାରଦାଙ୍କ ମନକୁ ଆସିଲା ଯେ ଥରେ ଶାନ୍ତିଲାଲଙ୍କୁ ଦେଖା କରି ତାଙ୍କୁ ଧନ୍ୟବାଦ କରିବା ପାଇଁ। ସେ ତାଙ୍କ ଘରର ଠିକଣା ପଚାରି ତାଙ୍କର ବଙ୍ଗଳା ପାଖରେ ପହଞ୍ଚିଲେ। ତାଙ୍କୁ ବଙ୍ଗଳାର ସୁରକ୍ଷାକର୍ମୀମାନେ କହିଲେ ଯେ ଶାନ୍ତିଲାଲ ଯେବେଠାରୁ ବିଦେଶରୁ ଆସିଥିଲେ, ତାର ମାତ୍ର ପନ୍ଦର ଦିନ ଭିତରେ ହିଁ ତାଙ୍କର ଦେହ ବହୁତ ଖରାପ ହେବା ଯୋଗୁଁ ସେ ମୃତ୍ୟୁବରଣ କରିସାରିଛନ୍ତି।

ସତ ଜାଣିବା ପରେ ଶାରଦାଙ୍କ ଆଖିରୁ ଲୁହଧାର ବାହାରି ଆସିଲା। ମନରେ ସେ ଭାବୁଥିଲେ, "ତେବେ ଶାନ୍ତିଲାଲ କଣ କେବଳ ତାଙ୍କର ମଙ୍ଗଳ କରିବା ପାଇଁ ଆସିଥିଲେ? ନିଜର କିଛି ବଳକା ଋଣ ସୁଝିବା ପାଇଁ!" ଏହା ଭାବି ଭାବି ସେ ନିଜ ଘର ଆଡ଼କୁ ଅଗ୍ରସର ହେଲେ। ଏହା ପରେ ମଧ୍ୟ ପ୍ରତିମାସରେ ତାଙ୍କ ବ୍ୟାଙ୍କ ଖାତାକୁ ଦରମା ନିୟମିତ ଆସୁଥିଲା। ରିତେଶର ପାଠପଢ଼ା ମଧ୍ୟ ଭଲରେ ଚାଲୁଥିଲା। ଯେବେ ମଧ୍ୟ ଶାରଦା ବ୍ୟାଙ୍କକୁ ଯାଇ ଟଙ୍କା ଉଠାଉଥିଲେ ସେତେବେଳେ ତାଙ୍କ ଆଖିରୁ ଲୁହ ବାହାରି ଆସୁଥିଲା।

*ପ୍ଲଟ୍ ନଂ. - ୯୫୯/୧୦, ଘର ନଂ. - ୨୧, ସମ୍ପିତ ଭିଲା,*
*ଘାଟିକିଆ, ଭୁବନେଶ୍ୱର - ୭୫୧୦୨୯*
*ଦୂରଭାଷ: ୯୯୩୭୭୨୩୫୭୯*

# ଅପରାଧୀ

ମୂଳ ଇଂରାଜୀ- ଗାଏ.ଡ଼ି - ମୋପାସାଁ
ମର୍ମାନୁବାଦ- ଲିଙ୍ଗରାଜ ମହାନ୍ତି

ସବୁଦିନ ପରି ସେଦିନ ବି ପୂର୍ବତନ ସୈନିକ ତଥା ବର୍ତ୍ତମାନର ପୋଷ୍ଟ ପିଅନ ମେଡ଼ରିକ ରମ୍ପେଲ୍ ପୋଷ୍ଟ ଅଫିସରୁ ନିର୍ଦ୍ଧାରିତ ସମୟରେ ଚିଠି ବାଣ୍ଟିବା ଉଦ୍ଦେଶ୍ୟରେ ବାହାରିଗଲେ। ଲୋକମାନେ ତାଙ୍କୁ ମେଡ଼ରିକ ବା ରମ୍ପେଲ ନ ଡାକି ମାଦେରୀ ବୋଲି ଡାକୁଥିଲେ। ଖୁବ୍ ଦୃତ ଗିତରେ ଚାଲି ସହର ଓ ଘାସ ପଡ଼ିଆକୁ ଅତିକ୍ରମ କଲାପରେ ବ୍ରିନ୍ଦଲ ନଈ ବନ୍ଧରେ ଯାଇ କାର୍ଭେଲିନ ଗ୍ରାମରେ ପହଞ୍ଚି ଚିଠି ବାଣ୍ଟିବା ଆରମ୍ଭ କଲେ।

ନଦୀ ବନ୍ଧରେ ସେ ଦ୍ରୁତ ଗିତରେ ଚାଲିଲେ। ନଦୀବନ୍ଧ କେଉଁଠାରେ ଚଉଡ଼ା ଥିଲାତ କେଉଁଠାରେ ସଂକୀର୍ଣ୍ଣ। ମେଡ଼ରିକ ଯିବା ବେଳେ ପ୍ରକୃତିର ଶୋଭା ଉପଭୋଗ କରୁଥିଲେ। ନଈକୁ ଚାହୁଁଥିଲେ। ନଈ କେଉଁଠି କୁଳୁକୁଳୁ ନାଦ କରି ବହୁଥିଲାତ କେଉଁଠି ଜଳ ପ୍ରପାତ ଭଳି ପାଣି ତଳକୁ ପଡୁଥିଲା। ଏସବୁ ଭିତରେ ମେଡ଼ରିକ ତାଙ୍କ ଚିଠି ବାଣ୍ଟିବାର ଯୋଜନା ମନେମନେ ପ୍ରସ୍ତୁତ କଲେ।

ପ୍ରଥମେ ସେ ଚିଠି ପ୍ରଭନଙ୍କ ଘରେ ଦେବେ। ତା'ପର ଚିଠିଟି ରେନର୍ଦ୍ଦଙ୍କର। ରେନର୍ଦ୍ଦଙ୍କ ଘରକୁ ଯିବା ପାଇଁ ତାଙ୍କୁ ଜଙ୍ଗଲ ବାଟ ଦେଇ ଯିବାକୁ ପଡ଼ିବ।

ସେ ନୀଳ ରଙ୍ଗର ସାର୍ଟ ପିନ୍ଧିଥିଲେ। ଅଣ୍ଟାରେ କଳା ରଙ୍ଗର ବେଲ୍ଟ। ସବୁଦିନ ପରି ସେ ଜୋର ପାଦ ପକାଇ ବାଟ ଚାଲିଲେ। ଜଙ୍ଗଲର ସବୁଜିମା ପାର ହେଲାପରେ ରମ୍ପେଲ ବ୍ରିନ୍ଦଲ ନଦୀ ଆର ପଟକୁ ଯିବା ପାଇଁ କାଠ ପୋଲ ଉପରେ ପାଦ ରଖିଲେ। ପୋଲଟି ଗୋଟିଏ ବଡ଼ ଗଛର ଗଣ୍ଡି ଦ୍ୱାରା ନିର୍ମିତ ହୋଇଥିଲା। ଏହାର ବାଡ଼ ଥିଲା ଏକ ଦଉଡ଼ି। ଦଉଡ଼ିଟି ନଈ କୂଳରେ ପୋତା ହୋଇଥିବା ଲୁହା ଖୁଣ୍ଟରେ ବନ୍ଧା ହୋଇଥିଲା।

ଜଙ୍ଗଲଟି ଜିଲ୍ଲାର ସବୁଠାରୁ ନାମଯାଦା ଜମିଦାର ତଥା ଜାର୍ଭେଲିନର ମେୟର ରେନଦଙ୍କର। ଏଥିରେ ଅନେକ ଗୁଡିଏ ପୁରୁଣା ଗଛ ଖୁଣ୍ଟପରି ଆକାଶକୁ ମୁଣ୍ଡ କରି ଛିଡ଼ା ହୋଇଥିଲେ। ନଦୀ କଡ଼ରେ ପ୍ରାୟ ଅଧଏକର ଜମି ମାଡ଼ିବସିଥିବା ଏହି ଜଙ୍ଗଲଟି ସବୁଜିମାରେ ପରିପୂର୍ଣ୍ଣ ଥିଲା। ମାତ୍ର ଏହି ଜଙ୍ଗଲଟି ନଈ କୂଳରେ ଥିବାରୁ ଠାଏଠାଏ ନଈ କୁଳରେ ଥିବା ଶିଉଳି ଓ ନଈ ପାଣିରେ ପଡ଼ିଥିବା ପତ୍ର ଓ ଶୃଙ୍ଖଳ ଡ଼ାଳ ପଚି ଯାଇ ଦୁର୍ଗନ୍ଧ ସୃଷ୍ଟି କରୁଥିଲା।

ମେଡ଼ରିକ ଜାଣିଶୁଣି ତା ଚାଲିବାର ଗତି କମାଇଲେ। ସକାଳ ଆଠଟାରେ ତାଙ୍କୁ ଜଙ୍ଗଲ ଭିତରେ ଗରମ ଲାଗୁଥିଲା। ସେ ମୁଣ୍ଡରୁ ଟୋପି କାଢ଼ିଲେ। ମୁହଁରୁ ଝାଳ ପୋଛିଲେ। ଟିକିଏ ବିଶ୍ରାମ ନେଲାପରେ ନିଜର ଗନ୍ତବ୍ୟ ପଥରେ ଅଗ୍ରସର ହେବା ପାଇଁ ମୁଣ୍ଡରେ ଟୋପୀ ପିନ୍ଧିଲେ। ସେ ଯିବା ପାଇଁ ପାଦ ପକାଇଲା ବେଳେ କିଛି ଦୂରରେ ଥିବା ଗଛ ମୂଳରେ ପିଲାଙ୍କ ଛୁରୀ ଦେଖି ଅଟକି ଗଲେ।

ଛୁରୀଟିକୁ ଉଠାଇଲା ବେଳେ ତା' ନିକଟରେ ସିଲେଇ ବେଳେ ଆଙ୍ଗୁଠି ଉପରେ ପିନ୍ଧା ଯାଉଥିବା ଲୁହା ଟୋପିଟିଏ ପଡ଼ିଥିବାର ଦେଖିଲେ। ସେ ଲୁହା ଟୋପୀକୁ ଉଠାଇ ଦୁଇ ଖୋଜ ଯିବାପରେ ଛୁଞ୍ଚିଡ଼ବାଟିଏ ପାଇଲେ।

ସମସ୍ତ ଜିନିଷକୁ ଏକତ୍ର କରି ମେଡ଼ରିକ ଭାବିଲେ, ସେ ପାଇଥିବା ଜିନିଷ ଗୁଡ଼ିକ ମେୟରଙ୍କ ଜିମା ଦେଇଦେବେ। ମନକଥା ମନରେ ରଖି ବାଟ ଚାଲୁଥିବା ବେଳେ ତାଙ୍କ ଆଖି ଏପଟ ସେପଟକୁ ସ୍ୱତଃ ଘୂରି ବୁଲୁଥିଲା। କାଳେ ଆଉକିଛି ଜିନିଷ ଏମିତି କେଉଁଠି ପଡ଼ିଥିବ। ହଠାତ୍ ସେ ନିଶ୍ଚଳ ହୋଇ ଛିଡ଼ା ହେଲେ। ସତେ ଯେମିତି ଏକ ଅଦୃଶ୍ୟ ପାଚେରୀ ତାଙ୍କୁ ବାଟ ଓଗାଳୁଛି। ଛୋଟ ଝିଅଟିର ଉଲଗ୍ନ ଶରୀର ଚିତ୍ ହୋଇ ପଡ଼ିଆରେ ପଡ଼ି ରହିଛି। ପିଲାଟିର ଦୁଇ ହାତ ଦୁଇ ପଟକୁ ମେଲାହୋଇ ଥିଲାବେଳେ ଦୁଇ ଗୋଡ଼ ମେଲା ହୋଇଥିଲା। ତା ମୁହଁରେ ରୁମାଲ ବନ୍ଧା ଯାଇଥିଲା। ଗୋଡ଼ ଉପରେ ରକ୍ତର ଧାର।

ମେଡ଼ରିକ ଅପ୍ରତ୍ୟାଶିତ ଭାବେ ଏପରି ଏକ ଦୃଶ୍ୟ ଦେଖି କଣ କରିବେ ଭାବି ପାରୁନଥିଲେ। ତାଙ୍କୁ ଭୟ ଲାଗୁଥିଲା ସେ ଝିଅଟିର ବୟସ

କଳନା କଲେ। ପ୍ରାୟ ବାର, ତେର ବର୍ଷ ବୟସ ହେବ। ସେ ଭାବିଲେ ସମ୍ଭବତଃ ଛୋଟ ଝିଅଟି ଗଭୀର ନିଦରେ ଶୋଇପଡ଼ିଛି। ତାଙ୍କର ମନେ ପଡ଼ିଲା ଏତେ ସକାଳୁ କୌଣସି ଝିଅ ଏ ଜଙ୍ଗଲ ଭିତରକୁ ଶୋଇବାକୁ ଆସିବ ନାହିଁ। ତେବେ! ତେବେ କଣ ଏ କୁନି ଝିଅଟା ମରିଯାଇଛି! ପୁରୁଣା ସୈନିକ ଭାବେ ତାଙ୍କ ଆଖି ସାମ୍ନାରେ ଘଟିଯାଇଥିବା ଅପରାଧର ପରିକଳ୍ପିତ ଦୃଶ୍ୟ ଝଲସି ଉଠିଲା। ତାଙ୍କ ଦେହ ଥରିଲା। ହତ୍ୟା, ପୁଣି ଶିଶୁ କନ୍ୟାର ହତ୍ୟା। ଏ ଅଞ୍ଚଳରେ ପୂର୍ବରୁ କେଉଁଠି ହତ୍ୟାକାଣ୍ଡ ଘଟିବା ସେ ଅଦ୍ୟାବଧି ଶୁଣିନଥିଲେ। ତାଙ୍କଠାରୁ ଅଳ୍ପଦୂରରେ ଝିଅଟିର ନୀରବ ଓ ନିଶ୍ଚଳ ଶରୀରକୁ ଦେଖି ସୁଦ୍ଧା ସେ ବିଶ୍ୱାସ କରିପାରୁନଥିଲେ। ନିରୀକ୍ଷଣ କରିବାପରି ସେ ମୃତ ଝିଅର ଉଲଗ୍ନ ଶରୀରକୁ ଚାହିଁଲେ। ବହି ଆସିଥିବା ରକ୍ତ-ଧାର ବ୍ୟତୀତ ତା ଦେହରେ ଅନ୍ୟ କେଉଁଠି କିଛି କ୍ଷତ ଚିହ୍ନ ଦିଶୁ ନଥିଲା।

ମେଡ଼ରିକ ଆହୁରି ନିକଟତର ହେଲେ। ହାତରେ ଧରିଥିବା ବାଡ଼ି ଉପରେ ଆଉଜି ଝିଅଟି କିଏ ଓ କେତେ ସମୟ ପୂର୍ବରୁ ମରିଛି ଜାଣିବାକୁ ନିଜର ସ୍ମୃତି ଶକ୍ତିକୁ ବିନିଯୋଗ କଲେ। ମାତ୍ର ଝିଅର ମୁହଁ ଉପରେ ରୁମାଲ ଥିବାରୁ ମେଡ଼ରିକଙ୍କୁ ଚିହ୍ନିବାରେ ଅସୁବିଧା ହେଲା। ସେ ଝିଅର ମୁହଁ ଉପରୁ ରୁମାଲ କାଢ଼ିଦେବା ଉଦ୍ଦେଶ୍ୟରେ ପ୍ରସ୍ତୁତ ହେଉଥିଲାବେଳେ ଅଟକି ଗଲେ। ଅନେକ ପ୍ରଶ୍ନ ତାଙ୍କ ମନକୁ ଆନ୍ଦୋଳିତ କଲା।

ଏହି ଅପ୍ରତ୍ୟାଶିତ ମୃତ୍ୟୁ ପାଇଁ ଆଇନଗତ ତଦନ୍ତ ପୂର୍ବରୁ ଝିଅଟିର ଶରୀରକୁ ସ୍ପର୍ଶ କରିବା ଉଚିତ୍ ନୁହେଁ।

ଅବସରପ୍ରାପ୍ତ ସୈନିକ ଭାବେ ଆଇନ ସମ୍ପର୍କରେ ସେ କିଛି ଜାଣିଥିଲେ ଓ ଆଇନକୁ ଯଥୋଚିତ ସମ୍ମାନ ଦେଉଥିଲେ। କାରଣ ସେ ଜାଣିଥିଲେ ଯେ ଆଇନର ହାତ ଖୁବ୍ ଲମ୍ବା ଓ ସାତତାଳ ପଙ୍କ ତଳୁ ସତ୍ୟକୁ ଖୋଜି ବାହାର କରିବା ଆଇନ ଦ୍ୱାରା ସମ୍ଭବ। ଝିଅଟିର ମୃତ୍ୟୁର ପ୍ରକୃତ କାରଣ ହୁଏତ ତା ମୁହଁରେ ବନ୍ଧା ହୋଇଥିବା ରୁମାଲ ତଳେ ଛପି ରହିପାରିଥାଏ।

ସେ ଏହାକୁ କାଢ଼ିଦେଲେ ତଦନ୍ତରେ ବାଧା ଉପୁଜିପାରେ। ପ୍ରକୃତ ତଦନ୍ତ ଧାରାରେ ବ୍ୟାଘାତ ସୃଷ୍ଟି ହୋଇପାରେ।

ମେୟରଙ୍କ ପାଖକୁ ଯାଇ ଏଇ ଅଭାବନୀୟ ପରିସ୍ଥିତି ସମ୍ପର୍କରେ ଜଣାଇବା ପାଇଁ ଧାଇଁ ଯିବାକୁ ଉଦ୍ୟତ ହେଉଥିଲାବେଳେ ଆଉ ଏକ ଭାବନା ତାଙ୍କ ମନକୁ ଗ୍ରାସ କଲା। ଝିଅଟି ଯଦି ନମରି ଅଚେତ ଅବସ୍ଥାରେ ଶୋଇଥାଏ ତାକୁ ଛାଡ଼ିଦେଇ ଯିବା ତାଙ୍କ ପକ୍ଷରେ ଉଚିତ୍ ହେବକି? ମେଡ଼ରିକ୍ ହାତ ବଢ଼ାଇ ଝିଅର ପାଦକୁ ଆସ୍ତେ ଛୁଇଁ ଚକିତ ହେଲେ। ତାଙ୍କ ତଣ୍ଟି ଶୁଖିଗଲା। ସେ ଆଉ ବିଳମ୍ବ ନକରି ମେୟର ରେନାର୍ଡଙ୍କ ଘର ଆଡ଼କୁ ଏକରକମ ଦୌଡ଼ିବା ଆରମ୍ଭ କରିଦେଲେ।

କାଖରେ ବାଡ଼ିଟିକୁ ଯାକି ଧରି ମେଡ଼ରିକ ଜଙ୍ଗଲ ଭିତରେ ଦୌଡୁଥିଲାବେଳେ ତାଙ୍କ ମୁଣ୍ଡ ଆଗକୁ ଝୁଙ୍କି ପଡ଼ିଥିଲା। ଚିଠି ଓ ଖବର କାଗଜ ଭର୍ତ୍ତି ହୋଇଥିବା ଚମଡ଼ାର ଡାକ ବ୍ୟାଗଟି ତାଙ୍କ ପିଠିରେ ପଡ଼-ଉଠୁ ହେଉଥିଲା

ଗଛ ଗହଳି ଶେଷରେ ମେୟର ରେନାର୍ଡଙ୍କ ଘର। ଘର ଆଗରେ ଗଛ ଗୁଡ଼ିକ ପାର୍କ ପରି ମନେ ହେଉଥିଲା। ଘରର ପାଚେରୀ ବ୍ରିନ୍ଦଲ ନଦୀ ଧାରକୁ ଯେଉଁଠି ଛୁଉଁଥିଲା ସେଇଠି ନଈ ବେଶ ଚଉଡ଼ା ହୋଇ ପୋଖରୀର ଭ୍ରମ ସୃଷ୍ଟି କରୁଥିଲା।

ଧୂସର ରଙ୍ଗର ବିରାଟ ଚାରିକଣିଆ ଘରଟି ଅତି ପୁରୁଣା। ଘର ଶେଷ ମୁଣ୍ଡରେ ଥିବା ପାଣି ଭିତରେ ୨୦ମିଟର ଉଚ୍ଚତା ସମ୍ପୂର୍ଣ୍ଣ ଗମ୍ବୁଜଟିଏ କେଉଁ କାଳରୁ ଦଣ୍ଡାୟମାନ। ଏହି ଗମ୍ବୁଜ ଉପରେ ଛିଡ଼ା ହେଲେ ସମଗ୍ର କାଭେଲିନ ଅଞ୍ଚଳ ଦୃଶ୍ୟମାନ ହେଉଥିଲା।

ଲୋକେ କହୁଥିଲେ ଗମ୍ବୁଜର ନାଁ 'ଫକ୍ସ' ଗମ୍ବୁଜ। ଏହାର ପ୍ରକୃତ କାରଣ ଜଣାନଥିଲେ ବି ଦୁଇଶହ ବର୍ଷ ହେଲାଣି ରେନାର୍ଡଙ୍କ ପରିବାର ସେ ଅଞ୍ଚଳର ଏକ ଜଣାଶୁଣା ତଥା ଆଭିଜାତ୍ୟ ପରିବାର ଭାବେ ପରିଗଣିତ ହୋଇ ଆସୁଥିଲେ।

ମେଡ଼ରିକ ରୋଷେଇଘର ଭିତରକୁ ପଶିଗଲେ। ସେ ସମୟରେ ଚାକର-ବାକର ମାନେ ଜଳଖିଆ ଖାଉଥିଲେ। ସେମାନେ ମେଡ଼ରିକର ମୁହଁ ଦେଖି ଚମକି ପଡ଼ିଲେ।

ମେଡ଼ରିକ କହିଲା, "ମେୟର ଉଠିଲେଣି? ମୋର ତାଙ୍କ ସହ ଜରୁରୀ କଥା ଅଛି। ସାଙ୍ଗେସାଙ୍ଗେ ତାଙ୍କୁ ଜଣାଇ ଦିଅତ।"

ମେଡ଼ରିକ ସମସ୍ତଙ୍କର ଜଣାଶୁଣା। ତାଙ୍କ କଥାରୁ ଜଣାପଡୁଥିଲା କିଛି ଅଘଟଣ ଘଟିଛି।

ରେନାର୍ଡଙ୍କୁ ଜଣାଇ ଦେଲାପରେ ସେ ପୋଷ୍ଟମ୍ୟାନକୁ ଭିତରକୁ ଡାକିଲେ। ଶେଥା ପଡ଼ିଯାଇଥିବା ଅଣନିଶ୍ୱାସୀ ପୋଷ୍ଟମ୍ୟାନ, ମେଡ଼ରିକ ହାତରେ ଟୋପି ଧରି ଭିତରକୁ ଯାଇ ଦେଖିଲା ରେନାର୍ଡ ତାଙ୍କ ଟେବୁଲ ପାଖରେ ବସି ସକାଳର କାଗଜ ପଢୁଛନ୍ତି। ଉଚା ଓ ବଳିଷ୍ଠ ଶରୀରଧାରୀ ରେନାର୍ଡ ରାଗୀ ସ୍ୱଭାବର ମଣିଷ ହୋଇଥିଲେବି ସେ ଅଞ୍ଚଳର ଜନପ୍ରିୟ ମଣିଷ ଭାବେ ଖ୍ୟାତି ଅର୍ଜନ କରିଥିଲେ।

ପ୍ରାୟ ଚାଳିଶ ବର୍ଷ ବୟସ୍କ ରେନାର୍ଡ ଛଅ ମାସ ପୂର୍ବରୁ ସ୍ତ୍ରୀକୁ ହରାଇଥିଲେ। ମାତ୍ର ତାଙ୍କ ଚଳିବାର ରଙ୍ଗଢ଼ଙ୍ଗରେ କିଛି ପରିବର୍ତ୍ତନ ଘଟି ନଥିଲା। ତାଙ୍କ ରାଜକୀୟ ଚାଲି ଚଳଣୀରେ ନିଜର ରାଗୀ ସ୍ୱଭାବ ଅସୁବିଧା ସୃଷ୍ଟି କରୁଥିଲା। କିନ୍ତୁ କଚେରୀର ମାଜିଷ୍ଟ୍ରେଟମାନଙ୍କ ସହୃଦୟତା ଯୋଗୁଁ ସେ ରକ୍ଷା ପାଇଯାଉଥିଲେ। ଘୋଡ଼ା ଗାଡ଼ିଟିକୁ ଗଡ଼େଇ ଦେଇଥିବାରୁ ସେ ଚାଳକକୁ ଗାଡ଼ିରୁ ତଳକୁ ଫିଙ୍ଗି ଦେଇଥିଲେ। ପଡ଼ୋଶୀଘର ଜଙ୍ଗଲରେ ପଶି ବନ୍ଧୁକ ସାହାଯ୍ୟରେ ଶିକାର କରୁଥିବାବେଳେ ପଡ଼ୋଶୀଘର ଜଗୁଆଳୀ ତାଙ୍କୁ ଧରିବାରୁ ସେ ତାକୁ ମାରି ହାଡ଼ ଭାଙ୍ଗି ଦେଇଥିଲେ। ସରକାରୀ କର୍ମଚାରୀଟିଏ ତାଙ୍କ ଗାଁକୁ ଆସି ଲୋକଙ୍କୁ ଆଇନ ସମ୍ପର୍କରେ ବତାଉଥିବାରୁ ରେନାର୍ଡ ତାକୁ ବାନ୍ଧି ପକାଇଲେ।

- କଣ ହେଲା?" ମେଡ଼ରିକକୁ ମେୟର ପଚାରିଲେ।

– ଆପଣଙ୍କ ବଗିଚା ଭିତରେ ଛୋଟ ଝିଅଟିଏ ମରିପଡ଼ିଥିବାର ମୁଁ ଦେଖିଆସିଲି।

ରେନାର୍ଦ ଛିଡ଼ା ହୋଇଗଲେ। ତାଙ୍କ ମୁହଁ ଲାଲ ଦିଶିଲା।

"କଣ କହିଲ ? ଛୋଟିଆ ଝିଅଟିଏ ?"

"ହଁ ଆଜ୍ଞା, ଛୋଟିଆ ଝିଅଟିଏ, ପୁରା ଲଙ୍ଗଳା ହୋଇ, ଚିତ୍ ହୋଇ ପଡ଼ିଛି, ତା ଦେହରେ କିଛି ରକ୍ତ ଲାଗିଛି, ସେ ମୃତ – ପୁରାପୁରି ମରିଯାଇଛି।

'ହେ ଭଗବାନ', ଦୀର୍ଘ ଶ୍ୱାସ ଛାଡ଼ି ମେୟର କହିଲେ, 'ସେ ନିଶ୍ଚୟ ଛୋଟ ଲୁଇସ୍ ହେବ ! ମୁଁ ଶୁଣିଲି ଗତ ରାତିରେ ସେ ତା ମା'ପାଖକୁ ଫେରି ନାହିଁ। ତୁମେ ତାକୁ କେଉଁଠି ଦେଖିଲ ?"

ପୋଷ୍ଟମ୍ୟାନ ସବୁ କଥା କହିଗଲା। ମେୟରଙ୍କୁ ଝିଅଟି ମରି ପଡ଼ିଥିବା ସ୍ଥାନକୁ ନେଇଯିବା ପାଇଁ ପ୍ରସ୍ତାବ ଦେଲା।

ରେନାର୍ଦଙ୍କ ମୁହଁ ଗମ୍ଭୀର ଦିଶିଲା। ସେ କହିଲେ, 'ନା, ତୁମର ଯିବା ଦରକାର ନାହିଁ। ତମେ ଜଗୁଆଳୀ, ମୋ ସେକ୍ରେଟାରୀ ଓ ଡାକ୍ତରଙ୍କୁ କୁହ ମୋ ପାଖକୁ ଆସିବେ। ସେମାନେ ମୋତେ ବଗିଚାରେ ଦେଖା କରିବେ। ସେମାନଙ୍କୁ ଯଥା ଶୀଘ୍ର କହିଦେଇ ତୁମେ ଡାକ ବାଣ୍ଟିବାରେ ଚାଲିଯିବ।

ଡାକ ବାଣ୍ଟୁଥିବା ମେଡ଼ରିକ ଶୃଙ୍ଖଳିତ ଭାବେ ନିଜର ଦାୟିତ୍ୱ ତୁଲାଇବା ପାଇଁ ଚାଲିଗଲା। ଅନୁସନ୍ଧାନବେଳେ ତାର ଅନୁପସ୍ଥିତି ଜନିତ ଗ୍ଲାନିକୁ ମନରୁ ଲିଭେଇବାକୁ ଚେଷ୍ଟା କଲା।

ଡାକବାଲା ଫେରିଯିବା ପରେ ମେୟର ତାଙ୍କ ଟୋପିକୁ ଧରି ବାହାରିଗଲେ। ଯିବାବେଳେ ଦୁଆର ମୁହଁରେ ଛିଡ଼ାହୋଇ ସାମ୍ନାକୁ ଚାହିଁଲେ। ବିରାଟ ଘାସ ଲନ୍ ଭିତରେ ନାନା ଜାତିର ଫୁଲ ଫୁଟି ଗଛର ଶୋଭା ବଢ଼ାଇ ଲୋକଙ୍କୁ ଆନନ୍ଦିତ କରୁଛି। ବ୍ରିନ୍ଦଲ ନଈଟା ବଡ଼ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଗଛ ଗୁଡ଼ିକ ନିଜ ନିଜର କାୟା ବିସ୍ତାର କରି ଆକାଶକୁ ଛୁଇଁବାକୁ ଚେଷ୍ଟା କରୁଛନ୍ତି। ଡାହାଣ ପଟେ ଘୋଡ଼ାଶାଳ ଓ ଚାକରଙ୍କ ରହିବା ଘର। ତା ପଛକୁ ତାଙ୍କ ଗାଁର ଗଉଡ଼ମାନଙ୍କ ରହିବା ଘର।

ରେନାର୍ଦ ଧିରେ ପାହାଚରୁ ଓହ୍ଲାଇ ହାତ ଦୁଇଟିକୁ ପଛରେ ରଖି ଆସ୍ତେ ଜଳଧାରା କଡ଼େକଡ଼େ ଚାଲିଲେ। ମଝିରେ ମଝିରେ ପଛକୁ ଚାହୁଁଥିଲେ, ଯେଉଁମାନଙ୍କୁ ସେ ଡକାଇଛନ୍ତି ସେମାନେ ଆସିଲେଣିକି ନାହିଁ ଖୋଜୁଥିଲେ। ଖରା ଯୋଗୁଁ ମେୟର ଗଛ ଛାଇରେ ଛିଡ଼ା ହେଲେ। ଜୁଲାଇ ମାସ। ଖରା ପୃଥିବୀ ଉପରେ ନିଆଁ ବର୍ଷିବାପରି ପଡୁଥିଲା। ମୁଣ୍ଡରୁ ଟୋପିଖୋଲି ରୁମାଲରେ ମୁହଁର ଝାଳ ପୋଛିଲେ। କେହି ପହଞ୍ଚି ନଥିବାରୁ ସେ ମାଟିରେ ପାଦପିଟି ଚିତ୍କାର କଲେ। "ହେ ! ହେ !" ତାଙ୍କ ଶବ୍ଦର ପ୍ରତିଧ୍ୱନୀ ଶୁଭିଲା, "ହେ ! ହେ !"

କିଛି ଦୂରରେ ଡାକ୍ତର ବାଡ଼ିଧରି ଆସୁଥିବାର ଦେଖାଗଲା। ଡାକ୍ତର ଦେଖିବାକୁ ପତଳା ଓ ଗେଡ଼ାଥିଲେ। ଯନ୍ତ୍ରରୁ ଅବସର ନେବାପରେ ଏ ଅଞ୍ଚଳରେ ତାଙ୍କ ବେଉସା ଭଲ ଚାଲିଛି। ତାଙ୍କ ପରେପରେ କନେଷ୍ଟବଲ ଓ ମେୟରଙ୍କ ସେକ୍ରେଟାରୀ ଆସିଲେ। ସମସ୍ତେ ତରବର ହୋଇ ଆସୁଥିଲେ।।

ରେନାର୍ଦ ଡାକ୍ତରଙ୍କୁ ପଚାରିଲେ, "ଅସୁବିଧାଟା ସମ୍ପର୍କରେ ଜାଣିଲେଣି ?"

'ହଁ, ଗଛ ଗହଳିରେ ମୃତ ଅବସ୍ଥାରେ ପିଲାଟିଏ ପଡ଼ିଥିବାର ମେଡ଼ରିକ ଦେଖିଲେ।'

'ଠିକ୍ ଜାଣିଛ। ଆସ !'

ରେନର୍ଦଙ୍କ କଡ଼େକଡ଼େ ଅନ୍ୟମାନେ ଆଗେଇ ଚାଲିଲେ। ହଠାତ ଡାକ୍ତର ଲାବାର୍ବ ହାତ ଦେଖାଇ କହିଲେ, 'ହେଇ, ସେଇଠି ପଡ଼ିଛି।"

ଦୂର ଗଛତଳେ ଡାଳ ଫାଙ୍କରେ ଆସୁଥିବା ସୂର୍ଯ୍ୟ କିରଣ ମୃତ ଦେହର ପେଟ ଉପରେ ପଡ଼ି ଉଜ୍ଜ୍ୱଳ ଦିଶୁଥିଲା। ଘଟଣା ସମ୍ପର୍କରେ ସେମାନେ ପୂର୍ବରୁ ଜାଣିନଥିଲେ ଆଦୌ ଅନୁମାନ କରିପାରିନଥାନ୍ତେ ଯେ ଏହା ମୃତ ପିଲାର ଶରୀର। ସେମାନେ ମୃତ ଶରୀରର ପାଖକୁ ଗଲେ। ସେମାନେ ଯେତିକି ପାଖକୁ ଯାଉଥିଲେ ସେ ମୃତ ଶରୀରଟି ତାଙ୍କୁ ସେତିକି ସ୍ପଷ୍ଟ ଦିଶୁଥିଲା।

'ପ୍ରବଳ ଗରମ' କହି ମେୟର ତାଙ୍କ ରୁମାଲକୁ ପାଣିରେ ଭିଜେଇ ମୁଣ୍ଡରେ ପକାଇଲେ।

ଡାକ୍ତର ମହାଶୟ ଆଖିରେ ଚଷମା ଲଗାଇ ସେ ମୃତ ଶରୀରକୁ ଚାରିପଟରୁ ନିରୀକ୍ଷଣ କଲେ। ଶବକୁ ନଛୁଇଁ କହିଲେ, 'ଧର୍ଷଣ ଓ ହତ୍ୟା'। ଆମେ ଏହାକୁ ପରୀକ୍ଷା କରିବା। ତା ବେକକୁ ଦେଖ। ସେ ତା' ମୁହଁରେ ଘେରାହୋଇଥିବା ରୁମାଲକୁ କାଢ଼ିଦେଲେ।

ବିକଶିତ ହୋଇ ଆସୁଥିବା ଝିଅଟିର ସ୍ତନ ଯୁଗଳରେ ଆଞ୍ଚୁଡ଼ା ଚିହ୍ନ। ଜିଭ ଓ ଆଖି ବାହାରକୁ ବାହାରି ମୁହଁ କଳା ବିଭତ୍ସ ଦିଶୁଛି। ଡାକ୍ତର କହିଲେ, କାମ ସରିବା ପରେ ଏହାର ଗଳାକୁ ଚିପା ଯାଇଛି। ଲୋକଟି ଖାଲି ହାତରେ ଗଳା ଚିପିଛି। କାରଣ ଗଳାରେ ନଖ ବା ଅନ୍ୟକିଛି ଚିହ୍ନ ନାହିଁ। ମୁଁ ନିଶ୍ଚିତ ଯେ ଏ ହେଉଛି ଛୋଟ ଝି 'ଲୁଇସ ଗୁନ୍'।

କଥା ସାରି ଡାକ୍ତର ରୁମାଲକୁ ପୂର୍ବପରି ମୃତ ଝିଅଟିର ମୁହଁ ଉପରେ ଘୋଡ଼ାଇଦେଲେ ଓ କହିଲେ, " ମୁଁ କିଛି କରିପାରିବି ନାହିଁ। ଝିଅଟି କେତେ ଘଣ୍ଟା ପୂର୍ବରୁ ମରିଯାଇଛି। ଘଟଣା ସମ୍ପର୍କରେ ପୋଲିସ ବହୁତ ପଦକ୍ଷେପ ନେଇ ପାରିବ।

ରେନାର୍ଦ ତାଙ୍କ ପଛପଟେ ହାତଛନ୍ଦି ଠିଆହୋଇ, ଝିଅଟିର ମୃତ ଦେହକୁ ଦେଖୁଥିଲେ। ସେ କ୍ଷୀଣ ସ୍ୱରରେ କହିଲେ, 'ଆହା ବିଚାରୀ ପିଲାଟିଏ। ତା ଲୁଗା କୁଆଡ଼େ ଗଲା ପ୍ରଥମେ ଖୋଜିବା ଦରକାର।'

ଡାକ୍ତର ଝିଅଟିର ଶବରେ ହାତ-ମାରି ଦେଖିବା ପରେ କହିଲେ, 'ସେ ଗାଧୋଇ କରି ଆସିଥିଲା। ତା ଲୁଗା ନଈକୂଳରେ ଥିବ।'

ମେୟର ତାଙ୍କ ସେକ୍ରେଟାରୀ, ପ୍ରିନସପିଙ୍କୁ ଆଦେଶ ଦେବା ଭଙ୍ଗୀରେ କହିଲେ, 'ତୁମେ ଯାଇ ନଈକୂଳ ଖୋଜ। କନେଷ୍ଟବଲ ମାକ୍ସିମକୁ କହିଲେ

ତୁମେ ଯାଇ ତଦନ୍ତ କରୁଥିବା ମାଜିଷ୍ଟ୍ରେଟଙ୍କୁ ଅଫିସରୁ ଡାକି ସାଙ୍ଗରେ ନେଇ ଆସ। ଯେମିତି ଘଣ୍ଟାଙ୍କ ଭିତରେ ପହଞ୍ଚିବେ।

ଦୁହେଁ ନିଜନିଜ ଦାୟିତ୍ୱ ତୁଲାଇବା ଉଦ୍ଦେଶ୍ୟରେ ବାହାରିଯିବା ପରେ ରେନାର୍ଦ ଡାକ୍ତରଙ୍କୁ କହିଲେ, " ଏ ଅଞ୍ଚଳରେ କିଏ ଏପରି କାମ କଲା ?"

ଡାକ୍ତରବାବୁ ଗୁଣୁଗୁଣୁ ହୋଇ କହିଲେ, 'କିଏ ଜାଣିଛି ? ଯେ କେହି ଏହା କରିବା ପାଇଁ ସମର୍ଥ। ସାଧାରଣ ଭାବେ ବିଚାର କଲେ ଯେ କେହି। ଆଉ ନିର୍ଦ୍ଦିଷ୍ଟ ଭାବରେ କେହି ନୁହେଁ। କୌଣସି ଏକ ବୁଲା ଛତରା ହେଉ ଅଥବା କେହି ଜଣେ ବେକାର ଯୁବକ। ଆମ ସାଧାରଣତନ୍ତ୍ର ରାଷ୍ଟ୍ରରେ ଆମେ କେବଳ ସେଇପରି ଲୋକଙ୍କୁ ରାସ୍ତାରେ ପାଇବା।"

ଉଭୟେ ଥିଲେ ବୋନାପାର୍ଟଙ୍କ ସମର୍ଥକ।

ମେୟର କହିଲେ, ହଁ, ସେ ନିଶ୍ଚୟ ବେକାର, ଭାଗାବଣ୍ଡଟା, ହୋଇଥିବ। ତା'ର ଘର, ଦୁଆର ନଥିବ।

ଡାକ୍ତର ମୁରୁକି ହସି କହଲେ, " ସ୍ତ୍ରୀ ବି ନଥିବ, ସେ ଖାଇବାକୁ ପାଉନଥିବ କି ଶୋଇବାକୁ ଘର ନଥିବ। ଆପଣ କହିପାରିବେ ନାହିଁ ଏ ପୃଥିବୀରେ କେତେ ଲୋକ ଅଛନ୍ତି ଯେଉଁମାନେ ଯେ କୌଣସି ମୁହୂର୍ତ୍ତରେ ଯେ କୌଣସି ଅପରାଧ ନିର୍ଦ୍ୱନ୍ଦ୍ୱରେ କରିପାରିବେ।

ଆପଣ ଜାଣିଥିଲେ ଝିଅଟି ଗତ ରାତିରୁ ହଜି ଯାଇଛି ?

ବାଡ଼ି ଅଗ ସାହାଯ୍ୟରେ ସେ ଝିଅଟିର ଟାଣ ଆଙ୍ଗୁଳିକୁ ପିଆନୋ ବଜାଇଲା ପରି ଗୋଟିକପରେ ଗୋଟିଏ ଛୁଇଁଲେ।

ହଁ, ପାୟ ରାତି ୯ଟା ବେଳେ ତା' ମା ଆସି ମତେ କହିଲା ପିଲାଟା ସଂଧ୍ୟା ୭ଟାରେ ଖାଇବା ପାଇଁ ଘରକୁ ଆସିନାହିଁ। ଆମେ ରାତି ଅଧ ପର୍ଯ୍ୟନ୍ତ ରାସ୍ତାରେ ବୁଲି ତାକୁ ଖୋଜିଲୁ। କିନ୍ତୁ ସେତେବେଳେ ଆମ ମନରେ ଏ ବଗିଚା କଥା ଢୁକି ନଥିଲା। ଆମେ ସକାଳ ଆଲୋକକୁ ଅପେକ୍ଷା କଲୁ।

"ସିଗାରେଟ୍ ପିଇବେ ?" ଡାକ୍ତର କହିଲେ।

"ଧନ୍ୟବାଦ। ସିଗାରେଟ୍ ଟାଣିବାକୁ ଇଛା ହେଉନାହିଁ। ଏ ଘଟଣା ମୋତେ ବିବ୍ରତ କରିଛି।"

ଦୁହେଁ ମୃତ ବାଳିକାକୁ ଚାହିଁ ଛିଡ଼ା ହୋଇ ରହିଲେ। କଳା ଶିଉଳି ଉପରେ ଯୁବତୀର ମୃତ ଦେହ ଶୋଥା ଦିଶୁଥିଲା। ଗୋଟାଏ ବଡ଼ ନୀଳ ମାଛି ଦେହ ଉପରେ ଚାଲିଚାଲି ବୁଲିଲା। ରକ୍ତ ଦାଗ ଉପରେ ଟିକିଏ ଅଟକିଯାଇ ତା ଦେହ ଉପରକୁ ଉଠିଗଲା। ଏହା ଗୋଟିଏ ସ୍ତନ ଉପରେ କିଛି ମୁହୂର୍ତ୍ତ ବସିବାପରେ ଉଡ଼ିଯାଇ ଅପର ସ୍ତନ ଉପରେ ବସିଲା। ସମ୍ଭବତଃ ମାଛିଟି କିଛି ପାନୀୟ ଆଶାରେ ଏମିତି କରୁଥିଲା। ଦୁହେଁ ଛିଡ଼ାହୋଇ ମାଛିର ଗତିବିଧିକୁ ଲକ୍ଷ୍ୟ କରୁଥିଲେ।

"କି ସୁନ୍ଦର।" ଡାକ୍ତର କହିଲେ, "ମଣିଷର ଚମ ଉପରେ ମାଛି ! ବିଗତ ଶତାବ୍ଦୀରେ ନାରୀମାନେ ମୁହଁରେ ମାଛିର ଚିତ୍ର ଆଙ୍କୁଥିଲେ। ଏହା ଏକ ଭୁଲ ପରମ୍ପରା ଥିଲା। ମୁଁ ଜାଣି ପାରୁନାହିଁ, କାହିଁକି ସେ ପ୍ରଥା ବନ୍ଦ ହୋଇଗଲା।"

ନିଜ ଭାବନା ଭିତରେ ବୁଡ଼ି ରହି ଡାକ୍ତରଙ୍କ କଥା ମେୟର ଶୁଣିପାରି ନଥିବା ପରି ମନେହେଲା। କିନ୍ତୁ ହଠାତ୍ ସେ ବୁଲି ପଡ଼ିଲେ। ସ୍ତ୍ରୀ ଲୋକଟିଏ ଚିତ୍କାର କରି ଗଛ ଗହଳି ଭିତରୁ ଧାଇଁ ଧାଇଁ ଆସୁଛି। ମେୟର ଦେଖିଲେ, ମା'ରୁକ୍। ରେନାର୍ଦଙ୍କ ଉପରେ ନଜର ପଡ଼ିବାମାତ୍ରେ ସେ ଖୁବ୍ ଉଚ୍ଚ ସ୍ୱରରେ ପଚାରିଲା, "ମୋ ଗେହ୍ଲାଝିଅ,କୁଆଡ଼େ ଗଲା ମୋ ଗେହ୍ଲି ? ଦୁଃଖରେ ରୁକ ଏମିତି ଅଭିଭୂତ ହୋଇ ପଡ଼ିଥିଲେ ଯେ ସେ ତଳକୁ ଚାହିଁ ପାରିନଥିଲେ।

ହଠାତ୍ ନିଜ ଝିଅକୁ ଦେଖି ସେ ସ୍ତବ୍ଧହୋଇ ରହିଗଲେ। ହାତ ଦୁଇଟିକୁ ମୁଠାକରି ଛାଟିଲେ। ତାଙ୍କ ପାଟିରୁ ହୃଦୟଥରା ଚିତ୍କାର ବାହାରୁଥିଲା। ଆହତ ବଣ୍ୟ ଜନ୍ତୁ ପରି ତାଙ୍କ ସ୍ୱର ଶୁଭା ଯାଉଥିଲା। ଝିଅର ମୁହଁ ଉପରୁ ରୁକ୍ ରୁମାଲଟାକୁ କାଢ଼ି ଦେଲେ। ଭୟଙ୍କର, କଳା, ବିକୃତ ମୁହଁକୁ ଦେଖିଲାକ୍ଷଣି ସେ ଟିକିଏ ପଛେଇ ଆସିଲେ ଓ ଭୋ-ଭୋ ହୋଇ କାନ୍ଦିଲେ। ତାଙ୍କର ଦେହ ଥରୁଥିଲା।

ଡାକ୍ତର ଗୁଣୁଗୁଣୁ ହୋଇ କହିଲେ, 'ଆହା, ବିଚାରୀ ବୁଢ଼ୀ।"

ରେନାର୍ଦ ଅଦ୍ଭୁତ ଭାବରେ ପ୍ରଭାବିତ ହେଲେ। ତାଙ୍କର ଛିଙ୍କ ଆରମ୍ଭ ହେଲା। ସେ ପକେଟ୍‌ରୁ ରୁମାଲ କାଢ଼ି, ଶବ୍ଦ କରି, ନାକ ବନ୍ଦ କରି, ଆଖିରୁ ଲୁହ ଗଡ଼ାଇ ଛିଙ୍କିଲେ। ଛିଙ୍କିବା ସହ ଖଣ୍ଡି ଖଣ୍ଡି କରି କହିଲେ, "ହେ, ଭ-ଗ-ବା-ନ, ମୁଁ...ମୁଁ....ଯିଏ...ଏ କାମ କରିଛି...ସେ ଘୁଷୁରୀକୁ....ଫା...ଶୀ...ରେ ଝୁଲିବା...ଦେଖି...ବାକୁ...ଚାହେଁ।

ପ୍ରିନ୍‌ସିପ୍ କିଛି ନପାଇ ଫେରି ଆସି କହିଲା, "ସାର୍ କିଛି ମଳିଲା ନାହିଁ। କେଉଁଠି କିଛି ନାହିଁ ସାର୍।"

"କିଛି ପାଇଲ ନାହିଁ?" କର୍କଶ ସ୍ୱରରେ ରେନାର୍ଦ ପଚାରିଲେ, ଝିଅଟାର ଲୁଗାପଟା ତୁମେ ପାଇଲ ନାହିଁ? ଠିକ୍ ଅଛି। ଯାଅ। ପୁଣି ଖୋଜ। ଆଉ ଖୋଜି ବାହାର କର। ନହେଲେ ଅସୁବିଧା ହେବ।

ଇଚ୍ଛା ବିରୁଦ୍ଧରେ ପ୍ରିନ୍‌ସିପ୍ ପୁଣିଥରେ ନଈ କୂଳ ଆଡ଼କୁ ଚାଲିଲା। କାରଣ ସେ ମେୟରଙ୍କୁ ବିରୋଧ କରିପାରିବ ନାହିଁ।

ଦୂରରୁ ପାଟି ଶୁଭିଲା। ଗଛ ଗହଳରୁ ଭାସି ଆସୁଥିବା ସେ ସ୍ୱରରୁ କିଛି ବୁଝି ହେଉ ନଥିଲା। ମେଡ଼ରିକ ଚିଠି ଦେଲାବେଳେ କଥାଟା ପ୍ରଚାର କରିଦେଇଛି। ତା କଥା ଗାଁ ଲୋକଙ୍କୁ ପ୍ରଥମେ ଚକିତ କରିଛି। ଲୋକମାନେ ଦାଣ୍ଡକୁ ଆସି ଘଟଣା ସମ୍ପର୍କରେ ଆଲୋଚନା କଲେ। ତା'ପରେ ସ୍ୱଚକ୍ଷୁରେ ଘଟଣାଟି ଦେଖିବା ନିମନ୍ତେ ଘଟଣାସ୍ଥଳୀକୁ ଆସୁଥିଲେ।

ଦଳ ଦଳ ହୋଇ ଲୋକମାନେ ଆସି ପହଞ୍ଚିଲେ। ମରି ପଡ଼ିଥିବା ଝିଅର ରୂପ ଦେଖି ଅବସ୍ଥା କଣ ହେବ ମନରେ ଆଶଙ୍କା ଉପୁଜିବାରୁ ସେମାନେ କୁଣ୍ଠିତ ଭାବେ ପାଦ ପକାଇଲେ। ଝିଅଟିକୁ ଦେଖି ପାଖକୁ ଆସିବା ପାଇଁ ସାହସ କଲେ ନାହିଁ। ଧିର ସ୍ୱରରେ ପରସ୍ପର ସହ ଆଲୋଚନା କଲେ। ମନରେ ସାହସ ଜୁଟାଇ ସେମାନେ ପାଦେ ପାଦେ

ପାଖକୁ ଆସିଲେ। ମୃତା ବାଳିକା, ତା'ର ମା, ଡାକ୍ତର ଓ ରେନାର୍ଦଙ୍କ ଚାରିପଟେ ସେମାନେ ଘେରି ଛିଡ଼ା ହେଲେ। ସେମାନଙ୍କ ପଛରେ ଆସିଥିବା ଲୋକମାନେ ମୃତା ବାଳିକାକୁ ଦେଖିବା ଉଦ୍ଦେଶ୍ୟରେ ଠେଲା ଠେଲି କରି ଆହୁରି ନିକଟକୁ ଚାଲି ଆସିଲେ। ସେମାନଙ୍କ ଭିତରୁ କେତେକ ନଇଁ ପଡ଼ି ଝିଅଟିର ମୃତ ଦେହକୁ ଛୁଇଁଲେ।

ଡାକ୍ତର ପାଟିକରି କହିଲେ, "ଦୂରକୁ ଯାଅ"।

ପରେପରେ ମେୟର ଡାକ୍ତରଙ୍କ ବାଡ଼ି ଧରି ରୁଣ୍ଡ ହୋଇଥିବା ଲୋକଙ୍କ ଉପରେ ବିରକ୍ତି ପ୍ରକାଶ କରି କହିଲେ, "ଯା! ଦୂରକୁ ଯାଅ! ....ଶଳା ବଦମାସ ଦଳ।

ମେୟରଙ୍କ କଥା ଶୁଣି ସମବେତ ଜନତାଙ୍କ ମନରେ ଭୟ ସୃଷ୍ଟି ହେଲା। ସମସ୍ତେ ପଛକୁ ଘୁଞ୍ଚିଗଲେ।

ମ୍ୟାଡ଼ାମ୍ ରୁକ୍ ମଧ୍ୟ ଉଠି ଛିଡ଼ା ହେଲେ। ସେ ମୁହଁରେ ହାତଦେଇ କାନ୍ଦୁଥିଲେ।

ଦେଖିବାକୁ ଆସିଥିବା ଲୋକମାନେ ନିଜ ନିଜ ଭିତରେ ଆଲୋଚନା କରୁଥିଲେ। ଉପସ୍ଥିତ ଯୁବକ ମାନଙ୍କର ଲୋଭାତୁର ଆଖି ମୃତ ଝିଅଟିର ଉଲଗ୍ନ ଶରୀର ଆଡ଼କୁ ଛାଁ ଚାଲିଯାଉଥିଲା। ରୋନାର୍ଦ ଯୁବକ ମାନଙ୍କର ଉଦ୍ଦେଶ୍ୟ ଜାଣିପାରି ନିଜେ ପିନ୍ଧିଥିବା କୋର୍ଟକୁ ଦେହରୁ କାଢ଼ି ଝିଅଟିର ଉଲଗ୍ନ ଶରୀର ଉପରେ ଢ଼ାଙ୍କି ଦେଲେ।

କ୍ରମେ ଗହଳି ବଢ଼ିଲା। ଲୋକମାନଙ୍କ ଉଚ୍ଚ ସ୍ୱରର ଆଲୋଚନା ଡ଼େଙ୍ଗା ଡ଼େଙ୍ଗା ଗଛର ତାଳୁ ଟପି ବାୟୁ ମଣ୍ଡଳରେ ଘୁରି ବୁଲିଲା।

ଦେହରେ ହାଫ୍ ସାର୍ଟ ଓ ହାତରେ ବାଡ଼ି ଧରି ଜାଗ୍ରତ ପ୍ରହରୀ ପରି ଛିଡ଼ା ହୋଇଥିବା ମେୟର ସମବେତ ଲୋକଙ୍କ ପାଟିଗୋଳରେ ବିରକ୍ତି ପ୍ରକାଶକରି କହିଲେ, "ତୁମ ମାନଙ୍କ ଭିତରୁ ଯଦି କେହି ଜଣେବି ପାଖକୁ ଆସିବ ତେବେ କୁକୁର ବେକ ଭାଙ୍ଗିଲା ପରି ମୁଁ ତା' ବେକ ଭାଙ୍ଗି ଦେବି।"

ଉପସ୍ଥିତ ଲୋକମାନେ ମେୟରଙ୍କୁ ଡ଼ରୁଥିଲେ। ତେଣୁ ସେମାନେ ଆହୁରି ଦୂରକୁ ଘୁଞ୍ଚି ଗଲେ। ଡାକ୍ତର ଲାବାର୍ବ ସିଗାରେଟ ଟାଣିବା ସହ ମ୍ୟାଡ଼ମ ରୁକ୍‌ଙ୍କ ପାଖରେ ବସି ପଡ଼ି ସାନ୍ତ୍ୱନା ଦେଲେ।

ବୃଦ୍ଧା ରୁକ୍ କୋହଭରା କଣ୍ଠରେ ନିଜର ଦୁଃଖ ପ୍ରକାଶ କରୁଥିଲା। ନିଜର ବିବାହ, ସ୍ୱାମୀଙ୍କ ଅକାଳ ବିୟୋଗ, ଝିଅଟିର ପିଲାଦିନ, ନିଜର ଦାରିଦ୍ର୍ୟ ଇତ୍ୟାଦି ସହ କହିଲା, ଏଇ ଛୋଟ ରୁକୀ ବ୍ୟତୀତ ତାର ସଂସାରରେ ଆଉ କିଛି ନଥିଲା। ଏବେ ସେଇ ଛୋଟ ରୁକୀ ଏଇଠି ମରି ପଡ଼ିଛି।

ଝିଅକୁ ଦେଖିବା ପାଇଁ ମ୍ୟାଡ଼ମ ରୁକ୍‌ଙ୍କର ଇଚ୍ଛା ହେବାରୁ ସେ ଉଠି ଯାଇ ମୃତଦେହ ପାଖରେ ଆଣ୍ଠେଇ ପଡ଼ି ଘୋଡ଼ା ହୋଇଥିବା କୋର୍ଟର ଗୋଟିଏ କଣ ଟେକି ଦେଲେ। ପୁଣି ତାକୁ ଘୋଡ଼ାଇ ଦେଇ ଆଉଥରେ କାନ୍ଦିଲେ। ଉପସ୍ଥିତ ଲୋକମାନେ ମା'କୁ ଚାହିଁ ରହିଲେ।

ଭିଡ଼ ଭିତରେ ହଠାତ୍ କେହି ଜଣେ କହିଲା, "ପୋଲିସ୍। ପୋଲିସ୍।"

ଦୂରରେ ଦୁଇଜଣ ପୋଲିସ୍ ଘୋଡ଼ାରେ ବସି ଆସୁଥିବାର ଦେଖାଗଲା।

ତଦନ୍ତକାରୀ ମାଜିଷ୍ଟ୍ରେଟ ଘୋଡ଼ାରେ ବସି ପ୍ରାତଃ ଭ୍ରମଣରେ ଯାଉଥିଲା ବେଳେ କନେଷ୍ଟବଳଟି ତାଙ୍କୁ ସବୁକଥା ଜଣାଇଥିଲା। ସେ ଓ କ୍ୟାପଟେନ୍ ଘୋଡ଼ାରୁ ଓହ୍ଲାଇ ମେୟର ଓ ଡାକ୍ତରଙ୍କ ସହ କରମର୍ଦ୍ଦନ କଲେ। ତଳେ ପଡ଼ିଥିବା କୋଟ ଉପରେ ନିଜର ନଜର ପକାଇ ଅନୁମାନ କଲେଯେ ମୃତ ଦେହ ଉପରେ ଏକ କୋଟ୍ ଟି ଘୋଡ଼ା ଯାଇଛି।

ଘଟଣା ସମ୍ପର୍କରେ ବୁଝିବାପରେ ପୋଲିସ ଲୋକମାନଙ୍କୁ ବଗିଚା ଭିତରୁ ଘଉଡ଼ାଇଲା। ଲୋକମାନେ ବଗିଚା ଭିତରୁ ବାହାରି ଯାଇ ବ୍ରିନ୍ଦଲ ନଈ ବନ୍ଧରେ ଧାଡ଼ିହୋଇ ଛିଡ଼ାହେଲେ। ସମସ୍ତେ ଏମିତି ଏକ ଅପ୍ରତ୍ୟାଶିତ ଘଟଣା ଯୋଗୁଁ ଉତ୍ତେଜିତ ହୋଇଥିଲେ। ତେଣୁ ସେମାନେ ଧାଡ଼ିରେ ଛିଡ଼ା ହୋଇ ଏପାଖ ସେପାଖକୁ ମୁଣ୍ଡ ହଲାଇ ବଗିଚା ଭିତରେ କଣ ଘଟୁଛି ଦେଖିବାକୁ ଚାହୁଁଥିଲେ।

ଡାକ୍ତର ଯାହା ବର୍ଣ୍ଣନା କରୁଥିଲେ ରୋନାର୍ଦ ସସବୁକୁ ତାଙ୍କ ପକେଟ୍ ଡାଏରୀରେ ଟିପି ରଖୁଥିଲେ। ମ୍ୟାକ୍ସିମ ମଧ୍ୟ ହଜିଥିବା ଲୁଗା ନପାଇ ଫେରି ଆସିଲା। ସବୁ ପରୀକ୍ଷା ହେଲା, ଲେଖା ହେଲା, ମନ୍ତବ୍ୟ ଦିଆଗଲା, କିନ୍ତୁ କୌଣସି ସୂତ୍ର ମିଳିଲା ନାହିଁ।

ସମସ୍ତେ ଜଳଧାର କଡ଼େକଡ଼େ ଝିଅଟିର ଲୁଗା ଖୋଜିଲେ ହେଲେ ମିଳିଲା ନାହିଁ। ସମସ୍ତଙ୍କ ଶ୍ରମ ବୃଥା ହେଲା। ରେନାର୍ଦ କହିଲେ, "ବଦମାସଟା କିମିତି ଲୁଗାକୁ ନେଇଗଲା ଯେ! ପିଲାଟାକୁ ଲଙ୍ଗଳାକରି ରଖିଲା।

ମାଜିଷ୍ଟ୍ରେଟ ଥିଲେ ଖୁବ୍ ଚାଲାଖ ଓ ପ୍ରତ୍ୟୁପନ୍ନମତି ସଂପର୍ଣ୍ଣ। ସେ କହିଲେ; ଆଃ, ଏଇଟା ସେ ବଦମାସର ଗୋଟାଏ ଚାଲ। ଯିଏ ଏ ଅପକର୍ମ କରିଛି ସେ ଜଣେ ଚତୁର ବା ପଶୁ ସ୍ୱଭାବର। ଠିକ୍ ଅଛି। ଆମେ ତାକୁ ଖୁବ୍ ଶୀଘ୍ର ବାହାର କରିଦେବୁ।

ଗାଡ଼ି ଶବ୍ଦ ଶୁଣି ସମସ୍ତେ ମୁହଁ ବୁଲାଇ ଚାହିଁଲେ। ସେ ଗାଡ଼ିରେ ଡ଼େପୁଟୀ ମୁଖ୍ୟ ଡାକ୍ତର ଓ ପୋଲିସ ଷ୍ଟେସନର କିରାଣୀ ଆସି ପହଞ୍ଚିଲେ। ପରସ୍ପର ଭିତରେ ସମ୍ଭାଷଣ ପୂର୍ଣ୍ଣ ଆଳାପ ସହ ଘଟଣାର ତର୍ଜମା କରାଗଲା।

ହଠାତ ରେନାର୍ଦ କହିଲେ, "ଆପଣମାନେ ମୋ ସହ ଆଜି ଭୋଜନ ପାଇଁ ଆମନ୍ତ୍ରିତ।"

ସମସ୍ତେ ମୁହଁରେ ହସ ଖେଳାଇ ରେନାର୍ଦଙ୍କ ଆମନ୍ତ୍ରଣକୁ ସମ୍ମତି ଜଣାଇଲେ। ସେଦିନ ପାଇଁ ମ୍ୟାଡ଼ମ ରୁକ୍‌ଙ୍କ ଝିଅର ମୃତ୍ୟୁ ସମ୍ପର୍କରେ ଅନେକ ଚିନ୍ତା କଲେଣି ଭାବି ତଦନ୍ତକାରୀ ମାଜିଷ୍ଟ୍ରେଟ ରେଦୋର୍ଦଙ୍କୁ କହିଲେ, "ମୁଁ ଭାବୁଛି ଏ ଶବଟାକୁ ଆପଣଙ୍କ ଘରେ ରଖିବା। ଆପଣଙ୍କର ତ ଫାଙ୍କା ଘର ଥିବ। ସେଇ କୋଠରୀରେ ଏ ଶବକୁ ରାତିଯାଏ ରଖି ହେବତ ?

ମେୟରଙ୍କ ବୁଦ୍ଧି ଜ୍ଞାନ ହଜିଗଲା । ସେ ଖନେଇ ଖନେଇ କହିଲେ, "ହଁ...ନା....ନା, ସତ କହିଲେ ମୋର ଚାକର ବାକରଙ୍କ ଘର । ସେମାନେ କଥା ହେଉଛନ୍ତି....ଭୂତ ଓ ଅନ୍ୟ କଥା...ମୋ ଗମ୍ବୁଜରେ...ଆପଣମାନେ ଜାଣନ୍ତି ସେଇଟା ରେନାର୍ଦ ଗମ୍ବୁଜ । ତୁମେ ଜାଣିଛ ତାହା ବାସ୍ତବରେ କ'ଣ...ମୁଁ ରାତିଯାଏ ଏହାକୁ ରଖିବି ନାହିଁ । ..... ନା, ମୁଁ ତାକୁ ଘରକୁ ନେବାପାଇଁ ଚାହେଁ ନାହିଁ ।"

ମାଜିଷ୍ଟ୍ରେଟ୍ ହସିଲେ, 'ଠିକ୍ ଅଛି...ମୁଁ ତାହାଲେ ଏହାକୁ ସିଧା ଡାକ୍ତରଖାନାକୁ ପଠାଇ ଦେଉଛି । ସେଇଠି ପରୀକ୍ଷା ହେବ ।' ତା'ପରେ ଡ଼େପୁଟୀଙ୍କ ଆଡ଼କୁ ମୁହଁ ବୁଲାଇ କହିଲେ, 'ଆପଣଙ୍କ ଗାଡ଼ିକୁ ଏଇ ସରକାରୀ କାମରେ ବ୍ୟବହାର କରିପାରିବି ?

- ନିଶ୍ଚୟ ।

ସେମାନେ ସମସ୍ତେ ସେ ମୃତ ଶରୀର ପାଖକୁ ଫେରି ଆସିଲେ । ମାଡ଼ାମ୍ ରୁକ୍ ସେଇଠି ବସିଥିଲେ । ସମସ୍ତେ ଚାହୁଁଥିଲେ ରୁକଙ୍କୁ ଅନ୍ୟ ଆଡ଼କୁ ନେଇଯିବେ, ଯେମିତିକି ସେ ଝିଅକୁ ନେବାଟା ଦେଖି ପାରିବେ ନାହିଁ । ମାଡ଼ମ ରୁକ୍ ସେମାନଙ୍କ ଉଦ୍ଦେଶ୍ୟ ଜାଣିପାରି ଝିଅକୁ କୁଣ୍ଢାଇ ଧରିଲେ ଓ ଉତ୍ତେଜିତ ସ୍ୱରରେ କହିଲେ ତୁମେ ତାକୁ ନେଇପାରିବ ନାହିଁ । ସେମାନେ ତାକୁ ମାରି ଦେଇଛନ୍ତି । ମୁଁ ମୋ ପିଲାକୁ ରଖିବି ।

ଅନ୍ୟମାନେ କଣ କହିବେ, କଣ କହିବେ ଉପାୟ ଚିନ୍ତା କରୁଥିଲାବେଳେ ରେନାର୍ଦ ଆଣ୍ଠେଇପଡ଼ି ରୁକଙ୍କୁ କହିଲେ ତାକୁ କିଏ ମାରିଲା ଜାଣିବା ପାଇଁ ଆମକୁ ତାକୁ ଦେବାକୁ ହେବ । ନାହିଁତ ଦୋଷୀ ଧରାପଡ଼ିବ ନାହିଁ କି ଦଣ୍ଡିତ ହେବ ନାହିଁ । ମୁଁ ତମକୁ ପ୍ରତିଶ୍ରୁତି ଦେଉଛି ଦୋଷୀକୁ ପାଇବା ମାତ୍ରେ ଆମେ ତମ ଝିଅକୁ ଫେରାଇ ଦେବୁ ।"

- ତେବେ ଦୋଷୀ ଧରାପଡ଼ିବ ?

- ହଁ, ସେ ଧରାପଡ଼ିବ ?

- ତା ଲୁଗା କାହିଁ ?

- ମିଳୁ ନାହିଁ ।

- ସେ ସବୁ ମୋର । ମୁଁ ସେ ସବୁ ଚାହେଁ । କେଉଁଠି ତାକୁ ରଖିଛ ମତେ ଶୀଘ୍ର ଦିଅ । ଏବେ ସେ ଝିଅର ଶବ ବ୍ୟତୀତ ତା ଲୁଗା ଚାହୁଁଥିଲେ । ବୋଧହୁଏ ଦାରିଦ୍ର୍ୟର ତାଡ଼ନାରେ ସେ ଝିଅର ଲୁଗାକୁ ଖୋଜୁଥିଲେ ।

ରେନାର୍ଦଙ୍କ ଘରୁ ଚାଦରଟିଏ ଆଣି ପିଲାଟି ଦେହରେ ଗୁଡ଼ାଇ ଯେତେବେଳେ ଗାଡ଼ିରେ ରଖାଗଲା ସେତେବେଳେ ରୁକ୍ ମେୟର ଓ କ୍ୟାପଟେନଙ୍କ ସହାୟତାରେ ଗଛ ପାଖରେ ଛିଡ଼ା ହୋଇଥିଲେ । ବୃଦ୍ଧା ଚିତ୍କାର କରି କାନ୍ଦିଲେ, "ମୋର କିଛି ନାହିଁ । ଆଦୌ କିଛିବି ନାହିଁ । ଏପରିକି ତା'ର ଛୋଟିଆ ଟୋପିଟିବି ନାହିଁ ।

ଗାଡ଼ି ଚାଲିଯିବାପରେ ପୁରୋହିତ ରୁକଙ୍କୁ ଧରି ଗାଁ ଆଡ଼କୁ ଚାଲିଲେ । ହଜାର ହଜାର ଲୋକଙ୍କୁ ପୁରୋହିତେ ତାଙ୍କ ମିଠା କଥାରେ ସାନ୍ତ୍ୱନା ଦେଉଥିଲେ । ସେ ବି ରୁକଙ୍କ ଦୁଃଖ ଲାଘବ ପାଇଁ କେତେ କଥା କହିଲେ । ରୁକଙ୍କ ମନ ତଥାପି ତାଙ୍କ ଝିଅର ଟୋପି ପାଖରେ ଅଟକି ରହିଥିଲା । ବିଳିବିଳୋଉ ଥିବା ପରି ସେ କହୁଥିଲେ "କେବଳ ଯଦି ତା ଛୋଟିଆ ଟୋପିଟା ମୋ ପାଖରେ ଥାଆନ୍ତା ! ସତେଯେମିତି ସେ ତାଙ୍କ ଝିଅର ଟୋପିକୁ ଅମୂଲ୍ୟ ସମ୍ପଦ ମନେକରୁଛନ୍ତି ।

ରେନାର୍ଦ ଜୋର୍‌ରେ ପାଟିକରି ପଚାରିଲେ, "ଆମ ସହ ତୁମେ ବି ଖାଇବ ଫାଦର । ଘଣ୍ଟାକ ଭିତରେ ।"

ଖୁସିରେ । ମୁଁ ବାରଟାରେ ଆପଣଙ୍କ ପାଖରେ ପହଞ୍ଚିବି ।

ସମସ୍ତେ ରେନାର୍ଦଙ୍କ ଘରକୁ ଗଲେ । ଯିବାବେଳେ ସମସ୍ତଙ୍କ ଦୃଷ୍ଟି ସେହି ଧୂସର ଘରର ସାମ୍ନା ଓ ଗମ୍ବୁଜର ଯେତିକି ଅଂଶ ଗଛ ଉପରେ ଦିଶୁଥିଲା ସେତିକି ଉପଭୋଗ କଲେ ।

ଝିଅଟିର ହତ୍ୟା ସମ୍ବନ୍ଧେ ଆଲୋଚନା କରିବା ସହ ଖାଇବାରେ ଅନେକ ସମୟ ବିତିଗଲା । ସମସ୍ତଙ୍କର ଗୋଟିଏ ମତ ଥିଲା, କୌଣସି ବଜାରୀ ଛତରା ଏ ଅପକର୍ମ କରିଛି । ଝିଅଟି ନଈରେ ଗାଧୋଉଥିଲା ବେଳେ ବଜାରୀ ଯୁବକଟି ସେଇବାଟେ ଯାଉଥିଲା...

ପରଦିନ ସକାଳେ ଆସିବାର ପ୍ରତିଶ୍ରୁତି ଦେଇ ମାଜିଷ୍ଟ୍ରେଟ ଫେରିଗଲେ । ଡାକ୍ତର ଓ ପୁରୋହିତ ନିଜ ନିଜ ଘରକୁ ଗଲେ । ରେନାର୍ଦ କିନ୍ତୁ ଘର ଭିତରେ ନରହି ତାଙ୍କ ବଗିଚା ଭିତରେ ବୁଲିଲେ । ଝଅଟିର ଶବ ପଡ଼ିଥିବା ସ୍ଥାନକୁ ଗଲେ । ପଛପଟେ ହାତ ଜାକିଧରି ରାତି ପର୍ଯ୍ୟନ୍ତ ସେଇଠି ଏପଟ ସେପଟ ହେଲେ ।

ଘରକୁ ଆସି ଶୀଘ୍ର ଶୋଇ ପଡ଼ିଲେ । ତାଙ୍କୁ ଏତେ ଜୋରରେ ନିଦ ଲାଗିଥିଲା ଯେ ପରଦିନ ସକାଳେ ମାଜିଷ୍ଟ୍ରେଟ ପହଞ୍ଚି ଅତ୍ୟନ୍ତ ଆତ୍ମସନ୍ତୋଷରେ ନିଜର ଦୁଇ ପାପୁଲି ସାହାଯ୍ୟରେ ତାଙ୍କ ଚିବୁକକୁ ଘଷି, ଘଷି କହିଲେ, "ଆରେ ବନ୍ଧୁ ତମେ ଏଯାଏଁ ବିଛଣା ଛାଡ଼ି ନାହଁ । ମୁଁ କିନ୍ତୁ ତମ ପାଇଁ ଭଲ ସମ୍ବାଦଟିଏ ଧରି ଆସିଛି ।"

ମେୟରଙ୍କ ନିଦ ଭାଙ୍ଗିଗଲା । ସେ ବିଛଣାରେ ନଶୋଇ ଖଟ ଉପରେ ବସି ପଚାରିଲେ, "କି ସମ୍ବାଦ" ?

"ଦେଖନ୍ତୁ, କି ବିଚିତ୍ର କାମ ହେଉଛି । ଗତ କାଲି ଏତେ ଖୋଜାଖୋଜି ପରେ ବି ଛୋଟ ଟୋପିଟା ସେ ଝିଅଟାର ମିଳିଲା ନାହିଁ । କିନ୍ତୁ ଆଜି ସକାଳେ ମ୍ୟାଡ଼ମ ରୁକ୍ ତାଙ୍କ ଦାଣ୍ଡ ଦରଜା ଖୋଲିଛନ୍ତି ତ ଦେଖନ୍ତି ତାଙ୍କ ଛୋଟ ଛୁଆର କାଠ ଯୋତା ହଳକ ଥୁଆ ହୋଇଛି । ଏଥରୁ ମନେହେଉଛି ଏଇଠିକାର କେହି ଏ ନାରକୀୟ କାମ କରିଛି । ଏବେ ସେ ନିଜର କୃତ କର୍ମ ପାଇଁ ଦୁଃଖ କରୁଛି । ପୋଷ୍ଟମ୍ୟାନ ମେଡ଼ରିକ ଛୁଆଟିର ଛୁରୀ, ଛୁଞ୍ଚି ଡ଼ବା, ସିଲେଇବେଳେ ଆଙ୍ଗୁଠି ଟିପରେ ପିନ୍ଧା ଯାଉଥିବା ଲୁହା ଟୋପି ଆଣି ମୋତେ ଦେଉଛି । ଏଥିରୁ ମନେହେଉଛି ଦୋଷୀ ଝିଅଟିର ଲୁଗାପଟା ନେଲାବେଳେ ଏତକ ତା ପକେଟରୁ ଗଳି ପଡ଼ିଛି । ମୁଁ ଏହି କାଠଯୋତା ପ୍ରସଙ୍ଗ ପ୍ରତି ଗୁରୁତ୍ୱାରୋପ କରୁଛି । ମୋ ବିଚାରରେ ସେ ଲୋକଟିର ନୈତିକ ବିଚାରବୋଧ ଅଛି । ଆପଣ ଯଦି ପ୍ରସ୍ତୁତ ତେବେ ଜିଲ୍ଲାର ନେତୃସ୍ଥାନୀୟ ଲୋକଙ୍କ ତାଲିକା ପ୍ରସ୍ତୁତ କରିବା ।

ମେୟର ବିଛଣାରୁ ଉଠି କ୍ଷିଅର ହେବା ନିମନ୍ତେ ଦରକାର ହେଉଥିବା

ଗରମ ପାଣି ଆଣିବା ପାଇଁ ଘଣ୍ଟି ବଜେଇଲେ। 'ଠିକ୍ ଅଛି'। ସେ କହିଲେ ଏହା ବହୁତ ସମୟ ଲାଗିଯିବ। ଆମେ ସାଙ୍ଗେସାଙ୍ଗେ କାମ ଆରମ୍ଭ କରିବା ଦରକାର।"

ମାଜିଷ୍ଟ୍ରେଟ୍ ପୁଟିନ୍ ଚୌକିରେ ବସି ଭିଡ଼ି-ମୋଡ଼ି ହେଲେ।

ରେନାର୍ଡ ମୁହଁରେ ସାବୁନ ଫେଣ ଦେବାପରେ ଦର୍ପଣ ସମ୍ମୁଖରେ ଛିଡ଼ାହୋଇ କ୍ଷିଅର ହେଲେ। କ୍ଷିଅର ହେଲା ଭିତରେ କହି ଚାଲିଲେ, 'ଜେସେଫ୍ ରେନାର୍ଡ କାର୍ଭେଲିନର ମେୟର ଓ ଧନୀଲୋକ। ସେ କିନ୍ତୁ ରାଗୀ ସ୍ୱଭାବର। ତା ଡ୍ରାଇଭର ଓ ଜଗୁଆଳୀକୁ ମାରେ....।

ମାଜିଷ୍ଟ୍ରେଟ ପୁଟିନ୍ କହିଲେ, "ଢ଼େର ହେଲା। ପର ନାଁଟି କୁହ।

– ପରବର୍ତ୍ତୀ ବ୍ୟକ୍ତି ଡ଼େପୁଟୀ ମେୟର। ସେ ବି ଜଣେ ବଡ଼ ଜମିଦାର। ଗାଈ ଗୋରୁ ବ୍ୟବସାୟ କରନ୍ତି। ବହୁତ ଚାଲାଖ, ଅର୍ଥ ବ୍ୟବସାୟରେ ସେ ଖୁବ୍ ପାରଙ୍ଗମ। ହେଲେ ସେ ଏପରି ଅମାନୁଷିକ କାମ କରିବାକୁ ଅସମର୍ଥ।

– ତା'ପରେ

– କ୍ଷିଅର ହେବା ଭିତରେ କାର୍ଭେଲିନ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ନୈତିକ ମାନ ସମ୍ପର୍କରେ ଆଲୋଚନା କଲେ। ପୁଟିନ୍‌ଙ୍କ ସହ ଦୁଇଘଣ୍ଟା ଆଲୋଚନାପରେ ସେମାନଙ୍କ ସନ୍ଦେହ ତିନି ଜଣଙ୍କ ଉପରେ କେନ୍ଦ୍ରୀଭୂତ ହେଲା। ଜଣେ ପଶୁଚୋର-କାଉଲି, କେଉଟ-ପକୁଏଟ୍ ଓ ଗଡଡ଼-କ୍ଲୋଭିସ।

## -ଦୁଇ-

ଖରାଦିନ ସାରା ତଦନ୍ତ ଚାଲିଲା। ମାତ୍ର ଦୋଷୀ ଚିହ୍ନଟ ହୋଇପାରିଲା ନାହିଁ। ଯେଉଁମାନଙ୍କୁ ପୋଲିସ ସନ୍ଦେହରେ ଗିରଫ କଲା ସେମାନେ ନିର୍ଦ୍ଦୋଷ ପ୍ରମାଣିତ ହେଲେ। ତେଣୁ ପୋଲିସ ତରଫରୁ ଆଉ କାହାରିକ ଏମିତି ସନ୍ଦେହରେ ଧରିବା କାର୍ଯ୍ୟ ବନ୍ଦ ରହିଲା। ମାତ୍ର କୁନି ଝିଅଟିକୁ ଏମିତି ନାରକୀୟ ଭାବେ ହତ୍ୟା କରିବା ସମସ୍ତଙ୍କୁ ଚକିତ ଓ ଉତ୍ତେଜିତ କରିଥିଲା। ସତେ ଯେମିତି ମଫସଲ ଅଞ୍ଚଳରେ ସେ ଲୋକମାନଙ୍କ ମନରେ ଜମାଟ ବାନ୍ଧିଥିବା ଭୟ, ଆଶଙ୍କା ଓ ଘୃଣା ଲାଗି ରହିଥିଲା। ପୋଲିସ ଅପରାଧିକୁ ଏ ପର୍ଯ୍ୟନ୍ତ ଧରି ନପାରିବା ଲୋକଙ୍କୁ ଯେତେ କଷ୍ଟବୋଧ ହେଉନଥିଲା ପରଦିନ ସକାଳେ ମ୍ୟାଡ଼ମ ରୁକ୍‌ଙ୍କ ଦାଣ୍ଡ ବାରଣ୍ଡାରେ ମୃତ ଝିଅର କାଠ ଯୋତା ମିଳିବାରୁ ଲୋକଙ୍କ ମନରେ ଧାରଣା ହୋଇଥିଲାଯେ ଦୋଷୀ ନିଶ୍ଚୟ ଏଇଠି କେଉଁଠି ରହୁଛି।

ବଗିଚା ଭିତରର ସେଇ ସ୍ଥାନକୁ ଲୋକମାନେ ଯିବାକୁ ଭୟ କଲେ। ପ୍ରତି ରବିବାର ଲୋକମାନେ ସେଇଠି ଜମା ହେଉଥିଲେ। ଗଛ ତଳେ ବସୁଥିଲେ ନାହିଁତ ନଈକୂଳରେ ବୁଲୁଥିଲେ। ଯୁବକମାନେ ଘାସ ପଡ଼ିଆରେ ବିଭିନ୍ନ ପ୍ରକାରର ଖେଳ ଖେଳୁଥିଲେ। ଯୁବତୀମାନେ ନିଜ ବାନ୍ଧବୀଙ୍କ ଗହଳରେ ବସି ନିଜନିଜ ପ୍ରେମୀଙ୍କ ସମ୍ପର୍କରେ ଗୋପନ ଆଲୋଚନା କରୁଥିଲେ। ଏବେ ଏସବୁ ହେଉ ନଥିବାରୁ ସ୍ଥାନଟି ନିଶୁନ ମନେ ହେଉଥିଲା।

ଶରତ ଋତୁ ଆସିବାରୁ ଗଛରୁ ପତ୍ର ଝଡ଼ିଲା। ଶୁଖିଲା ପତ୍ରଗୁଡ଼ିକ ତଳେ ଜମା ହୋଇ ରହିଲା। ପବନରେ ଶୁଖିଲା ପତ୍ର ଗୁଡ଼ିକ ଉଡ଼ି ଶବ୍ଦ ସୃଷ୍ଟି କଲେ। ବେଳେବେଳେ ପବନ ଓ ବର୍ଷା ଲାଗି ରହୁଥିଲା। ଭୂଇଁ ଉପର ଶିଉଳି ଉପରେ ପଟୁମାଟି ଜମି ଯାଉଥିଲା। ଥରଥର ଭାବ, ସଧିର ଗୁଞ୍ଜନ ଥିଲା ବେଦନାର ପ୍ରତୀକ। ଗଛରୁ ଖସୁଥିବା ପତ୍ର ବଡ଼ ବଡ଼ ଲୁହଟୋପାର ଭ୍ରମ ସୃଷ୍ଟି କରୁଥିଲା। ସତେଯେମିତି ସେଇ ଜଙ୍ଗଲରେ ଥିବା ଗଛମାନେ ଦୁଃଖରେ ମ୍ରିୟମାଣ। ବର୍ଷ ସରି ଆସୁଛି। ଉଷୁମ ସକାଳ, ନୀରବ ସଂଧ୍ୟା, ଗରମ ପବନ, ଉତ୍ତପ୍ତ ସୂର୍ଯ୍ୟଙ୍କ ସାଙ୍ଗକୁ ସେମାନଙ୍କ ପାଦତଳେ ବାଳିକାଟିର ଧର୍ଷଣ ଓ ମୃତ୍ୟୁ ଯୋଗୁଁ ସେମାନେ ଅହରହ କାନ୍ଦୁଛନ୍ତି। ସେମାନେ କାନ୍ଦୁଛନ୍ତି ଯେହେତୁ ମୃତ ବାଳିକାଟିର ଅତୃପ୍ତ ଆତ୍ମା ସେମାନଙ୍କ ଆଗରେ ଏକୁଟିଆ ଘୂରି ବୁଲୁଛି।

ରେନାର୍ଡ ପ୍ରତି ରାତିରେ ସେଇ ଅଞ୍ଚଳରେ ବୁଲୁଥିଲେ। ଅଭ୍ୟାସ ମୁତାବକ ପଛପଟରେ ହାତରଖି ସେ ବୁଲୁଥିଲାବେଳେ କାଉମାନେ ଚାରିଆଡୁ ଆସି କଳାପରଦା ପରି ଗଛ ଡ଼ାଳରେ ଝୁଲି ରହୁଥିଲେ। ବେଳେବେଳେ କାଉମାନେ ଲାଲ ଆକାଶତଳେ ଘଞ୍ଚ ବୁଦାଟିଏ ଦିଶିବା ପରି ବସି ରହୁଥିଲେ। ପୁଣି ଏକାବେଳେ ଡ଼େଣା ଫଡ଼ଫଡ଼ କରି ଗଛ ଉପରେ ଲମ୍ଫାଧାଡ଼ି କରି ଉଡ଼ି ଯାଉଥିଲେ। ରାତି ବଢ଼ିଲେ କାଉମାନଙ୍କ ସ୍ୱର ବନ୍ଦ ହେଉଥିଲା। ଅନ୍ଧାର ବଢ଼ିଲେ ରେନାର୍ଡ ଘରକୁ ଫେରି ଆସୁଥିଲେ। ଚୌକିରେ ବସି ପାଦକୁ ନିଆଁରେ ଶେକୁଥିଲେ।

ସକାଳୁ ସକାଳୁ ଖବରଟାଏ ପ୍ରସରି ଗଲା। ରେନାର୍ଡ ତାଙ୍କ ବିଗିଚାରୁ ଗଛ କଟାଉଛନ୍ତି।

କୋଡିଏ ଜଣ କାଠ କଟାଳି ଏହି କାମରେ ନିଯୁକ୍ତ ହୋଇଥିଲେ। ଘରର କୋଣ ପଟରୁ ସେମାନେ ଗଛ କାଟିବା ଆରମ୍ଭ କରିଥିଲେ। ରେନାର୍ଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ଦୃତ ଗତିରେ ଚାଲିଥିଲା।

ସେମାନେ ପ୍ରଥମେ ଗଛର ବଡ଼ ଡାଳ ଗୁଡ଼ିକ ଛେଦିବାରେ ଲାଗିଲେ। କଟାଳିମାନେ ଗଛ ଗଣ୍ଡିରେ ନିଜ ଦେହକୁ ବାନ୍ଧି ଗଣ୍ଡିକୁ କୁଣ୍ଢାଇ କୁଣ୍ଢାଇ ଆସ୍ତେ ଉପରକୁ ଉଠି ଯାଉଥିଲେ। ସେତେବେଳେ ତାଙ୍କ ଅଣ୍ଟାରେ ଲୁହା କୁରାଢ଼ୀ ଝୁଲି ଚକ୍ ଚକ୍ କରୁଥିଲା। ସେମାନେ ଉପର ଡ଼ାଳ ପାଖରେ ପହଞ୍ଚି ଜଙ୍ଘରୁ ଦାଢୁଆ କୁରାଢ଼ୀ କାଢ଼ି ଗଛକୁ ହାଣୁଥିଲେ। ହଣା ଯାଉଥିବା ଡ଼ାଳ ଗୁଡ଼ିକ ମଡ଼ମଡ଼ ଡାକ ଦେଇ ପାଖ ଗଛରେ ଘସିହୋଇ ତଳକୁ ଖସି ପଡୁଥିଲା।

ତଳେଥିବା କାଠ କଟାଳୀମାନେ ଗଛରୁ ଖସିଥିବା ଡାଳ ଗୁଡ଼ିକୁ ଛୋଟ ଛୋଟ ଖଣ୍ଡ କରି ବିଡ଼ା ବାନ୍ଧି ଗଦା କରି ରଖୁଥିଲେ। ଯେଉଁମାନେ ଗଛରେ ଚଢ଼ି ଡାଳ ଗୁଡ଼ିକୁ ହାଣୁଥିଲେ ସେମାନେ ସବୁ ଡାଳ ହଣା ସରିବାପରେ, ପୁଣି ସେଇ ଗଛର ଗଣ୍ଡିଦେଇ ତଳକୁ ଆସି ଗଣ୍ଡିକୁ ମୂଳରୁ ହାଣୁଥିଲେ। କୁରାଢ଼ୀ ଚୋଟରେ ବନଭୂମି ପ୍ରତିଧ୍ୱନିତ ହେଉଥିଲା। ମୂଳଗଣ୍ଡି ଅଧାକଟା ହେଲାପରେ କାଠକଟାଳୀମାନେ ଗଛକୁ ଦଉଡ଼ିରେ ବାନ୍ଧି ସମସ୍ୱରରେ ପାଟିକରି ଦଉଡିକୁ ଏତେ ଜୋରରେ ଝିଙ୍କି

ଦେଉଥିଲେଯେ ବନ୍ଧୁକର ଗୁଳି ଶବ୍ଦ ପରି ଗଛର ଗଣ୍ଡିଟା ଭୂସକରି ତଳେ କଚାଡ଼ି ହୋଇ ପଡୁଥିଲା।

ନିଜେ ଉପସ୍ଥିତ ରହି ରେନାର୍ଦ କାର୍ଯ୍ୟ ତଦାରଖ କରୁଥିଲେ। ସକାଳୁ ସଞ୍ଜଯାଏ ଛିଡା ହୋଇ ନିଜ ଜଙ୍ଗଲର ମୃତ୍ୟୁକୁ ଦେଖୁଥିଲେ। ଗଛର ଗଣ୍ଡିଟାଏ ଧରାଶାୟୀ ହେଲେ ରେନାର୍ଦ ତାଙ୍କ ଗୋଡ଼କୁ ସେଇ ଗଛର ଗଣ୍ଡି ଉପରେ ରଖି ଭାବୁଥିଲେ ଗଣ୍ଡିଟି ଏକ ମୃତ ହେଦ। ତା'ପରେ ଅନ୍ୟଗଛର ମୃତ ହେଦ ନିମନ୍ତେ ଆବେଗହୀନ ଅଧର୍ଯ୍ୟତାର ସହ ଅପେକ୍ଷା କରୁଥିଲେ।

ଦିନ ସରି ଆସିଲା ବେଳକୁ କାଠ କଟାଳୀମାନେ ସେଇ ଗଛମୂଳରେ ପହଞ୍ଚିଲେ ଯେଉଁଠି ବାଳିକା ରୁକ୍‌ର ମୃତଦେହ ପୋଷ୍ଟମ୍ୟାନ ମେଡ଼ରିକ ଦ୍ୱାରା ଆବିଷ୍କୃତ ହୋଇଥିଲା। ଆକାଶ ଅନ୍ଧାର ହୋଇ ଆସୁଥିବାରୁ ମୂଲିଆମାନେ ସେଦିନର କାମ ବନ୍ଦକରିବାକୁ ଚାହିଁଲେ। କିନ୍ତୁ ଯେଉଁ ଗଛ ଡ଼ାଳ-ପତ୍ର ମେଲି ଏତେବଡ଼ ପାପକୁ ଘୋଡ଼ାଇ ରଖିଥିଲା ତାକୁ ସଙ୍ଗେସଙ୍ଗେ କାଟି ଭୂତଳଶାୟୀ କରିବା ନିମନ୍ତେ ଆଦେଶ ଦେଲେ।

ମୂଲିଆମାନେ ଲାଗି ପଡ଼ିଲେ। ଗଛର ଡାଳ ଗୁଡ଼ିକ କାଟି ପରେ ମୂଳ ହାଣିଲେ। ପାଞ୍ଚ ଜଣ ଲୋକ ଗଛ ଗଣ୍ଡିର ଉପର ମୁଣ୍ଡରେ ଦଉଡ଼ି ବାନ୍ଧି ଝିଙ୍କୁ ଥିଲେ ଓ କୁହାଟ ଛାଡୁଥିଲେ। ମାତ୍ର ଗଣ୍ଡିଟି ଅଚଳ ମହାମେରୁ ପରି ଦଣ୍ଡାୟମାନ ହୋଇ ରହିଥିଲା।

କୁରାଡ଼ିରେ ଚୋଟ ମାରିବା ପାଇଁ ଦୁଇଜଣ କାଠହଣାଳି କୁରାଡ଼ିକୁ ଦୁଇ ପଟରେ ଟେକି ଧରି ଦୁଇଜଣ ହତ୍ୟାକାରୀଙ୍କ ପରି ଛିଡ଼ା ହୋଇଥିଲାବେଳେ ରେନାର୍ଦ ଗଛ ଗଣ୍ଡି ଉପରେ ହାତରଖି ନିରବରେ ଛିଡ଼ା ହୋଇଥିଲେ। ଜଣେ କାଠ ହଣାଳି କହିଲା, ସାର ଆପଣ ଏଠି ରୁହନ୍ତୁ ନାହିଁ। ଗଛ ପଡ଼ିଲେ ଆପଣଙ୍କ ଦେହରେ ଆଘାତ ଲାଗିପାରେ।

ରେନାର୍ଦ କିଛି ଉତ୍ତର ଦେଲେ ନାହିଁ କିମ୍ବା ସେଠାରୁ ଘୁଞ୍ଚିଲେ ନାହିଁ। ସତେ ଯେମିତି ଏନେ ପ୍ରସ୍ତୁତ ଅଛନ୍ତି ଆବଶ୍ୟକ ହେଲେ ଗଛର ଗଣ୍ଡିକୁ ଧରି ଫୋପାଡ଼ି ଦେବେ।

ଗଛ ମୂଳରୁ ମଡ଼ ମଡ଼ ଶବ୍ଦ ଶୁଭିଲା। ସେଇ ଶବ୍ଦ କ୍ରନ୍ଦନ ଧ୍ୱନିପରି ଚାରିଆଡ଼କୁ ବିଛେଇ ହୋଇଗଲା ସିନା ଗଣ୍ଡିଟା ପୂର୍ବ ପରି ଅଚଳ ରହିଲା।

ଲୋକମାନେ ନିଜର ସମସ୍ତ ଶକ୍ତି ଖଟାଇ ଗଛକୁ ଧକ୍କା ଦେଲେ। ଗଛଟା ନଇଁ ଆସିଲା ବେଳକୁ ରେନାର୍ଦ ଏହାକୁ କାନ୍ଧରେ ଧରିନେବା ଉଦ୍ଦେଶ୍ୟରେ ପାଦେ ଆଗେଇଯାଇ ଅଟକି ଗଲେ। ନାହିଁତ ଗଛର ସେଇ ଶକ୍ତ ଗଣ୍ଡିଟା ତାଙ୍କୁ ମାଟିରେ ମିଶାଇ ଦେଇଥାଆନ୍ତା। ଗଣ୍ଡିଟା ଗୋଟିଏ ପଟକୁ ପଡ଼ିଲାବେଳେ ତାଙ୍କ କାନ୍ଧରେ ଯେଉଁ ଆଘାତ ଲାଗିଲା ତାହା ତାଙ୍କୁ କିଛି ଦୂରକୁ ଫିଙ୍ଗି ଦେଲା।

ମୂଲିଆମାନେ କାମ ବନ୍ଦ କରି ତାଙ୍କୁ ଉଠାଇବା ପାଇଁ ଧାଇଁ ଆସିଲେ। ମାତ୍ର ମୂଲିଆମାନେ ତାଙ୍କ ପାଖରେ ପହଞ୍ଚିଲାବେଳକୁ ସେ ଆପେ ଉଠି ସାରିଥିଲେ। ଚାରି ଆଡ଼କୁ ଚାହିଁଲେ। କପାଳରେ ଲାଗିଥିବା ଝାଳକୁ ପୋଛିଲେ। ସତେ ଯେମିତି ସେ ପାଗଳପଣରୁ ନିଜ ଭିତରକୁ ଫେରି ଆସୁଛନ୍ତି।

ମୂଲିଆମାନେ ପଚାରିଲେ, "ସାର କଣ ହେଲା? ହଠାତ୍ ଏମିତି... ?

ରେନାର୍ଦ ଖନେଇ ଖନେଇ କହିଲେ, ହଠାତ୍ ତାଙ୍କ ମୁଣ୍ଡ ଘୂରାଇ ଦେଲା। ତାଙ୍କର ପିଲାଦିନ କଥା ମନେପଡୁଥିଲା। ପିଲାଦିନେ କିମିତି ସେ ଚଳନ୍ତା ଗାଡ଼ି ସମ୍ମୁଖରେ ଚାଲୁଥିଲେ। ସେତେବେଳେ ତାଙ୍କର ଜୀବନ ପ୍ରତି ଆଦୌ ଭ୍ରୁକ୍ଷେପ ନଥିଲା। ସପ୍ତାହକ ପୂର୍ବରୁ ସେ ଭାବୁଥିଲେ ଗଛଟିଏ ପଡ଼ିବାବେଳେ ଜଣେ ତା ତଳେ ଅକ୍ଷତ ଅବସ୍ଥାରେ ଧାଇଁଯିବା ସମ୍ଭବା ନା ନାହିଁ। ସେ ସ୍ୱୀକାର କଲେ ଯେ ଏଇଟା ଗୋଟାଏ ବୋକମୀ କାମ। କିନ୍ତୁ ସବୁ ମଣିଷ ଜୀବନରେ ଏମିତିଆ ମୁହୂର୍ତ୍ତ ଆସେ। ସେ ତା' ପିଲାଦିନକୁ ମନେପକାଏ।

ଲୋକମାନଙ୍କୁ ନିଜ ସମ୍ପର୍କରେ କହିବାପରେ କହିଲେ; ଠିକ ଅଛି। ଆମେ ସମସ୍ତେ ଆସନ୍ତାକାଲି ଏଇଠିକି ଆସି କାମ ଆରମ୍ଭ କରିବା।

ରେନାର୍ଦ ଘରକୁ ଆସି ନିଜ କୋଠାରୀର ଚୌକିରେ ବସି, ଦୁଇ ହାତରେ ମୁହଁ ଲୁଚାଇ କାନ୍ଦିଲେ। ବହୁତ ସମୟ ପର୍ଯ୍ୟନ୍ତ କାନ୍ଦିବା ପରେ ଆଖିରୁ ଲୁହ ପୋଛିଲେ। ଘଣ୍ଟାକୁ ଚାହିଁଲେ। ଛଅଟା ବାଜି ନାହିଁ। ସେ ଭାବିଲେ, "ରାତ୍ରୀ ଭୋଜନ ପୂର୍ବରୁ ମୋ ହାତରେ ଅନେକ ସମୟ ଅଛି। ଘରକୁ ଭିତରପଟୁ ବନ୍ଦ କରିଦେଇ ପୁଣି ଟେବୁଲ ପାଖକୁ ଆସିଲେ। ଡ୍ର ଭିତରେ ରଖିଥିବା ରିଭଲଭରକୁ କାଢ଼ି ଲ୍ୟାମ୍ପର ଉଜ୍ଜ୍ୱଳ ଆଲୋକତଳେ ଟେବୁଲ ଉପରେ ରଖିଲେ। ରିଭଲଭର ଉପରେ ଟେବୁଲ ଲ୍ୟାମ୍ପର ଉଜ୍ଜ୍ୱଳ ଆଲୋକ ପଡ଼ିବାରୁ ଏହାର ଷ୍ଟିଲ ଅଂଶତକ ଚିକ୍ ଚିକ୍ କଲା। ଜଣେ ମାତାଲ ପରି ରେନାର୍ଦ ରିଭଲଭରକୁ କିଛି ସମୟ ଚାହିଁବା ପରେ ଚୌକିରୁ ଉଠିଯାଇ ଘର ଭିତରେ ପଦଚାରଣ କରିବାକୁ ଲାଗିଲେ।

ଅସ୍ଥିର ମନ ନେଇ ରେନାର୍ଦ କିଛି ସମୟ ପାଇଁ ଘରଭିତରେ ଏପଟସେପଟ ହେଲାପରେ ପାଣି ଜଗ୍‌ରେ ନିଜର ରୁମାଲ ବୁଡ଼ାଇ କପାଳରେ ଓ ମୁହଁରେ ଲାଗିଥିବା ଝାଳକୁ ପୋଛିଲେ। ପୁଣି ଚାଲିଲେ ଯେତେଥର ସେ ଘରଭିତରେ ଏପଟ ସେପଟ ହେଉଥିଲେ ରିଭଲଭରର ଧଳା ଅଂଶ ତାଙ୍କୁ ଆକର୍ଷିତ କରୁଥିଲା। ସେ ଘଣ୍ଟାରୁ ସମୟ ପଢ଼ି ଭାବୁଥିଲେ, "ନା, ମୋ ହାତରେ ଆହୁରି ସମୟ ଅଛି।"

ସଂଧ୍ୟା ୬ଟା ୩୦ମି.ହେଲା। ସେ ରିଭଲଭରକୁ ମୁଠାଇ ଧରିଲେ। ତାଙ୍କ ମୁହଁ ବିକୃତି ଦିଶିଲା। ପାଟି ଖୋଲି ସେ ରିଭଲଭର ବ୍ୟାରେଲକୁ ଭର୍ତ୍ତି କଲେ। ସତେଯେମିତି ରେନାର୍ଦ ସେ ରିଭଲଭରକୁ ଗୋଟା ଗିଳିବାକୁ ଚାହୁଁଛନ୍ତି। କେତେ ସମୟ ପର୍ଯ୍ୟନ୍ତ ନିଶ୍ଚଳ ହୋଇ ନିରବରେ ଛିଡ଼ାହେଲା ପରେ ଟ୍ରିଗାର ଉପରେ ଆଙ୍ଗୁଠି ରଖିଲାବେଳେ ତାଙ୍କ ମନ ଭୟ ଜଡ଼ସଡ଼ ହୋଇ ଉଠିଲା। ଛେପ ପକାଇଲା ପରି ସେ ରିଭଲଭରକୁ ପାଟିରୁ କାଢ଼ି ପକାଇଲେ। ଚୌକି ଉପରେ ବସିପଡ଼ି ମନକୁ ମନ କହିଲେ, "ନା! ମୁଁ ପାରିବି ନାହିଁ।

କେହି କବାଟ ଖଡ଼୍‌ଖଡ଼୍ କରିବାରୁ ରେନାର୍ଦ ଚମକି ପଡ଼ିଲେ। ଚାକର ବାହାରୁ କହିଲା, "ଖାଇବା ସମୟ ଗଡ଼ି ଯାଉଛି।

"ଠିକ୍ ଅଛି।" ସେ କହିଲେ, "ଚାଲ ମୁଁ ତଳକୁ ଯାଉଛି।

ରିଭଲଭରକୁ ଡ୍ରରୁ ଉଠାଇ ସେ ଡ୍ର ଭିତରେ ରଖିଲେ। ଦର୍ପଣ ସାମ୍ନାରେ ଛିଡ଼ାହୋଇ ନିଜର ମୁଖ ଭଙ୍ଗୀକୁ ନିରୀକ୍ଷଣ କଲେ। ସବୁଦିନ ପରି ତାଙ୍କ ମୁହଁ ଉତ୍ତେଜିତ ଦିଶୁଥିଲା। ସେ ଯାଇ ଖାଇବା ଟେବୁଲରେ ବସିଲେ।

ତାଙ୍କୁ ଜନଗହଳି ଭଲ ଲାଗୁଥିବାରୁ ସେ ଧିରେଧିରେ ଖାଇଲେ। ଯେମିତିକି ସେ ସେମାନଙ୍କ ସହ ଅଧିକ ସମୟ ବିତାଇ ପାରିବେ। ଟେବୁଲ ସଫା ହେବା ଭିତରେ ସେ କେତୋଟି ସିଗାରେଟ ଟାଣିଲେ। ତା'ପରେ ନିଜ ଶୋଇବା ଘରକୁ ଫେରିଗଲେ।

ଶୋଇବା ଘର ବନ୍ଦ କଲାପରେ ସେ ଖଟ-ତଳ, କାନ୍ଥ ଆଲମିରା, କବାଟ ପଛ ଓ ଅନ୍ୟାନ୍ୟ ଆସବାବ ପତ୍ରର ତଳ ଖୋଜିଲେ। ଭୟରେ ତାଙ୍କ ଦେହ ଶୀତେଇ ଉଠିଲା। ମୁହଁ ବିକୃତ ଦିଶିଲା। କାରଣ ସେ ଜାଣିଥିଲେ ସବୁଦିନ ପରି ଆଜିବି ସେ ସେଇ ଛୋଟିଆ ଝିଅ ରୁକୀକୁ ଦେଖିବେ। ରୁକୀକୁ ସେ ଧର୍ଷଣ କରିବା ପରେ ତା' ଗଳାଚିପି ହତ୍ୟା କରିଥିଲେ।

ରୁକୀ ମରିବାର ରାତିରୁ ଏକ ଭୟାନକ ଦୃଶ୍ୟ ତାଙ୍କ ଆଖି ଆଗରେ ଭାସି ଉଠୁଥିଲା। ମେସିନ୍‌ର ଘର୍ଘର ଶବ୍ଦ ବା ଦୂର ପୋଲ ଉପରେ ଟ୍ରେନ୍‌ଟିଏ ଯାଉଥିବାର ଶବ୍ଦ ତାଙ୍କ କାନ ପାଖରେ ପ୍ରତିଧ୍ୱନିତ ହେଉଥିଲା। ସେ ଅଣ ନିଶ୍ୱାସୀ ହୋଇ ଯାଉଥିଲେ। ଗଳା ରୁଦ୍ଧି ହୋଇ ଯାଉଥିଲା। ସେ ସାର୍ଟର ଉପର ବୋତାମ ଓ ଅଣ୍ଟାର ବେଲ୍ଟ ଖୋଲି ଦେଉଥିଲେ। ରକ୍ତ ସଂଚାଳନ ପାଇଁ ସେ ଘର ଭିତରେ ଏପଟ ସେପଟ ହେଉଥିଲେ। ପଢ଼ିବାକୁ ଟେବୁଲ ପାଖରେ ବସିଲେବି ମନ ସ୍ଥିର ରହୁନଥିଲା। ଗୀତ ଗାଇବାକୁ ଚେଷ୍ଟାକରି ବିଫଳ ହେଉଥିଲେ। ତାଙ୍କ ମନ ଛାଁ ସେଇ ହତ୍ୟା ଆଡ଼କୁ ଚାଲି ଯାଉଥିଲା। ଘଟଣାଟିର ସମସ୍ତ ଦୃଶ୍ୟ ତାଙ୍କ ଆଖି ଆଗରେ ଭାସି ଉଠି ତାଙ୍କ ମନକୁ ଦଗ୍ଧ କରୁଥିଲା।

ଘଟଣାର ପରଦିନ ସେ ଯେତେବେଳେ ବିଛଣା ଛାଡ଼ିଲେ ସେତେବେଳେ ତାଙ୍କୁ ବାନ୍ତି ଲାଗିଲା ଓ ମୁଣ୍ଡ ବିନ୍ଧୁଥିଲା। ଗରମ ଓ ଖରା ଯୋଗୁଁ ଏମିତି ଲାଗୁଛି ବୋଲି ମନେକରି ଆଉ ସେ ନିଜ କୋଠରୀ ଭିତରୁ ବାହାରିଲେ ନାହିଁ। ଚାକରମାନେ ଖାଇବା ପାଇଁ ଡାକିବାରୁ ସେ ଘରୁ ବାହାରକୁ ଆସିଲେ। ଖାଇବା ପରେ ବିଶ୍ରାମ ନେଲେ। ଅପରାହ୍ନରେ ବଗିଚା ଭିତରକୁ ଯାଇ ଥଣ୍ଡା ପବନ ଉପଭୋଗ କଲେ। ମାତ୍ର ତାଙ୍କୁ ଅଣନିଃଶ୍ୱାସୀ ଲାଗୁଥିଲା। ସୂର୍ଯ୍ୟଙ୍କ ଉତ୍ତପ୍ତ କିରଣ ଶୁଖିଲା ଭୂଇଁକୁ ଅଧିକ ଉତ୍ତପ୍ତ କରୁଥିଲା। ଚାରିଆଡ ନିସ୍ତବ୍ଧ ମନେ ହେଉଥିଲା। ଏମିତିକି ଝିଣ୍ଟିକା ମାନଙ୍କର ଝିଁ, ଝିଁ ରାବ ବି ଶୁଭୁନଥିଲା। ନିଜର ମନ ଓ ଦେହକୁ ହାଲୁକା କରିବା ଉଦ୍ଦେଶ୍ୟରେ ବଗିଚା ଓ ନଈ କୂଳରେ ବୁଲୁଥିବାବେଳେ ତାଙ୍କର ମନେହେଉଥିଲା ଏକ ଅଦୃଶ୍ୟ ହାତ ଲମ୍ବି ଆସି ତାଙ୍କ ତଣ୍ଟିକୁ ଚିପି ପକାଉଛି।

ଗୋଟିଏ କଥା ତିନିମାସ ହେଲାଣି ରେନାର୍ଡଙ୍କ ମନକୁ ଆଚ୍ଛନ୍ନ କରି ରଖିଥିଲା; ସେ ଆଉଥରେ ବିବାହ କରିବେ। ନିଃସଂଗତା ତାଙ୍କ ଦେହ ଓ ମନକୁ ପୀଡ଼ିତ କରୁଥିଲା। ଦଶବର୍ଷ ହେଲାଣି ଯେଉଁ ନାରୀସଙ୍ଗ ତାଙ୍କ ଅଭ୍ୟାସରେ ପଡ଼ିଯାଇଥିଲା ତାକୁ ସେ ଭୁଲି ପାରୁନଥିଲେ। ନାରୀର ଆଲିଙ୍ଗନ, ଚୁମ୍ବନ ଓ ସଙ୍ଗ ସୁଖକୁ ସେ ଖୋଜୁଥିଲେ। ଆବଶ୍ୟକତା ଅନୁଭବ କରୁଥିଲେ। ତେଣୁ ସ୍ତ୍ରୀଙ୍କ ମୃତ୍ୟୁ ପରଠାରୁ ସେ ଅତି ଦୁଃଖରେ ଦିନ ବିତାଉଥିଲେ। ଛଅମାସ ହେଲାଣି ସେ ନାରୀର ସଙ୍ଗ-ସୁଖରୁ ବଞ୍ଚିତ ଥିଲେ।

ଯଦିଓ ତାଙ୍କ ଆତ୍ମା ଥିଲା ପବିତ୍ର ମନ ଥିଲା ଚଞ୍ଚଳ। ତାଙ୍କ ଶକ୍ତିଶାଳୀ ଶରୀର ରତିକ୍ରୀଡ଼ା ପାଇଁ ବ୍ୟଗ୍ର ହୋଇ ଉଠୁଥିଲା। ଆଖପାଖର କୌଣସି ଝିଅ ବା ବିଧବାକୁ ବିବାହ କରିବା ପାଇଁ ସେ ଚାହୁଁଥିଲେ। ରାତିରେ ନିଦ ଭଲ ହେଉନଥିଲା। ରତିକ୍ରୀଡ଼ାର ରୋମାଞ୍ଚକ ଦୃଶ୍ୟ ତାଙ୍କ ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିବା ସହ ଚେଇଁ ରହିଥିଲା ବେଳେ ମଧ୍ୟ ତାଙ୍କୁ ହଇରାଣ କରୁଥିଲା। ସେସବୁ ଭାବନାକୁ ମନରୁ ତଡ଼ି ଦେଇ ନିଜକୁ ନିଜେ କହୁଥିଲେ, ମୁ ଗୋଟାଏ ଋଷି ହୋଇଗଲିଣି।

ସେଦିନ ସକାଳେ ସେ ବ୍ରିନ୍ଦଲ ନଈକୁ ଗୋଧୋଇବା ପାଇଁ ଗଲେ। ନଈରେ ଗାଧୋଇଲେ ହୁଏତ ଟିକିଏ ହାଲୁକା ଲାଗିବ। ରକ୍ତର ଉଷ୍ଣତା ପ୍ରଶମିତ ହେବ।

ନଈର ଯେଉଁଠି ଗଭୀର ପାଣିଥିଲା ଓ ଗାଁ ଲୋକମାନେ ଯେଉଁଠି ଗାଧୋଉଥିଲେ ସେ ସେଇ ଆଡ଼କୁ ଗଲେ। ଗହଳ ଗଛର ଡ଼ାଳ ତଳେ ଥିବା ନଈର ସେ ଅଂଶ ଥଣ୍ଡା ପୋଖରୀ ପରି ମନେ ହେଉଥିଲା। ରେନାର୍ଡ ଯେତେ ଆଗକୁ ଗଲେ ପାଣି ଚବରଚବର ଶବ୍ଦ ଶୁଣିବାକୁ ପାଇଲେ। କିନ୍ତୁ ଏହି ଶବ୍ଦ ନଈ ପାଣି କୂଳରେ ପବନ ଯୋଗୁଁ ପିଟି ହେବାର ଶବ୍ଦ ନଥିଲା। ସେ ଦୂରରୁ ଲକ୍ଷ୍ୟକରି ଦେଖିଲେ ଅଳ୍ପ ବୟସର ଝିଅଟିଏ ସଂପୂର୍ଣ୍ଣ ଉଲଗ୍ନ ହୋଇ ପାଣିରେ ପଶି ନାଚୁଛି, ଗୀତ ଗାଉଛି ଓ ଦୁଇ ହାତରେ ପାଣିକୁ ପିଟୁଛି।

ରେନାର୍ଡ ଝିଅଟିକୁ ଚାହିଁ ରହିଲେ। ଝିଅଟିର ବୟସ ବେଶୀ ନୁହେଁ। ଯୌବନର ପ୍ରଥମ ସୋପନରେ। ତାଙ୍କ ମନ ବିଚଳିତ ହେବାରେ ଲାଗିଲା। ସେ ସେଇଠି ଛିଡ଼ାହୋଇ ରହିଲେ। ତାଙ୍କ ହୃଦ୍ ସ୍ପନ୍ଦନ ବଢ଼ିବାରେ ଲାଗିଲା। ଏବେ ପରୀଟିଏ ତାଙ୍କ ସାମ୍ନାରେ।

ଝିଅଟି ଗାଧୁଆ ସାରି ଉପରକୁ ଆସିଲା। ସେ ରେନାର୍ଡଙ୍କ ଉପସ୍ଥିତି ଜାଣିପାରି ନଥିଲା। ଲୁଗା ନେଇ ପିନ୍ଧିବ ବୋଲି ତାଙ୍କ ଆଡ଼କୁ ଆସିଲା। ଧିର ପଦ ପାତରେ ଉଲଗ୍ନା ଝିଅଟି ତାଙ୍କରି ପାଖକୁ ଆସିଲା। ରେନାର୍ଡ ନିଜ ମନ ଉପରୁ ନିୟନ୍ତ୍ରଣ ହରାଇ ତା'ଆଡକୁ ଠେଲି ହୋଇଗଲେ। ଏକ ଜାନ୍ତବ କାମନା ତାଙ୍କ ମାଂସପେସିକୁ ଟାଣ କରିଦେଲା। ନିଜର ସମସ୍ତ ଆତ୍ମ ସଚେତନାତାକୁ ଭୁଲି ରେନାର୍ଡ ଝିଅଟିକୁ ଦୁଇ ହାତରେ ଜାବୁଡ଼ି ଧରିଲେ। ଭୟରେ ଝିଅଟି ପାଟି ନକରି, ବିରୋଧ ନକରି ତଳେ ପଡ଼ିଗଲା। ନିଜେ କଣ କରୁଛନ୍ତି ନଭାବି ରୋନର୍ଡ ସେଇ ଝିଅଟିକୁ ଧର୍ଷଣ କଲେ।

ସ୍ୱପ୍ନରୁ ଉଠିଲା ପରି ରେନାର୍ଡ ଉଠି ଛିଡା ହେଲେ। ଝିଅଟି କାନ୍ଦିବାକୁ ଲାଗିଲା।

ହେକ୍ ଚୁପ୍ ରହ, ରେନାର୍ଡ କହିଲେ, "ମୁ ତତେ ବହୁତ ଟଙ୍କା ଦେବି।"

ଝିଅଟି କିଛି ଉତ୍ତର ନଦେଇ କାନ୍ଦି ଚାଲିଲା।

ସେ ପୁଣି କହିଲେ, "ରହ, ଚୁପ୍ ରହ ଏବେ।"

ଚିତ୍କାର କରି ଝିଅଟି ଖସି ପଳେଇବାକୁ ଚେଷ୍ଟା କଲା।

ଧରାପଡ଼ିବା ଭୟରେ ରେନାର୍ଦ ଝିଅଟିର ଗଳା ଧରି ଟାଣି ଆଣିଲେ। ମୃତ୍ୟୁ କବଳରୁ ରକ୍ଷା ପାଇବାକୁ ଶେଷ ଚେଷ୍ଟା କଲାପରି ଝିଅଟି ସମସ୍ତ ବଳ ପ୍ରୟୋଗ କରି ଛାଟିପିଟି ହେଲା। ମାତ୍ର ରେନାର୍ଦଙ୍କ ଶକ୍ତ ହାତ ଝିଅଟିର ଚିତ୍କାର ଯୋଗୁଁ ଫୁଲି ଉଠୁଥିବା ଗଳାକୁ ଚିପି ଧରିଲା। ପଶୁପରି ରେନାର୍ଦ ଏତେ ଜୋର୍‌ରେ ଝିଅର ଗଳାକୁ ଚିପିଲେଯେ ଅଳ୍ପ କେତେ ସେକେଣ୍ଡରେ ମାରି ଦେବାକୁ ସ୍ୱପ୍ନରେ ନଭାବି ମଧ ମାରି ଦେଇଥିଲେ। ବାସ୍ତବରେ ସେ ତାକୁ ନିରବ କରିବାକୁ ଚାହୁଁଥିଲେ।

ତା'ପରେ ସେ ଭୟରେ ଥରିଲେ।

ଝିଅଟି ତାଙ୍କ ସାମ୍ନାରେ ପଡ଼ିଥିଲା। ତା ମୁହଁରୁ ରକ୍ତ ଝରୁଥିଲା ଓ କଳା ଦିଶୁଥିଲା। ରେନାର୍ଦ ଭାବୁଥିଲେ ଧାଇଁ ପଳାଇବେ। ମାତ୍ର ତାଙ୍କ ମସ୍ତିଷ୍କ ଠିକ୍ ଢ଼ଙ୍ଗରେ କାମ କଲା ନାହିଁ। ସେ କ'ଣ କରିବେ, ନକରିବେ ସ୍ଥିର କରିପାରିଲେ ନାହିଁ। ପ୍ରଥମେ ଭାବିଲେ ମୃତ ଦେହକୁ ନେଇ ନଈ ପାଣିରେ ପକାଇଦେବେ। ତା'ପରେ କଣ ମନହେଲାଯେ ମୃତ ଦେହକୁ ନଈ ପାଣିକୁ ନନେଇ ତା' ଲୁଗାତକ ଏକାଠି ଗଣ୍ଠିଲି କରି ପାଣି ଭିତର ଗଛ ଗଣ୍ଡିର କୋରଡ଼ ଭିତରେ ପୁରାଇଦେଇ ବଗିଚା ମଝିକୁ ଚାଲି ଆସିଲେ। ଘରକୁ ଫେରି ଖାଇଲାବେଳେ ଚାକରମାନଙ୍କ ଆଗରେ କେଉଁ ଆଡ଼କୁ ବୁଲିବା ପାଇଁ ଯାଇଥିବାର ପରିକଳ୍ପିତ କାହାଣୀଟିଏ ଶୁଣାଇଲେ।

ସେଦିନ ରାତିରେ ତାଙ୍କର ଭଲ ନିଦ ହୋଇଥିଲା। ଭୋରୁଭୋରୁ ନିଦ ଭାଙ୍ଗିଥିଲେ ମଧ ସେ ନଉଠି ବିଛଣାରେ ନିର୍ଦ୍ଧାରିତ ଉଠିବା ସମୟକୁ ଅପେକ୍ଷାକରି ପଡ଼ି ରହିଲେ।

ପରଦିନ ସେ କିଛି ନଜାଣିଥିବା ସାଧାରଣ ମଣିଷଙ୍କ ପରି ତଦନ୍ତ ସମୟରେ ଉପସ୍ଥିତ ରହିବାକୁ ବାଧ ହୋଇଥିଲେ। ଅର୍ଦ୍ଧ ପାଗଳଙ୍କ ପରି ଲୋକମାନଙ୍କୁ, ଜିନିଷମାନଙ୍କୁ ସ୍ୱପ୍ନର ଅଂଶ ପରି ଦେଖୁଥିଲେ। କୌଣସି ଏକ ବିପଦ-ଜନକ ପରିସ୍ଥିତି ସାଧାରଣ ମଣିଷର ମନକୁ ଆଚ୍ଛାଦିତ କଲାପରି ସେ କ୍ୱଚିତ ସଚେତନ ରହୁଥିଲେ। ମାତ୍ର ଯେତେବେଳେ ଝିଅର ମା ମୁଣ୍ଡ କଚାଡ଼ି କାନ୍ଦିଲା ସେତିକିବେଳେ ତାଙ୍କର ଇଚ୍ଛା ହେଉଥିଲା ଆଣ୍ଠେଇପଡ଼ି ମା ଆଗରେ ସ୍ୱୀକାର କରିବେ ଯେ ଏ ଅପରାଧ ସେ କରିଛନ୍ତି, ହେଲେ ସେ ନିଜକୁ ଚୁପ୍ ରଖିଲେ। ରାତିରେ ବଗିଚା ଭିତରକୁ ଯାଇ ଝିଅଟିର ଜୋତା ଦୁଇଟିକୁ ଆଣି ମା'ର ଦୁଆର ମୁହଁରେ ରଖିଦେଲେ।

ଯେତେଦିନ ପର୍ଯ୍ୟନ୍ତ ତଦନ୍ତ କାର୍ଯ୍ୟ ଚାଲିଥିଲା ରେନାର୍ଦ ସେଥିରେ ସଂପୃକ୍ତ ରହି ନ୍ୟାୟକୁ ବାଟବଣା କରୁଥିଲେ। ଧୂର୍ତ୍ତ ଭାବରେ ହସୁଥିଲେ। ମାଜିଷ୍ଟ୍ରେଟଙ୍କ ସହ ଆଲୋଚନା, ପର୍ଯ୍ୟାଲୋଚନା କରୁଥିଲେ। ସିଦ୍ଧାନ୍ତକୁ ବଦଳାଉଥିଲେ। ତଦନ୍ତ ପ୍ରକ୍ରିୟାକୁ ଏପଟ ସେପଟ କରୁଥିଲେ। ତଦନ୍ତକାରୀମାନେ ଯାହାକୁ ସନ୍ଦେହ କରୁଥିଲେ ରେନାର୍ଦ ସେମାନଙ୍କ ନିରୀହତା ସମ୍ପର୍କରେ ସୂଚନା ଦେଇ ତଦନ୍ତ କାର୍ଯ୍ୟକୁ ଶିଥିଳ କରାଇବାରେ ସକ୍ଷମ ହେଲେ।

ଯେଉଁଦିନ ଠାରୁ ତଦନ୍ତ ପ୍ରକ୍ରିୟା ବନ୍ଦ ହୋଇଗଲା ସେଇଦିନଠାରୁ ତାଙ୍କ ମନରେ ଭୟ ବସା ବାନ୍ଧିଲା। ନିଜ ମନରେ ଉପୁଜୁଥିବା କ୍ରୋଧକୁ ମନ ଭିତରେ ଚାପି ରଖିବା ପାଇଁ ଉଦ୍ୟମ କଲାବେଳକୁ ସେ ପୂର୍ବାପେକ୍ଷା ଅଧିକ ଉତ୍ତେଜିତ ହୋଇ ପଡୁଥିଲେ। ମୁହଁରେ ମାଛିଟିଏ ବସିପଡ଼ିଲେ ସେ ଚମକି ପଡୁଥିଲେ। ଭୟରେ ତାଙ୍କ ଦେହ ଥରୁଥିଲା। ତାପରେ ତାଙ୍କର ଇଚ୍ଛା ହେଲା ବୁଲାଚଲା କରିବେ। ବହୁତ ଦୂର ପର୍ଯ୍ୟନ୍ତ ଦୃତ ଗତିରେ ଚାଲିବା ପାଇଁ କେହି ଯେମିତି ତାଙ୍କୁ ବାଧ କରୁଥିଲା। ବେଳେବେଳେ ରାତିରେ ନିଜ ବିଛଣାରେ ନଶୋଇ ସେଇ କୋଠରୀ ଭିତରେ ଚାଲୁଥିଲେ।

ସେ ଥିଲେ ଏକ ଭିନ୍ନ ସ୍ୱଭାବର ମଣିଷ। ମଣିଷ ଜୀବନ ପ୍ରତି ତାଙ୍କର ଆଦୌ ସମ୍ମାନ ନଥିଲା। ସେ ଦୁଃଖରେ ଅଭିଭୂତ ହେଉନଥିଲେ। ସେ ଥିଲେ ଯୁଦ୍ଧଖୋର ହିଂସ୍ର ସ୍ୱଭାବର ମଣିଷ। ତାଙ୍କ ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ଚର୍ଚ୍ଚକୁ ସମର୍ଥନ କରୁଥିଲେବି ଈଶ୍ୱର ବା ସଇତାନଙ୍କୁ ବିଶ୍ୱାସ କରୁନଥିଲେ। ପାପପୁଣ୍ୟ, ମୃତ୍ୟୁପରେ ଜୀବନକୁ ସେ ମଧ ସ୍ୱୀକାର କରୁନଥିଲେ। କୌଣସି ଲୋକକୁ ମାରିବା ଏକ ସହଜ ଘଟଣା ବୋଲି ଭାବୁଥିଲେ। ଏହା ଏକ 'ହରିଣକୁ ଗୁଳି କରିବା ପରି ତାଙ୍କୁ ମନେହେଉଥିଲା। କିନ୍ତୁ ଝିଅଟିକୁ ଧର୍ଷଣ କଲାପରେ ତଣ୍ଟିଚିପି ମାରିବା ତାଙ୍କ ମନକୁ ଚହଲାଇ ଦେଇଥିଲା। ଯୌନ ପିପାସାର ବଶବର୍ତ୍ତୀ ହୋଇ ସେ ଏ ଅପକର୍ମ କରିବାକୁ ବାଧ ହୋଇଥିଲେ। ଝିଅକୁ ଜବରଦସ୍ତ ଧର୍ଷଣ କରିବା, ଧର୍ଷଣପରେ ତା ଚିତ୍କାରକୁ ବନ୍ଦ କରିବା ନିମନ୍ତେ ନିଜ ହାତ ଆଙ୍ଗୁଳିମାନଙ୍କ ସାହାଯ୍ୟରେ ତା ଗଳା ଚିପିବା କଥାକୁ ସେ ଆଦୌ ପାଶୋରି ପାରୁନଥିଲେ। ସତେଯେମିତି ସମସ୍ତ ଘଟଣା ତାଙ୍କ ହୃଦୟ ଅଳିନ୍ଦରେ ସତେଜହୋଇ ଏ ଅବଧି ଜିଇଁ ରହିଥିଲା। ସେ ଯେତେ ଭୁଲିବାକୁ ଚେଷ୍ଟା କରୁଥିଲେ କଥାଟା ସେତେ ଅଧିକ ମନେ ପଡୁଥିଲା।

ଏଣିକି ସେ ଅନ୍ଧାରକୁ ଡ଼ରିଲେ। ସଞ୍ଜହେଲେ ସେ ବାହାରକୁ ଯିବାକୁ ଚାହୁଁ ନଥିଲେ। ଏହାର କାରଣ କଣ ସେ ଜାଣିପାରୁ ନଥିଲେ। ଏମିତିକି ନିଜ ଛାଇକୁ ଦେଖି ଡରୁଥିଲେ। ଏହାର କାରଣ ଜାଣିବା ଉଦ୍ଦେଶ୍ୟରେ ସେ ଥରେ ରାତିରେ ନଶୋଇ ନିଜ ଚୌକିରେ ବସିଥିଲାବେଳେ ଦେଖିଲେ ତାଙ୍କ ଝରକାର ପରଦା ହଲୁଛି। କିଛି ସମୟପରେ ପରଦା ସ୍ଥିର ହୋଇଗଲା ଓ ପୁଣ ହଲିଲା ପରି ମନେହେଲା। ସେ ଡ଼ରିଗଲେ। ଏମିତି ଭୟ ତାଙ୍କୁ ମାଡ଼ିବସିଲାଯେ ସେ ଚୌକିରୁ ଉଠିବାକୁ ସାହସ କଲେ ନାହିଁ। ଏମିତିକି ନିଃଶ୍ୱାସ ନେବାକୁବି ତାଙ୍କୁ ଡ଼ର ଲାଗିଲା।

ପ୍ରକୃତରେ କ'ଣ ପରଦା ହଲିଥିଲା। ସେ ନିଜକୁ ନିଜେ ପଚାରିଲେ। ହୁଏତ ତାଙ୍କ ଆଖି ତାଙ୍କୁ ଧୋକା ଦେଇଥିବ। ପରଦା ପୁଣିଥରେ ହଲିଲା। ଖୁବ୍ ଧିରେ ହଲିଲା। ପବନରେ ଜୋର୍‌ରେ ହଲିବା ପରି ଦୋହଲି ନଥିଲା।

ମନର ଦୁର୍ବଳତା କଥା ଭାବି ଲଜ୍ଜିତ ହେଲେ। ଝରକା ପାଖକୁ ଯାଇ ପରଦାକୁ ଦୁଇ କଡ଼କୁ ଆଡ଼େଇ ଦେଲେ। ଝରକା ସେପଟେ ଅନ୍ଧାର ଖାଲି ଅନ୍ଧାର। ରାତ୍ରିର ବିରାଟ କଳା ଅନ୍ଧାର ମାଡ଼ି ବସିଛି ଦୂର ଦିଗବଳୟ ପର୍ଯ୍ୟନ୍ତ। ସେ ସେଇ ଅନ୍ଧାରକୁ କିଛି ସମୟ ଚାହିଁ ରହିବା ପରେ ଦେଖିଲେ

କ୍ଷୀଣ ଆଲୋକ ଧିରେଧିରେ ନଈ ପାଣିର ଧାରେଧାରେ ଚାଲୁଛି। ସେ ଭାବିଲେ କେହି ବୋଧହୁଏ ମାଛ ଧରିବା ଉଦ୍ଦେଶ୍ୟରେ ନଈକୁ ଯାଇଛି। ରେନାର୍ଡ ଆଖି ପତାକୁ ମକଚି ଆଉଥରେ ସେଇ ଅନ୍ଧାର ଭିତରେ ଚାହିଁଲେ। ଏଥର ସେ ଦେଖିଲେ ସେଇ କ୍ଷୀଣ ଆଲୋକ ରୁକ୍‌ର ଉଲଗ୍ନ ଓ ରକ୍ତାକ୍ତ ଶରୀରରେ ରୂପାନ୍ତରୀତ ହୋଇ ସେଇଠି ପଡ଼ିରହିଛି।

ସେ ଆଉ ତେଣିକି ଚାହିଁ ନପାରି ଚୌକି ପାଖକୁ ଫେରି ଆସିଲେ। ତାଙ୍କ ମୁଣ୍ଡ ବୁଲେଇଲା। କିଛି ସମୟ ପର୍ଯ୍ୟନ୍ତ ବିଛଣାରେ ପଡ଼ି ରହିବା ପରେ ଭାବିଲେ ଏହା ତାଙ୍କ ମନର ଭ୍ରମ। ରାତ୍ରିଚରଟି ଲଣ୍ଠନ ନେଇ ଯାଉଥିବାର ଦେଖି ତାଙ୍କର ଏ ଦୃଷ୍ଟିଭ୍ରମ ହୋଇଛି।

ପାଣି ପିଇସାରି ସେ ଚୌକି ଉପରକୁ ଫେରିଆସିଲେ। ନିଜକୁ ନିଜେ ପଚାରିଲେ ସେ ଯଦି ପୁଣିଥରେ ସେଇ ମୃତା ବାଳିକାର ରୂପକୁ ଦେଖନ୍ତି ! ସେ ଚୌକିକୁ ବୁଲାଇ ଦେଲେ। ଏଥର ତାଙ୍କ ଦୃଷ୍ଟି ଆଉ ଝରକା ବାହାରେ ନଥିଲା। ସେ ବହିଟିଏ ପଢ଼ିବାକୁ ଆରମ୍ଭ କଲେ। ମାତ୍ର ତାଙ୍କ ପଛରେ କେହି ଚାଲୁଥିବାର ଶବ୍ଦରେ ପଛକୁ ବୁଲିପଡ଼ିଲେ। ପର୍ଦ୍ଦା ହଲୁଥିଲା। ସେ ଧାଇଁଯାଇ ଏତେ ଜୋର୍‌ରେ ପର୍ଦ୍ଦାକୁ ଟାଣିଦେଲେଯେ ତାହା ଛିଣ୍ଡି ତଳେ ପଡ଼ିଲା। କାଚ ଏପଟେ ମୁହଁ ରଖି ବାହାର ଅନ୍ଧାରକୁ ଚାହିଁଲେ। ତାଙ୍କୁ କିଛି ଦେଖାଗଲା ନାହିଁ। ମୃତ୍ୟୁରୁ ରକ୍ଷା ପାଇଯାଇଥିବା ଲୋକ ପରି ଆଶ୍ୱସ୍ତ ମନେକଲେ। ଖୁସିରେ ନିଃଶ୍ୱାସ, ପ୍ରଶ୍ୱାସ ନେଲେ।

ସେ ଚୌକିରୁ ଫେରି ଆସିଲେ। ତାଙ୍କର ଇଚ୍ଛା ହେଲା ପୁଣି ଝରକା ଦେଇ ବାହାରକୁ ଚାହିଁବେ। ଝରକା ସେପଟରେ ବଡ଼ ଛାଇ ଛାଇଆ କଣା ପରି ଦେଖାଗଲା। ଏହା ତାକୁ ଯେତିକି ଆନନ୍ଦିତ କଲା ସେତିକି ଭୟଭୀତ କଲା। ଏହି ଭୟାନକ ମୃତ୍ୟୁର ଆଶଙ୍କାରୁ ଦୂରେଇ ଯିବା ପାଇଁ ସେ ଲୁଗା ବଦଳାଇ, ଆଲୁଅ ଲିଭାଇ, ଆଖି ବୁଜି ଖଟରେ ଶୋଇ ପଡିଲେ। ଦେହରୁ ଗମ୍ ଗମ୍ ଝାଳ ନିଗିଡ଼ି ପଡୁଥିଲା। ତଥାପି ସେ ନିଦକୁ ଅପେକ୍ଷା କରିଥିଲେ। ହଠାତ୍ ସେ ଅନୁଭବ କଲେ ଉଜ୍ଜ୍ୱଳ ଆଲୋକ ତାଙ୍କ ମୁହଁ ଉପରେ ପଡ଼ିଲା। ସେ ଭାବିଲେ ସମ୍ଭବତଃ ତାଙ୍କ ଘରେ ନିଆଁ ଲାଗିଗଲା। ସେ ଆଖି ଖୋଲିଲେ। କହୁଣୀ ଭରାଦେଇ ଘନ ଅନ୍ଧାରକୁ ଚାହିଁଲେ। ଆକାଶରେ କେତୋଟି ତାରା ଦିଗ୍‌ଦିଗ୍ କରୁଥିଲା। ସେ ଝରକା ପାଖକୁ ଗଲେ। ଠିକ୍ ସେଇଠି ଗଛ ମୂଳରେ ଉଜ୍ଜ୍ୱଳ ଆଲୋକରେ ମୃତା ବାଳିକାର ଦେହ ଉଜ୍ଜ୍ୱଳ ଆଲୋକରେ ସ୍ପଷ୍ଟ ଦିଶୁଥିଲା। ତା ଚାରିପାଖରେ ଅନ୍ଧାର ଘେରି ରହିଥିଲା।

ଛାନିଆରେ ସେ ଚିତ୍କାର କରି ବିଛଣାକୁ ଫେରି ଆସିଲେ। ତକିଆରେ ମୁହଁ ଓ ମୁଣ୍ଡକୁ ଚାପି ରଖିଲେ।

ଦିନକୁ ଦିନ ରୋନାର୍ଡଙ୍କ ଜୀବନ ଦୁର୍ବିସହ ହେବାରେ ଲାଗିଲା। ରାତିର ଭୟାନକ ଦୃଶ୍ୟ ସମ୍ପର୍କରେ ଭାବିଭାବି ଦିନସାରା ଆଶଙ୍କାରେ ବିତାଇଲେ। ରାତିରେ ସେହି ଦୃଶ୍ୟକୁ ନଦେଖିବା ପାଇଁ ସେ ଯେତେ ମନକୁ ସ୍ଥିରକରିବାକୁ ଚେଷ୍ଟା କଲେ ବ୍ୟର୍ଥ ହେଲେ। ଅନିଚ୍ଛା ସତ୍ତ୍ୱେ ସେ ଝରକା ପାଖକୁ ଗଲେ। ପୁରୁଣା ଦୃଶ୍ୟ ତାଙ୍କ ଆଖି ଆଗରେ ଝଲସୀ ଉଠିଲା। ସେଇଠି ସେମିତି ହାତ ଗୋଡ଼ ମେଲେଇ ପଡ଼ି ରହିଛି। ଗାଁ ସାରା ଲୋକ ତାକୁ ଘେରି ରହିଛନ୍ତି।

ସେ ଦେଖିଲେ ସେଦିନ ପରି ଝିଅଟି ଗାଧୋଇ ସାରି ଉଲଗ୍ନ ଭାବେ ନଈରୁ ତା ହତ୍ୟାକାରୀ ଆଡ଼କୁ ଆସୁଛି। ତା'ପରେ ସେଇ କୁନି ଝିଅଟି ଆଉ ସେଇ ଗଛ ପାଖରେ ନରହି ତାଙ୍କ ଝର୍କା ପର୍ଯ୍ୟନ୍ତ ପବନ ମାଧ୍ୟମରେ ଉଡ଼ିଗଲା। ରେନାର୍ଡଙ୍କ ଦେହରୁ ଝାଳ ବୋହିଗଲା। ଜୀବନ୍ତ ଭୂତକୁ ଦେଖି ସେ ପଛେଇ ପଛେଇ ଖଟ ପାଖକୁ ଗଡ଼ି ପଡିଲେ। ତାଙ୍କ ଚେତା ବୁଡ଼ିଗଲା। ଏଇ ଯେମିତି ଝିଅଟା ପର୍ଦ୍ଦା ସେପଟରୁ ତାଙ୍କ ଆଡ଼କୁ ମାଡ଼ି ଆସିବ। ତାଙ୍କୁ ନିଦ ହେଲା ନାହିଁ। ସେ ଝର୍କାକୁ ଚାହିଁ ରହିଲେ। କେତେବେଳେ ତାଙ୍କ କାମନା ନଈରେ ଝାସ ଦେଇଥିବା ସେଇ ଝିଅଟି ସେଠୁଁ ଅଦୃଶ୍ୟ ହୋଇଯିବ। ହେଲେ ସେ ଛାଇକୁ ଫେରିଯିବାର ଦେଖିଲେ ନାହିଁ। ସେ ସେଇ ପର୍ଦ୍ଦା ପଛପଟରେ ହିଁ ରହିଲା। ମଝିରେ ମଝିରେ ପର୍ଦ୍ଦା ସାମାନ୍ୟ ହଲୁଥିଲା। ଛୋଟ ଝିଅ ରୁକୀର ଗଳାକୁ ସେ ଯେମିତି ସେଦିନ ଚିପିଥିଲେ ଆଜି ସେମିତି ନିଜ ଆଙ୍ଗୁଠି ସାହାଯ୍ୟରେ ବିଛଣାଚାଦରକୁ ଚାପିଧରିଲେ। ରାତିର ନିରବତା ଭିତରେ ଘଣ୍ଟା ଶବ୍ଦ ଓ ନିଜର ହୃଦସ୍ପନ୍ଦନ ଶୁଣି ପାରୁଥିଲେ। ସେ କାତରତାରେ ଏମିତି ଜର୍ଜରିତ ହେଲେ ଯେମିତି କୌଣସି ପୁରୁଷ କେବେ ଏମିତି ଜନ୍ତ୍ରଣାରେ ଜର୍ଜରିତ ହୋଇ ନଥିବେ।

ରାତି ପାହିବାରୁ ସେ ନିଜକୁ ଏଥିରୁ ମୁକ୍ତ ହେବାପରି ମନେକଲେ। ଏଥର ସେ ନିଘୋଡ଼ ନିଦରେ ଶୋଇଥିଲେବି ସ୍ୱପ୍ନରେ ସେଇ ଦୃଶ୍ୟ ବାରମ୍ବାର ଦେଖିଲେ।

ଖାଇବା ପାଇଁ ତଳକୁ ଓହ୍ଲାଇଲା ବେଳକୁ ନଇଁ ପଡ଼ିଥିଲେ। ସତେଯେମିତି ସେ କଠିନ ପରିଶ୍ରମ କରିଥିବା ମୂଲିଆଟିଏ। ତାଙ୍କ ମନରୁ ଭୟ ଅପସରୁ ନଥିଲା। ଭୟରେ ସେ କମ ଖାଇଲେ।

ସେ ଭଲଭାବେ ଜାଣିଥିଲେ ଯେ ଏହା ତାଙ୍କ ଦୁର୍ବଳ ମାନସିକତାର ପ୍ରତିଫଳନ। ମରିଥିବା ଲୋକ କେବେବି ଫେରେ ନାହିଁ। ତଥାପି ତାଙ୍କ ମନ ବୁଝୁ ନଥିଲା। ସେ ଯେତେ ଚେଷ୍ଟା କଲେବି ତାଙ୍କ ମନରୁ ସେ ଭୟକୁ ଦୂରେଇ ପାରୁନଥିଲେ କି ପାରିବେ ନାହିଁ। ଏମିତି ଭୟାଳୁ ଭାବେ ବଞ୍ଚିବା ଅପେକ୍ଷା ମୃତ୍ୟୁକୁ ଶ୍ରେୟସ୍କର ମନେକଲେ। କେମିତି କେଉଁ ଉପାୟରେ ସେ ମରି ପାରିବେ ଯାହାକି ଅନ୍ୟମାନଙ୍କୁ ସ୍ୱଭାବିକ ମୃତ୍ୟୁପରି ମନେହେବ। କାରଣ ତାଙ୍କ ପୂର୍ବସୂରୀଙ୍କ ଖ୍ୟାତି ସମ୍ପର୍କରେ ସେ ଅବଗତ ଥିଲେ। ଯଦି ତାଙ୍କ ଆତ୍ମହତ୍ୟା କଥା କେହି ଜାଣିବେ ତେବେ ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସିନଥିବା ହତ୍ୟାକାରୀ ଭାବେ ତାଙ୍କୁ ହିଁ ସନ୍ଦେହ କରିବେ।

ପ୍ରଥମେ ରେନାର୍ଡ ଭାବିଥିଲେ ଯେଉଁ ଗଛ ମୂଳରେ ସେ ରୁକୀକୁ ଧର୍ଷଣ କଲାପରେ ଗଳାଚିପି ହତ୍ୟା କରିଥିଲେ ସେଇ ଗଛତଳେ ଚାପିହୋଇ ସେ ମରିଯିବେ। ତେଣୁ ମୂଲିଆ ଲଗାଇ ଜଙ୍ଗଲରୁ ଗଛ କଟାଉଥିଲେ। ହେଲେ ତାଙ୍କ ଗୋପନ ଇଚ୍ଛାକୁ କାର୍ଯ୍ୟକାରୀ କରାଇପାରିଲେ ନାହିଁ। ଏବେ କଣ କରିବେ ? ସେତେବେଳେ ତାଙ୍କ ମନରେ ଯେଉଁ ସାହସ ଥିଲା ଏବେ ତାହା ନାହିଁ। ଏବେ ସେ ପୁରା

ଦୁର୍ବଳ ଓ ଆତଙ୍କିତ। ସେ ଭାବୁଥିଲେ ତାଙ୍କ ଜୀବନ ଛାଡ଼ିଯିବା ମାତ୍ରକେ କିଛି ଗୋଟାଏ ଘଟିଯିବ। କ'ଣ ଘଟିବ ? ରୁକୀ ତାଙ୍କୁ ଆକ୍ରମଣ କରିବ। ତା ମୃତ୍ୟୁର ପ୍ରତିଶୋଧ ନେବ। ସେଇଥିପାଇଁ ବାରମ୍ବାର ତାଙ୍କ ସାମ୍ନାକୁ ଚାଲି ଆସୁଛି। ମରିବା ପାଇଁ ବାଧ କରୁଛି।

ସେ କାନ୍ଦିବାକୁ ଆରମ୍ଭ କଲେ। ପିଲାଙ୍କ ପରି ଭୋ ଭୋ ହୋଇ କାନ୍ଦିଲେ।

"ମୁଁ ଏହା କରିବାକୁ ଆଉ ଥରେ ସାହସ କରିବି ନାହିଁ। ମୁଁ ସାହସ କରିବି ନାହିଁ।"

ଆଣ୍ଠେଇ ପଡ଼ି ଗୁଣୁଗୁଣୁ ହୋଇ କହିଲେ, "ହେ ଭଗବାନ! ହେ ଭଗବାନ!" ଭଗବାନଙ୍କ ଉପରେ ଆଦୌ ବିଶ୍ୱାସ ନଥିଲା। ସେ ବିଛଣାରେ ଶୋଇ ଭାବିଲେ। ତାଙ୍କୁ ଏକ ଉପାୟ ଆପଣାଇବାକୁ ପଡ଼ିବ। ନିଜ ବିରୁଦ୍ଧରେ ସେ ନିଜେ ଏକ ଯୋଜନା ପ୍ରସ୍ତୁତ କରିବାକୁ ହେବ। ଯୋଜନାଟି ତାଙ୍କ ମନରୁ ମୃତ୍ୟୁ ପାଇଁ ଭୟ, ଅନୁଶୋଚନା ପୁରାପୁରି ଦୂର କରିଦେବ। ତାଙ୍କୁ କେହି ଆତତାୟୀ ଗୁଳିକରି ଜୀବନରୁ ମାରିଦିଅନ୍ତା ନାହିଁ? ଏମିତି କେହି ବନ୍ଧୁ ମିଳନ୍ତେ ଯାହାକୁ ସେ ଘଟଣାଟି ଆମୂଳଚୂଳ ଶୁଣାଇ କୁହନ୍ତେ, "ଏ କଥା ସେ ଆଉ କାହାକୁ କହିବ ନାହିଁ ଓ ସଙ୍ଗେସଙ୍ଗେ ତାଙ୍କୁ ଗୁଳିକରି ଜୀବନରୁ ମାରିଦେବ। କିନ୍ତୁ କିଏ ସେଇ ବ୍ୟକ୍ତି ଯିଏ ତାଙ୍କ କଥାମାନି ତାଙ୍କ ଇଚ୍ଛା ପୂରଣ କରିବ। ହେଲେ ସେ ଲୋକ କିଏ ? ନିଜର ଅନ୍ତରଙ୍ଗ ବି ବିଶ୍ୱସ୍ତ ମାନଙ୍କର ନାମ ମନେ ପକାଇଲେ ଡାକ୍ତର ? ନା, ସେ କଥା ଲୁଚାଇ ରଖିବେ ନାହିଁ। ତଦନ୍ତକାରୀ ମାଜିଷ୍ଟ୍ରେଟ୍। ହଁ ସେ ତ ତାଙ୍କର ଅନ୍ତରଙ୍ଗ। ସେ ତାଙ୍କୁ ସମସ୍ତ କଥା ଲିଖିତଭାବେ ଜଣାଇ ଦେବେଯେ ଏ ଅପରାଧ କରିଛନ୍ତି। ଏଥିପାଇଁ ସେ ଲଜ୍ଜିତ ଓ ଅନୁତପ୍ତ। ନିଜର ଅପକର୍ମ ପାଇଁ ସେ ଅନେକ କଷ୍ଟ ଭୋଗିଲେଣି। ଆଉ କଷ୍ଟ ଭୋଗିପାରିବେ ନାହିଁ। ନିଜର ପାପ ପାଇଁ ସେ ନିଜକୁ ନିଜେ ମୃତ୍ୟୁ ଦଣ୍ଡ ଦେଉଛନ୍ତି। ଆପଣଙ୍କୁ ଆମ ବନ୍ଧୁତ୍ୱର ଦ୍ୱାହୀ। ଆପଣ ମୋ ସ୍ୱୀକାରୋକ୍ତିକୁ ଗୋପନ ରଖିବେ।

ଏହି ଯୋଜନାଟି ତାଙ୍କୁ ପସନ୍ଦ ହେଲା। ମନବି ହାଲୁକା ଲାଗିଲା। ସେ ବସିବସି ଆରାମରେ ଚିଠିଟି ଲେଖିଦେବେ ଓ ଆସନ୍ତାକାଲି ସକାଳେ ତାଙ୍କ ଫାର୍ମ କାନ୍ଥରେ ଝୁଲୁଥିବା ଡାକ ବାକ୍ସରେ ଗଳାଇ ଦେବେ। ତା'ପରେ ଗମ୍ବୁଜ ଉପରକୁ ଚାଲିଯିବେ। ସବୁଦିନ ପରି ମେଡ଼ରିକ ଆସି ବାକ୍ସ ଭିତରୁ ଚିଠି ଗୁଡ଼ିକ ବାହାର କରି ତା ଚିଠି ମୁଣାରେ ପୁରାଇ ଫେରିଯିବା ପରେ ସେ ନିଜେ ଗମ୍ବୁଜ ଉପରୁ ତଳକୁ ଡେଇଁ ପଡ଼ିବେ। ସେ ଏମିତି ସମୟରେ ଓ ଏମିତି ଅଭିନୟ ସହ ଗମ୍ବୁଜର ପାଦ ଦେଶକୁ ଖସି ପଡ଼ିବେ ଯେମିତିକି ତାଙ୍କର ବଗିଚାରେ କାମ କରୁଥିବା ମୂଲିଆମାନେ ଦେଖିବେ ଏହା ଏକ ଦୁର୍ଘଟଣା ଜନିତ ମୃତ୍ୟୁ। ଆତ୍ମହତ୍ୟା ନୁହେଁ।

ରେନାର୍ଦ ଚିଠି ଲେଖିଲେ। ସମସ୍ତ କଥା ଟିକିନିଖି ବର୍ଣ୍ଣନା କଲେ। କିଛି ବି ବାଦ୍ ଦେଲେ ନାହିଁ। ଯାହାଦ୍ୱାରା ଭାବିଥିଲେ ଆମୂଳଚୂଳ ଲେଖିବା ପରେ ଅନୁରୋଧବି କଲେ, "ତୁମେ ମୋର ଏକମାତ୍ର ଅନ୍ତରଙ୍ଗ ହୋଇଥିବା ଦୃଷ୍ଟେ ଏତିକି ଅନୁରୋଧ କରୁଛି - ଅପରାଧ କରିବା ଓ ନିଜ ଅପରାଧ ପାଇଁ ନିଜକୁ ପ୍ରାଣ ଦଣ୍ଡରେ ଦଣ୍ଡିତ କରିବାର କାର୍ଯ୍ୟକୁ ଏକାନ୍ତ ଗୋପନ ରଖିବେ।

ତାଙ୍କ ଲେଖା ସରିବା ବେଳକୁ ରାତି ପାହି ଆସୁଥିଲା। ଚିଠି ଉପରେ ମାଜିଷ୍ଟ୍ରେଟଙ୍କ ଠିକଣା ଲେଖି ସେ 'ପୋଷ୍ଟ ବକ୍ସ' ପାଖକୁ ଯାଇ ଚିଠିଟି ଗଳାଇଦେଇ ଗମ୍ବୁଜ ଉପରକୁ ଚଢ଼ିଗଲେ। ମେଡ଼ରିକର ଆସିବା ବାଟକୁ ଚାହିଁ ରହିଲେ। ରେନାର୍ଦ ଛିଡ଼ା ହୋଇ ରହିଲେ। ଡାହାଣପଟ ଗାଁ ଲୋକଙ୍କ ଚିମିନୀରୁ ଧୂମକୁଣ୍ଡଳୀ ଆକାଶ ଛୁଇଁବାକୁ ପ୍ରତିଯୋଗିତା କରୁଥିଲେ।

ସେ ତଳକୁ ଚାହିଁଲେ। ଦୁଇକୂଳର ପଥର ମଝିରେ ବ୍ରାନ୍ଦଲ ନଈ ବହିଚାଲିଥିଲା। ଏବେ ମେଡ଼ରିକ୍ ଫେରିଯିବା ପରେ ସେ ନିଜକୁ ନିଜେ ସେଇଠି ସବୁଦିନ ପାଇଁ ହଜିଯିବେ। ଦଲକାଟିଏ ଶୀତଳ ପବନରେ, ସତେଜ ପ୍ରଭାତରେ ନବଜନ୍ମ ପାଇଲାପରି ଅନୁଭବ କଲେ। ତାଙ୍କର ଅତୀତ କଥା ମନକୁ ଆସିଲା। ଏଇ ଭୂପୃଷ୍ଠରେ ସେ କେତେଥର ପଦଚାରଣ ନକରିଛନ୍ତି ? କେତେ ଥର ସେ ଏଇ ନଈପାଣିରେ ନ ପହଁରିଛନ୍ତି ? କେତେ ପକ୍ଷୀଙ୍କୁ ସେ ଏଇ ନଈ ଓ ଜଙ୍ଗଲରୁ ଶିକାର ନକରିଛନ୍ତି ? ସମସ୍ତ ଭଲ ଜିନିଷ ତାଙ୍କ ମନକୁ ଆଛନ୍ନ କଲା ମନରେ ଉନ୍ମାଦନା ସୃଷ୍ଟି ହେଲା। ତାଙ୍କ ଦେହରେ ପୂର୍ବପରି କଞ୍ଚନା ଜାଗ୍ରତ ହେଲା, ଶକ୍ତିଶାଳୀ ମନେହେଲା।

ସେ ନିଜକୁ ପୁଣି ପ୍ରଶ୍ନ କଲେ, ସେ କାହିଁକି ମରିବେ ? ଗୋଟାଏ ସାମାନ୍ୟ ଛାଇକୁ ଡ଼ରି ନିଜକୁ ମାରିଦେବେ ? ସେ ଧନୀ ଯୁବକ। ପାଗଳାମୀ କରିବେ କାହିଁକି ? ସବୁ କଥା ଭୁଲିଯିବା ଦରକାର। ତେଣୁ କିଛିଦିନ ପାଇଁ ବୁଲିଯିବା ନିମନ୍ତେ ଭାବିଲେ। ଗତ ରାତିରେ ସେ ତ ବାଳିକ ରୁକୀକୁ ଦେଖି ନଥିଲେ। କାରଣ ତାଙ୍କ ମନ ଅନ୍ୟ କାମରେ ନିୟୋଜିତ ଥିଲା। ରୁକୀ ସିନା ଏଇ କୋଠରୀରେ ତାଙ୍କୁ ଗୋଡ଼ାଉଛି ତା ବୋଲି ସେ କଣ ତାଙ୍କ ସହ ବୁଲିବାକୁ ବାହାରିବ ? ତେବେ ସେ ଆତ୍ମହତ୍ୟା କରିବେ କାହିଁକି।

ରେନାର୍ଦ ନଈ ଆଡ଼କୁ ଚାହିଁଲେ। କେହିଜଣେ ନେଳିଆ ପୋଷାକ ପିନ୍ଧି ଦ୍ରୁତ ଗତିରେ ଆସୁଥିବାର ଦେଖିଲେ। ସେ ନିଶ୍ଚିତ ହେଲେଯେ, ମେଡ଼ରିକ ସହର ଡାକତକ ବାଣ୍ଟିସାରି ଗାଁ ଡାକକୁ ଏକାଠି କରି ନେବାକୁ ଆସୁଛି।

ତାଙ୍କର ଚିଠି କଥା ମନେ ପଡିଲା। ଦୁଃଖରେ ଶରୀର ଓ ମନ ବତୁରି ଗଲା। ସେ ତଳକୁ ଧାଇଁ ଆସିଲେ। ପୋଷ୍ଟମ୍ୟାନ ପାଖରୁ ସେ ଚିଠିଟିକୁ ଫେରାଇ ନେବେ।

"ସୁ ପ୍ରଭାତ ମେଡ଼ରିକ୍।" ରେନାର୍ଦ ଅଭିବାଦନ ଜଣାଇଲେ।

- ସୁ ପ୍ରଭାତ ମିଃ ମେୟର।"

- ମୁଁ ଯେଉଁ ଚିଠିଟା ବାକ୍ସରେ ପକାଇଛି ସେଇଟାକୁ ଫେରାଇ ନେବାକୁ ଚାହୁଁଛି।

- ନିଶ୍ଚୟ। ମୁଁ ସେଇଟା ଆପଣଙ୍କୁ ଦେଇଦେଉଛି।

ମେଡ଼ରିକ ମୁହଁ ଉଠାଇ ଦେଖିଲା। ମେୟରଙ୍କ ପରିବର୍ତ୍ତିତ ରୂପ ଓ ଭେକ ତା ମନକୁ ଦୋହଲାଇ ଦେଲା। ଆପଣଙ୍କ ଦେହ ଖରାପ ଅଛି ?

-ନା, ନା... ଏଇ ମାତ୍ର ବିଛଣାରୁ ଉଠି ଚାଲିଆସିଲି ତ!

ଅବସରପ୍ରାପ୍ତ ସୈନିକଟି ମନରେ ସନ୍ଦେହ ଘନିଭୂତ ହେବାରେ

ଲାଗିଲା । କି ଚିଠି ? ସେ ଉତ୍ତର ଦେଲେ ।

ଯେଉଁଟା ମତେ ଦେବାପାଇଁ ଏବେ କହିଲ ।

ମେଡ଼ରିକକୁ ରେନାର୍ଦ୍ଦଙ୍କ ବ୍ୟବହାର ଭଲ ଲାଗିଲା ନାହିଁ । ବୋଧହୁଏ କିଛି ରାଜନୈତିକ ଗୋପନୀୟତା, ରାଜନୈତିକ ଅଭିସନ୍ଧି ଏହି ଚିଠିରେ ଅଛି । ନିର୍ବାଚନ ବେଳେ ଦଳବଦଳ ହୁଏ । ତା ଛଡ଼ା ରେନାର୍ଦ୍ଦ ସାଧାରଣତନ୍ତ୍ର ଶାସନକୁ ବିଶ୍ୱାସ କରୁନଥିବା ଜଣେ ନେତୃତ୍ୱ ।

ମେଡ଼ରିକ୍ ଚିଠି ଖୋଜିବା ଉଦ୍ଦେଶ୍ୟରେ ବଡ଼ ପାର୍ଟିରେ ପଚାରିଲେ, "ଚିଠି କାହା ଠିକଣାରେ ପଠାଯାଇଛି ?

ତଦନ୍ତକାରୀ ମାଜିଷ୍ଟ୍ରେଟ ମିଃ ପିକ୍‌ଟନଙ୍କୁ । ତୁମେ ତ ଜାଣିଛ, ସେ ମୋର ଅନ୍ତରଙ୍ଗ ବନ୍ଧୁ ।

ମେଡ଼ରିକ ଚିଠିଟିକୁ ଫେରାଇବା ଉଦ୍ଦେଶ୍ୟରେ ବାହାର କରି ଓଲଟପାଲଟ କଲେ । ଆଙ୍ଗୁଳିରେ ଚିପି ଦେଖିଲେ । ଦ୍ୱନ୍ଦ୍ୱ ଭିତରେ ମେଡ଼ରିକ ପଡ଼ିଗଲେ । ମାଜିଷ୍ଟ୍ରେଟଙ୍କ ଠିକଣାରେ ଥିବା ଚିଠି ଫେରାଇବା ସମ୍ପୂର୍ଣ୍ଣ ବେଆଇନ । ତା'ଛଡ଼ା ଚିଠିଟି ନଫେରାଇଲେ ମେୟରଙ୍କ ଶତ୍ରୁତା ଅର୍ଜନ କରିବା ।

ପୋଷ୍ଟମ୍ୟାନର ମନୋଭାବକୁ ଲକ୍ଷ୍ୟ କରି ରେନାର୍ଦ୍ଦ ତାଙ୍କ ହାତରୁ ଚିଠିଟିକୁ ଝାମ୍ପିନେବାକୁ ଚେଷ୍ଟା କଲେ ।

ରେନାର୍ଦ୍ଦଙ୍କ ବ୍ୟବହାର ପୋଷ୍ଟମ୍ୟାନଙ୍କ ସନ୍ଦେହକୁ ଦ୍ୱିଗୁଣିତ କଲା । ସେ ଜାଣିଲେଯେ ଚିଠିଟି ଏକ ଗୋପନ ସମ୍ବାଦ ବହନ କରୁଛି । ସେ ନିଷ୍ପତ୍ତି ନେଲେ ଯେ କୌଣସି ପ୍ରକାରେ ସେ ନିଜ କର୍ତ୍ତବ୍ୟ ପାଳନ କରିବେ । ତେଣୁ ଚିଠିଟିକୁ ନିଜ ଥଳି ଭିତରେ ରଖି କହିଲେ ନାଁ ମୁଁ ଚିଠି ଫେରାଇ ପାରିବି ନାହିଁ ।

ରେନାର୍ଦ୍ଦଙ୍କ ମନରେ ଭୟ ସଂଚରି ଗଲା । ସେ କହିଲେ, "ତୁମେ ତ ମୋତେ ଭଲକରି ଜାଣିଛ । ମୋ ଅକ୍ଷର ସହ ବି ପରିଚିତ । ମୋର ସେ ଚିଠିଟି ଦରକାର । ମୁଁ ମାଗୁଛି । ମୋତେ ଦେଇଦିଅ ।

-ନାଁ, ମୁଁ ଦେଇପାରିବି ନାହିଁ ।

"ଦେଖ ମେଡ଼ରିକ୍, ତୁମେ ତ ଜାଣିଛ । ମୁଁ ତମକୁ ଆଦୌ ଠକିବି ନାହିଁ । ମୁଁ କହୁଛି,ମୋତେ ସେ ଚିଠିଟା ଦେଇଦିଅ" । ଏଥର ଭଙ୍ଗାଭଙ୍ଗା ସ୍ୱରରେ ରେନାର୍ଦ୍ଦ କହୁଥିଲେ ।

-ନାଁ, ମୁଁ ପାରିବି ନାହିଁ ।

ରେନାର୍ଦ୍ଦ ରାଗି ଗଲେ । "ତୁମେ କଣ କିଛି ଜାଣିପାରୁଛ ତ ବଦମାସ ! ତୁମ ଚାକିରୀ ମୁଁ ନେଇଯିବି । ଦେଖ ତୁମେ ଜଣେ ଭଲ ଲୋକ । ବୟସ୍କ ଲୋକ । ମୁଁ ଏଠାକାର ମେୟର ଭାବେ ତୁମକୁ ଆଦେଶ ଦେଉଛି, ସେ ଚିଠିଟା ମୋତେ ଦେଇଦିଅ ।"

ମେଡ଼ରିକ ଦାମ୍ଭିକତାର ସହ ଉତ୍ତର ଦେଲା, 'ନାଁ ମୁଁ ପାରିବି ନାହିଁ ।"

ରେନାର୍ଦ୍ଦଙ୍କ ମୁଣ୍ଡ ଗୋଳମାଳ ହୋଇଗଲା । ସେ ମେଡ଼ରିକ୍ ଠାରୁ ଡାକ ବ୍ୟାଗ ଛଡାଇବାକୁ ଚେଷ୍ଟାକଲେ । ମାତ୍ର ମେଡ଼ରିକ ଡାକ ବ୍ୟାଗକୁ ରେନାର୍ଦ୍ଦ କବଳରୁ ମୁକୁଳାଇ ଆଣି ଦୁଇ ପାଦ ପଛକୁ ଫେରି ଆସିଲା । ନିଜର ମୋଟା ବାଡ଼ିକୁ ଉଠାଇ ଧରି କହିଲେ, "ଦେଖନ୍ତୁ ମେୟର, ମୋ ଦେହରେ ହାତ ଦେଇ ମୋତେ ଆପଣଙ୍କୁ ଅପମାନିତ କରିବାକୁ ବାଧ କରନ୍ତୁ ନାହିଁ । ଏଇ ବାଡ଼ିରେ ପିଟି ପକାଇବି । ସାବଧାନ । ମତେ ମୋ ଦାୟିତ୍ୱ ସାରିବାକୁ ଦିଅ ।

ରେନାର୍ଦ୍ଦ ହାରିଗଲେ । ନରମ ହୋଇ ଛୋଟ କାନ୍ଦୁରା ପିଲାଙ୍କ ପରି କହିଲେ, "ବନ୍ଧୁ ! ମେଡ଼ରିକ ! ମତେ ଚିଠିଟି ଦେଇ ଦିଅ । ମୁଁ ତୁମକୁ ମୋଟା ଅଙ୍କର ପୁରସ୍କାର ଦେବି । ଶହେ ଫ୍ରଙ୍କ ଦେବି ।

ମେଡ଼ରିକ କିଛି ଉତ୍ତର ନଦେଇ ବାଟ ଚାଲିଲା । ରେନାର୍ଦ୍ଦ ତା ପଛରେ ଧାଇଁ ଯାଇ କହିଲେ, ତୁମକୁ ହଜାରେ ଫ୍ରଙ୍କ ଦେବି । ତୁମ ଭାଗ୍ୟ ବଦଳାଇବା ପାଇଁ ମୁଁ ପଚାଶ ହଜାର ଫ୍ରାଙ୍କ ଦେବି... କଣ କହୁଛ ? ଅଧିକ ଦେବି । ଲକ୍ଷେ ଫ୍ରାଙ୍କ ଦେବି.... ବୁଝୁଛି ?

ମେଡ଼ରିକ ବୁଲି ଚାହିଁଲା । ତା ମୁହଁ କଠୋର ଓ ଚାହାଣୀ ତୀକ୍ଷ୍ଣ ଥିଲା । 'ସେତିକି ଯଥେଷ୍ଟ, ତୁମ କଥା ଗୋଟିଗୋଟି ଜଜଙ୍କୁ କହିବି ।

ରେନାର୍ଦ୍ଦ ଅଟକି ଗଲେ । କଥା ଆଉ ତାଙ୍କ ଆୟତ ଭିତରେ ନଥିଲା । ଆହତ ବାଘୁଣୀ ପରି ରାଗରେ ଫଁ ଫଁ ହୋଇ ରେନାର୍ଦ୍ଦ ପଛକୁ ଦ୍ରୁତ ଗତିରେ ଫେରିଲେ ।

ମେଡ଼ରିକ୍ ଏକ ଲୟରେ ରେନାର୍ଦ୍ଦଙ୍କୁ ଚାହିଁ ରହିଲା । କିଛି ଏକ ଆଶ୍ଚର୍ଯ୍ୟ ଦୃଶ୍ୟର ଅପେକ୍ଷାରେ ସେ ସେଇଠି ଅଟକି ରହିଲା ।

ଗମ୍ବୁଜ ଉପରେ ରେନାର୍ଦ୍ଦଙ୍କ ପତଳା ଓ ଡେଙ୍ଗା ଶରୀରଟା ଦେଖାଗଲା । କିନ୍ତୁ କିଛି ସମୟପରେ ସେ ଗମ୍ବୁଜର ପତଳା ଖୁଣ୍ଟକୁ ଭାଙ୍ଗି ନପାରି ପହଁରିବା ଭଙ୍ଗୀରେ ଦୁଇହାତ ବିସ୍ତାର କରି ଶୂନ୍ୟକୁ ଲମ୍ଫ ପ୍ରଦାନ କଲେ ।

ତାଙ୍କୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ମେଡ଼ରିକ୍ ଧାଇଁଲେ ସେତିକି ବେଳକୁ କାଠ କଟାଳୀମାନେ କାମକୁ ଆସୁଥିଲେ । ମେଡରିକ ଦୁର୍ଘଟଣା ସମ୍ପର୍କରେ ଚିତ୍କାର କରି ସମସ୍ତଙ୍କୁ ସାହାଯ୍ୟ ପାଇଁ ଅନୁରୋଧ କଲେ । ମାତ୍ର ସମସ୍ତେ ପହଞ୍ଚିଲା ବେଳକୁ ଗମ୍ବୁଜର ପାଦ ଦେଶରେ ଏକ ରକ୍ତ ଜୁଡୁବୁଡୁ ଶରୀର ଓ ପଥରରେ ମାଡ଼ ହୋଇ ମୁଣ୍ଡ ଚୂନା ହୋଇ ଯାଇଥିବାର ସେମାନେ ଦେଖିଲେ । ପଥର ପାଖଦେଇ ବିନ୍ଦ୍ରଲ ନଦୀ ବହି ଯାଉଥିଲା । ଯେଉଁଠାରେ ଏହା ଚଉଡ଼ା ହୋଇ ସ୍ୱଚ୍ଛ, ଶାନ୍ତଭାବରେ ବହୁଥିଲା ସେମାନେ ଦେଖିଲେ, ସେଠାରେ ଜଳଧାର ସହ ରକ୍ତ ଓ ମୁଣ୍ଡର ମଗଜ ମିଶି ଏକ ପ୍ରକାର ଜାମୁକୋଳି ରଙ୍ଗ ସୃଷ୍ଟି କରିସାରିଥିଲା ।

*ଅରଢ଼ିଆପଦା, ମହୀଧରପଡା, କଟକ- ୭୫୪୦୦୧*
*ଦୂରଭାଷ: ୯୪୩୮୬୩୪୭୭୩*
*୯୮୬୧୦୮୮୭୯୪*

# ବଗୁଲା ବଗୁଲୀ

ଜିତେନ୍ଦ୍ର ପରିଡ଼ା

ସାହି ମଝିଟାରେ ଠିଆହୋଇ ବୁଧୁନି ପାଟିକରୁଥିଲା । ହଇରେ ରଇଜଳା ବାଡ଼ିପଶାଗଣ ! ତମକୁ ଆଉ କେହି ମିଳିଲେନି ଯେ ବାପଛେଉଣ୍ଡ ଛୁଆଟାକୁ ମୋ'ର କେମ୍ପାକୁଜା କହି ଚାପରା କରୁଛ । ତୁମେ ସବୁ କ'ଣ ଜାଣିଛରେ ତା ବିଷୟରେ, ସେଇତ ମୋ'ର ଏକୋଇର ବଳା ବିଶିକେଶନ । ଭାଗ୍ୟ ଦୋଷରୁ ସିନା ତା'ର ଆଜି ଏ ଅବସ୍ଥା, ହେଲେ ତୁମେ ସବୁ ତା'ର କୋଉ ଗୁଣକୁ ସରିରେ ? ସକାଳୁ ସକାଳୁ କାଉ କା ନକରୁଣୁ ପେଟକୁ ହେଣ୍ଡଦେଇ ଯାଇ ଛକରେ ତାସ୍ ପିଟୁଛ । ମଦଗଞ୍ଜେଇ ଖାଇ ସବୁ ଭୁଲି ନିଜ ଗାଁ ଝିଅବୋହୂଙ୍କୁ ଇଙ୍ଗିତ କରି କଥାକହୁଛ ଯେ ସେମାନେ ବାଟ ଚାଲିପାରୁନାହାଁନ୍ତି । ଗୁରୁଜନ କ'ଣ ବୁଝିପାରୁନ, ସାନମାନଙ୍କୁ କ'ଣ ମାନିବ ? ମାଧିଆ ଟା ତ ମୋ'ର ମାଛିକୁ ମ' ବୋଲି କହେନା ତା'ରି ନାଆଁରେ ପୁଣି ଉଲୁଗୁଣା । ତମକୁ ଧର୍ମ ସହିବନିରେ ।

ଛୁଆଟା ମୋ'ର ଛୁଆବେଳୁ ପୋଲିଓରେ ପଡ଼ିଲା । ଡାହାଣ ହାତ ବାମ ଗୋଡ଼ ବଙ୍କିଗଲା... ତଥାପି ସେ ମନମାରିନି । ଚାଟଶାଳୀ ଗଲା । ଚାହାଳୀ ମାଷ୍ଟ୍ରେ କହିଲେ ମାଧିଆ ତୁ ଅଲଗା ବସ୍ । ଏମାନେ ସବୁ ନାକ ଟେକୁଛନ୍ତି । ଛୁଆଟା ମୋ'ର ହୁଁ କି ଚୁଁ କିଛି ନ କହି ଚାହାଳୀର ଗୋଟିଏ କୋଣରେ ଅଲଗା ବସିଲା ପାଠ ଦି ଅକ୍ଷର ପଢ଼ିବ ବୋଲି ତା'ର କେତେ ଇଚ୍ଛା ।

ମଧୁ ବର୍ଣ୍ଣବୋଧ, ମୋ ଛବିବହି, ପଣିକିଆକୁ ଛଅମାସ ଭିତରେ ସାରିଦେଲା । ଡାହାଣ ହାତ ବଙ୍କାହେଲେ କ'ଣ ହେବ ବାମହାତରେ କେଡ଼େ ସୁନ୍ଦର ତା ଅକ୍ଷର । ଠିକ୍ ବାଇଗଣ ମଞ୍ଜି ଭଳି । ମାଷ୍ଟ୍ରେ ଆଉ ଗୁରୁମା ସବୁ ଖୁସ୍ ।

କିଛି ଦିନ ଅନ୍ତରରେ ମାଧ ବା ମାଧିଆ ହୋଇ ରହିଲାନି ସେ ଲୋକମାନଙ୍କ ନିକଟରେ ବାଙ୍କୀ ନାମକୁ ପରିବର୍ତ୍ତିତ ହୋଇଗଲା । ତାକୁ ମାଧ ଡାକ କି ମାଧିଆ ଡାକ କି ବାଙ୍କୀ ଡାକ କି ନିର୍ବୁଦ୍ଧିଆ ହୁଣ୍ଡା ଡାକ ସେ ମନରେ କିଛି ଧରେନା । ତା ଆଖିରେ ଦୁନିଆଁର ସମସ୍ତେ ଭଲମଣିଷ ତା'ର ଖାଲି ପୂର୍ବଜନ୍ମର ପାପରୁ ଏ ଅବସ୍ଥା । ଉପର ବାଲା ପିଣ୍ଡଦେଇଛି ମାନେ ମଣ୍ଡବି ରଖିଛି । ଦୁଇଓଳି ତ ଖାଇବାକୁ ମିଳି ଯାଉଛି ପିନ୍ଧିବାକୁ କନା ଖଣ୍ଡେ ମିଳିଯାଉଛି ଆଉ କ'ଣ ଦରକାର ଯେ ?

ବାଙ୍କୀ ରାସ୍ତାରେ ଗଲାବେଳେ ଡାହାଣ ଗୋଡ଼ ଆଗକୁ ଗଡ଼େଇ ବାମ ଗୋଡ଼କୁ ଟାଣିକରି ନିଏ । ଡାହାଣ ହାତ ବେକ ଓ ଛାତି ମଝିରେ ଓହଳିକରି ଥାଏ । ହାତଟା ମଣିବନ୍ଧ ତଳକୁ ବଙ୍କିଯାଇଛି... ମୁହଁଟା ଗୋଟିଏ କୋଣକୁ ଢଳିଯାଇଛି । ପାଟିରୁ ବୋହୁଛି ଅନର୍ଗଳ ଛେପ ଓ ଲାଳ । ମୁହଁରେ ଗୁଡ଼ାଏ ଟୁବୁକା ଟୁବୁକା ବ୍ରଣ । ସବୁମିଶି କେମିତି ଏକ କିମ୍ଭୁତ କିମାକାର ରୂପ । ଯେଉଁ ରୂପ କି ତା ମା' ବ୍ୟତୀତ କାହାରିକୁ ଭଲଲାଗେନା ।

ଯେପକ୍ଷୀ ଉଡ଼େ ଯେତେ ଦୂର ସେ ଯାଣେ ତାହାର ବେଭାର । କେମ୍ପା ଓରଫ ମାଧଜାଣେ ତା ନିଜର ଗୁଣ ଅବିଗୁଣ ତେଣୁ ସେ କାହାରି କଥାରେ ନାକ ପୁରାଏ ନାହିଁ । ତା ମା ଶିଖେଇଇଛି ନିଜେ ଭଲ ତ ଦୁନିଆ ଭଲ ।

କେମ୍ପାର ବୟସ ଏବେ ଷୋହଳ । ସେ ଦଶମ ଶ୍ରେଣୀର ଛାତ୍ର । ନାକ ତଳେ କଳା ସରୁ ଗାରଟିଏ ଉଠୁରି ଆସୁଛି । ଆଖିରେ ନୂଆ ଏକ ଚମକ । ମନରେ ଏକ ରୋମାଞ୍ଚ । କେତେ ସୁନ୍ଦର ସୁନ୍ଦର ରାଜାରାଣୀ ଗପ । ତା ମନଭିତରେ ବି ଗୋଟାଏ ଭଲ ପାଇବାର ବୀଜ ଅଙ୍କୁରୋଦଗମ୍ ହେବାକୁ ବାଟ ଖୋଜୁଛି । ସିଏ ବି ଦିନେ ଫୁଲଫୁଟି ଫଳ ଧରିବ । ମନ ଖୋଜୁଛି ଆଉ ଗୋଟେ ମନ... ଆଖି ଖୋଜୁଛି ଆଉ ହଳେ ଆଖି ।

> ଦେହର ଅଝଟ ଉତାପ ଅବସୋସ୍‌କୁ ପ୍ରଶମିତ କରିବାକୁ ଆଉ କାହାହାତର ଟିକେ ଆଶ୍ୱାସନା ଟିକିଏ ସ୍ନେହର ସ୍ପର୍ଶ, ଦିପଦ ମିଠାକଥା ଯଥେଷ୍ଟ । କିନ୍ତୁ କିଛି ବି ମିଳୁନି । ତା'ର ଥରେ ଥରେ ମନେହେଉଛି ଏଇ ଶରୀରଟା କ'ଣ ସବୁକିଛି ମନବୋଲି କି ହୃଦୟ ବୋଲି କ'ଣ କିଛିନାହିଁ । ଏହି ବାହ୍ୟ ରୂପଟା କ'ଣ ସମସ୍ତଙ୍କର ପ୍ରିୟ ଆଉ ପରିଚୟ !

ବାଙ୍କୀଟାର ମନରେ ଛନ୍ଦ କପଟ ବୋଲି କିଛି ନାହିଁ । ପାଠବେଳେ ପାଠ ନହେଲେ ନଇକୂଳ, ଜଙ୍ଗଲ, କାଜୁବାଡ଼ି, ନହେଲେ ନଈପଠାରେ

ନଈର କୁଳୁକୁଳୁ ଗୀତ ଶୁଣି ଶୁଣି ବୁଲୁଥାଏ। ଭାରି ସାହସୀ। ଛୋଟ ଛୋଟ ଚଢ଼େଇଙ୍କ ସହ କଥାହୁଏ ବସାରୁ ଖସିପଡ଼ିଥିବା ଶାବକ ବସାରେ ରଖି କହେ ଆରେ ତମେ ସବୁ ତଳକୁ ଓହ୍ଲେଇବନିରେ ଚିଲ ଶାଗୁଣା ସବୁ ଟାକି ବସିଛନ୍ତି ଝାମ୍ପିନେବେ। ତଳେ ବୁଲୁଥିବା ନଅନୁଆଣୀ ତମକୁ ତାଙ୍କର ଆହାର କରିନେବେ।

ତା ଦେହରେ ଠାକୁରେ କ'ଣ ଦେଇଛନ୍ତି କେଜାଣି ଠେକୁଆ ଶୁଆ ଶାରୀ ତା ଚାରିକଡ଼ରେ ଘେରି ବସିଥାଆନ୍ତି। ସେମାନଙ୍କ ସହ ତା'ର ଭାବ ପିରତୀ। ସେ ବି ବୁଝିପାରେ ସେମାନଙ୍କ କଥାବାର୍ତ୍ତା।

ସେ କେବେ ପର ଝିଅବୋହୂଙ୍କୁ ଆଖି ଉଠେଇ ଚାହେଁନି ସେ ଜାଣେ ସେ କ'ଣ। ତେଣୁ ତା'ର ସେଥିପ୍ରତି କୌଣସି ଆସକ୍ତି ନାହିଁ। ମା' ତାକୁ କହେ ବେଶି ରାତିଯାଏ ବାହାରେ ରହିବୁନି ଡାହାଣୀ ଚିରିଗୁଣୀ ହାବୁଡ଼େ ପଡ଼ିଗଲେ ସେମାନେ କୁଚାଖିଅରେ ତୋ ଦେହର ରକ୍ତ ସବୁ ଚଁ ଚଁ କରି ଶୋଷିନେବେ। ସେମାନେ ସବୁ ଚୁଲୀରେ ଗୋଡ଼ ପୁରେଇ ନିଆଁ ଜଳେଇ ଛୁଆ ସେକନ୍ତି। ସେମାନେ କିମିଆ ଜାଣନ୍ତିରେ। ଯୁବା ବୟସର ପିଲାଙ୍କୁ ସେମାନଙ୍କର ଖୁବ୍ ଲୋଭ। ମାଧିଆ ମା ମୁହଁକୁ ଅବିଶ୍ୱାସ ଆଖିରେ ବଲବଲ କରି ଚାହିଁରହେ।

ବୁଢ଼ୀ କହେ: ତୋ ବାପ ନବଘନ ଏ ଗାଁର ସବୁଠୁ ଡେଙ୍ଗା ଆଉ ବଳୁଆ ଜୁଆନ ଥିଲା। ଥରେ ଯାତ୍ରାବେଳେ ପାଞ୍ଚଖଣ୍ଡ ଗାଁର ଲୋକଙ୍କ ଭିତରେ ଏକୁଟିଆ ଦଶ ଦଶଟା ପିଲାଙ୍କୁ ଅଟକେଇ ରଖିବାର ସାମର୍ଥ୍ୟ ରଖିଥିଲା।

କବାଡ଼ି ପଡ଼ିଆ ଘୋ ଘୋ କମ୍ପୁଥିଲା। ସରପଞ୍ଚ ଆଉ ମୁରବୀଗଣ ବିଚାରକ ହୋଇ ଖେଳ ଦେଖୁଥିଲେ। ଆମ ଗାଁ ମରଦ ମାଇପି ସବୁ ଖେଳ ପଡ଼ିଆରେ। ଆଗ ଗାଁର ସବୁ ଖେଳାଳୀ ମରି ସାରିଥିଲେ... ଏକୁଟିଆ ନବଘନ ଆଉ ସେପଟେ ହଟ୍ଟାକଟ୍ଟା ଚାରିଟା ଜୁଆନ। ଆଉ ଟିକେରେ ଖେଳ ଶେଷ ହେବ। ବିରୋଧୀ ଦଳ ନିଜ ଭିତରେ ମନ୍ତ୍ରଣା କଲେ ରାହାଧରି ଆସିବ ତ... ଆସୁ। ଆମେ ଚାରିଜଣ ସେ ଜଣେ। ତା'କୁ ଚାରିଆଡୁ ଘେରି ମାଟିରେ ଶୁଏଇ ପକେଇ ମାଡ଼ିବସିବା ଆମେ ଚାରିଜଣ ସେ ଜଣେ ଆମକୁ ସେ କ'ଣ ବଳେଇଯିବ ?

ନବଘନ ଦଣ୍ଡେ ଥକ୍କାମାରିଲା। ଚାରିଆଡ଼କୁ ଚାହିଁଲା ମାଟି ମୁଠାଏ ଆଣି ମୁଣ୍ଡରେ ମାରିଲା। ଦୁଇହାତରେ ଜଂଘକୁ ମାରିଲା ମନେ ମନେ ମା ଅନ୍ଧାରୀକୁ ଡାକି କହିଲା ମୋ ଗାଁ ମାଟି ଇଜ୍ଜତ ତୋତେ ଲାଗିଲା ଲୋ ମା ମୋତେ ସାହା ହେବୁ। ତାପରେ ଧରିଲା ନା ରାହା କବାଡ଼ି...କବାଡ଼ି...କବାଡ଼ି କ'ଣ ସେ ସ୍ୱର ଖେଳପଡ଼ିଆ ଦୁଲୁକି ଉଠିଲା କିନ୍ତୁ ନବଘନର ରାହା ତୁଟୁନାହିଁ। ଏ ଛକାପଞ୍ଚାର ଖେଳ ଦୁଇଜଣଙ୍କୁ ମାରିସାରିଲାଣି...ଆଉ ଦୁଇଜଣ ରାହା କିନ୍ତୁ ତୁଟୁନାହିଁ ବରଂ ବଢ଼ି ବଢ଼ି ଯାଉଛି। ସତେକି ସତୀଦେବୀଙ୍କ ଶରୀରକୁ ବୋହି ଶିବଠାକୁର ତାଣ୍ଡବ ନୃତ୍ୟ କରୁଛନ୍ତି। ଖେଳପଡ଼ିଆ କୁଦାକୁଦିରେ ଧୂଳିମୟ ହେଇଗଲାଣି। ଗାଁ ଲୋକ ତଟସ୍ଥ ହେଇ କୁହାକୁହି ହେଉଛନ୍ତି ଆରେ ନବଘନକୁ ଆଜି କାଳିସୀ ଲାଗିଛି ନା କ'ଣରେ ?

ନବଘନ ଜଂଘ ବାଡ଼େଇ ହାତ ବାଡ଼େଇ ଡେଉଁଛି ଯେ ଡେଉଁଛି। ନବଘନ ଆଜି ମାରିବ ନହେଲେ ମରିବ ର ପଣ କରିଛି। ମାଇପି ମହଲରେ ଠାରାଠାରି ଲୋକେ ନବଘନ ନବଘନ ବୋଲି ପାଟିକରି ଚାଲିଛନ୍ତି। ସବୁ ଝିଅଙ୍କ ଆଖି ନବଘନର ଚାପ ଆଉ ଚଉଡ଼ା ଛାତିରେ। ଆହାଃ କିଏଲେ ସେ ସୁନାଗୋରୀ ଯିଏ ଏଇ ମରଦର ହାଣ୍ଡିରେ ଚାଉଳ ପକେଇବ ?

ନବଘନ କେତେବେଳେ ବାଘଭଳି ପଞ୍ଝାମାରୁଛି ତ କେତେବେଳେ ସିଂହ ଭଳି ଗର୍ଜୁଛି ହେଲେ ରାହା ଛାଡ଼ିବାର ନାଁ ଧରୁନାହିଁ। ନବଘନ କେତେବେଳେ କେମିତି ନଜର ପକେଇ ଦେଲା ବୁଢ଼ୀ ଉପରେ ତାପରେ ଦେଖ ନବଘନର ଚାପ। ଭାଳେଣୀ ପଡ଼ିଗଲା ବିରୋଧୀ ଶିବିରରେ ସବୁ ତା ହାତରୁ ବଞ୍ଚିବା ଚିନ୍ତାକରି ଥକି ପଡ଼ିଲେଣି।

ନବଘନ ଜଗିବସିଥିଲା ଏହି ସମୟକୁ। ସୁଯୋଗ ଆସିଛି ଯେତେବେଳେ ପକେଇଲା ଜଣକୁ ଅଠାଣିଆ ବିଧାଟେ। ସିଏ ମାଟି କାମୁଡ଼ି ତଳେ, ଆଉ ଉଠିବାର ଜୁ ନାହିଁ... ଆଉ ଜଣକୁ ପକାଇଲା ବ୍ରହ୍ମଚାପଡ଼ା ଟାଏ। ସେ ମଇଦାନରୁ ଏକାଥରେ ବାହାରେ, ତଥାପି ନବଘନର ରାହା ତୁଟୁନାହିଁ ଆଖି ଲାଲଲାଲ ନାକ ପୁଡ଼ାରୁ ଅଣଚାଷ ପବନ ବୋହୁଛି ଆଖି ତାଳୁରେ ଲାଗିଲାଣି ନାକରୁ ଝରିଲାଣି ରକ୍ତ ଏକା ଡିଆଁକେ ଆସି ମଝିଘାର ଛୁଇଁଲା... ତାଳି ଆଉ ହୁଳୁହୁଳିରେ କବାଡ଼ି ପଡ଼ିଆ ଘୋ ଘୋ ହେଇ କମ୍ପୁଛି। ଦୂତୀ ଆଉ ନିଜକୁ ସମ୍ଭାଳି ପାରିଲାନି ଧାଇଁଯାଇ ନବଘନକୁ କୋଳକୁ ଉଠେଇନେଇ ତା ମୁହଁକୁ ପାଣି ଛାଟି ସାଷ୍ଟାମ କଲା... ପାଣିନୋଟାଟେ କିଏ ବଢ଼େଇଦେଲା ସେ ଜାଣେନି ନବଘନକୁ ପାଣି ପିଏଇ ମୁଣ୍ଡକୁ ସାଉଁଳିବାରେ ଲାଗିଲା।

ଏତେକାମ କରିସାରିବା ବେଳକୁ ତା'ର ହୋସ୍ ଆସିଲା। ଗାଁ ସାରା ସଭିଏଁ ଦେଖୁଛନ୍ତି ଲାଜରା ହେଇଗଲା ଦୂତୀ। ଏବେ ପୁରସ୍କାର ବଣ୍ଟନର ବେଳ। ନବଘନକୁ ମିଳିଲା ଶ୍ରେଷ୍ଠ ଖେଳାଳୀର ପୁରସ୍କାର... ନବଘନ ପଞ୍ଚ ପରମେଶ୍ୱରଙ୍କୁ ହାତଯୋଡ଼ି ଗୋଟାଏ କଥା ମାଗିବସିଲା। ପୁରସ୍କାର ଯାହା ଦେଲେ ଦେଲେ ହେଲେ ଆପଣମାନେ ମୋତେ ଦେଇପାରିବେ ଏ ଝିଅକୁ ? ଯାହାକୁ ମୁଁ ମୋ ଘରଣୀ କରିବାକୁ ଚାହୁଁଛି।

ପଞ୍ଚପରମେଶ୍ୱର ଦୂତୀକୁ ପଚାରିଲେ। ଦୂତୀ ମଝିକୁ ଆସି ସମସ୍ତଙ୍କୁ ଦଣ୍ଡବତ ହୋଇ ମୁଣ୍ଡତଳକୁ କରି ନବଘନର ଘରଣୀ ହେବାକୁ ସମ୍ମତି ଜଣାଇଲା। ନବଘନ ଗ୍ରାମଦେବତୀଙ୍କ ମଥାରୁ ସିନ୍ଦୂର ଆଣି ଦୂତୀକୁ ପିନ୍ଧେଇଦେଲା। ସବୁ ଝିଅଙ୍କ ମୁହଁ ଶୁଖିଗଲା। ସେଇଦିନଠୁ ଦୂତୀ ନବଘନର ହାତଧରି ତା କୁଡ଼ିଆକୁ ଆସିଛି ଯେ ଆସିଛି। ଏବେ ସେ ନବଘନର ସ୍ତ୍ରୀ।

ନବଘନ ପ୍ରତି ହାଟପାଳିରେ ନେଇଆସେ ଦୂତୀପାଇଁ ଅଳତା, ସିନ୍ଦୂର, ନାଲି ନେଳି ପାଣି କାଚ ରିବନ ପାଉଁଜି। ଦୂତୀ ଯେତେବେଳେ

ସଜବାଜ ହେଇ ଗାଁ ଦାଣ୍ଡରେ ଯାଏ ଟୋକାପିଲାଙ୍କ ସହ ବୁଢ଼ା ଏମିତିକି ଯୋଗୀ ବି ମୁହଁବୁଲେଇ ଦଣ୍ଡେ ଚାହିଁରହିବ। ନବଘନ ଏସବୁ ଦେଖି ତା ଛାତି କୁଣ୍ଢେମୋଟ ହେଇଯାଏ। ମାଇପିମାନେ ପୋଖରୀ କି ନଈର ଗାଧୁଆ ତୁଠରେ ଦୂତୀକୁ ଚାହିଁ କନକନେଇ ହୋଇ ପଚାରନ୍ତି... ଏତେ ବଡ଼ ମରଦଟାକୁ ତୁ ସମ୍ଭାଳି ପାରୁଛୁ ନା ଲୋ ଦୂତୀ? ତୋତେ ତ ଅଜଗର ଭଳି ଭିଡ଼ିମୋଡ଼ି ତୋ ଛାତି ହାଡ଼ ଭାଙ୍ଗି ପକଉଥିବ, ତୋ ଦେହ ତ ପରାଶରେ ସକାଳକୁ କଁ କଁ ଡାକୁଥିବ। ଦିନସାରା ଘରର ଜଞ୍ଜାଳ ମଜରା ରାତିହେଲେ ପୁଣି ଦେହପୀଡ଼ା। ଲାଜେଇଯାଏ ଦୂତୀ ହେଲେ ହାର ନମାନି ପାଲଟା ଜବାବ୍ ଦିଏ, "ହଇଲୋ ଏ ଅଲକ୍ଷଣୀ ସବାଖାଇ ଦଳ ମୁଁ କ'ଣ ତୁମମାନଙ୍କ ପାଖରେ ଶୋଉଛି ଯେ ଏତେ ଅହନ୍ତା ତୁମର! କାହିଁ ତମମାନଙ୍କ ରାତି କାହାଣୀରେ ମନ ବୁଝୁନି ଯେ ମୋ ମରଦ ଉପରେ ଆଖି ପକଉଛ! ସମସ୍ତେ ଚୁପ୍‌ଚାପ୍ ନିଜ ନିଜର ବାଟଦେଖନ୍ତି ଆଉ କୁହାକୁହି ହୁଅନ୍ତି ଏ ଦୂତୀଟା ଭାରି ମୁହଁଖୋର କଥାରେ ବାଡ଼ବତା ନାହିଁ...ହଁ ହବନି କାହିଁକି... ? ନବଘନ ଭଳି ମରଦ ପାଇଛି ଯେତେବେଳେ।

ନବଘନଟା ବି ଭାରି ସରଳ ସ୍ନେହୀ ଆଉ ଉପକାରୀ ମଣିଷଟେ। ଗାଁ ଗୋଟାକର ବାହା ପୁଆଣୀ ଛୁତିକିଆ ମୃର୍ତ୍ତିକିଆରେ ନବଘନକୁ ଖୋଜାପଡ଼େ। ନବଘନ ବି କେବେ କାହାକୁ ନିରାଶ କରିନି, ଗୋଟିଏ ଡାକରେ ଯାଇ ଦୁଆରେ ହାଜର ହେଇଯିବ। ପାଣି ବୋହିବା, ବୋଲହାକ କରିବା, ଖନ୍ଦାଶାଳ ଜଗିବା, ସବାରୀ ବୋହିବା ଏମିତି କି ମାଲଭାଇ ହୋଇ ଶବ ଉଠେଇବାରେ ସେ ଆଗଭର। ପାଞ୍ଚଖଣ୍ଡ ମୌଜାରେ ତାଭଳି କେହି କାମିକିଆ ଲୋକ ନାହାଁନ୍ତି। ଯେଉଁ କାମ ହାତକୁ ନେଇଥିବ ତାକୁ ପୁରା ନକରିବାଯାଏ ଦଣ୍ଡେ ବି ବସିବ ନାହିଁ। କାମ ସାରିଦେଇ ଆଣି ଦେଖେଇବ ଯାହା ମୂଲମଜୁରୀ ପାଇଲା। କାହାରି ସହିତ ଘେଞ୍ଚ ନାହିଁ, ସେଥିପାଇଁ ଭଲ ଦୁଇପଇସା ପାଏ ହେଲେ ଏ ଟୋକା ଟାକିଲିଆ ଗୁଣ କାରସାଦି କରନ୍ତି ଭାରି ଫିସାଦିଆ। କାମରେ ମଠ ଠକାମୀ ଭଣ୍ଡାମୀ ପାଉଣା ପାଇଁ ଖାଉଳ ମାନଙ୍କ ସହ କଳି ତକରାଳ କରନ୍ତି। ତେଣୁ ସେମାନଙ୍କୁ କେହି ଖୋଜନ୍ତି ନାହିଁ। ଦୂତୀ ବି ପାଞ୍ଚଘରେ ପାଇଟି କରି ସୂର୍ଯ୍ୟ ମୁଣ୍ଡ ଉପରକୁ ହେଲା ବେଳକୁ ଘରକୁ ଫେରେ।"

ଦୁଇପ୍ରାଣୀ ଯେତେବେଳେ ଯାହା ମିଳିଲା ଲଙ୍କା ଲୁଣ ପିଆଜ ନହେଲେ ପୋଡ଼ାପୋଡ଼ି କରି ଗୋଟାଏ କଂସାରେ ସକାଳ ଓଳିଟା ଚଳେଇ ନିଅନ୍ତି। ଖାଇବସିଲା ବେଳେ ସୁଖଦୁଃଖ ଟାହି ଟାପରା ଚାଲେ। ସକାଳ ପାଇଟି ସାରି ଦୂତୀ ଘର ଭିତରେ ଟିକେ ଗଡ଼ିପଡ଼େ। ନବଘନ ବାହାର ପିଣ୍ଡାରେ ଗାମୁଛା ଖଣ୍ଡେ ପାରିଦେଇ ବିଡ଼ି କଠାରୁ ବିଡ଼ି ଖଣ୍ଡେ ବାହାର କରି ନିଆଁ ଲଗେଇ ଗଡ଼ପଡ଼ ହୁଏ। ଏ ଦୁଇଜଣଙ୍କ ଆବଭାବ ଦେଖି ସମସ୍ତେ ଏମାନଙ୍କୁ ବଗୁଲା ବଗୁଲୀ ନାଁ ଦେଇଛନ୍ତି। ନବଘନ କହେ; ଦୂତୀ ଦେଖୁଛତ ଏମାନେ କ'ଣ କହୁଛନ୍ତି। ଦୂତୀ କହେ କ'ଣ ଆଉ କହିବେ ହିଂସାରେ ଥରିଯାଉଛନ୍ତି ସବାଖାଇ ଅଲକ୍ଷଣୀ ପଲ। ହେ ମା ଅନ୍ଧାରୀ କି ଯୁଗ ହେଲା ଲୋ ଏଠି ପେଜପିଆ ଲୋକ ଶାଗ ଖାଇବା ଲୋକକୁ ଦେଖି ସହିପାରୁନି। ମୋ ମରଦ ସଭିଙ୍କ ଆଖିରେ ଡେଉଁଛି। ସେଇଠୁ ଦୂତୀ ଚାରିଟା ଶୁଖିଲା ଲଙ୍କା ପୋଡ଼ି ଲେମ୍ବୁ ଗୋଟେ ନେଇ ନବଘନକୁ ଝାଡ଼ିଦିଏ। ନବଘନ କହେ ତୋ'ର କେଡ଼େ ଲୋଭଲୋ ଦୂତୀ ତୁ'ଟା କ'ଣ ତୁଟୁକା ବି ଜାଣୁକିଲୋ? ଦୂତୀ ଲାଜେଇଯାଇ ଗେଣ୍ଡୁଲିଆ ପୋକ ଭଳି "୦"ଟିଏ ପାଲଟିଯାଇ କହେ ତୁ ଟା ଭାରି ଇୟେ...।

ସେଇ ଦୂତୀ ଆଉ ନବଘନର ଏ ମାଧ, ହେଉଛି ଏକୋଇର ବଳା ବିଶିକେଶନ। ବାହାଘରର ପାଞ୍ଚବର୍ଷ ପରେ ଜନ୍ମ କେତେ ଦିଅଁ ଦେବତାଙ୍କୁ ପୂଜିଛି କେତେ ଓସାବାର ତାପରେ ଯାଇ ଏ ମାଧିଆ ପେଟରେ ରହିଲା। ସବୁ କହୁଥିଲେ ନବଘନ ତ ହଟ୍ଟା କଟ୍ଟା ମରଦ ତା'ର କିଛି ଦୋଷନାହିଁ ସବୁ ଦୋଷ ଏଇ ଦୂତୀର। ଯେଉଁ ଦୂତୀ ଦିନେ ସମସ୍ତଙ୍କ ଆଖିରେ ଲୋଭନୀୟ ଥିଲା ସେ ଆଜି ସମସ୍ତଙ୍କ ଆଖିରେ ହଠାତ୍ ବାଞ୍ଝ ହୋଇଗଲା। କେତେ କଥା ଯେ ନ ଶୁଣିଛି ତା'ର ଇୟତ୍ତା ନାହିଁ, ତା ମୁହଁକୁ କେହି ଚାହୁଁନଥିଲେ... ଦିନ ତା'ର ଭଲରେ କଟିବନାହିଁ... ଆଗକୁ ଏଇଟା କଞ୍ଚା ଡାହାଣୀ ହୋଇ ଗୋଡ଼ ଉପରକୁ କରି ହାତରେ ଚାଲି ଘୁଅ ଚରିବ, ଯେଉଁ ଡାଳଧରିବ ସେ ଡାଳ ଭାଙ୍ଗିପଡ଼ିବ। ସବୁ ସହିଯାଏ ଦୂତୀ। ଦିନକୁ ଦିନ ଅନ୍ୟମନସ୍କ ହେବାକୁ ଲାଗିଲା ନବଘନ। ସତରେ କ'ଣ ମା ଅନ୍ଧାରୀ ତା ଡାକ ଶୁଣିବ, ଏଇ ଦୂତୀ କୋଳରେ ଚନ୍ଦ୍ରଉଦିଆ ମୁହଁଟେ ଦୋଳି ଖେଳିବ?

ଯେଉଁଦିନ ମାଧିଆ ଜନ୍ମହେଲା ନବଘନ ଆଉ ଦୂତୀର ଖୁସିର ସୀମା ନାହିଁ। ସାହିଲୋକ କୁହାକୁହି ହେଲେ ବାପା ମା ଦୁଇଟା କେତେ ସଲଖ ସୁନ୍ଦର ହେଲେ ଛୁଆଟା କେମ୍ପା। ଏ ଜନ୍ମରେ ନହେଲା ନାହିଁ ଆର ଜନ୍ମରେ କିଛି ପାପ କରିଥିବେନା।

ଦୂତୀ ଚିହିଁକି ଆସେ ଆଉ କହେ ହଁ ଲୋ ଛତରଖିଆ ଦଳ ପୂର୍ବଜନ୍ମରେ ମୁଁ କାହାର ଛୁଆ ମାରିଥିଲି ଆଉ ନବଘନ ଗୋରୁମାରି ନିଆଁରେ ମୁତୁଥିଲା। ବ୍ରାହ୍ମଣ ଦେବତାଙ୍କୁ ମୁଁ ଗୋଇଠା ମାରିଥିଲୁ ସବାଖାଇଦଳ ନଥିଲା ବେଳକୁ ଗାଇ ବୁଲୁଥିଲ... ଏବେ ହେଲାଠୁ ପୁଣି କହୁଛ, ତମମାନଙ୍କର ଏ କହିବା ଖୋଇ କେବେ ବନ୍ଦ ହେବଲୋ?

ଆଲୋ ହେ ଶୁଣବା କୋଉ ମଣିଷଟା ପୁରା ଠିକ୍। ଶଳା ଠାକୁର ତ ହାତଗୋଡ଼ ନାହିଁ ମାଦଳ, ତାପରେ ହାତେ ଲମ୍ବର ଜିଭ କାଢ଼ି କହିଲା ପ୍ରଭୁ କ୍ଷମା କରିଦେବ, ତମକୁ ନକହିବା କଥା କହିଦେଲି। ତମେ ତ ଚାହିଁଲ ମାଦଳ ହୋଇ ରହିବାକୁ ଆମେ କ'ଣ କରିପାରିବୁ? ସେମିତି ଯଦି ମାଧିଆଟା ହେଲା ତା'ର ଦୋଷ କ'ଣ? ବୁଝିଲୁନା ନବଘନ କେବେ ସୁଯୋଗ ମିଳିଲେ ଏ ବାଙ୍କୀଟାକୁ ନେଇ କାଳିଆସାଆନ୍ତଙ୍କ ବାଇଶି ପାହାଚେ ଗଡ଼େଇ ଦେଇ ଆସିବା। ତାପରେ ତା' ଭାଗ୍ୟ। ମୋତେ ଲାଗୁଛି ଠାକୁରେ ତାକୁ ଏମିତି ଗଢ଼ିଛନ୍ତି ମାନେ କିଛି ଗୁଣଦେଇ ଛାଡ଼ିଥିବେ। ତୁ ମନଦୁଃଖ କରନି। ଦେଖିବୁ ଦିନେ ଏ ମାଧିଆ ଆମ ନାଁ ରଖିବ। ମାଧିଆକୁ ଥରେ ଥରେ ଗାଁ ମୁଣ୍ଡ ବୁଢ଼ା ବରଗଛ ତଳ ପଥର

ଉପରେ ଏକୁଟିଆ ବସିଥିବାର ଦେଖିବାକୁ ମିଳେ। ସେ ଅନେଇ ରହିଥାଏ ଏକ ଟିପରେ ପଶ୍ଚିମ ଆକାଶରେ ଅସ୍ତଗାମୀ ଅରୁଣ ଆଭାକୁ, ନଈର କୁଳୁକୁଳୁ ନାଦରେ ପ୍ରବାହିତ ସୁଅକୁ, ମନଭରି ପେଟେ ଶୋଷିନିଏ ପବନରେ ପହଁରୁଥିବା ମିଠା ମିଠା ବାସ୍ନାକୁ।

ଛୋଟ ଛୋଟ ଚଢ଼େଇମାନେ ତା ଚାରିକଡ଼ରେ ଘୂରି ବୁଲୁଥାଆନ୍ତି। ସେ ଖୁଦ ଦୁଇଚାରିମୁଠା ବିଞ୍ଚି ଚାଲିଥାଏ ସେମାନଙ୍କ ଆଗକୁ। ସେମାନେ ଖୁସିର ସହ ଖୁଣ୍ଟି ଖୁଣ୍ଟି ସବୁ ଖାଇବାରେ ଲାଗିଥାଆନ୍ତି। ଲାଗେ ସତେ ଯେମିତି ସେମାନେ ଅନେକ ଦିନରୁ ଭୋକିଲା ଥାଇ ଚାହିଁ ବସିଥିଲେ ଏଇ ମାଧିଆ ହାତକୁ। ମାଧିଆ କେମ୍ପାହେଲେ କ'ଣ ହେବ ଭାରି ଚାଲାକ... ସେ ଜାଣେ ପଶୁପକ୍ଷୀ ବି ସ୍ନେହ ଆଦର ଟିକେ ପାଇଲେ ଆପଣାପଣରେ ନିଜର ହୋଇଯାଆନ୍ତି।

ତିନିଚାରି ବର୍ଷ ତଳେ ଗାଁ ମୁଣ୍ଡ ଟୁଙ୍ଗୁରି ଘରେ ରହୁଥିବା ସାବିବୁଢ଼ୀର ଘରେ ନିଆଁ ଲାଗିଗଲା। ପବନ ସାଇଁ ସାଇଁ ବୋହି ନିଆଁଟାକୁ ହୁ ହୁ ହୋଇ ବଢ଼େଇ ଦେଲାଣି। ଛଣ ଛପର କଡ଼ି ବରଗା ସବୁ ହୁ ହୁ ହୋଇ ଜଳି ମଡ଼ମଡ଼ ହୋଇ ଖସିପଡୁଛି। ସଭିଏଁ ଠୁଳହୋଇ ପାଣି ଆଣ ବାଲି ଆଣ ପାଟି କରିବାରେ ବ୍ୟସ୍ତ ଏଟା କର... ସେଟା କର... କଥା ଭିତରେ ସମସ୍ତେ ଭୁଲିଯାଇଛନ୍ତି ଯେ ସାବିବୁଢ଼ୀ ଘରଭିତରେ କତରାଲଗା ହେଇପଡ଼ିଛି... ଶ୍ୱାସ ବେମାରୀକୁ ଆଣ୍ଠୁଗଣ୍ଠିବାତ ବିଚାରୀ ଉଠିବସି ପାରୁନାହିଁ। ଏଣେ ନିଆଁ ଧୂଆଁ ଧାସରେ ଆକ୍ରାମାକ୍ରା ହେଇଗଲାଣି। ସବୁ ଧରିନେଲେଣି ଏ ସର୍ବଗ୍ରାସୀ ନିଆଁର କୁଣ୍ଡଳୀ ଭିତରୁ ସେ ଆଉ ମୁକୁଳି ପାରିବନି। ମାଧିଆ ସମସ୍ତଙ୍କ ମୁହଁକୁ ବଲବଲ କରି ଚାହିଁଲା... ଦେଖିଲା କାହାରି ମନରେ କୌଣସି ଭାବାନ୍ତର କି ଇଚ୍ଛାବି ନାହିଁ ବୁଢ଼ୀଟାର ଭିତରେ କ'ଣ ହେଲା ଜାଣିବା ପାଇଁ।

ମାଧିଆ କୋଉଠୁ ଗୋଟାଏ ବଡ଼ ଅଖାପାଇଲା। ଦେହରେ ଗୁଡ଼େଇହୋଇ ଲୋକମାନେ ହାଁ ହାଁ କହୁକହୁ ଭୁଷ୍‌କିନା ପଶିଗଲା ନିଆଁର କୁଣ୍ଡଳୀ ଭିତରକୁ। ଚାରିଆଡ଼ ଦରାଣ୍ଡି ପକାଇଲା ଦେଖିଲା ବୁଢ଼ୀ ତଳେ ଶୋଇଛି ଉଠିବାର ଯୁ ନାହିଁ। ଆଖିର ପୁଅ ଡୋଳାରେ ପହଁରୁଛି ଆସନ୍ନ ମରଣର ବିଭିଷିକା। କେମ୍ପା କହିଲା ମାଉସୀ ଡରନା ଶକ୍ତ କରି ମୋ ବେକକୁ ଧରି ନାଉହେଇପଡ଼ ଆଉ ଏ ଅଖାଟା ପିଠି ଆଡୁ ଘୋଡ଼େଇ ହେଇପଡ଼େ। ଭାସିଗଲା ଲୋକ କୁଟାଖିଅକୁ ଆଶ୍ରା ଭଳି ବୁଢ଼ୀ ମାଧିଆ ପିଠିରେ ସବାର ଦଶଭୁଜା। ଗୋଟିଏ ଗୋଟିଏ ପାଦ ଘୋଷାରି ଘୋଷାରି ସେ ଆଗକୁ ବଢ଼ିଲା... ଚାରିଆଡ଼େ ଖାଲି ନିଆଁ ଆଉ ନିଆଁ ତଳେ ନିଆଁ ରଡ଼ ଉପରୁ ଖସୁଛି ନିଆଁ ଝୁଲ ହେଲେ ମାଧିଆ ସାହାସ ହରେଇଲା ନାହିଁ। ମାଧ ବୁଢ଼ାକୁ ନାଉ କରି ଚାଲିଛି ଯେ ଚାଲିଛି। ନିଆଁର ଅର୍ଗଳ ଭିତରୁ ବାହାରି ବୁଢ଼ୀକୁ ଖୋଲାଯାଗାକୁ ନେଇଆସିଲା। ଖୋଲା ପବନ ଟିକେ ପାଇବାରୁ ବୁଢ଼ୀ ସାଷ୍ଟାମ ହେଲା।

କୋଉଠି ଥିଲା ଦୂତୀ ଧାଇଁଆସି ପୁଅକୁ କୋଳକରି ମୁହଁରୁ ଲାଳଛେପ ପୋଛି କେତେ ଗେଲ କଲା। ଆଉ ସମବେତ ଜନତାଙ୍କ ଉଦ୍ଦେଶ୍ୟରେ କହିଲା ହଇରେ ଅଣପୁରୁଷାଗଣ, ଏଠି ଠିଆ ହୋଇ ତାମସା ଦେଖୁଥିଲ: ପାଣି ଆଣ, ବାଲି ଆଣ, ହେଙ୍ଗୁ ଆଣ, ମରିଚ ଆଣ ଅଥଚ ବୁଢ଼ୀଟାକୁ ନିଆଁ ଭିତରୁ ବାହାର କରିବାକୁ କାହାର ସାହସ କୁଳଉନଥିଲା। ଶଳେ ସବୁ ଆପେ ବଞ୍ଚିଲେ ବାପର ନାଁ ନ୍ୟାୟରେ ଠିଆହୋଇ ଘରପୋଡ଼ି ଦେଖୁଥିଲ।

ଆଉ ମୋର ଏ ମାଧିଆ, ତମମାନଙ୍କ ଅପେକ୍ଷା ଢେର ସାହସୀ ଖାଣ୍ଟି ମରଦପୁଅ ଏକା, ହେବନି କେମିତି ? ସେ ପରା ନବଘନର ପୁଅ। ମା' ଟା ଘର ଭିତରେ ପୋଡ଼ି ହୋଇ ମରିବ ଆଉ ପୁଅ ବସି ଯାତ୍ରା ଦେଖିବ। ଦେଖିଲ ତ ମୋ ମାଧିଆକୁ ? ଯା'କୁ ପୁଣି ତୁମର ଟାହି ଟାପରା। ନବଘନ ଦିନେ ଏ ପାଞ୍ଚଖଣ୍ଡ ମୌଜାରେ ମଣିଥିଲା। ତା ପୁଅ କ'ଣ ମଣି ନହେଇ କାଚ ହେବ। ଦଇବ ସିନା ବାମ ହେଲାରୁ ତା'ର ଏ ଅବସ୍ଥା ହେଲେ ସେ ଚିହ୍ନେ ମଣିଷକୁ। ଜାଣେ ମାନବିକତା କ'ଣ। ତା ଆଖିରେ ମାନବସେବା ହିଁ ମାଧବ ସେବା।

ଶଳେ ସବୁ ଖାଇପିଇ ମାଲହେଇଛ। ବାପ ମା'ଙ୍କୁ ତ ମାନୁନ କି ଶୁଣୁନ ତମେ ଆଉ କାହାକୁ ଚିହ୍ନିବରେ ସେଥିରେ ପୁଣି କହୁଛ ଆମେ ଗାଁ ସାହିର ଉନ୍ନତି ପାଇଁ ଲାଗିଛୁ... ଜଣା ପଡ଼ିଗଲାରେ ତୁମ ମାନଙ୍କର କାରନାମା।

ଦୂତୀର ବାକ୍ୟବାଣ ସବୁ ଭେଣ୍ଡିଆଙ୍କ ଛାତିରେ ଗଳିଗଲା ବାଧିଲା ବି ଅନେକ ଲୁଚି ଛପି ଯିଏ ଯାହାର ବାଟ ଦେଖିଲେ ମାଧିଆ ଖନେଇ ଖନେଇ ତା ମା'କୁ କହିଲା। ସାବି ମାଉସୀର ତ କେହି ନାହିଁ ମାଗିଯାଚି ଚଳୁଥିଲା ଏଣେ ଘର ଖଣ୍ଡକ ବି ଗଲା। ବାପାଙ୍କୁ ପଚାରନା ବାପା ରାଜିହେଲେ ଆମେ ତାକୁ ପାଖରେ ରଖନ୍ତେ ପଞ୍ଚାୟତରୁ ଘରଖଣ୍ଡେ ପାଇଲେ ସିଏ ତା ଘରକୁ ଚାଲିଯାଆନ୍ତା।

କୋଉଠି ଥିଲା ନବଘନ କଥା ଶୁଣି ସେଠି ଆସି ପହଞ୍ଚିଗଲା। ଆଉ କହିଲା ହଁରେ ବାପା ତୋ କଥା ରହିବ। ବାପ ତୋ'ର ଏବେବି ବଞ୍ଚିଛି ଘର ମିଳୁ କି ନମିଳୁ ସେ ଆମ ଘରେ ରହିବ ନିଆଶ୍ରୀ ବୁଢ଼ୀଟା ଆଉ କୁଆଡ଼େ ଯିବ ? ନହେଲା ନାଇଁ ତୋ ବାପ ତିନିଟା ପେଟ ପୋଷୁଥିଲା ଆଉ ଗୋଟେ ପେଟ ପୋଷିବ।

ବାଙ୍କୀ ମୁହଁରେ ଖେଳିଗଲା ଟେନାଏ ହସର ଧାରଟେ। ତିନିଜଣ ବୁଢ଼ୀକୁ ଧରାଧରି କହି ଆଗେଇ ଚାଲିଲେ ନବଘନର କୁଡ଼ିଆ ଆଡ଼କୁ।

ଆକାଶରେ ତୋଫା ଜହ୍ନ ଆଲୁଅ। ପବନରେ ଭାସିଆସୁଥିଲା ଅନାବନା ଫୁଲର ମହକ। ନବଘନ ଦୂତୀ ମୁହଁକୁ ଚାହିଁ ଆଖି ମିଟିକାଟେ ମାରିଦେଲା। ଦୂତୀ ଲାଜରେ ଝାଉଁଳି ପଡ଼ି ଠାରିଦେଲା... ଏଇ ମାଧଟା ଅଛି ପରା... କ'ଣ ଏମିତି ହେଉଛୁ ?

*ଶରତ କୁଟୀର, ଧୋବାଡିହା, ମାଝୀ ସାହି ଛକ,*
*ରବିନ୍ଦ୍ର ବିହାର, କେନ୍ଦୁଝରଗଡ଼-୧*
*ଦୂରଭାଷ: ୯୪୩୭୦୦୬୨୯୬*

# ମମତାମୟୀ ମା'ର ମନ

ଦେବୀ ପ୍ରସାଦିନୀ ମିଶ୍ର

ମୋର ନିଜହାତରେ ସଜେଇଥିବା ବଗିଚାଟିରେ ଥରେ ବୁଲି ଆସିଲେ, ନାନା ପ୍ରକାରର ସଦ୍ୟ ପ୍ରସ୍ଫୁଟିତ ଫୁଲ ମାନଙ୍କୁ ଦେଖିଲେ, ମନଟା ହାଲ୍‌କା ହୋଇଯାଏ । ଘରଟା ଭିତରେ ଯେତେ ଖଟଣୀ ହେଉପଛେ, ବଗିଚାଟିରେ ଥରେ ବୁଲି ଆସିଲେ, ମନ ଭିତରେ ଖେଳିଯାଏ, ଅସୁମାରୀ ଆନନ୍ଦ । ହୃଦୟ ଭିତରେ ଭରିଯାଏ ଅଶେଷ ତୃପ୍ତି । ଖରାଦିନ, ସଂଜ ହୋଇନଥାଏ । ମନ ହେଲା ଟିକେ ବଗିଚାରେ ବୁଲିବା ପାଇଁ । ହଠାତ୍ ଗୋଟିଏ ହାଙ୍ଗିଙ୍ଗ ପଟ ଉପରେ ନଜର ପଡ଼ିଗଲା । ଦେଖିଲା ବେଳକୁ ସେଥିରେ ଲାଗିଥିବା ମନିପ୍ଲାଣ୍ଟ ଗଛର ପତ୍ରଗୁଡ଼ିକ ମଉଳି ଆସିଲାଣି । ମୁଁ ଅନୁଭବ କଲି, ଅନ୍ୟ ଗଛଗୁଡ଼ିକରେ ପାଣି ଦେଲା ବେଳକୁ, ଏହି ମନିପ୍ଲାଣ୍ଟ ଗଛରେ ପାଣି ଦେବାକୁ ଭୁଲିଯାଇଛି । ସେହି ହାଙ୍ଗିଙ୍ଗ୍ ପଟ୍‌ରେ ପାଣି ଦେଲା ବେଳକୁ ରଙ୍ଗ ବେରଙ୍ଗର ସୁନ୍ଦର ଟିକି ଚଢ଼େଇଟିଏ, କ୍ଷିପ୍ରଗତିରେ ମୋ ଆଡ଼କୁ ମାଡ଼ି ଆସିଲା । ଚେଁ ଚେଁ ଶବ୍ଦକରି ତାର ନିଜ ଭାଷାରେ ମୋତେ କେତେ ଗାଳି ଦେଉଥାଏ ।

ମୁଁ ଭାବିଲି, ମୋର କ'ଣ ଭୁଲ୍ ହେଲାକି ?

ମୁଁ ଦେଖିଲି ଯେଉଁ ହାଙ୍ଗିଙ୍ଗ୍ ପଟ୍‌ଟି ଛାତରୁ ତଳକୁ ଝୁଲୁଛି ତା'ରି ଭିତରେ, ବିନା ପରିଶ୍ରମରେ, ଖୁବ୍ ଆରାମ୍‌ରେ ଏହି ଟିକି ଚଢ଼େଇଟି ଛୋଟ ବସାଟିଏ ତିଆରି କରିଛି । ଅଳ୍ପଟିକେ ପାଣି ଦେଇ, ଫେରି ଆସିଲି, ଯେପରି ମନିପ୍ଲାଣ୍ଟ ଗଛଟି ବଞ୍ଚିଯିବ ।

ତା'ପରେ, ଯେତେବେଳେ ମୁଁ ସେହି ପଟର ନିକଟକୁ ଯାଏ, ସେହି ଚଢ଼େଇଟି ଚେଁ ଚେଁ ଶବ୍ଦରେ ଗାଳି ବର୍ଷଣ କରେ । ମୁଁ ସେଠାରୁ ନିରବରେ ଫେରିଆସେ ।

ମୁଁ ଭାବୁଥାଏ, ଆରେ ମୋର ଏତେବଡ଼ ବଗିଚାରେ, ମୁଁ କ'ଣ ଏତିକି ଟିକିଏ ଜାଗା ତୋତେ ଦେଇ ପାରିବି ନାହିଁ ? ଯେତେବେଳେ ମୁଁ ବଗିଚାକୁ ଯାଏ, ସେଇ ଚଢ଼େଇଟି ପକ୍ଷ ଫଡ୍ ଫଡ୍ କରି, ସେହି ହାଙ୍ଗିଙ୍ଗ୍ ପଟ ଚାରିପାଖେ ଦୁଇ ଘେରା ବୁଲି, ପୁଣି ତା'ର ନିଜ ବସାକୁ ଫେରିଯାଏ । ଯା ଭିତରେ, ମୋର ତା ସହିତ ନୀରବ ବନ୍ଧୁତା ସ୍ଥାପନ ହୋଇଗଲାଣି ।

ମୋତେ ଦେଖି, ଆଉ ସେ ଚିଁ ଚିଁ ଶବ୍ଦ କରୁନି । ମୁଁ ଜାଣି ଗଲିଣି, ସେ ସବୁବେଳେ ତାର ଅଣ୍ଡା ଉପରେ ବସିଛି । ମୁଁ ମଧ୍ୟ ତାର ଛୁଆର ଆଗମନକୁ ଅପେକ୍ଷା କରିଥାଏ ।

ଘର କାମ, ପିଲାଙ୍କ ପାଠପଢ଼ା କାମରେ ବ୍ୟସ୍ତ ରହି ମୁଁ ଦୁଇ ତିନିଦିନ, ବଗିଚାରେ ପାଣି ଦେବାକୁ ଯାଇ ପାରିନାହିଁ । କାରଣ ଦିନେ କାଳବୈଶାଖି ଝଡ଼ ଯୋଗୁଁ ବଗିଚା ସାରା ଜଳରେ ଭିଜି ଯାଇଥାଏ । ତେଣୁ ଚାରିଦିନ ପାଇଁ ପାଣି ନ ଦେଲେ ମଧ୍ୟ ଚଳିବ । ଆମ ଓଡ଼ିଶାରେ ଏହା କିଛି ନୂଆ କଥା ନୁହେଁ । ବିନା ସୂଚନାରେ ହଠାତ୍ କାଳ ବୈଶାଖୀ ମାଡ଼ି ଆସିବ । ପ୍ରବଳ ବିଜୁଳୀ, ଘଡ଼ଘଡ଼ି ଶବ୍ଦରେ ଚତୁର୍ଦ୍ଦିଗ କମ୍ପି ଉଠିବ । ଏତେ ବର୍ଷା ହେବ ଯେ ତାହା କେହି କଳ୍ପନା କରି ନଥିବେ । ସେଇଥିପାଇଁ ମୁଁ ବଗିଚା ଆଡ଼େ ଯାଇ ନଥିଲି । ଖରା ଦାଉରୁ ତ୍ରାହି ପାଇ ଗଛ ଗୁଡ଼ିକ ଶାନ୍ତିରେ ନିଶ୍ୱାସ ନେଉଥିଲେ । ସେଦିନ ଭାବିଲି, ଯାଏ, ଦେଖିଆସେ ମୋ ବଗିଚାର ଗଛ ଗୁଡ଼ିକ କେମିତି ଅଛନ୍ତି । ଛୋଟରୁ ବଡ଼ ହେଉଥିବା ଗଛଗୁଡ଼ିକୁ ଦେଖିଲେ, ସତରେ ମନରେ ଗୋଟେ ନୂଆ ପ୍ରକାର ଆନନ୍ଦ ଭାବ ଖେଳିଯାଏ । ବିଭିନ୍ନ ପ୍ରକାର ମନ୍ଦାର ଗଛ, ତରାଟ ଫୁଲ ଗଛ, ଟଗର ଗଛ, ସୁଗନ୍ଧରାଜ ଗଛ, ଧାଡ଼ିଧାଡ଼ି ମଲ୍ଲୀ ଗଛ, ବିଭିନ୍ନ ପ୍ରକାର ଫୁଲ ଗଛରେ ବଗିଚାଟି ଭରି ଯାଇଥାଏ । ବର୍ଷା ପରେ, ସବୁ ଗଛମାନେ ଉଜ୍ଜ୍ୱଳ, ସବୁଜ ସୁନ୍ଦର ଦିଶୁଥାନ୍ତି ।

ବଗିଚା ଭିତରେ ବୁଲି ବୁଲି ସବୁଗଛକୁ ଦେଖୁଥିବା ଅବସରରେ, ସେହି ମନିପ୍ଲାଣ୍ଟ ପଟ ଉପରେ ନଜର ପଡ଼ିଗଲା । କାହିଁ ସେଇ କୁନି ଚଢ଼େଇଟିର ଦେଖା ନାହିଁ ତ ? ମୁଁ ଭାବିଲି ବୋଧହୁଏ ତା'ର ଛୁଆଗୁଡ଼ିକ, ଅଣ୍ଡା ଭିତରୁ ବାହାରି ନଥିବେ, ଆଉ ମା ଚଢ଼େଇଟି ଖାଦ୍ୟ ଅନ୍ୱେଷଣରେ ବୁଲୁଥିବ । ସେ କିନ୍ତୁ ସବୁବେଳେ ତା'ର ଅଣ୍ଡାଗୁଡ଼ିକ ଉପରେ ବସିଥାଏ । କିମ୍ବା ତା'ର ଛୁଆମାନଙ୍କ ପାଇଁ ଖାଦ୍ୟ ଆଣିବାପାଇଁ ଯାଇଥିବ । ନାନା କଥା ଚିନ୍ତା କରିବା ଭିତରେ ମୁଁ ଘର ଭିତରକୁ ଫେରି ଆସିଲି । ଘରେ ମୋର ଶାଶୁ, ଶ୍ୱଶୁର, ଝିଅ ରୁହନ୍ତି । ମୁଁ ଘର କାମରେ ବ୍ୟସ୍ତ ହୋଇଗଲି । ସେହି ଦିନଟା ବିତିଗଲା । କିନ୍ତୁ ମୋ ମନ ଭିତରେ ସେହି ଚଢ଼େଇର କଥା ସବୁବେଳେ ଖେଳି ବୁଲୁଥାଏ ।

ତା ପରଦିନ ସକାଳୁ ସକାଳୁ ମୁଁ ସେହି ପକ୍ଷୀଟିର ବସା ନିକଟକୁ ଚାଲିଗଲି । ଘରୁ ଗୋଟିଏ ଛୋଟ ଷ୍ଟୁଲ୍ ନେଇ ଯାଇଥାଏ । ଷ୍ଟୁଲ୍ ଉପରେ ଚଢ଼ି, ଖୁବ୍ ସନ୍ତର୍ପଣରେ ସେଇ ବସା ଭିତରକୁ ଚାହିଁ ଦେଲା ବେଳକୁ, ମୋର ଛାତି ଭିତରଟା ଖୁସିରେ ଝୁମିଗଲା । ତିନୋଟି କୁନି କୁନି ଛୁଆରେ ସେ ବସାଟି ପୁରି ଉଠିଛି । କିନ୍ତୁ ସେମାନଙ୍କର ମା'ଟି କୁଆଡ଼େ ଗଲା ? କେଉଁଠାରେ ଆଖ ପାଖରେ ତା'ର ଦେଖା ନାହିଁ ? ମୋ ମନ ଭିତରେ ଗୋଟିଏ ଅଜଣା ଭୟ ଖେଳିଗଲା । କ'ଣ ବିତିଯାଇଥିବା ସେହି ଝଡ଼ ବତାସରେ ମା' ଚଢ଼େଇଟି ଆଉ ନାହିଁ କି ? ମୋର ଅଜାଣତରେ ସେହି ହାଙ୍ଗିଙ୍ଗ୍ ପଟରେ ମୋ ହାତଟା ବାଜିଗଲା । ସେହି ଟିକି ଶାବକ ମାନେ, ସେମାନଙ୍କର ମା'ର ଆଗମନକୁ ଚାତକ ଭଳି ଅପେକ୍ଷା କରିଥିଲେ, ସେହି ଖୁସିରେ ଚିଁ ଚିଁ କରିବାକୁ ଲାଗିଲେ । ମୋ ମନ ଭିତରେ ଗୋଟିଏ ଦୁଃଖଭରା ଭାବନା ଖେଳିଗଲା । ହେ ମହାପ୍ରଭୁ ଜଗନ୍ନାଥ, ମୁଁ ଏବେ କ'ଣ କରିବି ? ଏହି କୁନି ଛୁଆ ମାନଙ୍କର କି ବିକଳ ଅବସ୍ଥା । ଏହି ମା ଛେଉଣ୍ଡ ଶାବକ ମାନଙ୍କୁ ମୁଁ ଦେଖି ନ ଥିଲେ, ଭୋକ ଉପାସରେ ମରି ଯାଇଥାନ୍ତେ । ମୁଁ ଭାବିଲି, ଏବେ ସେମାନଙ୍କୁ ବଞ୍ଚେଇ ରଖିବା ପାଇଁ କ'ଣ ଖାଇବାକୁ ଦେବି, ଏବଂ କିପରି ଖୋଇବି ? ମୋତେ ତ କିଛି ଜଣା ନାହିଁ, ଘରେ କେବେ କୌଣସି ପକ୍ଷୀ ପାଳିବାର ଅଭିଜ୍ଞତା ନାହିଁ । କ'ଣ କରିବି ବୋଲି ଭାବି, ମୋର ମୁଣ୍ଡଟା ଭାରାକ୍ରାନ୍ତ ହୋଇଗଲା । ପ୍ରଥମେ ଭାବିଲି ଚାଉଳ ଦେବି, ପୁଣି ଭାବିଲି, ଏତେ ଛୋଟ ଛୁଆ ଗୁଡ଼ାକ କ'ଣ ଏତେ ବଡ଼ ଚାଉଳ ଖାଇ ପାରିବେ ? ତା ପରେ କିଛି ମୁଗଡାଲି, ବୁଟଡାଲିକୁ ହେମଦସ୍ତାରେ ଗୁଣ୍ଡକରି, ଗୋଟିଏ ଛୋଟ ପ୍ଲେଟରେ ରଖି ସାହସର ସହିତ ସେମାନଙ୍କ ପାଖକୁ ଗଲି । କିନ୍ତୁ ତାଙ୍କୁ ଖୋଇବି କିପରି ? ମୋ ହାତକୁ ଖୁମ୍ପି ଦେବେନି ତ ? ଭାବିଲି ଯେମିତି ହେଲେ ମୋତେ ଏହି କୁନି ଶାବକମାନଙ୍କୁ ବଞ୍ଚେଇବାକୁ ପଡ଼ିବ । ମୁଁ ବି ମା'ଟିଏ । ମୋର ଦୁଇ ଛୁଆଙ୍କୁ ଜନ୍ମକରି, ପାଳି ପୋଷି ବଡ଼ କରିଛି । ଗୋଟିଏ ମା ତା'ର ଛୁଆଙ୍କ ପାଇଁ କେତେ କଷ୍ଟ କରିଥାଏ । ଦଶମାସ ଗର୍ଭରେ ଧାରଣ କରି, ତାକୁ ଜନ୍ମ ଦେଇଥାଏ । ତା ପରେ ଛୁଆଟିକୁ, ଲାଳନ ପାଳନ କରି, ପାଠ ପଢ଼େଇ, ଭଲ ସଂସ୍କାର ଦେଇ ଏହି ଦୁନିଆରେ ଭଲ ମଣିଷଟିଏ କରି ଗଢ଼ି ତୋଳିବାର ସମସ୍ତ ଶ୍ରେୟ ମା'କୁ ହିଁ ଯାଏ । ତେଣୁ ମା' ହିଁ ଅନ୍ୟ ଗୋଟିଏ ମା'ର ଦୁଃଖ ସହଜରେ ବୁଝିପାରେ । ସେହି ବୁଝିବା ଶକ୍ତି ହେଉଛି ହୃଦୟର ନିବିଡ଼ ସ୍ପନ୍ଦନର ସମ୍ପର୍କ । ମୁଁ ଦେଖୁଥାଏ କୁନି ଶାବକ ତିନୋଟି, ବଡ଼ ବିକଳରେ ମା'ର ଆଗମନକୁ ଚାହିଁଛନ୍ତି । ମୋତେ ଦେଖି, କୁନି ଥଣ୍ଟରେ ଚିଁ ଚିଁ କରିବାକୁ ଲାଗିଲେ ।

ବିଧାତା ପ୍ରତ୍ୟେକ ପ୍ରାଣୀଙ୍କ ସର୍ଜନା କଲାବେଳକୁ ପ୍ରତ୍ୟେକଙ୍କର ଖାଇବା ପ୍ରଣାଳୀ ଅଲଗା ଅଲଗା କରିବାର ବ୍ୟବସ୍ଥା କରିଛନ୍ତି । ତେଣୁ ମୁଁ ଟିକିଏ ହସି, ଦୁଇଟି ଆଙ୍ଗୁଠି ସନ୍ଧିରେ, ଟିକିଏ ଟିକିଏ ଡାଲି ଗୁଣ୍ଡ ସେମାନଙ୍କର କୁନି ଥଣ୍ଟଭିତରେ ପକାଇବାକୁ ଲାଗିଲି । ଛୁଆ ଗୁଡ଼ିକ ମନ ଖୁସିରେ ଖାଉଥାନ୍ତି । ସେମାନଙ୍କ ଖାଇବା ଦେଖି ମୁଁ ବେଶ୍ ଆତ୍ମସନ୍ତୋଷ ଲାଭ କରୁଥାଏ । ସବୁଦିନ, ଘରକାମ ସହିତ, ସେହି କୁନି ଶାବକମାନଙ୍କୁ, ଦିନକୁ ଚାରିଥର ଖାଇବାକୁ ଦେବା ମୋର ସବୁଦିନର ରୁଟିନ୍ କାମରେ ପରିଣତ ହୋଇଗଲା । ମୋ ଛୁଆଙ୍କ ଭଳି ସେହି ପକ୍ଷୀ ଶାବକ ମାନଙ୍କୁ ଖୁଆଇବା ମୋର ଦାୟିତ୍ୱରେ ରହିଥାଏ । ସେମାନଙ୍କ ଭିତରୁ ଦୁଇଟି ଛୁଆ ଭାରି ଚାଲାକ୍ ଚତୁର ଥାନ୍ତି । ମୋର ଷ୍ଟୁଲ୍‌ଟି ସେଠାରେ ରହିଥାଏ ।

ଜୀବଜଗତରେ ସବୁ ମା'ମାନେ ସେମାନଙ୍କର ଛୁଆ ମାନଙ୍କର ସୁରକ୍ଷା ସବୁବେଳେ ଚିନ୍ତା କରୁଥାନ୍ତି । ମୁଁ ମନେ ମନେ ଭାବୁଥାଏ, ବିଲେଇ, କୁକୁର, ଏବଂ ଡାମରା କାଉମାନେ ମଧ୍ୟ ଛୋଟ ପକ୍ଷୀ ଶାବକ ମାନଙ୍କ ଶିକାର କରିଥାନ୍ତି । ତେଣୁ ମା-ପକ୍ଷୀମାନେ ସୁରକ୍ଷିତ ସ୍ଥାନରେ ବସା ବାନ୍ଧିଥାନ୍ତି । ଏଇ ଯେମିତି ଏହି ପଟ୍ ଭିତରେ ସେମାନଙ୍କ ମା'ଟି ବସା ବାନ୍ଧିଛି । ଛାତରେ ଲାଗିଥିବା ହୁକ୍‌ରେ, ପତଳା ରଶିଟିରୁ ହାଙ୍ଗିଙ୍ଗ୍ ପଟଟି, ସମସ୍ତଙ୍କ ନଜରରୁ ଖୁବ୍ ଉଚ୍ଚାରେ ବନ୍ଧା ହୋଇଛି । ସମସ୍ତ ପଶୁ, ପକ୍ଷୀଙ୍କର ଲୋଲୁପ ଦୃଷ୍ଟିର ଆଢୁଆଳରେ, ସୁରକ୍ଷିତ ସ୍ଥାନରେ ଏହି ବସାଟିରେ ସେହି ଶାବକ ଗୁଡ଼ିକ ଆରାମରେ ଅଛନ୍ତି । ସେମାନଙ୍କୁ ଖାଇବା ପାଇଁ ଦେଲାବେଳେ ବସାଟି ଟିକିଏ ହଲିଗଲେ, ଛୁଆଗୁଡ଼ିକ ଚିଁ ଚିଁ ଶବ୍ଦକରି, ପାଟି ଖୋଲି ଖାଦ୍ୟ ଖାଇବାକୁ ଲାଗନ୍ତି ।

ଯା ଭିତରେ ଦଶ-ବାର ଦିନ ବିତି ଯାଇଥିଲା । କୁନି ଶାବକ ମାନେ ବଡ଼ ହେବାକୁ ଲାଗିଲେଣି । ଦିନେ ମୋ ଝିଅ କହିଲା, ମାମା, ତୁମେ ତ ସେହି ଛୁଆମାନଙ୍କୁ ସବୁଦିନ ଖାଇବାକୁ ଦେଉଛ । ସେମାନଙ୍କର ମାମା ନାହିଁ, ତାଙ୍କୁ ଉଡ଼େଇବା କିଏ ଶିଖେଇବ ? ତୁମେ କ'ଣ ତାଙ୍କୁ ଉଡ଼ିବା ଶିଖେଇ ପାରିବ ? ମୁଁ ଟିକିଏ ହସି କହିଲି ନାଇଁ ଲୋ ମା, ଏହି ସଂସାର ଯିଏ ରଚନା କରିଛନ୍ତି, ସେ ସମସ୍ତଙ୍କୁ ମା ପେଟରୁ ସବୁକଥା ଶିଖେଇ ପଠେଇଥାନ୍ତି । କିଏ କାହାକୁ କିଛି ଶିଖେଇବାର ଆବଶ୍ୟକତା ପଡ଼ି ନ ଥାଏ । ତୁ ଦେଖିବୁ, ଆଉ ଅଳ୍ପଦିନ ପରେ ଏହି ଛୁଆମାନେ ଖଣ୍ଡିଉଡ଼ା ଦେବାକୁ ଲାଗିବେ । ସତକୁ ସତ ଅଳ୍ପଦିନ ପରେ, ବଡ଼ ଛୁଆ ଦୁଇଟି ପ୍ରଥମେ ଠିଆ ହେବାକୁ ଲାଗିଲେ । ତାଙ୍କର ଅଳ୍ପ ଅଳ୍ପ ପକ୍ଷୀ ଗଜୁରି ଆସୁଥାଏ । ଦିନେ ସକାଳୁ ସେମାନଙ୍କୁ ଖାଇବାକୁ ଦେବାପାଇଁ ଗଲାବେଳକୁ ଦେଖିଲି ବଡ଼ ଛୁଆ ଦୁଇଟି ବସାରେ ନାହାଁନ୍ତି । ମୁଁ ଡରିଗଲି, ବିଭିନ୍ନ ପାପ ଚିନ୍ତାରେ ମୋ ମନଟା ଆନ୍ଦୋଳିତ ହୋଇଗଲା । ଭାବିଲି, କୋଉ ପକ୍ଷୀ ଆସି ସେମାନଙ୍କୁ ଶିକାର କରି ଦେଲାକି ? ଚାରିଆଡ଼େ ବିକଳ ହୋଇ ଖୋଜିବାକୁ ଲାଗିଲି । କେଉଁଠି ହେଲେ ସେମାନଙ୍କୁ ପାଇଲି ନାହିଁ । ଆମ ଘରର ଚାକରାଣୀ ମିନାକୁ ଡାକିଲି । ତାକୁ କହିଲି, ଆସ ଦେଖିବା, ସେହି କୁନି ଶାବକ ଦୁଇଟି କୁଆଡ଼େ ଗଲେ । ସେମାନେ ଠିକ୍‌ରେ ଠିଆ ହୋଇ ପାରୁନଥିଲେ, କିପରି କୁଆଡ଼େ ଚାଲିଗଲେ ? କୋଉ ଡାମରା କାଉ ହାବୁଡ଼ରେ ପଡ଼ିଗଲେଣି କି ? ନାନା ପ୍ରକାର, ଚିନ୍ତାରେ ମୋ ମନଟା ବ୍ୟାକୁଳ ହୋଇ ଯାଉଥାଏ । ଏହି ସମୟରେ ହଠାତ୍ ମିନା ପାଟି ଶୁଣି ଚମକି ପଡ଼ିଲି । ଦିଦି ଆସ ଦେଖିବ, ରବର ପ୍ଲାଣ୍ଟ ଗଛ ଉପରେ ଗୋଟିଏ ଶାବକ ବସିଛି ।

ଆରେ ସତେ ତ, ତା ମାନେ ସେମାନେ ଖଣ୍ଡିଉଡ଼ା ଦେଲେଣି । ତାହେଲେ ଅନ୍ୟ ଶାବକଟି କେଉଁ ଡାଳ ସନ୍ଧିରେ ଲୁଚିକି ବସିଥିବ ।

ଖୁବ୍ ଆଶ୍ୱସ୍ତ ଲାଗିଲା । ଯା ହେଉ, ଶାବକ ଦୁଇଟି ସୁରକ୍ଷିତ ଅଛନ୍ତି । ମୁଁ ଆଣିଥିବା ଡାଲିଗୁଣ୍ଡକୁ ତା ପାଟିରେ ଦେଲି, ଭାବିଲି ପୁଣି କୁଆଡ଼େ ଚାଲିଯିବ, କ'ଣ ଖାଇବାକୁ ପାଇବ ?

କିନ୍ତୁ ଏ କ'ଣ ?

ସେ ମୋତେ ଆଉ ଚିହ୍ନିପାରୁନି ଯେ ? ମୁଁ କହିଲି, ଆରେ କ'ଣ ଗୋଟେ ଓଳିରେ ମୋତେ ଭୁଲି ଗଲୁକି ?

ପନ୍ଦର ଦିନର, ଦିନ ରାତିର ଅନ୍ତରଙ୍ଗତା ଏତେ ଶୀଘ୍ର ଭୁଲିଗଲୁ ? ମୋତେ ଅଚିହ୍ନା ବାରି ଫୁର୍‌କିନା ଉଡ଼ିଗଲା । ଥରେ ହେଲେ ପଛକୁ ଫେରି ଚାହିଁଲାନି । କିନ୍ତୁ ମୋର ମା' ମନଟା ତ, ମୁଁ ଚାହିଁ ରହିଥାଏ କାଳେ ପୁଣି ଫେରିଆସି, ମୋ ହାତରୁ ଡାଲିଦାନା ଖାଇବ ? ଏହି ବିଚିତ୍ର ସୃଷ୍ଟିରେ, ଅସଂଖ୍ୟ ପ୍ରାଣୀମାନଙ୍କ ଭିତରୁ ମଣିଷର ସ୍ମରଣ ଶକ୍ତି ବେଶ୍ ପ୍ରଖର, ପକ୍ଷୀମାନଙ୍କ ଭିତରେ ପାରାମାନଙ୍କ ସ୍ମରଣ ଶକ୍ତି ପ୍ରଖର । କାରଣ ପାରା ମାନଙ୍କୁ ଦୂର ଦେଶକୁ ପତ୍ର ସାହାଯ୍ୟରେ ଦୂତଭାବରେ ପ୍ରେରଣ କରାଯାଏ ।

ଫେରି ଆସିଲି, ସେହି ମନିପ୍ଲାଣ୍ଟ ହାଙ୍ଗିଙ୍ଗ୍ ପଟ ନିକଟକୁ । ସେଥିରେ ଏବେ ବି ମୋତେ ଚାହିଁ ରହିଛି ଆଉ ଗୋଟିଏ କୁନି ଶାବକ । ତା'ର ଗୋଡ଼ ଦୁଇଟି ଏଯାଏ ଶକ୍ତ ହୋଇନି । ତା ପାଖକୁ ଆସିଲି । ଚିଁ ଚିଁ ଶବ୍ଦକରି ସେ ମୋ ହାତରୁ ଡାଲି ଦାନା ସବୁ ସନ୍ତୋଷରେ ଖାଇଲା । ମୁଁ ଭାବୁଥାଏ, ଆଉ କିଛିଦିନ ପରେ, ତୁ ବି ଏହି ନୀଡ଼କୁ ଖାଲିକରି ଉଡ଼ିଯିବୁ । କେଜାଣି କେମିତି ଗଭୀର ଆତ୍ମୀୟତାରେ ଏହି କୁନି କୁନି ପକ୍ଷୀ ଶାବକମାନଙ୍କ ସହିତ ମୋର ଅନ୍ତର ଭରିଯାଇଥିଲା ।

ମଣିଷ ଜୀବନ ଆଉ କ'ଣ କି ? ଗୋଟିଏ ମା'ର କୋଡ଼ିଏ ବର୍ଷ ବିତିଯାଏ ପିଲାଙ୍କୁ ପାଠ ପଢ଼େଇ ମଣିଷ କରିବାରେ । ସବୁବେଳେ କେବଳ ଗୋଟିଏ ଚିନ୍ତା କେମିତି ପିଲାଟି ଭଲ ମଣିଷଟିଏ ହେବ । ଯେତେବେଳେ ସେମାନେ ନିଜ ଗୋଡ଼ରେ ଠିଆ ହୁଅନ୍ତି, ନିଜ ନିଜର ପରିବାର ଜଞ୍ଜାଳରେ ବ୍ୟସ୍ତ ହୋଇ ଯାଆନ୍ତି ।

ଝିଅଟି ନିଜ ପରିବାରରେ ଶ୍ୱଶୁର, ଶାଶୁ, ସ୍ୱାମୀ, ଏବଂ ଛୁଆଙ୍କ ଜଞ୍ଜାଳରେ ଯେମିତି ବ୍ୟସ୍ତ ରହିଯାଏ, ପୁଅଟି ମଧ୍ୟ ଠିକ୍ ସେହିପରି, ନିଜର ସ୍ତ୍ରୀ, ପିଲାମାନଙ୍କ ଜଞ୍ଜାଳରେ ବ୍ୟସ୍ତ ରହିଯାଏ ।

ଏଇତ ଜୀବନ । ସେ ହେଉଛି ଉତ୍ତମ ମଣିଷ, ଯିଏ ନିଜର ବାପା, ମା, ପିଲା, ଛୁଆଙ୍କୁ ନେଇ ସଂସାର କରିଥାଏ ।

*ଲିଙ୍ଗରାଜ ନଗର, ଓଲଡ୍ ଟାଉନ୍, ଭୁବନେଶ୍ୱର-୭୫୧୦୦୨*
*ମୋ.-୮୭୫୨୨୭୩୭୫*


# କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ



**ଗଳ୍ପ ସଂକଳନ**
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
- ପୂର୍ଣ୍ଣ ପ୍ରତ୍ୟୁଷ
- ଶେଷ ସାକ୍ଷାତ

**ଉପନ୍ୟାସ**
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଜାଇ
- ଶେଷଦୃଶ୍ୟ
- ମହାନାୟକ
- ପ୍ରିୟ ପଞ୍ଚକ

**ସଂପାଦନା**
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ
- ଝିଅ

9437163002

# ପ୍ରତୀଚୀ ବର୍ଣ୍ଣବିଭା

## ଦୁର୍ଗାପ୍ରସାଦ ଆଚାର୍ଯ୍ୟ

'ସାର୍, ମୁଁ ପ୍ରତୀଚୀ ବର୍ଣ୍ଣବିଭା । ନବଗୁଞ୍ଜର ପବ୍ଲିକେସନ୍‌ର ପ୍ରମୋଦ ବାବୁ ମୋତେ ଆପଣଙ୍କ ଫୋନ୍ ନମ୍ବର ଦେଲେ । ମୁଁ ଆପଣଙ୍କ ଠାରୁ ଗୋଟିଏ ସାହାଯ୍ୟ ଚାହୁଁଛି ସାର୍', - ସକାଳ ନିତ୍ୟକ୍ରମ ସାରି ସାମାନ୍ୟ ଜଳଖିଆ ନେଇ ଖାତା କଲମ ଧରି ସ୍ତମ୍ଭଲେଖାଟିଏ ଲେଖିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ପ୍ରଫେସର ବିଭାସ ଏ ଫୋନ୍‌ଟି ପାଇଲେ । ଅବସର ନେବାପରେ ଦୁଇ ତିନି ବର୍ଷ ଏମିତି କେହି ନା କେହି ସମୟେ ସମୟେ ଫୋନ୍ କରି ତାଙ୍କଠାରୁ ଇଂରାଜୀ ସାହିତ୍ୟର କୌଣସି ନା କୌଣସି ବିଷୟ ବୁଝିବାକୁ ଚାହିଁଥାନ୍ତି । ସେ ଭାବିନେଲେ ଏ କେହି ଜଣେ ତାଙ୍କର ପୂର୍ବତନ ଛାତ୍ରୀ ହୋଇଥିବ କିମ୍ବା ତାଙ୍କ ବିଷୟରେ କାହାଠାରୁ ଶୁଣି ଅନ୍ୟ କେହି ଉତ୍ସାହୀ ସାହିତ୍ୟ ଅନୁରାଗୀ ହୋଇଥିବେ । ମାତ୍ର ଆଗଭଳି ଆଉ କାହାରି ସହିତ ସେମିତି କିଛି ସାହିତ୍ୟ ଚର୍ଚ୍ଚା କରିବାକୁ ବିଭାସଙ୍କର ଆଗ୍ରହ ନଥିଲା । ତେଣୁ ସାମାନ୍ୟ ଅପ୍ରକାଶ୍ୟ ବିରକ୍ତି ସହ ପଚାରିଲେ, - 'ପ୍ରତୀଚୀ ବର୍ଣ୍ଣବିଭା ?କାଇଁ ଏ ନାମଟି ତ ମୋର କେଉଁ ଛାତ୍ରୀର ହେଲା ପରି ଜଣାପଡୁନି' ?

'ନା ସାର୍, ମୁଁ ଆପଣଙ୍କ ଛାତ୍ରୀ ନୁହେଁ । ମୁଁ ଜଣେ ସଫଟ୍‌ୱେୟାର ଇଞ୍ଜିନିୟର ,ହାଇଦ୍ରାବାଦରେ ଗୋଟିଏ ମଲ୍‌ଟିନେସ୍‌ନାଲ୍ କମ୍ପାନୀରେ ଚାକିରୀ କରିଛି',- ଭଦ୍ର, ମାର୍ଜିତ ସ୍ୱରରେ କହିଲେ ଅପରିଚିତା ଯୁବତୀ । ଜଣେ ସଫଟ୍‌ୱେୟାର ଇଞ୍ଜିନିୟର ଯେ ତାଙ୍କୁ ଫୋନ୍ କରିବ କେଉଁ ସାହାଯ୍ୟ ପାଇଁ, ଏହା ପ୍ରଫେସର କେବେ ଚିନ୍ତା କରି ନଥିଲେ । ସେ ତ ଇଂରାଜୀ ସାହିତ୍ୟର ଅଧ୍ୟାପକ ଥିଲେ ଦୀର୍ଘ ୩୭ ବର୍ଷ । ସାହିତ୍ୟ ଆଉ ଇଞ୍ଜିନିୟରିଂ ବିଦ୍ୟା - ଦକ୍ଷିଣ ଓ ଉତ୍ତରମେରୁ ଭଳି ପରସ୍ପରଠାରୁ କାହିଁ କେତେ ବିଚ୍ଛିନ୍ନ ! ତେବେ କ'ଣ ଚାହୁଁଛନ୍ତି ଏ ପ୍ରତୀଚୀ ବର୍ଣ୍ଣବିଭା ?

ଝିଅଟିର ନାମର ଅନନ୍ୟତା ଓ କାବ୍ୟିକ ଲାଳିତ୍ୟରେ କିନ୍ତୁ ମୁଗ୍ଧ ହୋଇଯାଇଥିଲେ ପ୍ରଫେସର ବିଭାସ । ଏ ପ୍ରକାର ନାମଧାରିଣୀ ସହିତ ଅବଶ୍ୟ କିଛି ସମୟ କଟାଇ ଦେବାପାଇଁ ସଂଗୁପ୍ତ ଇଚ୍ଛାଟିଏ ଅନୁଭବ କରି କହିଲେ, 'କୁହ ପ୍ରତୀଚୀ ମୋ ଠାରୁ ତମେ କି ସାହାଯ୍ୟ ଚାହୁଁଛ' ?

'ସାର୍, ମୁଁ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳର ଜନଜାତିମାନଙ୍କ ସଂପର୍କରେ ରିସର୍ଚ୍ଚ କରୁଛି ଓ ପ୍ରସ୍ତାବିତ ସନ୍ଦର୍ଭଟିର ସିନୋପ୍‌ସିସ୍‌ଟିଏ ପ୍ରସ୍ତୁତ କରିଛି । ଆପଣ ଯଦି ସେଇଟିକୁ ଦେଖି ସୁପାରିଶ ପତ୍ରଟିଏ ଲେଖି ଦିଅନ୍ତେ, ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟର ଆନ୍ଥ୍ରୋପଲଜି ବିଭାଗର ମୋ ଗାଇଡ୍‌ଙ୍କ ପାଖରେ ସବ୍‌ମିଟ୍ କରି ଦିଅନ୍ତି- ମୋ ସିନୋପ୍‌ସିସ୍‌ଟି ସହ'- ବେଶ୍ ନମ୍ର ଅଥଚ ଆତ୍ମବିଶ୍ୱାସଭରା ସ୍ପଷ୍ଟତାର ସହ କହିଲେ ପ୍ରତୀଚୀ ।

'ଆରେ ମା, ତମେ ତ ଜଣେ ଇଞ୍ଜିନିୟର, ପୁଣି ଏବେ ହାଇଦ୍ରାବାଦରେ । ମାଲକାନଗିରିର ଜନଜାତିଙ୍କ ଉପରେ ରିସର୍ଚ୍ଚ କରିବା କାହିଁକି ଆବଶ୍ୟକ ହେଲା ? ଏ ତ ତମ ସର୍ଭିସ୍ ସହିତ ସଂପର୍କିତ ଆଦୌ ହୋଇ ନଥିବ ?' ପ୍ରଫେସରଙ୍କୁ ଆଉ କିଛି ପଚାରିବାକୁ ଅବସର ନ ଦେଇ ପ୍ରତୀଚୀ ଉତ୍ତର ଦେଲେ, 'ନା ସାର୍, ସଫଟ୍‌ୱେୟାର ସହିତ ଏହାର ସଂପର୍କ ବା କ'ଣ ହେବ ! ଏ ମୋର ବ୍ୟକ୍ତିଗତ ରୁଚି ବୋଲି ମୁଁ କହିବି । ସାର୍, ମୁଁ ସିନା ଇଞ୍ଜିନିୟରିଂ ଚାକିରି କରିଛି,କିନ୍ତୁ ଛାତ୍ରୀ ଥିଲାବେଳେ ଓଡିଶାର ସଂସ୍କୃତି, ଲୋକଜୀବନ ସବୁକୁ ନେଇ ଗପ, କବିତା ଓ ଛୋଟ ଛୋଟ ପ୍ରବନ୍ଧ ମୁଁ ଲେଖୁଥିଲି । ପରିବାରର ଚାପରେ ଇଞ୍ଜିନିୟରିଂ ପଢିଲି, ହେଲେ ମୋର ସେ ପୂର୍ବଇଚ୍ଛା, ପୂର୍ବରୁଚି ସେମିତି ଅତୁଟ ରହିଛି । ତେଣୁ....।

'ଆଚ୍ଛା, ଆଚ୍ଛା ବୁଝିଲି । ଭଲ ହେଲା । ତମପରି ଉଚ୍ଚଶିକ୍ଷିତା ଜଣେ ଆମ ରାଜ୍ୟର ଜନଜାତିମାନଙ୍କ ଉପରେ ଗବେଷଣା କରି ସେମାନଙ୍କ ସଂସ୍କୃତି, ଜୀବନଧାରା ସବୁକୁ ଲୋକଲୋଚନକୁ ଆଣିବା ଖୁବ୍ ଆବଶ୍ୟକ । ଇଂରାଜୀରେ ସନ୍ଦର୍ଭଟିଏ ପ୍ରସ୍ତୁତ କରିଦେଲେ ବାହାର ରାଜ୍ୟ, ବାହାର ଦେଶର ଲୋକେ ସେ ବିଷୟରେ ଜାଣିପାରିବେ ।'

'ନା ସାର୍, ଇଂରାଜୀରେ ନୁହେଁ, ମୁଁ ଓଡିଆରେ ହିଁ କାମ କରୁଛି । ମୋର ସିନୋପ୍‌ସିସ୍‌ଟି ଓଡିଆରେ',- ସରଳ, ସଂକ୍ଷିପ୍ତ ଥିଲା ପ୍ରତୀଚୀଙ୍କ ଉତ୍ତର ।

'ଓଡିଆରେ ? କିନ୍ତୁ ମୁଁ ତ ଇଂରାଜୀ ସାହିତ୍ୟର ଜଣେ ଅବସରପ୍ରାପ୍ତ ଅଧ୍ୟାପକ ! ତମେ ମା କେମିତି ଭାବିଲ ମୁଁ ତମର ଓଡିଆ ସିନୋପ୍‌ସିସିଟି ପଢି ସୁପାରିଶ ପତ୍ରଟିଏ ଲେଖିପାରିବି ବୋଲି' ?– ଆପଣାର ଜ୍ଞାନ ବା ବିଦ୍‌ବତ୍ତାକୁ ନେଇ କେବେ ପ୍ରୌଢି ପ୍ରଦର୍ଶନ କରିବାରେ ଆଦୌ ଅଭ୍ୟସ୍ତ ନଥିବା ପ୍ରଫେସର ବିଭାସ କହିଲେ ।

ସାମାନ୍ୟ କେଇ ସେକେଣ୍ଡର ବିରତି ନେଇ ଖୁବ୍ ସମ୍ଭ୍ରମତାର ସହ କହିଲେ ପ୍ରତୀଚୀ, – 'ସାର୍, ଗତକାଲି ନବଗୁଞ୍ଜର ପବ୍ଲିକେସନ୍‌ର ପ୍ରମୋଦ ବାବୁଙ୍କୁ କହିଲି –ଆପଣ ଜଣେ ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ଫୋନ୍ ନମ୍ବର ମୋତେ ଯଦି ଦିଅନ୍ତେ, ମୁଁ ପ୍ରସ୍ତୁତ କରୁଥିବା ଗୋଟିଏ ଗବେଷଣାଭିତ୍ତିକ ସନ୍ଦର୍ଭ ସମ୍ପର୍କରେ ଯେଉଁ ସିନୋପ୍‌ସିସ୍‌ଟିଏ ଲେଖିଛି, ସେଇଟି ପାଇଁ ସୁପାରିଶ ପତ୍ରଟିଏ ସେ ଲେଖିଦେବାପାଇଁ ତାଙ୍କୁ ଅନୁରୋଧ କରନ୍ତି । ସାର୍, ସେ ହିଁ ମୋତେ ଆପଣଙ୍କ ବିଷୟରେ କହି ଫୋନ ନମ୍ବରଟି ଦେଲେ'।

ପ୍ରତୀଚୀଙ୍କଠାରୁ ଏକଥା ଶୁଣି ଖୁସି ହେଲେ ବିଭାସ । ଟିକିଏ ଗର୍ବ ବି ଅନୁଭବ କଲେ ଏଇଥିପାଇଁ ଯେ ଅବସର ପରେ ଏଇ ମାତ୍ର ଦୁଇ ତିନିବର୍ଷ ଓଡିଆରେ ଲେଖାଲେଖି କରି ସେ ତାହେଲେ ଜଣେ ବିଶିଷ୍ଟ ଓଡିଆ ଶିକ୍ଷାବିତ୍ ବୋଲି ସ୍ୱୀକୃତି ପାଇସାରିଲେଣି । ନା, ତାଙ୍କୁ ଏ ଝିଅର ଅନୁରୋଧ ରକ୍ଷା କରିବାକୁ ହେବ । ଆଉ ବିଶେଷ କିଛି ପ୍ରସଙ୍ଗ ନ ଉଠାଇ ପ୍ରତୀଚୀଙ୍କୁ ନିଜ ଇମେଲ୍‌ଟି ଜଣାଇଦେଲେ ଓ କହିଲେ, ' ମା, ତମେ ସିନୋପ୍‌ସିସ୍‌ଟି ପଠାଇ ଦିଏ ମୋ ଇମେଲ୍‌ରେ । କିନ୍ତୁ ମୋତେ ଦୁଇ ତିନି ଦିନ ସମୟ ଦେବ । ଆଛା, ମୁଁ ଯଦି ସୁପାରିଶ ପତ୍ରଟି ଲେଖିଦେଇପାରିଲି, ସେଇଟି କ'ଣ ତମ ଇମେଲ୍‌ରେ ପଠାଇବ' ?

'ନା ସାର୍, ମୁଁ ଆପଣଙ୍କ ପାଖକୁ ଯାଇ ନେଇ ଆସିବି । ମୋ ସ୍ୱାମୀ ଓ ମୁଁ ଜଗତ୍‌ସିଂହପୁର ଆସିଛୁ – ହାଇଦ୍ରାବାଦରୁ ସିଧା ମାଲକାନଗିରି ଯାଇଥିଲୁ ପ୍ରଥମେ । ସେଇଠି ଦୁଇଦିନ ରହି ଗାଁକୁ ଆସିଛୁ, ହାଇଦ୍ରାବାଦ ଫେରିଯିବୁ ଦୁଇ ଚାରିଦିନ ପରେ । ସାର୍, ଆପଣ ଭୁବନେଶ୍ୱରରେ କେଉଁଠି ରହୁଛନ୍ତି କହିଲେ ଆମେ ଯାଇ ସୁପାରିଶ ପତ୍ରଟି ନେଇ ଆସିବୁ' ।

'ପ୍ରତୀଚୀ, ଭୁବନେଶ୍ୱର ବୋଲି ତୁମେ ଯେଉଁ ମୁଖ୍ୟସ୍ଥାନଗୁଡିକୁ ଜାଣିଛ, ସେ ସବୁଠୁ ବେଶ୍ ଦୂରରେ–ଜଟଣୀ ପାଖାପାଖି ଏକ ଗ୍ରାମାଞ୍ଚଳରେ ଘର ମୋର । 'ନବୀନ ନିବାସ' ଠାରୁ ପ୍ରାୟ ୨୦ କିଲୋମିଟର । ସୁନ୍ଦରପଦା–ଜଟଣୀ ରୋଡ୍‌ରେ ପଧାନସାହି ଛକର ବାମପଟରେ ପାଞ୍ଚଗାଁକୁ ଲମ୍ବିଯାଇଥିବା ରାସ୍ତାରେ ପ୍ରାୟ ଦେଢ କିଲୋମିଟର ଆସିଲେ ବୈଷ୍ଣୋଦେବୀ ଆପାର୍ଟମେଣ୍ଟ ପରେ ଯେଉଁ ଛୋଟ ହନୁମାନ ମନ୍ଦିରଟିଏ ଅଛି, ସେଇଠୁ ଡାହାଣପଟରୁ ଶହେମିଟର ଖଣ୍ଡେ ପରେ ମୋ ଘର – ହେମନିରଞ୍ଜନ ନିବାସ' । ଏତେ ଦୂରରେ ଘରଟିଏ କରି ରହିବା ପରେ ଏମିତି ଅନେକଙ୍କୁ ନିଜ ବାସସ୍ଥାନର ସଠିକ୍ ଅବସ୍ଥିତି ସଂପର୍କରେ ବାରମ୍ବାର କହିବାରେ ଅଭ୍ୟସ୍ତ ଥିବାରୁ ପ୍ରଫେସରଙ୍କୁ ଏମିତି କେତୋଟି ବାକ୍ୟ ଗୋଟିଏ ନିଃଶ୍ୱାସରେ କହିଦେବାକୁ ଆଦୌ କଷ୍ଟ ହେଲାନି ।

'ସାର୍, ଭଲ କରିଛନ୍ତି । ଅକ୍‌ଟୋପାସ୍ ପରି ଗୋଡ ଲମ୍ବାଇ ପାଖଆଖର ସବୁ ଅଞ୍ଚଳକୁ ମାଡି ଚାଲିଥିବା ଭୁବନେଶ୍ୱର ଆପଣଙ୍କ ସେ ଗ୍ରାମାଞ୍ଚଳରେ ପହଞ୍ଚିବାକୁ ଆଉ କେଇଟି ବର୍ଷ ନେବ ନିଶ୍ଚୟ । ଏଇ କେତୋଟି ନିରୁପଦ୍ରବ ବର୍ଷର ଶାନ୍ତି ଉପଭୋଗ କରନ୍ତୁ ସାର୍' –ଫୋନ୍‌ରେ କିଛି ସମୟର ଆଳାପ ପରେ ପ୍ରତୀଚୀ ବୋଧହୁଏ ପ୍ରଫେସରଙ୍କ ସହ ସାମାନ୍ୟ ଅନ୍ତରଙ୍ଗତା ଅନୁଭବ କରିଥିଲେ । ସେଇଥିପାଇଁ ସତର୍କ ସମ୍ଭ୍ରମତାର ଲକ୍ଷ୍ମଣରେଖାଟିକୁ ଅଣଦେଖା କରି ବେଶ୍ ଆତ୍ମୀୟତାଭରା ସ୍ୱରରେ ଏମିତି ଏକ ଟିପ୍‌ପଣୀ ଦେଲେ ସେ ।

ପ୍ରଫେସର ବିଭାସ ବି ଏହି ଅପରିଚିତା ଜଣଙ୍କର କଣ୍ଠସ୍ୱରର ମାର୍ଜିତ ସରସତାରେ ବିଭୋର ହୋଇସାରିଥିଲେ ପ୍ରଥମରୁ । ଫୋନ୍‌ରେ ଏ କଥୋପକଥନ ସାମାନ୍ୟ ପ୍ରଲମ୍ବିତ କରିବାପାଇଁ ନିର୍ଦ୍ଦୋଷ କାମନାଟିଏ ବି ସଂଗୁପ୍ତ ପୋଷଣ କରିସାରିଥିଲେ । ତେଣୁ ପ୍ରତୀଚୀଙ୍କ ଟିପ୍ପଣୀ ତାଙ୍କୁ ସୁଯୋଗଟିଏ ଦେଲା ଟିକେ ଅଧିକ ତଲ୍ଲୀନ ସ୍ୱରରେ ଆପଣାର ମନର କଥା କହିବାକୁ :

'ମା, କୋଡିଏ କି ପଚିଶ ବର୍ଷ ତଳେ ଏ ପଧାନସାହି, ପାଞ୍ଚଗାଁ ସବୁ ନିଛକ ପଲ୍ଲୀ ଅଞ୍ଚଳ ଥିଲା, ଠାଏ ଠାଏ ଥିଲା ଘଞ୍ଚ ଜଙ୍ଗଲ ବି । ଏକପ୍ରକାର ଅଜଣା ଅଶୁଣା ଥିଲା କେନ୍ଦ୍ର ଭୁବନେଶ୍ୱରର ଅଧିବାସୀମାନଙ୍କ ପାଇଁ । ତେବେ, ଏ ଅଞ୍ଚଳର ଆବେଦନ ମୋ ପାଇଁ ଥିଲା ପ୍ରଚୁର । ପାଞ୍ଚଗାଁର ଦକ୍ଷିଣ –ପଶ୍ଚିମ ଦିଗରେ ମାତ୍ର ଗୋଟିଏ କିଲୋମିଟର ଦୂରରେ ଥିବା ଲବଣଗିରି ପାହାଡ ଚୂଡାର ଅର୍ଦ୍ଧଭଗ୍ନ ଶୈବ ମନ୍ଦିର ଓ ଚତୁଃପାର୍ଶ୍ୱର କାଜୁ ବଗିଚାର ହାଲ୍‌କା ସବୁଜିମା –ଏ ସବୁକିଛି ମୋତେ ଆକୃଷ୍ଟ କରିଥିଲା ଏଇଠି ଜାଗାଟିଏ କିଣି ଘରଟିଏ କରିବାକୁ । ଖାଲି ଲବଣଗିରି ନୁହେଁ, ମୋ ଘରର ଛାତ ଉପରୁ ଏବେ ସବୁଦିନେ ମୁଁ ଆଖି ପହଁରେଇ ଦେଖିଥାଏ ପୂର୍ବ ଦିଗ୍‌ବଳୟର ରେଶମୀ ପରଦା ଭେଦ କରି ବେଳେବେଳେ ସ୍ପଷ୍ଟ ଦିଶିଯାଉଥିବା ଧଉଳିଗିରିର 'ଶାନ୍ତିସ୍ତୁପ'; କଳ୍ପନା ଚକ୍ଷୁରେ ଦେଖିଥାଏ କାହିଁ କେତେ ଶତାବ୍ଦୀ ତଳେ ଧଉଳିଗିରି ସନ୍ନିକଟ ଦୟାନଦୀର ଅବବାହିକାରେ ଚଣ୍ଡାଶୋକ ଅଶୋକଙ୍କ ମଦମତ୍ତ ସମରସଜ୍ଜା ଓ ସମରାଗ୍ନିରେ ଝାସ ଦେଉଥିବା ରଣୋନ୍ମତ୍ତ କଳିଙ୍ଗ ଯୋଦ୍ଧା । କଳିଙ୍ଗବୀରଙ୍କ ବକ୍ଷଚିରି ଯେଉଁଠି ବହି ଆସିଥିଲା ରକ୍ତ ବୈତରଣୀର ସହସ୍ର ଧାର, ସେଇଠି ଆଜି ସେହି ମୌନ ଧଉଳିଗିରିର ମସ୍ତକରେ ଶୋଭାପାଉଛି 'ଶାନ୍ତିସ୍ତୁପ'ର ମହିମ୍ନ ମୁକୁଟ । ମା, ମୁଁ ସବୁଦିନେ ଶିହରିତ ହୋଇଥାଏ ଧଉଳିଗିରିରୁ ସଂଚରି ଆସୁଥିବା ମଳୟର ପାବନ ସ୍ପର୍ଶରେ, ଲବଣଗିରିର ପ୍ରାଚୀନ ଐତିହ୍ୟର ମୁଗ୍ଧ ସୁମରଣାରେ । ପ୍ରତୀଚୀ– ଜାଣ,ଏଇ ପାଞ୍ଚଗାଁରେ ଦିନେ ଜନ୍ମ ହୋଇଥିଲେ କବି ପଦ୍ମ ଚରଣ ପଟ୍ଟନାୟକ– ଆମ ଓଡିଆ କବିତାର ଚିରସ୍ମରଣୀୟ ଗାଥା କବିତା 'ଧଉଳି ପାହାଡ'ର ପ୍ରଣମ୍ୟ ସ୍ରଷ୍ଟା' । ଅଦ୍‌ଭୁତ ଏକ ତନ୍ମୟତାରେ ଆବିଷ୍ଟ ହୋଇ କହିଚାଲିଥିଲେ ପ୍ରଫେସର ବିଭାସ ।

କିଏ ଏ ପ୍ରତୀଚୀ ବର୍ଣ୍ଣବିଭା ? କାହିଁକି ଏ ଝିଅଟି ପାଖରେ ସେ ଏପରି ପ୍ରଗଳ୍‌ଭ ହୋଇ ଉଠୁଛନ୍ତି ? ଅବସର ନେବା ପରେ ତ ସେ

ବାଧ ହୋଇ ଜଉମୁଦଟିଏ ଲଗାଇ ଦେଇଥିଲେ ଆପଣାର ଭାବପ୍ରସ୍ରବଣର ସଂକୀର୍ଣ୍ଣ ମୁହଁରେ -ଆଜି ସେଇଟିକୁ କାହିଁକି କେଜାଣି ଖୋଲି ଦେବାକୁ ସେ ଅନୁଭବ କରୁଛନ୍ତି ଏକ ଅବୋଧ ଆସ୍ପୃହା । ଆଖି ଆଗରେ କେବେ ଦେଖି ନଥିବା ଏ ପ୍ରତୀଚୀର ସ୍ୱରରେ କି ସମ୍ମୋହନ ଅଛି ! ଭାବୁଥିଲେ ପ୍ରଫେସର, ସମ୍ଭ୍ରାନ୍ତ ଲଜ୍ଜାବୋଧର ମୃଦୁ ସଂଚରଣ ସତ୍ତ୍ୱେ ।

ପ୍ରଫେସରଙ୍କ ତନ୍ମୟତାର ଚୁମ୍ବକୀୟ ପ୍ରଭାବରେ ଆବେଶାଚ୍ଛନ୍ନ ହୋଇ ସେପଟରେ ନିରବି ଯାଇଥିଲେ ପ୍ରତୀଚୀ । କେତୋଟି ମୁହୂର୍ତ୍ତର ମୁଗ୍ଧ ନିରବତା ପରେ କହିଲେ, 'ସାର୍, ଦୁଇଦିନ ପରେ ମୋ ସ୍ୱାମୀ ଓ ମୁଁ ଯାଇ ପହଞ୍ଚିବୁ ଆପଣଙ୍କ ପାଖରେ । ଯଦି ଅନୁମତି ଦେବେ, ମନଭରି ଦେଖିନେବୁ ଆପଣଙ୍କ ଘରର ଛାତ ଉପରୁ ଅଦୂରସ୍ଥ ଧଉଳିଗିରି ଓ ଲବଣଗିରି'– ଖୁବ୍ କୋମଳ, ଅନ୍ତରଙ୍ଗ ଥିଲା ପ୍ରତୀଚୀଙ୍କ ସ୍ୱର । ପ୍ରଫେସର ବାରି ପାରୁଥିଲେ ସେ ସ୍ୱରର ଓଦାଓଦାପଣ । ଝିଅଟି ପାଇଁ ଗଭୀର ମମତାରେ ଉଚ୍ଛୁଳି ଉଠୁଥିଲା ତାଙ୍କ ମନ ଓ ହୃଦୟ ।

'ସାର୍, ମୁଁ ଆଜି ଆପଣଙ୍କ ଇମେଲ୍‌ରେ ପଠାଇ ଦେଉଛି ମୋ ସିନୋପ୍‌ସିସ୍‌ଟି । ପଢିବେ ସାର୍ -ଯଦି ଆପଣଙ୍କୁ ଭଲଲାଗେ, ସୁପାରିଶ ପତ୍ରଟି ଲେଖିଦେବେ । ଆମେ ଆପଣଙ୍କ ପାଖରୁ ନେଇ ଆସିବୁ । ବର୍ତ୍ତମାନ ପାଇଁ ରହୁଛି ସାର୍'– କହି ଫୋନ୍ ରଖିଦେଲେ ପ୍ରତୀଚୀ । ପ୍ରଫେସର ବିଭାସ କିନ୍ତୁ ହାତରେ ମୋବାଇଲ୍ ଫୋନ୍‌ଟି ତଥାପି ଧରି ରଖିଥାନ୍ତି, ଋହିଁ ରହିଥାନ୍ତି ଡିସ୍‌ପ୍ଲେ ବୋର୍ଡକୁ ଖୋଜିଲା ଖୋଜିଲା ଆଖିରେ– କାଳେ ଝଲସି ଉଠିବ ସେ ସୁନାଝିଅର ସୁନାମୁହଁଟି ।

ପ୍ରାୟ ଦୁଇ ତିନୋଟି ମିନିଟ୍ ପରେ ଇମେଲ୍‌ରେ ପହଞ୍ଚିଲା ପ୍ରତୀଚୀଙ୍କ ସିନୋପ୍‌ସିସ୍‌ଟି । ମୁହୁର୍ତ୍ତେ ବିଳମ୍ବ ନକରି ପଢିବା ଆରମ୍ଭ କରିଦେଲେ ପ୍ରଫେସର, ସତେ ଯେପରି ସେ ସିନୋପସିସ୍ ମାଧ୍ୟମରେ ସେ ପୁଣି ଥରେ ପାଇବେ ଝିଅଟିର ମହୁ ସାନ୍ନିଧ- ଅତି ନିଜର, ଅତି ପରିଚିତା ପରି ମନେ ହେଉଥିବା ପ୍ରତୀଚୀ ବର୍ଣ୍ଣବିଭାର ସାନ୍ନିଧ ।

ଗୋଟିଏ ପ୍ରସ୍ତାବିତ ଗବେଷଣା ସନ୍ଦର୍ଭର ସିନୋପସିସ୍‌ଟି ଏତେ ବଳିଷ୍ଠ, ଯୁକ୍ତିନିଷ୍ଠ କାହାର ହେବା ପୂର୍ବରୁ ପ୍ରଫେସରଙ୍କ ଦୃଷ୍ଟିରେ ପଡିନି କେବେ ।

ତଥାକଥିତ ଜେନିରେସନ୍ ଜି (ଜେଡ୍)ର ଝିଅ ଜଣେ, ଯିଏ ପୁଣି ଜଣେ ଇଞ୍ଜିନିୟର, ପ୍ରାଞ୍ଜଳ ଓଡିଆ ଭାଷାରେ ଏତେ ସୁନ୍ଦର ସିନୋପ୍‌ସିସ୍‌ଟିଏ ଲେଖିପାରେ ! ବିସ୍ମିତ ହେଲେ ସେ ଏବଂ ଖୁସି ବି ହେଲେ ଯେ ମାତୃଭାଷା ଓଡିଆ ସହିତ ଆଗାମୀ ପିଢିର ଗର୍ଭନାଡ ବିଚ୍ଛିନ୍ନ ହେବାର ସମ୍ଭାବନା ନାହିଁ ନିଶ୍ଚୟ । ପ୍ରତୀଚୀର ସିନୋପସିସ୍‌ଟି ମନୋଯୋଗ ଦେଇ ପଢୁଥିବାବେଳେ ଅନ୍ୟ ଏକ କାରଣରୁ ଆନମନା ହୋଇଗଲେ ପ୍ରଫେସର ବିଭାସ ।

ତାଙ୍କର ଏକମାତ୍ର ପୁତ୍ର ଚିନ୍ମୟ ବି ଜଣେ ସଫଟ୍‌ୱେୟାର ଇଞ୍ଜିନିୟର, ମାତ୍ର କାହିଁ ତା ପାଖରେ ଓଡିଆ ଭାଷା ପାଇଁ ମମତ୍ୱବୋଧ ? କେତେଥର ଚିନ୍ମୟ ତାଙ୍କୁ ପରୋକ୍ଷରେ ବ୍ୟଙ୍ଗ କରିନି ତାଙ୍କର ଓଡିଆ ଭାଷା ପ୍ରୀତି ପାଇଁ ! ଇଂରାଜୀ ଭାଷା ସାହିତ୍ୟର ଜଣେ ପ୍ରଫେସର ହୋଇ କାହିଁକି ସେ ଓଡିଆରେ ଲେଖାଲେଖି କରୁଛନ୍ତି, କିଏ ସେ ଲେଖା ପଢି କଣ ପାଇବ- ଏମିତି କହି ତାଙ୍କୁ କେତେ ଥର ଆହତ କରିନି ସେ !

ପ୍ରଫେସର ବିଭାସ ସବୁବେଳେ ଭାବୁଥିଲେ ଚିନ୍ମୟ ଦିନେ ନିଶ୍ଚୟ ଓଡିଆ ଭାଷାର ଜଣେ ପ୍ରତିଷ୍ଠିତ ଲେଖକ ହେବ, ଯେଉଁ ଲେଖକୀୟ ପ୍ରତିଷ୍ଠା ସେ ପାଇ ନାହାନ୍ତି, ସେ ତାହା ପାଇବ । ପୁଅର ବୃତ୍ତିଗତ ସାଫଲ୍ୟରେ ସେ ଗର୍ବିତ -ହେଲେ ଏଇ କେତୋଟି ବର୍ଷ ହେଲା ଆପଣାକୁ ଓଡିଶା, ବିଶେଷ କରି ଓଡିଆ ଭାଷାଠାରୁ ସେ ଯେପରି ଭାବଗତ ସ୍ତରରେ ବିଚ୍ଛିନ୍ନ କରି ଦେଇଛି କି କରିଦେବାପାଇଁ ଉଦ୍ୟମ ଅବ୍ୟାହତ ରଖିଛି, ତାହା ତାଙ୍କୁ ଗଭୀର ଭାବରେ ମର୍ମାହତ କରିଥାଏ । ନିର୍ଭୃତରେ ଆଖିରୁ ଗଡି ଆସୁଥିବା ଲୁହକୁ କେତେ ଥର ପୋଛି ଦେଇଛନ୍ତି ସେ କମ୍ପିତ ହାତରେ । ଏକଥା ନୁହେଁ ଯେ ଚିନ୍ମୟ ତାଙ୍କୁ କେବେ ଅବମାନନା କରିଛି କି ତା' ମାମା ପାଇଁ ତା'ର ସ୍ନେହ ଊଣା ହେବା ସେ ଲକ୍ଷ୍ୟ କରିଛନ୍ତି । ସେ ବ୍ୟଥିତ ହୋଇଛନ୍ତି ଲକ୍ଷ୍ୟକରି ଓଡିଆ ଭାଷା ପ୍ରତି ଚିନ୍ମୟର ପ୍ରକାଶ୍ୟ ବିରାଗ ଭାବ । 'ଆହା, ପ୍ରତୀଚୀ ବର୍ଣ୍ଣବିଭା ପରି ଚିନ୍ମୟ ଯଦି ଓଡିଆରେ ଲେଖାଲେଖି କରିବାକୁ ଆବେଗାତ୍ମକ ଆଗ୍ରହ ଦେଖାଉଥାନ୍ତା !' ଦୀର୍ଘ ନିଃଶ୍ୱାସଟିଏ ନେଇ ସ୍ୱଗତୋକ୍ତି କଲେ ବିଭାସ ।

ପ୍ରତୀଚୀଠାରୁ ପୁଣି ଗୋଟିଏ ଫୋନ୍ ପାଇଲେ ସେ । 'ସାର୍, ମୁଁ ଆପଣଙ୍କ ଇମେଲ୍‌ରେ ମୋର ଗୋଟିଏ ଗପ ପଠାଇ ଦେଇଛି । ସେଇଟି ମୁଁ ଯୁକ୍ତ ଦୁଇ ପଢିଲାବେଳେ ଲେଖି 'କଥା' ଗଳ୍ପ ପତ୍ରିକାକୁ ପଠାଇ ଦେଇଥିଲି । ମୋର ସେ ଗପଟି ସେଇ ବର୍ଷ 'କଥା ନବ ପ୍ରତିଭା' ପୁରସ୍କାର ପାଇଥିଲା । ସାର୍, ଦେଖିବେ ଗପଟି, ଆପଣଙ୍କୁ ଭଲ ଲାଗିପାରେ', ବେଶ୍ ନମ୍ରତାର ସହ ଜଣାଇ ଦେଲେ ପ୍ରତୀଚୀ । ଗପଟି ସାଙ୍ଗେ ସାଙ୍ଗେ ପଢି ବସିଲେ ପ୍ରଫେସର – 'ପ୍ରେମର ରଙ୍ଗ ଲୋହିତ' । ଗପର ପ୍ରଥମ ପାରାଗ୍ରାଫ୍ ହିଁ ଚମକାଇ ଦେଲା ଭଳି । କି ସୁନ୍ଦର, ଭାବଗର୍ଭକ ଚିତ୍ରକଳ୍ପଟିଏ ଆଙ୍କି ଦେଇଛି ପ୍ରତୀଚୀ ଅଳ୍ପ କେତୋଟି ଶବ୍ଦରେ ! ଜଣେ କିଶୋରୀର ସୃଜନ କଳ୍ପନା ପୁଣି ଏତେ ଗଭୀର, ଏତେ କାବ୍ୟିକତାଭରା ହୋଇପାରେ – ଆନନ୍ଦ ମିଶ୍ରିତ ବିସ୍ମୟର ସହିତ ଭାବୁଥାନ୍ତି ସେ । ଗଳ୍ପର କିଶୋରୀ ନାୟିକା ତାଙ୍କ ବଗିଚାର ଗୋଲାପ ଗଛର କଢଗୁଡିକୁ ଜମା ସହିପାରେନା– ସେ କେବଳ ପୂର୍ଣ୍ଣପ୍ରସ୍ଫୁଟିତ ଲାଲ୍ ଟହଟହ ଗୋଲାପ ଦେଖିବାକୁ ଋହେଁ । ସେ ଭାବେ ଗୋଲାପ କଢଗୁଡିକ ଦେଖିବା ତା ପାଇଁ ଅଶୁଭ । ଗଳ୍ପର ପରବର୍ତ୍ତୀ କଥାବସ୍ତୁ ଏପରି ଭାବରେ ସୁବିନ୍ୟସ୍ତ ହୋଇଛି ଯେ ଝିଅଟି କାହିଁକି ଗୋଲାପ କଢିଗୁଡିକୁ ସହିପାରେନି, ତାର ଗହନ କାରଣଟି ଫୁଟିଉଠିଛି ବେଶ୍ ପରିଚ୍ଛନ୍ନ ଭାବରେ । ଗପଟି ପଢିସାରି ଭାବୁଥିଲେ ପ୍ରଫେସର – କାହିଁ ସେ ତ କେବେ ଏପରି ସାର୍ଥକ ଚିତ୍ରକଳ୍ପଟିଏ ସୃଷ୍ଟି କରିପାରିନାହାନ୍ତି ସେ ଲେଖିଥିବା କେଉଁ ଗପରେ ! ପ୍ରତୀଚୀ ବର୍ଣ୍ଣବିଭାର ନାନ୍ଦନିକ ରସବୋଧ ଓ ସୃଜନଶୀଳତାରେ ମୁଗ୍ଧ ହୃଦୟ ତାଙ୍କର ପୂରି

ଉଠୁଥିଲା ସ୍ନିଗ୍ଧ ମମତାବୋଧରେ । ପ୍ରତୀଚୀ ପରି ଝିଅଟିଏ ତାଙ୍କର ବୋହୂ ହୁଅନ୍ତା କି-ଏମିତି ଏକ ମଧୁର ଭାବନାରେ ଆତ୍ମବିସ୍ମୃତ ହୋଇଯାଉଥିଲେ ସେ ।

ଉପର ମହଲାରୁ ପତ୍ନୀଙ୍କ ପାଟି ଶୁଭିଲା । ଅନ୍ୟମନସ୍କ ଭାବରେ ପାହାଚରେ ଗୋଟିଏ ଗୋଟିଏ ପାଦ ପକାଇ ଉପର ମହଲାକୁ ଉଠୁଥିବାବେଳେ ହଠାତ୍ ଆଉ ଗୋଟିଏ କଥା ତାଙ୍କୁ ବ୍ୟତିବ୍ୟସ୍ତ କରିବା ଆରମ୍ଭ କରିଦେଲା । ପ୍ରତୀଚୀ କହୁଥିଲା ତା'ର ଘର ଜଗତସିଂହପୁରର ପୁରୋହିତପୁର ଗ୍ରାମ -ବିଭାସଙ୍କ ନିଜ ଗାଁ ଠାରୁ ମାତ୍ର ପାଞ୍ଚ କି ଛଅ କିଲୋମିଟର ଦୂରରେ । କେହି ଯଦି ତାଙ୍କୁ କହିଥାନ୍ତା ପ୍ରତୀଚୀ ପରି ଝିଅଟିଏ ତାଙ୍କ ଗାଁ ପାଖ ପୁରୋହିତପୁରରେ ଅଛି, ତେବେ ଚିନ୍ମୟର ବିବାହ ତାରି ସାଙ୍ଗରେ କରିବା ପାଇଁ ସେ ନିଶ୍ଚୟ ରହିଁଥାନ୍ତେ । କେତେ ବଡ ସୁଯୋଗଟିଏ ତାଙ୍କର ହାତଛଡା ହୋଇଗଲା ! 'ହେ ଭଗବାନ, ସବୁ ତୁମରି ଇଛା' -ପ୍ରଥମଥର ପାଇଁ ଶୂନ୍ୟକୁ ଚାହିଁ ଯୋଡହସ୍ତ ହେଲେ ଘୋର ହେତୁବାଦୀ ପ୍ରଫେସର ବିଭାସ ।

ଉପରମହଲାର ଡାଇନିଂ ଚେୟାର ଉପରେ ବସି କାନ୍ଥରେ ଟଙ୍ଗା ହୋଇଥିବା ଚିନ୍ମୟର ଫଟୋଗୁଡିକୁ ନିରେଖି ଦେଖୁଥାଆନ୍ତି ସେ । ମନେ ପଡିଯାଉଥାଏ ଚିନ୍ମୟର ପିଲାଦିନର କେତେ କଥା । ତାଙ୍କ ମୁହଁରୁ ଓଡିଆ ଗୀତ, ଛାନ୍ଦ ଚଉପଦୀ ସବୁ ଶୁଣିବା ପାଇଁ କେତେ ଆଗ୍ରହ ନଥିଲା ତା'ର ! କେତେ ଥର ତାକୁ ପାଖରେ ବସାଇ ସେ ବୋଲି ନାହାନ୍ତି ପ୍ରାଚୀନ କି ଆଧୁନିକ ଓଡିଆ ଗୀତଗୀତିକାର ବଛା ବଛା ମନଛୁଆଁ ଧାଡି ସବୁ । କିନ୍ତୁ କାହିଁ କିଛି ତ ପ୍ରଭାବ ପଡିଲା ନାହିଁ ତା'ଉପରେ ! ଦିନ ଥିଲା, ବିଭାସ ଗର୍ବର ସହିତ ବନ୍ଧୁମାନଙ୍କୁ କହୁଥିଲେ - ବୁଝିଲ, ତମମାନଙ୍କ ପରି ମୁଁ ମୋ ପୁଅକୁ ଇଂରାଜୀ ମିଡିୟମ୍ ସ୍କୁଲରେ ପଢାଇନାହିଁ, ମୁଁ ତମମାନଙ୍କ ପରି ଉପରେ ଉପରେ ଓଡିଆ ଅସ୍ମିତାର ରାଣ ଖାଉଥିବା ଛଳ ବୁଦ୍ଧିଜୀବୀ ଜଣେ ନୁହେଁ । କିନ୍ତୁ ସେମିତି ଆଉ କହିବା ପାଇଁ ତାଙ୍କର ସାହସ ନାହିଁ । ଛାତିକୁ ରୁନ୍ଧି ଦେଉଥିବା ଏମିତି ବିକ୍ଷିପ୍ତ ଭାବନାରେ ବୁଡି ଯାଉଥିବାବେଳେ ତାଙ୍କର ଆଖି ପଡିଲା ସମ୍ମୁଖ କାନ୍ଥରେ ଟଙ୍ଗା ହୋଇଥିବା ଚିନ୍ମୟର ଗୋଟିଏ ସେଲ୍‌ଫି ଫଟୋରେ । ଏଇ କିଛି ଦିନ ତଳେ ସେଇଟି ସେ ପଠାଇ ଦେଇଥିଲା ତା' ମାମା ପାଖକୁ, ଯାହାକୁ ସେ ବନ୍ଧାଇ କରି ଆଣନ୍ତୁ ବୋଲି ଜିଦି କରିଥିଲେ ପତ୍ନୀ । ପ୍ରଫେସର ବିଭାସ ଦେଖୁଥିଲେ - ଚିନ୍ମୟ ବେଶ୍ ଗାମ୍ଭୀର୍ଯ୍ୟର ସହ କଥାବାର୍ତ୍ତା ହେଉଛି ଜଣେ ବିଦେଶିନୀ ସହିତ, ମୁମ୍ବାଇର ମରିନ୍ ଡ୍ରାଇଭ୍‌ରେ । ହଠାତ୍ ସେ ବିଦେଶିନୀ ଜଣଙ୍କୁ ସେ କଳ୍ପନା କରି ବସିଲେ ପ୍ରତୀଚୀ ବୋଲି । 'ଆହା କି ସୁନ୍ଦର ଯୁଗଳ ମୂର୍ତ୍ତି, ଚିନ୍ମୟ ଓ ....' ।

'କଣ ସେଠି ବସି ଭାବୁଛ ? ତମ ବ୍ଲଡ ପ୍ରେସର ବଟିକା ଖାଇଛ ତ' ? ବାଲ୍‌କୋନିର ଷ୍ଟିଲ୍ ରେଲିଂରେ ଛନ୍ଦି ହୋଇଯାଉଥିବା ମନି ପ୍ଲାଣ୍ଟର ଡାଳ କେତୋଟିକୁ ଅତି ଯତ୍ନର ସହିତ ମୁକୁଳାଇ ଦେଉଥିବାବେଳେ ପଚାରିଲେ ପତ୍ନୀ ତପତୀ । 'ହଁ, ଖାଇ ସାରିଛି'- ସଂକ୍ଷିପ୍ତ ଉତ୍ତରଟିଏ ଦେଇ ପୁଣି ତଳ ମହଲାର ପଢାଘରକୁ ଓହ୍ଲାଇ ଆସିଲେ ବିଭାସ । ପ୍ରତୀଚୀ ପାଇଁ ଲେଖିଦେବାକୁ ହେବ ସୁପାରିଶ ପତ୍ରଟିଏ । କାଗଜ କଲମ ଧରି ବସି ପଡିଲେ ପଢା ଟେବୁଲ ପାଖ ଚେୟାରରେ । ପୁଣି ଥରେ ପଢି ନେଲେ ସିନୋପସିସ୍‌ଟି । ବେଶୀ ଡେରି ହେଲାନି ଲେଖିବାକୁ । ସଙ୍ଗେ ସଙ୍ଗେ ପ୍ରତୀଚୀକୁ ଫୋନ୍ କରି କହିଦେଲେ ଆସନ୍ତାକାଲି ଆସି ପତ୍ରଟି ନେଇଯିବାକୁ । ଘରର ସଠିକ୍ ଲୋକେସନ୍ ବି ଜଣାଇଦେଲେ ଗୁଗୁଲ ମ୍ୟାପ୍ ପଠାଇ ଦେଇ ।

'ସାର୍, ମୋ ସ୍ୱାମୀ ଓ ମୁଁ ଆସନ୍ତାକାଲି ଆପଣଙ୍କ ପାଖରେ ପହଞ୍ଚିବୁ ସକାଳ ଆଠଟାରୁ ନଅଟା ଭିତରେ'- ଜଣେଇ ଦେଲେ ପ୍ରତୀଚୀ । କୃତଜ୍ଞତାବୋଧରେ ଆର୍ଦ୍ର ଥିଲା ସେ ସ୍ୱର ।

ପରଦିନ ଠିକ୍ ନଅଟାରେ ବିଭାସଙ୍କ ଗେଟ୍ ଖୋଲି ପ୍ରବେଶ କଲେ ପ୍ରତୀଚୀ । ପୋର୍ଟିକୋର ଆର୍ମଚେୟାର ଉପରେ ବସି ପ୍ରଫେସର୍ ଅପେକ୍ଷା କରିଥିଲେ କେତେବେଳୁ-ଉତ୍ସୁକ ଭାବରେ ଚାହିଁ ରହିଥିଲେ ଦୁଇଦିନ ହେଲା ତାଙ୍କ ମନରେ ଅଦ୍‌ଭୁତ ଏକ ଚୁମ୍ବକୀୟ ପ୍ରଭାବ ପକାଇଥିବା ସେଇ ଅପରିଚିତା, ଅଥଚ ଅତି ନିଜର ନିଜର ଲାଗୁଥିବା ଝିଅଟିକୁ । ସେ ଯାହା ଅନୁଭବ କରୁଥିଲେ ଠିକ୍ ସେମିତି କଳାତ୍ମକ ମୁହଁଟିଏ ପ୍ରତୀଚୀର- ଠିକ୍ ଏଇ ରୂପର ଝିଅଟିଏ ହିଁ ଲେଖିପାରେ 'ପ୍ରେମର ରଙ୍ଗ ଲୋହିତ' ପରି ଭାବପଖଳା ଗପଟିଏ । ପ୍ରଫେସରଙ୍କ ପାଦ ଛୁଇଁ ପ୍ରଣାମ କରୁଥିବାବେଳେ ପ୍ରତୀଚୀ କହିଲେ, 'ସାର୍ ସେ ମୋତେ ଆପଣଙ୍କ ଗେଟ୍ ପାଖରେ ଛାଡିଦେଇ ଏଇଠି କେଉଁଠି ପାଖରେ ଥିବା ତାଙ୍କର ଜଣେ ସାଙ୍ଗକୁ ଦେଖା କରିବାକୁ ଯାଇଛନ୍ତି । କହିଛନ୍ତି ଦଶ କି କୋଡିଏ ମିନିଟ୍ ଭିତରେ ସେ ଆସିଯିବେ' ।

ଡ୍ରଇଁରୁମରେ ପ୍ରତୀଚୀ ଓ ପ୍ରଫେସର ବିଭାସ ।

ପ୍ରତୀଚୀ ପଢୁଥାନ୍ତି ପ୍ରଫେସର ଲେଖି ଦେଇଥିବା ସୁପାରିଶ ପତ୍ରଟି ଖୁବ୍ ନିବିଷ୍ଟ ହୋଇ । ସେ ପଠାଇଥିବା ସିନୋପସିସ୍‌ଟି ପଢି କେଡେ ସୁନ୍ଦର, କେଡେ ଗଭୀର, ବିଶ୍ଳେଷଣାତ୍ମକ ମତାମତ ଦେଇଛନ୍ତି ପ୍ରଫେସର ! ବିମଳ କୃତଜ୍ଞତାବୋଧରେ ପୂରି ଉଠୁଥାଏ ପ୍ରତୀଚୀଙ୍କ ହୃଦୟ । ସୋଫା ଉପରୁ ଉଠିଯାଇ ପୁଣି ଥରେ ବିଭାସଙ୍କ ପାଦ ଛୁଇଁବାକୁ ନଇଁ ପଡିଲେ ସେ ।

'ମା, ଆୟୁଷ୍ମତୀ ହୁଅ'- କହି ଝିଅଟିର ମୁଣ୍ଡରେ ହାତ ବୁଲାଇ ଆଣିଲେ ପ୍ରଫେସର । 'ସାର୍, ଆପଣଙ୍କ ସଂପର୍କରେ ଯାହା ଶୁଣିଥିଲି, ତାହା କେତେ ସତ ମୁଁ ଜାଣିଲି । ସୁପାରିଶ୍ ପତ୍ରଟିରେ ଆପଣ ଅତି ସଂକ୍ଷେପରେ ମୋ ପ୍ରସ୍ତାବିତ ଗବେଷଣାର ପ୍ରାସଙ୍ଗିକତା ସଂପର୍କରେ ଯେଉଁ ଅଭିମତ ଦେଇଛନ୍ତି, ମୋ ଗାଇଡ୍‌ଙ୍କୁ ତାହା ନିଶ୍ଚୟ ପ୍ରଭାବିତ କରିବ'- ବାଷ୍ପରୁଦ୍ଧ କଣ୍ଠରେ କହିଲେ ପ୍ରତୀଚୀ । 'ନାଇଁ ମା, ମୁଁ ଏମିତି କିଛି ନୂଆ କଥା ଲେଖିନାହିଁ । ସବୁ ତୁମେ ତୁମ ସିନୋପସିସ୍‌ରେ ଅତି ସୂକ୍ଷ୍ମତାର ସହ ସୂଚାଇ ଦେଇଥିବା ଭାବବସ୍ତୁର ଭାଷା ଯାହା' - ପଣ୍ଡିତମନ୍ୟତାର ଶୂନ୍ୟଗର୍ଭ ଅହଂକାରକୁ ଆଦୌ କେବେ ପ୍ରଶ୍ରୟ ଦେଇ ନଥିବା ପ୍ରଫେସର ବିଭାସ କହିଲେ ।

ଏଇ ସମୟରେ ତପତୀ ତଳମହଲାକୁ ଆସି ପ୍ରତୀଚୀକୁ ଦେଖି ଭୁଲିଗଲେ ସେ କ'ଣ ପାଇଁ ଆସିଛନ୍ତି– ହାତରେ ତାଙ୍କର ପ୍ଲେଟ ଭର୍ତ୍ତି କିଛି ଅଙ୍ଗୁର ଓ କଟା ସେଓ ଖଣ୍ଡ ଥିଲେ ବି । ପ୍ରତୀଚୀ ତୁରନ୍ତ ସୋଫାରୁ ଉଠିଯାଇ ତପତୀଙ୍କ ପାଦଛୁଇଁ ପ୍ରଣାମ କଲେ । ସ୍ଥାଣୁ ହୋଇ ସେମିତି ଠିଆ ହୋଇ ରହିଥିବା ପତ୍ନୀଙ୍କ ମନରେ ଏବେ କେଉଁ କଥାଟି ଅଗ୍ରାଧିକାର ନେଇଥିବ ବୁଝିପାରୁଥାନ୍ତି ବିଭାସ । ସେ ଭାବୁଥିବେ– ଆହା,ଏମିତି ସୁନ୍ଦର ଝିଅଟିଏ ଚିନ୍ମୟ ପାଇଁ ସେ ପାଆନ୍ତେ କି ! 'ଆରେ, ହାତରେ ପ୍ଲେଟଟି ଧରି ଏମିତି ଠିଆ ହୋଇ ରହିଛ କ'ଣ ! ଆସ, ପ୍ରତୀଚୀ ପାଖରେ ବସ । ଜାଣିଛ, ଏ ଆମ ଗାଁ ପାଖର ଝିଅ । ଏବେ ହାଇଦ୍ରାବାଦରେ । ତା ସାଙ୍ଗରେ ତା'ର ସ୍ୱାମୀ ବି ଆସିଛନ୍ତି', କହିଲେ ବିଭାସ । 'ସ୍ୱାମୀ ବି ଆସିଛନ୍ତି' – ବିଭାସଙ୍କ ମୁହଁରୁ ଏଇ କଥାଟି ଶୁଣିବାକ୍ଷଣି ତପତୀଙ୍କ ମୁହଁରେ ଝଲସି ଉଠିଥିବା ସେ ନରମ ଚମକ ଉଭେଇଗଲା । ବିଭାସ ବୁଝିଗଲେ ଯେ ଆଉ ପତ୍ନୀ ପଚାରିବେନି ଯେପରି ସବୁଥର ପଚାରିଥାନ୍ତି ତାଙ୍କର କେଉଁ ପୁରାତନ ଛାତ୍ରୀ ଫୋନ୍ କଲାବେଳେ – ଏ ଯେଉଁ ଝିଅଟି ସହିତ କଥା ହେଉଥିଲ, ସେ ଦେଖିବାକୁ କେମିତି, ତାକୁ ଏବେ କେତେ ବୟସ ହୋଇଥିବ ଓ ଏମିତି ଆଉ କେତୋଟି ପ୍ରଶ୍ନ । ଆଠ ବର୍ଷ ହେଲାଣି ତପତୀଙ୍କର ଗୋଟିଏ ସ୍ୱପ୍ନ– ଚିନୁ ପାଇଁ ସେ ଯେଉଁ ଝିଅଟିକୁ ବୋହୂ କରି ଆଣିବେ, ସିଏ ରୂପରେ ଗୁଣରେ ଲକ୍ଷ୍ମୀ ସରସ୍ୱତୀ ହୋଇଥିବ । ଆଜି ତାଙ୍କ ପାଖରେ ବସିଥିବା ପ୍ରତୀଚୀକୁ ଦେଖି ପୁଣି ସେମିତି ସ୍ୱପ୍ନଟିଏ ସେ ଦେଖିବା ଆରମ୍ଭ କରି ଦେଇଥିବେ ନିଶ୍ଚୟ ।

ସ୍ୱାମୀ ଓ ସ୍ତ୍ରୀ ଉଭୟେ ଆପଣା ଆପଣା ଭାବନାରେ ବୁଡି ରହିଥିବାବେଳେ ଗେଟ୍ ପାଖରେ କାର୍‌ଟିଏ ଆସି ରହିବାର ଶବ୍ଦ ଶୁଭିଲା । 'ସାର୍, ମାଡାମ୍, ଏଇ ସେ ଆସିଲେ ବୋଧେ' – କହି ମୁଖ୍ୟ ଦ୍ୱାରପାଖକୁ ଉଠି ଆସିଲେ ପ୍ରତୀଚୀ । ପଛେ ପଛେ ଆସିଲେ ବିଭାସ ଓ ତପତୀ ମଧ୍ୟ । କାରରୁ ଓହ୍ଲାଇ ପ୍ରତୀଚୀର ସ୍ୱାମୀ ସିଧା ଆସି ହସହସ ମୁହଁରେ ନଇଁ ପଡିଲେ ବିଭାସ ଓ ତପତୀଙ୍କ ପାଦ ଛୁଇଁବା ପାଇଁ ।

'ଚିନ୍ମୟ' ! ବିସ୍ମୟ ଓ ବିହ୍ୱଳତାର ଉଷ୍ଣ-ଶୀତଳ ଝଟ୍‌କାଟି କିନ୍ତୁ ସମ୍ଭାଳି ନପାରି କିୟତ୍‌କ୍ଷଣ ପାଇଁ ପୂରାପୁରି ନିର୍ବାକ ହୋଇଗଲେ ବିଭାସ ।

'ବାବା, କ'ଣ ପ୍ରତୀଚୀ ତମର ଆଦର୍ଶ ବୋହୂଟିଏ ହୋଇପାରିବନି' ? – ନିରୀହ ଦୁଷ୍ଟାମୀର ଝଲକ ଆଖିରେ ଫୁଟାଇ ପଚାରିଲା ଚିନ୍ମୟ । ମୂର୍ଚ୍ଛିତ ଆବେଶରୁ ନିଜକୁ ବହୁ କଷ୍ଟରେ ମୁକୁଳାଇ ଆଣି ପୁଅକୁ କୋଳାଗ୍ରତ କଲେ ବିଭାସ ।

'ବାବା, ଅଭିନୟଟି ପାଇଁ ଏଇ ଆପଣଙ୍କ ଗେହ୍ଲା ପୁଅ ମତେ ବାଧ୍ୟ କରିଥିଲେ । ମୁଁ ଆପଣଙ୍କ କ୍ଷମାପ୍ରାର୍ଥିନୀ'– ହାତ ଯୋଡି କହୁଥାଏ ପ୍ରତୀଚ ।

'ହଁ ରେ ମା, ମୁଁ ଜାଣେ ସେ ଏମିତି ପାଗଳଟିଏ ସବୁବେଳେ' – ପ୍ରତୀଚୀ ମୁଣ୍ଡରେ ହାତ ବୁଲାଇ ଆଣି କହିଲେ ପ୍ରଫେସର ବିଭାସ ।

ଅଭିନୀତ ହୋଇଚାଲିଥିବା ଏ ସୁନ୍ଦର ଦୃଶ୍ୟକୁ ଏ ପର୍ଯ୍ୟନ୍ତ ନିରବ, ନିଷ୍ପନ୍ଦ ମୁଦ୍ରାରେ ଦେଖି ଚାଲିଥିଲେ ତପତୀ । ଆଖିରୁ ତାଙ୍କର ବହି ଯାଉଥାଏ ଧାର ଧାର ଆନନ୍ଦାଶ୍ରୁ । କିନ୍ତୁ ବୋହୂ ପ୍ରତୀଚୀ ହସି ହସି ଘର ଭିତରକୁ ପ୍ରବେଶ କରିବା ପାଇଁ ବାମ ପାଦଟିଏ ବଢାଉଥିବାବେଳେ ବେଶ୍ ଉଚ୍ଚ ସ୍ୱରରେ ନିର୍ଦ୍ଦେଶ ଦେବାକୁ ଭୁଲି ନଥିଲେ ସେ:

'ରହ ରହ ସେଇଠି । ମୁଁ ବନ୍ଦାପନା ଥାଳି ସଜାଡି ଆଣୁଛି ଏଇ ସାଙ୍ଗେ ସାଙ୍ଗେ' ।

ମୁଖ୍ୟ ଦ୍ୱାର ସମ୍ମୁଖସ୍ଥ ଅନୁଚ୍ଚ କାନ୍ଥିରେ ଥୁଆ ହୋଇଥିବା ଧାଡି ଧାଡି ଧଳା ଗୋଲାପ ଗଛମାନଙ୍କରେ ସବୁଯାକ କଢ ସକାଳୁ ସକାଳୁ ପୂର୍ଣ୍ଣ ମୁକୁଳିତ ହୋଇସାରିଥିଲେ ବି କାହିଁକି ଏ ପର୍ଯ୍ୟନ୍ତ ସେ ଦେଖି ପାରିନଥିଲେ ବୋଲି ବିସ୍ମିତ ହେଉଥାନ୍ତି ପ୍ରଫେସର ଓ ଅନୁଭବ ବି କରୁଥାନ୍ତି ଦୁର୍ବୋଧ୍ୟ ଦୋଷବୋଧର ମୃଦୁ ଆଘାତ ଅନ୍ତରର କେଉଁ ଏକ ଅନ୍ଧାରି କୋଣରେ ।

*କୋଠିଆଁ, ବାରଙ୍ଗ*
*ଭାୟା -କାଦୁଅପଡ଼ା, ଜଗତସିଂହପୁର-୬*
*ଦୂରଭାଷ: ୯୮୫୩୩୫୫୧୦୭*




# ଝିଅଟିଏ

**ଅକ୍ଷୟ ପାତ୍ର**

ଝିଅଟିଏ;
ସେ କି ତମ ଖିଆଲର
ତମ ଷ୍ଫୋଟଭରା ବଢ଼ିମାର
ତମ କା'ପୁରୁଷୋଚିତ ସ୍ଖଳନର
ସୁଲଭ ପ୍ରତୀକଟିଏ ?

ସେ କି ତମ ଘୃଣ୍ୟ ଷଡ଼ଯନ୍ତ୍ରର
ତମ ବୀଭତ୍ସ ମାନସିକତାର
ତମ କୁତ୍ସିତ ସ୍ଫୀତି ଓ ସ୍ଫୁର୍ତ୍ତିର
ଅସହାୟ କ୍ରୀଡ଼ନକଟିଏ ?

ସେ କି ତମ ଟଣା ସୀମାରେଖାର
ତମ ସାମନ୍ତବାଦୀ ଅନୁଶାସନର
ତମ ଏକଦେଶଦର୍ଶୀ ବିଚାରଣାର
ପଞ୍ଜୁରୀ ବଦ୍ଧ ପକ୍ଷୀଣୀଟିଏ ?

ସେ କି ତମ ପାରମ୍ପରିକ - ବିଶ୍ୱାସର
ତମ ସ୍ୱାର୍ଥାନ୍ଧ କାଂକ୍ଷାର
ତମ ଚର୍ଚ୍ଚିତ ଉପାସନାର
ମୂକ ପ୍ରତୀମାଟିଏ ?

ସେ କି ତମ କାମୁକ ଋହାଣୀର
ତମ ଅରୁଚିକର କୁହାଟର
ତମ ଅଶୋଭନୀୟ ଆଋରର
ଦଗ୍ଧ - ସନ୍ତକଟିଏ ?

କ'ଣ ବୋଲି ତା'କୁ ତମେ ମଣ ?
(ପାଷାଣୀ ନା ବ୍ୟାଧର ବ୍ୟୁହରେ ତ୍ରସ୍ତା ଏଣୀ ?)
ସେ ଯେ'
ପ୍ରୀତି ଓ ପ୍ରତ୍ୟୟର
ଧୀ ଓ ଶ୍ରୀର
ଭୂମି ଓ ଭୂମାର
ଅନିନ୍ଦ୍ୟ ଅପାର ସମାହାରେ ଗଢ଼ା
ଭୂତିଟିଏ;

ସେ ଯେ'
ମମତା ମଣ୍ଡିନୀ
ଚିର ହ୍ଲାଦିନୀ
ଶୌର୍ଯ୍ୟ ଶାଳିନୀ
ବାଳାଟିଏ;
ଯା'ର ପୟର ଛୁଆଁରେ
ଉଷର ଭୂଇଁରେ
ଅଙ୍କୁରି ଉଠେ ବୀଜଟିଏ !

*ଇଂରାଜୀ ବିଭାଗ ମୁଖ୍ୟ, ହିନ୍ଦୋଳ ମହାବିଦ୍ୟାଳୟ, ଖଜୁରିଆକଟା,*
*ଢେଙ୍କାନାଳ-୭୫୯୦୨୦*
*ଦୂରଭାଷ: ୭୦୭୭୯୮୪୯୭୦*

# ବାପା

**ପ୍ରଦୀପ କୁମାର ପାତ୍ର**

ଦୂର ଦିଗବଳୟର ପ୍ରତିଛବି
ନଦୀ ଉପରେ ପଡ଼ି ପ୍ରତିବିମ୍ବିତ ହୁଏ
ଆକାଶ ପାହାଡ଼ ଜଙ୍ଗଲ ଗଛଲତା
ସବୁଗୁଡ଼ିକ ସତେ ଯେମିତି ଝଲସୁଥାଏ ଖୋଲା ବହିଟି ଭଳି
ସକାଳର ତା ଦୁଇପଦ ମଧୁର ଡାକ
ଛୋଟ ଛୋଟ କବିତା ଭଳି
ଢେର୍ ହସନ୍ତି
ଅସୀମ ମହାସାଗରର
ବେଳା ଭୂମିରେ
ଅନେକ ଢେଉ ଖେଳେ
ମୁକ୍ତ ଲହଡ଼ି ଆଦରି ନିଏ
ଆଗନ୍ତୁକମାନଙ୍କର ସ୍ନେହ ଶ୍ରଦ୍ଧାକୁ
ଆକାଶ ହସେ ଖୁବ ହସେ
ଜଙ୍ଗଲରେ ପଶୁପକ୍ଷୀମାନେ
ଗୀତ ଗାଆନ୍ତି
ଏଇ ଆକାଶ ଜଙ୍ଗଲ ଝରଣା

ନଦୀ ନାଳ ସାଗର ମହାସାଗର ଭଳି
ବାପା ଥୁଣ୍ଟା ବରଗଛଟିଏ
ଅନେକ ଦିନୁ ଏମିତି ହସୁ ଥାଆନ୍ତି
ଜୀବନର ଅନେକ ଦୁଃଖ ଯନ୍ତ୍ରଣା
ବୋଉର ପଣତରେ
ଆପେ ଲୁଚିଯାଏ ବାପା ସବୁ ଦେଖନ୍ତି
ଆଖିରୁ ତାଙ୍କର ହସର ଲୁହ ଝରେ
ବୋଉକୁ କୁହନ୍ତି
ତୁ ଅଛୁ ବୋଲି ମୋର ଏ ଥୁଣ୍ଟା ଗଛରେ ପତ୍ର ଆସେ
ସବୁ ଦୁଃଖ ହସ ହୋଇଥାଏ
ଅମାବାସ୍ୟାର ଅନ୍ଧକାର
ପୂର୍ଣ୍ଣିମା ଭଳି ଲାଗେ
ଏଇ ପିଲାମାନେ ମୋର ମେରୁଦଣ୍ଡ
ମୋର ଶାଖା ପ୍ରଶାଖା
ଜୀବନର ଉଦ୍ୟାନରେ
ସବୁବେଳେ ଫୁଲଟିଏ ହୋଇ
ବାପା ହସନ୍ତି
କେବେ ରାଗନ୍ତିନି
ରାଗିଲେ ବି ସୁନ୍ଦର ଦିଶେ ପୃଥିବୀ
ବର୍ଷା ହସେ ମେଘର
ଶୀତଳ ସ୍ପର୍ଶରେ
ବାପାଙ୍କୁ ହସାଇଦିଏ
କାହିଁକି ବାପା ରାଗନ୍ତିନି
ରୁଷନ୍ତିନି ସବୁ ଉପନ୍ୟାସର ଫର୍ଦ୍ଦ ଭଳି
ଝଲସନ୍ତି ପ୍ରତିଟି ହୃଦୟରେ
ମେଘ ଆସେ ଚାଲିଯାଏ
ବର୍ଷାର ଅମୃତମୟ ପରଶ
ଏ ବସୁଧାକୁ ହସାଇ ଦିଏ
ଜୀବଜଗତକୁ ଅମୃତ ଧରାଇଦିଏ
ବାପା ସେ ଆକାଶଠୁ ବଡ଼
ପୃଥିବୀ ଠୁ ବଡ଼
ସୂର୍ଯ୍ୟ ଠାରୁ ବଡ଼
ମହାସାଗର ଠାରୁ ବଡ଼
ନଦୀ ଝରଣା ବନ ପାହାଡ଼
ସବୁଠାରୁ ବଡ଼
ବାପା
ଆମ ସମସ୍ତଙ୍କର ବାପା
ଖୁବ ବଡ଼
ତାଙ୍କର ତୁଳନା କାହା
ସାଙ୍ଗରେ କରିବି
ସେ ତ ସବୁଠାରୁ ବଡ଼
ବୋଉ ହସି ହସି ଆସିଲା
ବାପା କହିଲେ ମୋ ଠାରୁ ତୋ ବୋଉ ବଡ଼
ବହୁତ ବଡ଼
ବାପାଙ୍କ ହୃଦୟ
ବୋଉ ପାଇଁ ଏତେ ବିଶାଳ
ମୁଁ ଆଜି ଜାଣିଲି ।

# ଆସୁ ଅଛ ଯଦି ଆସ

**ଗୋପାଳ ଚନ୍ଦ୍ର ମିଶ୍ର**

ଆସୁ ଅଛ ଯଦି ହେ ନୂଆ ବରଷ
ଆସୁ ଅଛ ଯଦି ଆସ,
ପ୍ରେମ ଦୟା କ୍ଷମା ଭରିଦିଅ ମନେ
ଯାତନାର ହେଉ ଶେଷ ।

ନୂଆ ବରଷର ନୂଆ ପରଶ ଯେ
ଲାଗେ ଭାରି ମିଠା ମିଠା
ନବ ଉନ୍ମାଦନା ଜାଗି ଉଠୁ ମନେ
ଦୂର ହେଉ ମନୁ ବ୍ୟଥା ।

ପ୍ରୀତି ମନ୍ଦାକିନୀ ଝରୁ ଏ ସଂସାରେ
ହେଉ ନବ ସୂର୍ଯ୍ୟୋଦୟ
ଯୁଦ୍ଧର ବାଦଲ ଅପସରି ଯାଉ
ବିଶ୍ୱ ହେଉ ମଧୁମୟ ।

ମାନବିକତାର ମୋତି ଝରୁଥାଉ
ସୁଖ ଶାନ୍ତି ଉଠୁ ପୁରି,
ସକଳ କଲୁଷ ହୁଅନ୍ତୁ ବିନାଶ
ଦୁଃଖ ଯାଉ ଅପସରି ।

କିବା ଏ ବିଶ୍ୱର ଲଲାଟର ଧାରେ
ଯୁଦ୍ଧ ଅଶାନ୍ତିର ଲେଖା,
କି ଯଶ ମିଳିବ ପର ଘର ଭାଙ୍ଗି
ଜାଳି ରକତର ଶିଖା !

ଦୁଇ ହଜାର ଏ ପଚିଶିରେ ହେଉ

ସବୁ ଅଶାନ୍ତିର ଧ୍ୱଂସ,
ବରଷ ଛବିଶି ଘେନି ଆସୁ ବିଶ୍ୱେ
ଶାନ୍ତି ମୈତ୍ରୀର ସନ୍ଦେଶ।

*ଅବସରପ୍ରାପ୍ତ ବରିଷ୍ଠ ଲେଖା ଅଧିକାରୀ, ଅରିଲୋ, କଟକ*
*ଦୂରଭାଷ: ୮୪୫୭୯୩୧୦୫୬*

# ନୂଆ ବର୍ଷ

**ସ୍ନେହା ରଥ**

ଆଜି ଆକାଶେ କି ରଙ୍ଗ ଲାଗିଲା
ଚାରିଆଡ଼େ ନୂଆ ଚମକ ଖେଳିଲା।
ଚାହୁଁ ଚାହୁଁ ବଦଳିଗଲା
ପୁରୁଣା ଦିନ, ମାସ, ବର୍ଷର ଅଭିନୟ
ନୂଆ ସମ୍ଭାବନା ର ହେଲା ଅଭ୍ୟୁଦୟ।
ଅସରନ୍ତି ସ୍ୱପ୍ନକୁ ନେଇ
ମଧ୍ୟରାତ୍ରିର ସ୍ୱାଗତ ଗୀତିକା
ସବୁରି ପ୍ରାଣକୁ କରେ ନିନାଦିତ।
ଏଥର ବି ତୁମେ ଆସ ସବୁ ଥର ପରି
କେମିତି ଜାଣିବି ମୁଁ ଯେ, ମୋ ପାଇଁ ଆସୁଛ ତୁମେ
ଶୁଭକାମନାର ଫୁଲ ଧରି
ଶୀତର ଅଳସ ଓଠେ ତୁମେ ମିଠା ଗୀତଟିଏ।
ସ୍ମୃତିର ହଳଦୀ ହାତେ ତୁମେ ଅଙ୍କା ଛବିଟିଏ।
ଏମିତି ସବୁ ଥର ପରି କେତେ ଆସିଗଲାଣି
ନୂଆ ଦିନ, ମାସ, ବର୍ଷ
ମଣିଷ ଜୀବନ ପରି ତାର ଅଢ଼େଇ ଦିନିଆ ଆୟୁଷ
ନୂତନ ସୂର୍ଯ୍ୟ ଆଲୋକେ ଉଦ୍ଭାସିତ ହେଉ
ଶୁଚିସ୍ନାତ ଧରିତ୍ରୀ
ଅପସରି ଯାଉ ବିଷାଦିତ ରାତ୍ରି।
୨୦୨୬--- ନବ ବର୍ଷ
ପ୍ରତି ପ୍ରାଣେ ଫୁଟାଇବ
ସ୍ନେହ, ଦୟା, କରୁଣା, ମମତାର ଭାବ
ଚତୁର୍ଦ୍ଦିଗେ ବିଞ୍ଚିଦିଅ ଶୁଭ୍ରତାର ହର୍ଷ।

**ଭୁବନେଶ୍ୱର**



# ନୂଆଁ ବର୍ଷ - ୨୦୨୬

**ଡଃ. ସଞ୍ଜୟ କୁମାର ତ୍ରିପାଠୀ**

ନୂଆଁ ବର୍ଷ ଆସିଛି:
ପ୍ରତିଶ୍ରୁତି ଓ ପ୍ରତାରଣାର ନିକ୍ୱଣିତ ନୂପୁରର ପ୍ରତିଧ୍ୱନିରେ
ଅସହାୟତା ଓ ପାଶବିକ ଆନନ୍ଦର ମିଳିତ ଗଜଲରେ
ଭିତ୍ତିଭୂମି ଓ ବିକାଶର ସୁଦୂର ପରାହତ ସ୍ୱପ୍ନରେ।
ନୂଆଁ ବର୍ଷ ଆସେ:
ନବୀନ ଉତ୍ସାହ ଓ ନୂତନ ଉଦ୍ଦୀପନାର ଶାୟରୀରେ
ପ୍ରତ୍ୟାହାର ଓ ଆମନ୍ତ୍ରଣର ଦୁଦୃଢ଼ ସଂକଳ୍ପରେ
ସର୍ବତ୍ର ପରିବ୍ୟାପ୍ତ ଏକ ଅନାବିଳ ମହକରେ।
ନୂଆଁ ବର୍ଷ ଆସିଛି:
ପ୍ରଗତି ଓ ପରିକଳ୍ପନାର ପରିବର୍ତ୍ତିତ ପୃଷ୍ଠଭୂମିରେ
ନିତ୍ୟ ନୂତନ ଘୋଷଣା ଓ ଇସ୍ତାହାରର ପ୍ରାବଲ୍ୟରେ
ଅପହଞ୍ଚ ଇଲାକାର ଦୁଃଖ ଓ ଅନୁଶୋଚନାରେ।
ନୂଆଁ ବର୍ଷ ଆସିବ:
ଉନ୍ନୟନ ଓ ପରିବର୍ତ୍ତନର ସୁମଧୁର ଆକାଂକ୍ଷାରେ
ଗରିବ, ଚାଷୀ ବାପୁଡ଼ାଙ୍କ ଦରୋଟି ହସରେ
ମାନବିକତାର ସୁରମ୍ୟ ସୃଜନଶୀଳତାର ନୂତନ ଦିଗନ୍ତରେ।

*ସନ୍ତୋଷ ବିହାର, ଗୋପାଲ ମାଲ୍, ବୁଢ଼ାରଜା, ସମ୍ବଲପୁର-୪*
*ଦୂରଭାଷ: ୯୯୩୮୧୪୨୯୦୭*

# ନୂଆ ବର୍ଷ ଆଗମନେ

**ଚକ୍ରଧର ସାହୁ**

ହେଇ ଆସିଲାଣି ନୂଆ ବର୍ଷ
ଦୁଆରେ ଆମର
ତଲାସି ନେବା କି ଆଗ
କି ନେଇ ଆସିଛି
ବିଷ ନା ଅମୃତ
ଦୁଃଖର ବୋଝ ନା ସୁଖ-ପସରା
ଗୋଲାପ ମହକ
ଅବା ବାରୁଦ ଆତଙ୍କ ?

ତା'ର ତ ଆସିବାର ଥିଲା
ଆସିଅଛି ସମୟ ପ୍ରବାହେ
କାଳଚକ୍ର ଘୂର୍ଣ୍ଣନରେ

ସଦୈବ ଅତିଥି
ଦେବା ପାଇଁ ପ୍ରାପ୍ତି ଲାଗି
ଭଲରେ ପ୍ରଶଂସା ତା'ର
ତାକୁ ଫୁଲହାର
ମନ୍ଦ ଦେଲେ ନିନ୍ଦା, ଥୁ ଥୁ।
ଆୟୁ ଅନ୍ତେ ବିଦା ହେବ
ଅପବାଦ ବୋହି।

ତେବେ ଭଲ ହେବ
ମହାମାରୀ ଫହାମାରୀ ନ ଘେନି ଥାଉ
ଧରାବାସୀ ଖୁବ୍ ଭୋଗିଛନ୍ତି
ମୃତକଙ୍କ ପରିବାର ଲୋକେ
ଝୁରି ଝୁରି ଏଯାଏ ନୟାନ୍ତ
ଶିହରିତ ଭୟ, ଆଶଙ୍କାରେ
ରଙ୍ଗୀନ ଦୁନିଆଁ ତାଙ୍କ
ବେରଙ୍ଗ ହୋଇଛି।

ଆଣି ନ ଥାଉ ସେ ବିପର୍ଯ୍ୟୟ
ମହାବାତ୍ୟା, ଭୀମ ନଈବଢ଼ି
ଏମିତି ତ ରଣୀ ଋଷୀକୁଳ
ଫସଲହାନି ହୋଇଲେ
ବଞ୍ଚିବେ କେମିତି
ପିଲା ପିଲି ଦାଦନକୁ ଗଲେ
କାଟିବେ କି ଦିନ କେବେ
ଉଲ୍ଲାସ ମନରେ
ଭାରି ନିଶ୍ଚିନ୍ତରେ।

ନ ଥାଉ ବି ତା' ଭବିଷ୍ୟେ
ନରହତ୍ୟା, ନାରୀ ଧରଷଣ
କଳଙ୍କିତ ଇତିଆସେ ଆଉ
କାଳିମା ନ ଲାଗୁ
କାହା ହାୟ, କା' ଖର ନିଃଶ୍ୱାସ
ତା'ପରେ ନପଡୁ
ଦ୍ୱନ୍ଦ୍ୱ ଯୁଦ୍ଧ ନ ଉପୁଜୁ
ଦେଶ ଦେଶ ମଧ୍ୟେ
ଆତଙ୍କ ନ ଖେଳୁ।

ଦରଦାମ୍ କମିଯାଉ ଖୁବ୍
ତା' କଲ୍ୟାଣରେ
ଅର୍ଥ କିଛି ସଞ୍ଚୁ ଗରିବଟେ
ଧନୀ ଲୋଡ଼େ ଅୟସ ଆରାମ ସିନା
ଦୀନ ଜୀଉଁ ପୂରା
ପେଟେ ଦାନା, ଦେହେ କନା ଧରି
ଆଶାବାଦୀ ରହୁ
ମଣିଷ କରିବ ଦାୟାଦଙ୍କୁ
ଶିକ୍ଷା ଦୀକ୍ଷା ଦେଇ।

ନା ନା ତଲାସିବା ତନଖିବା
ନୁହେଁ ଆମ ଧମ
ଅତିଥି ଦେବୋ ଭବ
ମହାନ ସଂସ୍କୃତି ଆମ
ହୃଦୟେ ବସିଛି
ଗୁହାରି କରିବା ଆବାହନେ
ମନ୍ଦକୁ ତେଜିବ
ଭଲ ସାଥେ ଲୀଳାଖେଳା କରି
ଆମ ସୁଖେ ତା' ପ୍ରଶଂସା ଦେବ
ଶାନ୍ତି ବୁଝରି ସାରା ଦେଶେ
ଆମ ମନେ ଖୁସି ଭରିଦେବ
କୁସୁମିତ ପଥେ ଆମ
ଜୀବନ ଋଲିବ।

*ଓମ୍ ବିହାର (ଲେନ୍-୨)*
*ହୋଟେଲ ଶ୍ରୀକ୍ଷେତ୍ର ସାମ୍‌ନା,*
*ଧାଙ୍ଗଡ଼ାପଡ଼ା, ଆଟୋପୁର, କେନ୍ଦୁଝର-୭୫୮୦୦୨*
*ଦୂରଭାଷ: ୮୨୪୯୫୦୨୨୧୨*

# ଘାସ

**ସୁଶୀଲ କୁମାର ପାଣିଗ୍ରାହୀ**

ଏଯାଏଁ ସେମାନେ ଶିଖିଲେନି
ପ୍ରାର୍ଥନା କରିବା

ନିଆଁକୁ ଶତ୍ରୁ କରିବା
ମଣିଷର ପାଦକୁ
ବିପଜ୍ଜନକ ଘୋଷଣା କରିବା



ପଥର ବିରୁଦ୍ଧରେ କହିବୁଲିବା
ଟିକି ଟିକି ଫୁଲ ଲାଗି
ମନଦୁଃଖ କରିବା

ପରାଜୟ କଣ ବି ତ
ଜାଣିଲେନି

ବିଦାୟ ନେଲା ବେଳେ
ଜାଣିଛନ୍ତି ଫେରିବା ସମୟ
ଫେରିବାର ବାଟ
କେବେ କମ୍ ହେଇନି ଜିଜୀବିଷା।

ଏଯାଏଁ ସେମାନେ ଶିଖିଲେନି
ପ୍ରାର୍ଥନା କରିବା

ନା ହେଲାନି ବି
ମୂଳ ଥିବା ମାଟିକୁ
ମୁକ୍ତିର ଦୁଆର ଭାବି
କର ଯୋଡ଼ିବା
ମୋକ୍ଷ ମାଗିବା।

*କଲ୍ୟାଣୀ ରେସିଡେନ୍ସି, ଫ୍ଲାଟ୍-୨୦୩, ଜଲାନ ଗଳି, ସମ୍ବଲପୁର-୨*
*ଦୂରଭାଷ: ୯୪୩୭୮୦୫୯୬୧*

# ମଲାଜହ୍ନ

**ଶିବ ଶଙ୍କର ଦାସ**

ଏବେ ଅଭିଶପ୍ତ
ଏ ସଂଧ୍ୟାର ମଲାଜହ୍ନ...।
ବିତିଯାଇଥିବା
ଝାଳ, ନାଳରେ ଜୁଡୁବୁଡୁ
ଗୋଟେ ଅବଶ ଅପରାହ୍ନ...
ଏବେ,
ରାତି ଆସିବାକୁ
ଅନେକ ରାତି ବାକି ଅଛି।
ପୁଣି, କାହିଁକି କେଜାଣି
ଧିରେ ଧିରେ ବଢ଼ି ଚାଲିଛି
ମୋ ଦେହର ତାତି...!
କୁହ –
ତୁମେ ଏବେ କେଉଁଠି...?
ତୁମକୁ ଖୋଜି ଖୋଜି
ପହଞ୍ଚିଲି ଯେଉଁ ନଇ ପଠାରେ
ସେଠି ତ ମୁହଁ ମାଡ଼ି ଶୋଇଛନ୍ତି
ବୁଦା ବୁଦା କାଶତଣ୍ଡୀ ଗଛ
ରାତିସାରା ବର୍ଷା ମାଡ଼ ଖାଇ...!!
ସତରେ...
କହି ପାରିବ କି
ତୁମେ ଏବେ କେଉଁଠି...??
ହଁ...,
ସେ ଅର୍ଦ୍ଧ ପରିଚିତ ରିକ୍ସାବାଲା
ଯାହାର ରିକ୍ସାରେ
ତୁମେ ପାଦ ଥାପିଥିଲ
ଶେଷଥର ପାଇଁ
ଶୁଣିବାକୁ ପାଇଲି
ସେ ବି କୁଆଡ଼େ ମିଳେଇ ଯାଇଛି
ଗୋଟେ ଅଭିଶପ୍ତ ମଧ୍ୟାହ୍ନର
ଧୁ ଧୁ ଖରାରେ...!!!
ହଁ...ସତରେ,
କାହିଁକି କେଜାଣି,
ବେଳେବେଳେ
ମୋ ମନବି କହୁଛି,
ତୁମେ ବୋଧହୁଏ ହଜିଯାଇଛ
ସବୁଦିନ ପାଇଁ
କେଉଁ ଏକ ଅଜଣା ନକ୍ଷତ୍ରର
ଚଲା ପଥରେ...।

*ବିଭାଗୀୟ ମୁଖ୍ୟ, ପ୍ରାଣୀ ବିଜ୍ଞାନ ବିଭାଗ, ହିନ୍ଦୋଳ ମହାବିଦ୍ୟାଳୟ,*
*ଢେଙ୍କାନାଳ-୨୦*
*ଦୂରଭାଷ: ୯୯୩୮୦୪୬୪୪୬*

# ନୈବେଦ୍ୟ

**ପ୍ରତିଭା ଦାଶ**

ତୁମେ ପ୍ରଭୁ ମୋ ହୃଦୟ ଧନ
ପ୍ରିୟ ତମ ପରେ ପ୍ରିୟତମ
ମୋର କ୍ଷୁଦ୍ର ନଗଣ୍ୟ ଜୀବନ
ତବ ସୁଧା ସର୍ଜନା ମହାନ,
ମୋ ଦୃଷ୍ଟିରେ ପ୍ରତିଛବି ତୋଳେ
ତୁମ୍ଭ ସୃଷ୍ଟି ଅନୁପମ ଶୋଭା
ମୋ ମାନସେ ଆଭାମୟ ପ୍ରଭୁ
ତବ ଦିବ୍ୟ ଦ୍ୟୁତିମୟ ବିଭା

ତୁମେ ମହା କବି ତୁମ ଗୀତ
ମୋ କଣ୍ଠର ମଧୁମୟ ସ୍ୱର
ହେ ପ୍ରେମିକ ତୁମ ଦିବ୍ୟ ପ୍ରେମ
ମୋ ହୃଦୟେ ଉତ୍ତାଳ ଉଚ୍ଛଳ।
ସମୀରଣେ ତୁମ ଶୁଭବାର୍ତ୍ତା
ସଉରଭ ପୀୟୂଷ ପୂରିତ
ସଦା ଶତ ଶଙ୍ଖ ଧ୍ୱନି ହୋଇ
ମୋ କର୍ଣ୍ଣେ ହୁଏ ପ୍ରତିଧ୍ୱନିତ।
ହେ ଅମୃତମୟ ଦେବ ଦେବ
ଅନନ୍ତ ବିଶ୍ୱ ରାଜଧିରାଜ
ଉଦ୍‌ଭାସିତ ହୋଇ ମୋ ଅନ୍ତରେ
ସର୍ବଦା ମୋହୃଦୟେ ବିରାଜ।
କାର୍ଯ୍ୟକାରୀ ହେଉ ତୁମ ଇଚ୍ଛା
ଇଚ୍ଛାମୟ ଏ ଜୀବନେ ମୋର
ତବ ଦାନ 'ପ୍ରାଣ ପୂର୍ଣ୍ଣପାତ୍ର'
ଶ୍ରୀ ପଦେ ମୋ ଶେଷ ଉପହାର।

# ଅନୃତ ଆଶ୍ୱାସନା

**ଅନସୂୟା ପଣ୍ଡା**

ଏଠି ସବୁ ବାଚାଳତା ଆହୋପୁରୁଷିକା
ପଇସା ପଛରେ ଯେ ଦୌଡ଼େ ଏକମୁହାଁ
ସେ କହେ ନିର୍ମୋହର କଥା
ପରିବାର ଛାଡ଼ି ସନ୍ନ୍ୟାସୀ ହୋଇଥିବା
ଲୋକଟାଏ କହେ ସମ୍ବନ୍ଧର ଉପକାରିତା
ଅଜବ ଏ ସଂସାର ମାୟା ସବୁ ମିଛି ମିଛିକା।

ନେତାଟିଏ କହେ ରାଜନୀତିରେ ସାଧୁତା
ଅନ୍ଧପୁଟୁଳି ବାନ୍ଧି ଲୁଚାଏ ବାସ୍ତବତା
ଲୁଟୁଛି ଉଚ୍ଚାଟରେ ସମାଜର ସ୍ୱଚ୍ଛଳତା
କାନ୍ଧ ଥାପୁଡ଼ି ଭାଷେ ବିକଶିତ ବ୍ୟବସ୍ଥା।

ପ୍ରବଚକ କହେ ସୋସିଆଲ ମିଡ଼ିଆ
ଅଯଥା ପଥଭ୍ରଷ୍ଟ କରିବ ଅନୃତ ବ୍ୟବସ୍ଥା
ନିଇତି କିନ୍ତୁ ଅପ୍‌ଲୋଡ କରେ ତା' କଥା
ଲାଇକ୍ ଦିଅ ନ କରି ଅଣଦେଖା।

ମୋବାଇଲ ନ ଧରିବାକୁ ପିଲାଙ୍କୁ କହି
ମମତ୍ୱବୋଧରେ ବାପା ଆଇଫୋନ୍ ଦିଅନ୍ତି
ସେଇଥିରେ ଆପ୍ ଡାଉନଲୋଡ଼ କରି
ଖାଇବା ମଗେଇବା ପଇସାକୁ ନ ଡରି।


ସିଗାରେଟ୍ ଖୋଳରେ ଲେଖାଥାଏ
ସ୍ୱାସ୍ଥ୍ୟକୁ ହାନିକାରକ ତାକୁ ଟାଣିଲେ
ବିକ୍ରି କିନ୍ତୁ ଚାଲିଥାଏ ସବୁ ବଜାରରେ
ଅଧିକ ରାଜସ୍ୱ ମିଳିବ ଦେଶରେ
ଅବକାରୀ ଟିକସ ବାବଦରେ।

ମଦ ପିଇ ଗାଡ଼ି ଚଳେଇଲେ
ଫାଇନରୁ ନାହିଁ ନିସ୍ତାର ଥାନାରେ
ଡ୍ରାଇଭର ଯେଉଁଠି ନାଗୁଆ ଖାଏ
ନାଳିପାଣି ସେଇଠି ମିଳେ ଅରାସ୍ତାରେ।

ବ୍ୟବସ୍ଥା ଭିତରେ ସାରା ଅବ୍ୟବସ୍ଥା
ଯୋଜନା ଭିତରେ ପଙ୍ଗୁତ୍ୱ ପ୍ରତିଷ୍ଠା
ଜୀବନ ଭିତରେ ମୃତ୍ୟୁର ଯାଚନା
ଚାଲିଥାଏ ଦେଇ ଅଚ୍ଛେଦିନ ଆଶ୍ୱାସନା।

*ବୁର୍ଲା, ସମ୍ବଲପୁର*
*ଦୂରଭାଷ: ୯୪୩୯୨୧୧୯୭୧*






# ଧୂରନ୍ଧର

ଦୁଇହଜାର ପଚିଶି ଶେଷ ବେଳକୁ ବଲିଉଡ୍‌ରେ ହଲଚଲ ସୃଷ୍ଟିକରି ମୁକ୍ତିଲାଭ କରିଛି ଏକ ଦମ୍‌ଦାର ହିନ୍ଦୀ ଚଳଚ୍ଚିତ୍ର "ଧୂରନ୍ଧର"। ଜ୍ୟୋତି ଦେଶପାଣ୍ଡେ ପ୍ରଯୋଜିତ ଓ ଆଦିତ୍ୟ ଧର ନିର୍ଦ୍ଦେଶିତ ଏଇ ଚଳଚ୍ଚିତ୍ରଟି ବଲିଉଡ୍ ଇତିହାସରେ ଦୀର୍ଘତମ ଏବଂ ସିନେମା ପରଦାରେ ୨୧୪ ମିନିଟ କାଳ ପ୍ରଦର୍ଶିତ ହେଉଛି। କିଛି ସତକଥାକୁ କାହାଣୀରେ ପରିବର୍ଦ୍ଧିତ କରାଯାଇ ସଜାଯାଇଛି ଚଳଚ୍ଚିତ୍ରଟିର ବିଷୟବସ୍ତୁକୁ। ଆକର୍ଷଣୀୟ ଫଟୋଗ୍ରାଫି ଓ ସଂପାଦନା, ଚମତ୍କାର ସଂଗୀତ ଓ ଉଚ୍ଚକୋଟୀର ନିର୍ଦ୍ଦେଶନା "ଧୂରନ୍ଧର"କୁ ଏକ ସଫଳ ଚଳଚ୍ଚିତ୍ର ରୂପେ ଗଢ଼ିତୋଳିଛି ମୁକ୍ତିଲାଭ କରିବାର ତିନି ସପ୍ତାହ ମଧ୍ୟରେ ବକ୍ସ ଅଫିସ୍‌ରେ ଏକ ହଜାର କୋଟିରୁ ଉର୍ଦ୍ଧ୍ୱ ଆୟ ବଲିଉଡ୍ ଦ୍ୱିତୀୟ ସର୍ବାଧିକ ଆୟର ରେକର୍ଡ଼ ସ୍ଥାନ ମଧ୍ୟ ନେଇଛି। ଚଳଚ୍ଚିତ୍ରଟିର କାହାଣୀକୁ ଗତିଶୀଳ ଓ ରୋମାଞ୍ଚକର କରି ଏହାକୁ ଅଧିକ ଆକର୍ଷଣୀୟ କରାଯାଇପାରିଛି।

୩୦ ଡିସେମ୍ବର ୧୯୯୯ ରେ ସନ୍ତ୍ରାସବାଦୀଙ୍କ ସହ ବୁଝାମଣା କରି ମୁଣ୍ଡ ଜାମିନ ଥିବା ନାଗରିକଙ୍କୁ ମୁକ୍ତି କରାଇବା ପାଇଁ ୩ ଜଣ ଉଗ୍ରପନ୍ଥୀଙ୍କୁ ଖଲାସ କରାଯିବା ଭାରତୀୟ ପ୍ରତିରକ୍ଷା ବିଶେଷଜ୍ଞ ଓ ନେତୃବୃନ୍ଦକୁ ଏକ ଆହ୍ୱାନରେ ଜଡ଼ିତ କରାଇଦେଇଛି। ଉଗ୍ରପନ୍ଥୀମାନଙ୍କର ସଂହାର କାର୍ଯ୍ୟକୁ ପ୍ରତିହତ କରିବାକୁ ଜଣେ ସିକ୍ରେଟ ଏଜେଣ୍ଟ ଗୁପ୍ତ ଭାବରେ ନିୟୋଜିତ କରାଯାଇ ପାକିସ୍ତାନରେ ସକ୍ରିୟଥିବା ବ୍ୟବସ୍ଥାକୁ ଭାଙ୍ଗିଦେବାପାଇଁ ଏକ ପରିକଳ୍ପନା ହୋଇଛି ପ୍ରତିରକ୍ଷା ବିଶେଷଜ୍ଞ ସାନ୍ୟାଲଙ୍କ ଦ୍ୱାରା। ଏଥିରେ ନିଯୁକ୍ତ କରାଯାଇଛି ଜଣେ ଦଣ୍ଡପ୍ରାପ୍ତ ଜେଲ ଭୋଗୁଥିବା ଯୁବ ଅପରାଧୀଙ୍କୁ ସିକ୍ରେଟ ଏଜେଣ୍ଟ ଭାବରେ। ଏହି ଯୋଜନାକୁ "ଧୂରନ୍ଧର" ଭାବରେ ନାମିତ କରାଯାଇ ସଂପୃକ୍ତ ଯୁବକକୁ ହମଜା ଅଲ୍ଲୀ ମଜାରି ଛଦ୍ମନାମରେ କରାଚୀର ଲିଆରୀରେ ଅନୁପ୍ରବେଶ କରାଇଦିଆଯାଇଛି। ହମଜା ସମସ୍ତ କୌଶଳ ଅବଲମ୍ବନ କରି ସେଠାରେ ଭାରତକୁ ଅସ୍ତ୍ର ଯୋଗାଉଥିବା ଏବଂ ଅସ୍ଥିରତା ସୃଷ୍ଟିପାଇଁ ଯୋଜନା କରୁଥିବା ଗ୍ୟାଙ୍ଗରେ ସାମିଲ ହୋଇଯାଇଛି। ପରେ ପରେ ଏହି ଗ୍ୟାଙ୍ଗରେ ବିଭେଦ ସୃଷ୍ଟି କରି ଗ୍ୟାଙ୍ଗକୁ ଦୁର୍ବଳ କରିବା ସହିତ ପ୍ରାୟତଃ ଗ୍ୟାଙ୍ଗକୁ ନିଷ୍କ୍ରିୟ କରି ପୁନରାୟ ଭାରତ ପ୍ରତ୍ୟାବର୍ତ୍ତନ କରିଛି। ଅପରେସନ 'ଧୂରନ୍ଧର' ର ସଫଳତାରେ ସମସ୍ତେ ହର୍ଷୋତ୍‌ଫୁଲ୍ଲ ହୋଇଛନ୍ତି।

ହାମଜା ଭୂମିକାରେ ଶକ୍ତିଶାଳୀ ଅଭିନୟ କରିଛନ୍ତି ରଣବୀର ସିଂହ। ଅନ୍ୟାନ୍ୟ ଭୂମିକାରେ ଅକ୍ଷୟ ଖାନ୍ନା, ମାଧବନ, ଅର୍ଜ୍ଜୁନ ରାମପାଲ୍, ସଂଜୟ ଦତ୍ତ, ରାକେଶ ବେଦୀ, ମାନବ ଗୋହର ପ୍ରମୁଖ ପ୍ରଭାବଶାଳୀ ଅଭିନୟ କରି ଚଳଚ୍ଚିତ୍ରଟିର କାହାଣୀକୁ ଗତିଶୀଳ କରାଇବାରେ ସହାୟକ ହୋଇଛନ୍ତି। ସଂଗୀତର ଯାଦୁରେ "ଗେହେରା ହୁଏ" ଓ "ଶରାରତ" ଭଳି ଦୁଇଟି ମନୋମୁଗ୍ଧକର ଗୀତରେ ଦର୍ଶକଙ୍କ ମନମୋହିତ ହୋଇଯାଇଛି।

ଧୂରନ୍ଧର କେବଳ ବକ୍ସ ଅଫିସ୍‌ରେ ସଫଳତା ପାଇନାହିଁ ଏହା ବାସ୍ତବିକ ଏକ ସଫଳ ଚଳଚ୍ଚିତ୍ର।

**ଖେଳ ଓ ଖେଳାଳୀ**

ICC MEN'S T20 WORLD CUP INDIA & SRI LANKA 2026

# ଟି-୨୦ ବିଶ୍ୱକପ୍ ୨୦୨୬

ଫେବୃୟାରୀ ୭ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଟି-୨୦ ବିଶ୍ୱକପ୍ କ୍ରୀକେଟ୍ ପ୍ରତିଯୋଗିତା । ଏଥିରେ ଦଶଟି ଟେଷ୍ଟ ଖେଳୁଥିବା ଦଳ ସମେତ ଯୋଗ୍ୟତା ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହୋଇଥିବା ଦଳମାନଙ୍କୁ ନେଇ ସମୁଦାୟ ୨୦ଟି ଦଳ ଅଂଶଗ୍ରହଣ କରିବେ । ଏହି ପ୍ରତିଯୋଗିତା ଭାରତର ୫ଟି ସ୍ଥାନରେ ଓ ଶ୍ରୀଲଙ୍କାର ୨ଟି ସ୍ଥାନରେ ଖେଳାଯିବ । ସେଗୁଡ଼ିକ ହେଲା ଦିଲ୍ଲୀ, କୋଲକାତା, ମୁମ୍ବାଇ, ଚେନ୍ନାଇ ଓ ଅହମ୍ମଦାବାଦ୍ ଏବଂ ଶ୍ରୀଲଙ୍କାର କଲମ୍ବୋ ଓ କାଣ୍ଡି । ଏହି ପଡ଼ିଆ ମାନଙ୍କରେ ଗ୍ରୁପ୍ ସ୍ତରୀୟ ପ୍ରତିଯୋଗିତା ହେବାପରେ ସେମିଫାଇନାଲ ଖେଳାଯିବ କୋଲକାତା ଓ ଅହମ୍ମଦାବାଦ ଠାରେ । କିନ୍ତୁ ଯଦି ପାକିସ୍ତାନ ସେମିଫାଇନାଲ୍ ଏବଂ ଫାଇନାଲକୁ ଉନ୍ନୀତ ହୁଏ ତେବେ ଗୋଟିଏ ସେମିଫାଇନାଲକୁ ମିଶାଇ ଫାଇନାଲ ଖେଳାଯିବ କଲମ୍ବୋର ପ୍ରେମଦାସା ଷ୍ଟାଡିଅମ୍‌ରେ ।

ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ ସୁପର-୮ କୁ ଉନ୍ନୀତ ହେଲାପରେ ସେମାନଙ୍କୁ ପୁନରାୟ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ । ଏଇ ପ୍ରତ୍ୟେକ ଗ୍ରୁପ୍‌ର ଚାରୋଟି ଦଳ ପରସ୍ପର ମଧ୍ୟରେ ରାଉଣ୍ଡ ରବିନ୍ ଭିତ୍ତିରେ ୩ଟି ଲେଖାଏଁ ମ୍ୟାଚ୍ ଖେଳିବେ ଏବଂ ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବ । ପରିଶେଷରେ ଦୁଇ ସେମିଫାଇନାଲର ବିଜେତା ଫାଇନାଲ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବେ ।

ଗ୍ରୁପ୍ 'ଏ' ଓ 'ବି' ର ଶ୍ରେଷ୍ଠ ଦଳ ସହ ଗ୍ରୁପ୍ 'ସି' ଓ 'ଡି'ର ଦ୍ୱିତୀୟ ଶ୍ରେଷ୍ଠ ଦଳ ପ୍ରଥମ ଗ୍ରୁପ୍‌ରେ ସ୍ଥାନୀତ ହେବେ ଏବଂ ଗ୍ରୁପ୍ 'ବି' ଓ ଗ୍ରୁପ୍ 'ସି' ର ଦ୍ୱିତୀୟ ଶ୍ରେଷ୍ଠ ଦଳ ସହ ଗ୍ରୁପ୍ 'ସି' ଓ 'ଡି' ର ପ୍ରଥମ ଶ୍ରେଷ୍ଠ ଦଳ ସ୍ଥାନୀତ ହେବେ । ବର୍ତ୍ତମାନର ଆଇ.ସି.ସି. ମାନ୍ୟତାକୁ ନଜରରେ ରଖି ଆକଳନ କରାଯାଇଛି ଯେ ଭାରତ, ଅଷ୍ଟ୍ରେଲିଆ, ଇଣ୍ଡିଜ ଓ ଦକ୍ଷିଣ ଆଫ୍ରିକା ପ୍ରଥମ ଗ୍ରୁପ୍‌ରେ ସ୍ଥାନ ପାଇବା ସହିତ ପାକିସ୍ତାନ, ଶ୍ରୀଲଙ୍କା, ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଗ୍ରୁପ୍‌ରେ ସ୍ଥାନ ପାଇବେ । ଯଦି କୌଣସି ସେଭଳି ବିପର୍ଯ୍ୟୟ ଘଟେ ତେବେ ଇଣ୍ଡିଜ ସ୍ଥାନରେ ବାଂଲାଦେଶ ସ୍ଥାନ ପାଇବା ବିଚିତ୍ର ହେବନାହିଁ । ତେବେ ଅନ୍ୟ ସାତଟି ଦେଶ ପରବର୍ତ୍ତୀ ଗ୍ରୁପ୍‌ରେ ସ୍ଥାନ ପାଇ ଖେଳିବା ଆପାତତଃ ନିଶ୍ଚିତ ।

ବିଶ୍ୱକପ୍ ପାଇଁ ଚୟନ କରାଯାଇଥିବା ଭାରତୀୟ ଦଳରେ ଗୋଟିଏ ଅପ୍ରତ୍ୟାଶିତ ପରିବର୍ତ୍ତନ ହୋଇ ସୁବମନ ଗିଲ୍‌ଙ୍କୁ ବାଦ ଦିଆଯାଇଛି । ପାଳି ଆରମ୍ଭ କରିବା ପାଇଁ ଚୟନକାରୀମାନେ ଅଭିଷେକଙ୍କ ସହିତ ସଂଜୁ ସାମ୍‌ସନଙ୍କୁ ଅଗ୍ରାଧିକାର ଦେଇଛନ୍ତି ଏବଂ ସାମୟିକ ପରିବର୍ତ୍ତନ ନିମନ୍ତେ ଇଶାନ କ୍ରିଷନ୍‌ଙ୍କୁ ବାଛିଛନ୍ତି । ତିଲକ ବର୍ମା ଓ ରିଙ୍କୁ ସିଂହଙ୍କୁ ଛାଡ଼ିଦେଲେ ବ୍ୟାଟିଂ ଦକ୍ଷତା ଥିବା ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ଶିବମ୍ ଦୁବେ ଏବଂ ୱାସିଂଟନ ସୁନ୍ଦର ଏ ସମସ୍ତେ ହେଲେ ଅଲରାଉଣ୍ଡର ଯେଉଁମାନଙ୍କ ମଧ୍ୟରୁ ଦୁଇଜଣ ସ୍ପିନର ଏବଂ ଅନ୍ୟ ଦୁଇଜଣ ମଧ୍ୟମ ଗତି ବୋଲର । ଦଳରେ ଅନ୍ୟୁନ ଦୁଇଜଣ ସ୍ପିନର ଓ ଦୁଇଜଣ ଦ୍ରୁତଗତି ବୋଲରଙ୍କୁ ବାଦ ଦେଲେ ଆଉ ଦୁଇଜଣ ବୋଲରଙ୍କର ଏକାନ୍ତ ଆବଶ୍ୟକତା ରହିଛି ଦଳକୁ ସନ୍ତୋଳିତ ରଖିବା ପାଇଁ । ଉଇକେଟ୍ କିପର ହଠାତ୍ ଅସୁସ୍ଥ ବା ଆହତ ହେଲେ ଦଳରେ ଜଣେ ବଦଳ ଖେଳାଳୀ ଉଇକେଟ ରକ୍ଷଣ ପାଇଁ ମଧ ରହିବା ଆବଶ୍ୟକ । ଏଥି ନିମନ୍ତେ ଫର୍ମରେ ନଥିବା ସୁବମନ ଗିଲଙ୍କର ବାଦ୍ ପଡ଼ିବା ଯୁକ୍ତିଯୁକ୍ତ ମନେହୁଏ ।

ଆଗାମୀ ବିଶ୍ୱକପ୍‌ରେ ଭାରତର ସମ୍ଭାବନା ଅନେକାଂଶରେ ନିର୍ଭର କରେ ଅଭିଷେକ, ସୂର୍ଯ୍ୟକୁମାର ଓ ତିଲକ ବର୍ମାଙ୍କର ବ୍ୟାଟିଂ ସଫଳତା, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲଙ୍କର ଅଲରାଉଣ୍ଡ ପ୍ରଦର୍ଶନ ଏବଂ ବୁମ୍‌ରା, ବରୁଣ ଓ କୁଲଦୀପଙ୍କର ଚମତ୍କାର ପ୍ରଦର୍ଶନ ଉପରେ । ମୋଟାମୋଟି ଭାବରେ ଦେଖିବାକୁ ଗଲେ ଭାରତୀୟ ଦଳର ସେମିଫାଇନାଲ ପ୍ରବେଶର ସମ୍ଭାବନା ଉଜ୍ଜ୍ୱଳ । କିନ୍ତୁ ତା'ପର ଦୁଇଟି ମ୍ୟାଚ୍ ଉପରେ ଖେଳାଳୀଙ୍କର ଫର୍ମ ଉପରେ ଫଳାଫଳ ନିର୍ଭରଶୀଳ । ଭାରତ ଚାମ୍ପିୟାନ ହେବାର ଗୋଟିଏ ଶ୍ରେଷ୍ଠ ଦାବୀଦାର ବୋଲି ବିଚାର କରିବାରେ କିଛି ଅସୁବିଧା ନାହିଁ ।

| ଗ୍ରୁପ୍ - 'ଏ' | ଗ୍ରୁପ୍ - 'ବି' | ଗ୍ରୁପ୍ - 'ସି' | ଗ୍ରୁପ୍ - 'ଡି' |
|---|---|---|---|
| ଭାରତ | ଅଷ୍ଟ୍ରେଲିଆ | ବାଂଲାଦେଶ | ଆଫଗାନିସ୍ତାନ |
| ନାମିବିଆ | ଆୟର୍ଲାଣ୍ଡ | ଇଂଲଣ୍ଡ | କାନାଡ଼ା |
| ନେଦରଲାଣ୍ଡସ | ଓମାନ | ଇଟାଲୀ | ନ୍ୟୁଜିଲାଣ୍ଡ |
| ପାକିସ୍ତାନ | ଶ୍ରୀଲଙ୍କା | ନେପାଳ | ଦ. ଆଫ୍ରିକା |
| ଆମେରିକା | ଜିମ୍ବାୱେ | ଇଣ୍ଡିଜ୍ | ଏମିରେଟ୍‌ସ |

ବିଶ୍ୱକପ୍ ପାଇଁ ଭାରତୀୟ ଦଳ:- ସୂର୍ଯ୍ୟକୁମାର (ଅଧିନାୟକ), ଅଭିଷେକ ଶର୍ମା, ସଂଜୁ ସାମସନ (ଉଇକେଟ୍ ରକ୍ଷକ), ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ୍ ଦୁବେ, ଅକ୍ଷର ପଟେଲ (ଉପ ଅଧିନାୟକ), ରିଙ୍କୁ ସିଂହ, ଜଶପ୍ରୀତ ବୁମରା, ହର୍ଷିତ ରାଣା, ଅର୍ଶଦୀପ ସିଂହ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ୱାସିଂଟନ ସୁନ୍ଦର, ଇଶାନ କ୍ରିଷନ (ଉଇକେଟ ରକ୍ଷକ)।

## ଖେଳ ସୂଚୀ

### ଗ୍ରୁପ୍ - 'ଏ'

| | |
|---|---|
| ୭ ଫେବୃୟାରୀ | ନେଦରଲାଣ୍ଡସ୍ - ପାକିସ୍ତାନ |
| | ଭାରତ - ଆମେରିକା |
| ୧୦ ଫେବୃୟାରୀ | ନାମିବିଆ - ନେଦରଲାଣ୍ଡସ୍ |
| | ପାକିସ୍ତାନ - ଆମେରିକା |
| ୧୨ ଫେବୃୟାରୀ | ଭାରତ - ନାମିବିଆ |
| ୧୩ ଫେବୃୟାରୀ | ନେଦରଲାଣ୍ଡସ୍ - ଆମେରିକା |
| ୧୫ ଫେବୃୟାରୀ | ନାମିବିଆ - ଆମେରିକା |
| | ଭାରତ - ପାକିସ୍ତାନ |
| ୧୮ ଫେବୃୟାରୀ | ଭାରତ - ନେଦରଲାଣ୍ଡସ୍ |
| | ନାମିବିଆ - ପାକିସ୍ତାନ |

### ଗ୍ରୁପ୍ - 'ବି'

| | |
|---|---|
| ୮ ଫେବୃୟାରୀ | ଶ୍ରୀଲଙ୍କା - ଆୟର୍ଲାଣ୍ଡ |
| ୯ ଫେବୃୟାରୀ | ଓମାନ - ଜିମ୍ବାୱ୍ୱେ |
| ୧୧ ଫେବୃୟାରୀ | ଅଷ୍ଟ୍ରେଲିଆ - ଆୟର୍ଲାଣ୍ଡ |
| ୧୨ ଫେବୃୟାରୀ | ଶ୍ରୀଲଙ୍କା - ଓମାନ |
| ୧୩ ଫେବୃୟାରୀ | ଅଷ୍ଟ୍ରେଲିଆ - ଜିମ୍ବାୱ୍ୱେ |
| ୧୪ ଫେବୃୟାରୀ | ଆୟର୍ଲାଣ୍ଡ - ଓମାନ |
| ୧୬ ଫେବୃୟାରୀ | ଶ୍ରୀଲଙ୍କା - ଅଷ୍ଟ୍ରେଲିଆ |
| ୧୭ ଫେବୃୟାରୀ | ଆୟର୍ଲାଣ୍ଡ - ଜିମ୍ବାୱ୍ୱେ |
| ୧୯ ଫେବୃୟାରୀ | ଶ୍ରୀଲଙ୍କା - ଜିମ୍ବାୱ୍ୱେ |
| ୧୯ ଫେବୃୟାରୀ | ଅଷ୍ଟ୍ରେଲିଆ - ଓମାନ |

### ଗ୍ରୁପ୍ - 'ସି'

| | |
|---|---|
| ୭ ଫେବୃୟାରୀ | ବାଂଲାଦେଶ - ଇଣ୍ଡିଜ |
| ୮ ଫେବୃୟାରୀ | ଇଂଲଣ୍ଡ - ନେପାଳ |
| ୯ ଫେବୃୟାରୀ | ବାଂଲାଦେଶ - ଇଟାଲୀ |
| ୧୧ ଫେବୃୟାରୀ | ଇଂଲଣ୍ଡ - ଇଣ୍ଡିଜ |
| ୧୨ ଫେବୃୟାରୀ | ଇଟାଲୀ - ନେପାଳ |
| ୧୪ ଫେବୃୟାରୀ | ବାଂଲାଦେଶ - ଇଂଲଣ୍ଡ |
| ୧୫ ଫେବୃୟାରୀ | ନେପାଳ - ଇଣ୍ଡିଜ |
| ୧୬ ଫେବୃୟାରୀ | ଇଂଲଣ୍ଡ - ଇଟାଲୀ |
| ୧୭ ଫେବୃୟାରୀ | ବାଂଲାଦେଶ - ଇଟାଲୀ |
| ୧୯ ଫେବୃୟାରୀ | ଇଟାଲୀ - ଇଣ୍ଡିଜ |

### ଗ୍ରୁପ୍ - 'ଡି'

| | |
|---|---|
| ୮ ଫେବୃୟାରୀ | ଆଫଗାନିସ୍ତାନ - ନ୍ୟୁଜିଲାଣ୍ଡ |
| ୯ ଫେବୃୟାରୀ | କାନାଡ଼ା - ଦ. ଆଫ୍ରିକା |
| ୧୦ ଫେବୃୟାରୀ | ନ୍ୟୁଜିଲାଣ୍ଡ - ଏମିରେଟ୍ସ |
| ୧୧ ଫେବୃୟାରୀ | ଆଫଗାନିସ୍ତାନ - ଦ. ଆଫ୍ରିକା |
| ୧୩ ଫେବୃୟାରୀ | କାନାଡ଼ା - ଏମିରେଟ୍ସ |
| ୧୪ ଫେବୃୟାରୀ | ନ୍ୟୁଜିଲାଣ୍ଡ - ଦ. ଆଫ୍ରିକା |
| ୧୬ ଫେବୃୟାରୀ | ଆଫଗାନିସ୍ତାନ - ଏମିରେଟ୍ସ |
| ୧୭ ଫେବୃୟାରୀ | କାନାଡ଼ା - ନ୍ୟୁଜିଲାଣ୍ଡ |
| ୧୮ ଫେବୃୟାରୀ | ଦ. ଆଫ୍ରିକା - ଏମିରେଟ୍ସ |
| ୧୯ ଫେବୃୟାରୀ | ଆଫଗାନିସ୍ତାନ - କାନାଡ଼ା |

## ପରବର୍ତ୍ତୀ ଗ୍ରୁପ୍ ପର୍ଯ୍ୟାୟ

### ଗ୍ରୁପ୍ - '୧'

| | |
|---|---|
| ୨୨ ଫେବୃୟାରୀ | (ଗ୍ରୁପ୍-୧ ପ୍ରଥମ) ବନାମ (ଗ୍ରୁପ୍-୧ ଚତୁର୍ଥ) |
| ୨୩ ଫେବୃୟାରୀ | (ଗ୍ରୁପ୍-୧ ଦ୍ୱିତୀୟ) ବନାମ (ଗ୍ରୁପ୍-୧ ତୃତୀୟ) |
| ୨୬ ଫେବୃୟାରୀ | (ଗ୍ରୁପ୍-୧ ତୃତୀୟ) ବନାମ (ଗ୍ରୁପ୍-୧ ଚତୁର୍ଥ) |
| ୧ ମାର୍ଚ୍ଚ | ଦ୍ୱିତୀୟ ବନାମ ଚତୁର୍ଥ |
| | ପ୍ରଥମ ବନାମ ତୃତୀୟ |

### ଗ୍ରୁପ୍ - '୨'


| | |
|---|---|
| ୨୧ ଫେବୃୟାରୀ | (ଗ୍ରୁପ୍-୧) ଦ୍ୱିତୀୟ ବନାମ (ଗ୍ରୁପ୍-୧) ତୃତୀୟ |
| ୨୨ ଫେବୃୟାରୀ | (ଗ୍ରୁପ୍-୧) ପ୍ରଥମ ବନାମ (ଗ୍ରୁପ୍-୧) ଚତୁର୍ଥ |
| ୨୪ ଫେବୃୟାରୀ | (ଗ୍ରୁପ୍-୧) ପ୍ରଥମ ବନାମ (ଗ୍ରୁପ୍-୧) ତୃତୀୟ |
| ୨୫ ଫେବୃୟାରୀ | (ଗ୍ରୁପ୍-୧) ଦ୍ୱିତୀୟ ବନାମ (ଗ୍ରୁପ୍-୧) ଚତୁର୍ଥ |
| ୨୭ ଫେବୃୟାରୀ | (ଗ୍ରୁପ୍-୧) ପ୍ରଥମ ବନାମ (ଗ୍ରୁପ୍-୧) ଦ୍ୱିତୀୟ |

ପ୍ରଥମ ସେମିଫାଇନାଲ ମାର୍ଚ୍ଚ - ୪

ଦ୍ୱିତୀୟ ସେମିଫାଇନାଲ ମାର୍ଚ୍ଚ - ୫

**ଫାଇନାଲ ମାର୍ଚ୍ଚ - ୮**

ଜ୍ୟୋତିଷ ବିଚାର



# ବାର୍ଷିକ - ୨୦୨୬ ତଥା ୧୫.୧.୨୦୨୬ ରୁ ୧୪.୨.୨୦୨୬ ରାଶିଫଳ

## ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ



**ମେଷ:-** ବର୍ଷ ତମାମ ଶନି ଆପଣଙ୍କ ପକ୍ଷେ ଯଥେଷ୍ଟ ଶୁଭକାରକ ନହେଲେବି ମଧ୍ୟମ ଶୁଭଫଳ ଦାୟକ ହେବେ। ବୃହସ୍ପତି ବର୍ଷସାରା ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରିପାରନ୍ତି। ରାହୁ ଓ କେତୁ ଅନେକ ସମସ୍ୟାର ଆଶୁ ସମାଧାନ କରି ନିଜ ପଥରେ ଆଗେଇ ନେବାରେ ସହାୟକ ହେବେ। ରବି ଜାନୁୟାରୀରୁ ମାର୍ଚ୍ଚର ପ୍ରଥମାର୍ଦ୍ଧ, ଜୁନ୍‌ରୁ ଜୁଲାଇର ପ୍ରଥମାର୍ଦ୍ଧ, ସେପ୍ଟେମ୍ବରରୁ ଅକ୍ଟୋବର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଶୁଭ ପ୍ରଭାବକ ହୋଇ ଅସଜଡ଼ା କାମକୁ ସଜାଡ଼ି ନେବେ। ନୂତନ ବନ୍ଧୁ ଯୋଗାଡ଼ରେ ସୁଯୋଗ ସୃଷ୍ଟି ହେବ। କର୍ମସ୍ଥଳୀରେ ଉନ୍ନତି ଘଟିବା ସହିତ ନିର୍ମାଣ କାର୍ଯ୍ୟରେ ତତ୍ପରତା ବୃଦ୍ଧିପାଇବ। ସ୍ୱର୍ଣ୍ଣାଦି ଅଳଙ୍କାର ସହିତ ନୂତନ ଯାନ କ୍ରୟ କରିବେ। ବେଳେବେଳେ ଆପଣାର ମାନେ ଭୁଲ ବୁଝିପାରନ୍ତି। ପାଦ ଓ ଆଖିରେ ଯନ୍ତ୍ରଣା ଅନୁଭୂତ ହେବ। ଭବିଷ୍ୟତ ଉନ୍ନତିର ଯୋଜନାରେ ସାମିଲ ହେବେ। ଚଳିତ ମାସରେ ପରିଶ୍ରମି ହୋଇ କର୍ତ୍ତବ୍ୟ ସଂପାଦନ କରି ପ୍ରଶଂସାର ପାତ୍ର ବନିପାରନ୍ତି। ସାମାଜିକ ସ୍ତରରେ ଭାବମୂର୍ତ୍ତି ଉଜ୍ଜ୍ୱଳତର ହେବ। କର୍ମ ଅଟକିବ ନାହିଁ। ଲୋକ ସଂପର୍କରେ ଅଭିବୃଦ୍ଧି ଘଟିବା ଫଳରେ ସମସ୍ତ କ୍ଷେତ୍ରରେ ବହୁମାତ୍ରାରେ ଉତ୍ସାହିତ ହେବେ। ଗଡ଼ି ଚାଲିଥିବା ଅନେକ ସମସ୍ୟାର ସୁ ସମାହିତ ହେବ। ବେପାର ବାଣିଜ୍ୟରେ ଆଗଧାଡ଼ିରେ ରହିବେ। ଆର୍ଥୀକ ଦିଗରୁ ଚିନ୍ତିତ ହେବାକୁ ପଡ଼ିବ ନାହିଁ। ବିବାଦୀୟ କ୍ଷେତ୍ରର ଅଶାନ୍ତି ଦୂରହେବ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରିବେ। ଭ୍ରମଣ ଜନିତ ଆନନ୍ଦ ମିଳିବ। ବିଶେଷ ଅସୁସ୍ଥ ପୀଡ଼ାର ଆଶଙ୍କା ନଥିଲେବି ଥଣ୍ଡା ଦୋଷରୁ ଅସୁସ୍ଥ ଅନୁଭବ କରିପାରନ୍ତି। ପାରିବାରିକ ପରିବେଶରେ ସ୍ନେହ ସହାନୁଭୂତିର ଊଣା ହେବନାହିଁ। ମହିଳାମାନେ ସମ୍ମାନ ଓ ପ୍ରତିଷ୍ଠା ଅର୍ଜ୍ଜନ କରି କୃତ୍ୟ କୃତ୍ୟ ହେବେ। ଭୋଗ ବିଳାସର ଅଭାବ ଘଟିବ ନାହିଁ। ବିଦ୍ୟାର୍ଥୀମାନେ ଆପଣା କ୍ଷେତ୍ରରେ ନିମ୍ନଗାମୀ ହେବେନାହିଁ।

ଅଶୁଭ ଦିବସ:- ୧୬, ୧୭, ୧୮, ୨୪, ୨୫, ୩, ୪, ୧୩, ୧୪ ଅଷ୍ଟମଚନ୍ଦ୍ର:- ୧୫, ୧୦, ୧୧, ୧୨ ଘାତଚନ୍ଦ୍ର:- ୨୬, ୨୭ ବାକିଦିନ ଶୁଭ।



**ବୃଷ:-** ସମଗ୍ର ବର୍ଷଟି ଶନି ଆପଣଙ୍କ ପକ୍ଷେ ବିଶେଷ ସହାୟକ ହେବାଫଳରେ ରାଜଲକ୍ଷ୍ମୀ ପ୍ରାପ୍ତି। ଅଭିଳାଷ ପୂରଣ, କର୍ମରେ ଉନ୍ନତି ସାଙ୍ଗକୁ ଦେଶ ଭ୍ରମଣର ସୁଯୋଗ ନେବେ। ମଇମାସ ପର୍ଯ୍ୟନ୍ତ ବୃହସ୍ପତି ଉତ୍ତମ ଲକ୍ଷ୍ମୀପ୍ରାପ୍ତି, ମାନସିକ ଶାନ୍ତି ଓ ସର୍ବତ୍ର ବିଜୟ ସହିତ କାର୍ଯ୍ୟ ହାସଲ ନିମିତ୍ତ ସୁଯୋଗ ପ୍ରଦାନ କରିବେ। ଗୃହ, ଜମି ଓ ଯାନ କ୍ରୟର ସୁଯୋଗ ମିଳିବ। ନଭେମ୍ବର ମାସ ପର୍ଯ୍ୟନ୍ତ ଶୁଭସ୍ଥ ରାହୁ ଶତ୍ରୁ ବିନାଶ, କର୍ମରେ ଉନ୍ନତି ଓ ସାମାଜିକ ପ୍ରତିଷ୍ଠା ପ୍ରଦାନ କରିବେ। ଯଶ ଗୌରବ ମଣ୍ଡିତ କରାଇବା ନିମିତ୍ତ କେତୁଙ୍କ ଅବଦାନ ପ୍ରମୁଖ ଭୂମିକା ନିର୍ବାହ କରିବ। ରବି ଫେବୃୟାରୀରୁ ଅପ୍ରେଲର ପ୍ରଥମାର୍ଦ୍ଧ, ଜୁଲାଇରୁ ଅଗଷ୍ଟ ପ୍ରଥମାର୍ଦ୍ଧ, ଅକ୍ଟୋବରରୁ ନଭେମ୍ବର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଶୁଭ ସପକ୍ଷରେ ରହି ଉନ୍ନତି ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରିବେ। ପୂର୍ବର ଅଶାନ୍ତି ଓ ଦୁଶ୍ଚିନ୍ତା ଦୂରହେବ। ଭବିଷ୍ୟତ ଯୋଜନାର ରୂପରେଖ କଳ୍ପନା କରିବେ। ଚଳିତ ମାସଟି ଆପଣଙ୍କୁ ଚିନ୍ତିତ ଓ ବିବ୍ରତ କରାଇପାରେ। କର୍ମକ୍ଷେତ୍ରର ଗତି ମନ୍ଥର ହେବା ଫଳରେ ମନରେ ଅବଶୋଷ ବୃଦ୍ଧି ପାଇବ। ସାମାଜିକ ସ୍ତରରେ ନିଜର ସ୍ଥିତି ଦୃଢ଼ କରିବା ନିମିତ୍ତ ସଂଘର୍ଷ ଜାରିରହିବ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ନିଜକୁ ଦୃଢ଼ କରିବେ। ବେପାର ବାଣିଜ୍ୟରେ କ୍ଷତିର ଆଶଙ୍କା ନାହିଁ। ଆର୍ଥୀକ ଦିଗ ମଧ୍ୟମ ଧରଣର ହେବ। ଭ୍ରମଣ ଯୋଗେ ମନର ପରିବର୍ତ୍ତନ ହେବ। ବନ୍ଧୁ ମିଳନର ଯୋଗ ଅଛି। ଲୋକ ହିତକର କାର୍ଯ୍ୟରେ ଏବଂ ଐଶ୍ୱରୀକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଥଣ୍ଡାଦୋଷ ସାଙ୍ଗକୁ ଉଦରପୀଡ଼ା ଦେଖାଦେବ। ପାରିବାରିକ ଜୀବନରେ ବୁଝାମଣା ସହିତ ସାଲିସ କରିବାକୁ ପଡ଼ିପାରେ। ମହିଳାମାନେ ମନର କଥା ମନରେ ମାରି ଚଳିବେ। ଭୋଗ ବିଳାସ ନିମିତ୍ତ ସାଧନର ଅଭାବ ହେବନାହିଁ। ବିଦ୍ୟାର୍ଥୀମାନେ ଅସ୍ଥିର ଚିତ୍ତ ହେବାର ସୂଚନା ମିଳୁଛି।

ଅଶୁଭ ଦିବସ:- ୨୬, ୨୭ ଅଷ୍ଟମ ଚନ୍ଦ୍ର:- ୧୬, ୧୭, ୧୮, ୧୩, ୧୪ ଘାତଚନ୍ଦ୍ର:- ୫, ୬, ୭ ବାକିଦିନ ଶୁଭ।



**ମିଥୁନ:-** ଆପଣଙ୍କ ପକ୍ଷେ ଶନି ମହାଗ୍ରହ ବର୍ଷ ବ୍ୟାପି ଶୁଭସ୍ଥ ହେବାଫଳରେ ଉଦ୍ୟମରେ ସିଦ୍ଧି । କର୍ମରେ ଉନ୍ନତି, ଆର୍ଥୀକ ଦିଗ ସ୍ୱଚ୍ଛଳ ଓ ପତିତ ଧନର ଉଦ୍ଧାର ସହିତ ଯନ୍ତ୍ରପାତି, କଳକବ୍‌ଜା ଓ ଯାନବାହାନ କ୍ରୟ କରିବାର ସୁଯୋଗ ଦେବେ । ମଇମାସଠାରୁ ବୃହସ୍ପତି ବର୍ଷ ଶେଷ ପର୍ଯ୍ୟନ୍ତ ସୁଖ ଶାନ୍ତି ଓ ଅର୍ଥ ଆଦାୟ ତଥା ଉପାର୍ଜନରେ ସହାୟକ ହେବେ । ସନ୍ତାନ ପ୍ରାପ୍ତି ଅଥବା ସନ୍ତାନ ମାନଙ୍କର ଉନ୍ନତି ବିଧାନ କରିବେ । ନଭେମ୍ବର ମାସ ପର୍ଯ୍ୟନ୍ତ କେତୁ ସପକ୍ଷରେ ରହିବା କାରଣରୁ ଯଶମାନ ପ୍ରାପ୍ତି ସାଙ୍ଗକୁ ଅସମ୍ଭବକୁ ସମ୍ଭବ କରିପାରନ୍ତି । ମାର୍ଚ୍ଚରୁ ମଇର ପ୍ରଥମାର୍ଦ୍ଧ, ଅଗଷ୍ଟରୁ ସେପ୍ଟେମ୍ବର ପ୍ରଥମାର୍ଦ୍ଧ, ନଭେମ୍ବରରୁ ଡିସେମ୍ବର ପ୍ରଥମାର୍ଦ୍ଧ ରବି ମହାଗ୍ରହ ଶୁଭ ସଞ୍ଚାରି ହୋଇ ଅଟକିଥିବା କାର୍ଯ୍ୟର ସଫଳ ରୂପାୟନ ହେବେ । କପଟୀମିତ୍ରମାନେ ଦୂରେଇଯିବା କାରଣରୁ ଚଲାପଥ ସହଜ ସରଳ ହେବ । ପଦୋନ୍ନତି ସାଙ୍ଗକୁ ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ । ପୁରୁଣା ରୋଗର ଉପଶମ ହେବ । ଚଳିତ ମାସରେ ଶୁଭାଶୁଭ ମିଶ୍ରିତଫଳ ପ୍ରାପ୍ତହେବ । ସମସ୍ୟାକୁ କରାୟତ୍ତ କରି କର୍ମପଥରେ ଆଗେଇବେ । ଉପରିସ୍ଥ ମାନଙ୍କ ବିଶ୍ୱାସ ଭାଜନ ହେବେ । ସାମାଜିକ ସ୍ତରରେ ମୁଣ୍ଡ ତଳକୁ ନଇଁବାର ନାହିଁ । ଶତୃମାନେ ହୀନବଳ ହେବା ଯୋଗେ ସନ୍ତୋଷ ଜାତ ହେବ । ଆପଣାରମାନେ ବେଳେବେଳେ ପରଲୋକ ପରି ଆଚରଣ କରିବେ । ବେପାର ବାଣିଜ୍ୟ ପୂର୍ବଭଳି ଚାଲୁ ରହିବ । ଆର୍ଥୀକ କାରବାରରେ ଚଉଆଖିଆ ନହେଲେ ଠକାମିରେ ପଡ଼ିପାରନ୍ତି । ଦେବଦର୍ଶନର ଓ ସୁଖ ଭ୍ରମଣର ସୁଯୋଗ ମିଳିବ । ମାଙ୍ଗଳିକ କାର୍ଯ୍ୟରେ ସଂପୃକ୍ତି ଘଟିବ । ଦୈବୀ କୃପା ସହିତ ନିଜର ବୁଦ୍ଧି ଖଟାଇ ସମସ୍ତ କ୍ଷେତ୍ରରେ ନିଜର ପକ୍ଷ ଦୃଢ଼ ରଖିବେ । ଶର୍ଦ୍ଦିଶ୍ଳେଷ୍ମା ସାଙ୍ଗକୁ ସ୍ନାୟୁ ଓ ଶିରାଗତ ରୋଗରେ ପୀଡ଼ିତ ହୋଇପାରନ୍ତି । ପାରିବାରିକ ଜୀବନ କ୍ଳେଶକର ହେବନାହିଁ । ମହିଳାମାନେ ମିଶ୍ରିତଫଳ ପାଇବେ । କାହାରି ବିନା ସାହାଯ୍ୟରେ ଆଗେଇ ଯାଇହେବ । ବିଦ୍ୟାର୍ଥୀମାନେ ପରିଶ୍ରମ ଓ ବୁଦ୍ଧି ବଳରେ ଆଗୁଆ ରହିବେ ।

ଅଶୁଭ ଦିବସ:- ୨୮, ୨୯, ୧, ୨, ୮, ୯ ଅଷ୍ଟମଚନ୍ଦ୍ର:- ୧୯, ୨୦ ଘାତଚନ୍ଦ୍ର:- ୨୧, ୨୨, ୨୩ ବାକିଦିନ ଶୁଭ ।



**କର୍କଟ:-** ବର୍ଷସାରା ଶନି ଆପଣଙ୍କ ସପକ୍ଷରେ ନାହାଁନ୍ତି । ବୃହସ୍ପତି ଆପଣଙ୍କ ପକ୍ଷେ ବିଶେଷ ଶୁଭକାରକ ନହେଉଥିବାରୁ କାର୍ଯ୍ୟରେ ବିଳମ୍ବ, ଅର୍ଥପ୍ରାପ୍ତିରେ ବାଧା ଉପୁଜାଇ ପାରନ୍ତି । ଶନି ଧର୍ମ କାର୍ଯ୍ୟରେ ବାଧା ଓ ଶାରିରୀକ ପୀଡ଼ା କାରକ ହୋଇପାରନ୍ତି । ରାହୁ ଓ କେତୁ ମଧ୍ୟମ ଶୁଭଫଳ ଦାୟକ ହେବେ । ପରିବାରର ମୁଖ୍ୟ ବ୍ୟକ୍ତିମାନଙ୍କ ପ୍ରତି ବିପଦ ଦେଖାଦେଇପାରେ । ଦ୍ରବ୍ୟନଷ୍ଟ ହେବା ସହିତ କର୍ମସ୍ଥଳୀରେ ସ୍ଥାନାନ୍ତର ଦେଖାଦେବ । ଜାନୁୟାରୀ ପ୍ରଥମାର୍ଦ୍ଧ, ଅପ୍ରେଲରୁ ଜୁନ୍‌ର ପ୍ରଥମାର୍ଦ୍ଧ, ସେପ୍ଟେମ୍ବରରୁ ଅକ୍ଟୋବର ପ୍ରଥମାର୍ଦ୍ଧ, ଡିସେମ୍ବର ମାସ ରବି ସପକ୍ଷରେ ରହି ଅନେକ ଅଶାନ୍ତି ଓ ସମସ୍ୟାରୁ ମୁକ୍ତି ଦେବା ସହିତ ମନୋରଞ୍ଜନର ଖୋରାକ ଯୋଗାଇବେ । ଚଳିତ ମାସଟି ଶୁଭାଶୁଭ ମିଶ୍ରିତଫଳ ପ୍ରାପ୍ତ ହେବ । ମାସର ଶେଷାର୍ଦ୍ଧରେ ଶୁଭଫଳ ଘଟିବା ଯୋଗେ ମାନସିକ ଶାନ୍ତି ପାଇବେ । କାର୍ଯ୍ୟ ସାଧନ ସହଜ ହେବ । ବିଶିଷ୍ଟ ବ୍ୟକ୍ତି ମାନଙ୍କ ସହାୟତାରୁ କାର୍ଯ୍ୟସାଧନ ସମ୍ଭବ ହେବ । ପୂର୍ବ ଅଶାନ୍ତି ଦୂରେଇ ଯିବା ଯୋଗେ ଶାନ୍ତି ପାଇବେ । ସାମାଜିକ ସ୍ତରରେ ଉଚ୍ଚମନ୍ୟତା ବୃଦ୍ଧି ପାଇବ । କର୍ମକ୍ଷେତ୍ରରେ ଗତାନୁଗତିକତା ରକ୍ଷା କରି ଲକ୍ଷ୍ୟ ପୂରଣ ଦିଗରେ ଆଗୁସାର ହେବେ । ଶତୃମାନଙ୍କ ଦ୍ୱାରା ହଇରାଣ ହେବାର ନାହିଁ । ବେପାର ବାଣିଜ୍ୟରେ ଆଗେଇବାରେ ବାଧା ନାହିଁ । ସେବା କ୍ଷେତ୍ରରେ ଆନ୍ତରିକତାର ଦୃଷ୍ଟାନ୍ତ ସ୍ଥାପନ କରିବେ । ଆର୍ଥୀକ ଦିଗରୁ ସଙ୍କଟ ଘୋଟିବାର ନାହିଁ । ଭ୍ରମଣ ଓ ମନୋରଞ୍ଜନର ଖୋରାକ ମିଳିବ । ବନ୍ଧୁବାନ୍ଧବରେ ଭୁଲ ବୁଝାମଣା ଘଟିପାରେ । ଗଡ଼ି ଚାଲିଥିବା ସମସ୍ୟାର ପ୍ରାର୍ଦୁଭାବ ହ୍ରାସ ଘଟିବ । ପେଟ ଓ ଛାତିରେ ଯନ୍ତ୍ରଣା ଦେଖାଦେବ । ପାରିବାରିକ ଜୀବନ ଚଳନୀୟ ହେବ । ମହିଳାମାନେ ମାସଟିକୁ ଭଲରେ ଭଲରେ ବିତାଇବେ । ଜଂଜାଳ ବୃଦ୍ଧିପାଇବ । ବିଦ୍ୟାର୍ଥୀମାନେ ଗୁରୁଜନଙ୍କ ଆଶୀର୍ବାଦରୁ ଉତ୍ତମ ଫଳ ପ୍ରଦର୍ଶନ କରିବେ ।

ଅଶୁଭ ଦିବସ:- ୧୫, ୧୬, ୩୦, ୩୧, ୧୦, ୧୧, ୧୨ ଅଷ୍ଟମଚନ୍ଦ୍ର:- ୨୧, ୨୨, ୨୩ ଘାତଚନ୍ଦ୍ର:- ୩, ୪ ବାକିଦିନ ଶୁଭ ।




**ସିଂହ:-** ଶନି, ରାହୁ, କେତୁ ବର୍ଷ ତମାମ ଶୁଭ ସପକ୍ଷରେ ରହୁନଥିବାରୁ ଉଦ୍‌ବିଗ୍ନତା ବୃଦ୍ଧିପାଇବା ସହିତ କାର୍ଯ୍ୟରେ ବିଫଳତା, ଶାରିରୀକ ଅସୁସ୍ଥତା ଦେଖାଦେବା ସଙ୍ଗେ ସଙ୍ଗେ ଠକାମିର ଶିକାର ହେବାର ଅନୁମେୟ । ନିର୍ମାଣ କାର୍ଯ୍ୟ ଅଧା ପନ୍ତରିଆ ରହିଯାଇପାରେ । ପ୍ରିୟଜନଙ୍କ ନିମିତ୍ତ ଆଶଙ୍କା ବୃଦ୍ଧିପାଇବ । ମଇମାସ ପର୍ଯ୍ୟନ୍ତ ବୃହସ୍ପତିଙ୍କ ବଳିଷ୍ଠ ସପକ୍ଷ ଯୋଗେ ବହୁ ଅଶାନ୍ତିରୁ ଉଦ୍ଧାର ମିଳିବା ସହିତ ଧନଜନ ଗୋପଲକ୍ଷ୍ମୀ ପ୍ରାପ୍ତିଯୋଗ । ସନ୍ତାନ ସୁଖ ମିଳିବ । ଦୂରଭ୍ରମଣରୁ ଓ ଦେବ କାର୍ଯ୍ୟରୁ ଶାନ୍ତି ପାଇବେ । ନେତୃତ୍ୱ ବହନ କରି ଆତ୍ମ ସନ୍ତୁଷ୍ଟି ଲାଭ କରିବେ । ଜାନୁୟାରୀରୁ ଫେବୃୟାରୀ ପ୍ରଥମାର୍ଦ୍ଧ, ମଇରୁ ଜୁଲାଇର ପ୍ରଥମାର୍ଦ୍ଧ, ଅକ୍ଟୋବରରୁ ନଭେମ୍ବର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ରବିଙ୍କ ଶୁଭ ସଞ୍ଚାରି ଯୋଗେ ଆସନ୍ନ ବିପଦରୁ ଉଦ୍ଧାର ମିଳିବା ସହିତ ସମସ୍ତ ପ୍ରକାରର ପରିବେଶକୁ ନିୟନ୍ତ୍ରଣରେ ରଖି କାର୍ଯ୍ୟରେ ସଫଳତା ହାସଲ କରିବେ । ଚଳିତ ମାସରେ ପୂର୍ବାପେକ୍ଷା ଆଖି ଦୃଶିଆ ସଫଳତା ମିଳିବ । ମନୋବଳକୁ ଏକତ୍ର କରି ଉତ୍ସାହ ଉଦ୍ଦୀପନାଯୁକ୍ତ ହୋଇ କର୍ମପଥରେ ଆଗେଇବେ । କିଛି ଈର୍ଷାଳୁ ବିପଦରେ ପକାଇବାକୁ ଚେଷ୍ଟା କରି ଅସଫଳ ହେବେ । ଧର୍ମୀୟ ଚିନ୍ତାଧାରା ଓ କର୍ତ୍ତବ୍ୟକୁ ପ୍ରାଧାନ୍ୟ ଦେଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ଉଦ୍ୟମ ବଳବତ୍ତର ହେବ । ସାମାଜିକ ସ୍ଥିତିରେ ବିଲକ୍ଷଣ ଦେଖାଦେବ ନାହିଁ । ବିବାଦୀୟ କ୍ଷେତ୍ର ଆୟତ୍ତ ବାହାରକୁ ଯିବନାହିଁ । ବେପାର ବାଣିଜ୍ୟର ଧାରା ଅବାରିତ ରହିବ । ବନ୍ଧୁ ଓ ପ୍ରିୟଜନଙ୍କ ମେଳରେ ଭ୍ରମଣର ଆନନ୍ଦ ପାଇବେ । ଉଚ୍ଚବର୍ଗରୁ ସହାୟତା ମିଳିବ । ମାଙ୍ଗଳିକ କାର୍ଯ୍ୟରେ ନେତୃତ୍ୱ ବହନ କରିପାରନ୍ତି । ମୂଲ୍ୟବାନ ଦ୍ରବ୍ୟ କ୍ରୟ ଯୋଗ ଅଛି । ଆର୍ଥୀକ ସ୍ଥିତି ଦୃଢ଼ ରହିବ । ପିତ୍ତଶ୍ଳେଷ୍ମା ଓ ରକ୍ତଶର୍କରା

ବୃଦ୍ଧି ଯୋଗେ ଚିନ୍ତିତ ହେବେ। ପାରିବାରିକ ଜୀବନ ସୁଖମୟ ହେବ। ମହିଳାମାନେ ପରିବାର ଓ ସମାଜ ପ୍ରତି ଉତ୍ସର୍ଗୀକୃତ ମନୋଭାବ ଗ୍ରହଣ କରିବେ। ବିଦ୍ୟାର୍ଥୀମାନେ ପରିଶ୍ରମରେ ଅବହେଳା କରିବେ ନାହିଁ।
ଅଶୁଭ ଦିବସ:- ୧୬, ୧୭, ୧୮, ୫, ୬, ୭, ୧୩, ୧୪ ଅଷ୍ଟମଚନ୍ଦ୍ର:- ୨୪, ୨୫ ଘାତଚନ୍ଦ୍ର:- ୧୯, ୨୦ ବାକିଦିନ ଶୁଭ।



**କନ୍ୟା:-** ଶନି ମହାଗ୍ରହ ବର୍ଷସାରା ଆପଣଙ୍କ ପ୍ରତି କୃପାଦୃଷ୍ଟି ରଖୁନାହାଁନ୍ତି। ଫଳତଃ ଅଶାନ୍ତି ଅସ୍ଥିରତା ଏବଂ ଏକଲାବୋଧ କରାଇବେ। ମଝିରେ ମଝିରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ମଇ ମାସ ଠାରୁ ବୃହସ୍ପତି ଶୁଭସ୍ଥ ହୋଇ ଅନେକ ଗଡ଼ିଏ ସମସ୍ୟାର ତ୍ୱରିତ ସମାଧାନ କରି ଆୟ ସନ୍ତୋଷ ପ୍ରଦାନ କରିବେ। ରାହୁ ମହାଗ୍ରହ ଆପଣଙ୍କ ଶତ୍ରୁ ବିନାଶ କରିବା ସହିତ ହୃଦବସ୍ତୁ ପ୍ରାପ୍ତ କରାଇବାରେ ସହାୟକ ହେବେ। ଫେବୃୟାରୀରୁ ମାର୍ଚ୍ଚର ପ୍ରଥମାର୍ଦ୍ଧ, ଜୁନ୍‌ରୁ ଅଗଷ୍ଟର ପ୍ରଥମାର୍ଦ୍ଧ, ନଭେମ୍ବରରୁ ଡିସେମ୍ବର ପ୍ରଥମାର୍ଦ୍ଧ ଗ୍ରହରାଜ ରବି ଆପଣଙ୍କ ଉପରେ କୃପାଦୃଷ୍ଟି ନିକ୍ଷେପ କରି ଆତ୍ମ ମର୍ଯ୍ୟାଦା ଓ ସାମାଜିକ ପ୍ରତିଷ୍ଠା ଦିଗରେ ସହାୟକ ହେବେ। ମୋଟ ଉପରେ ବର୍ଷଟି ଶୁଭାଶୁଭ ଫଳ ବହନ କଲେବି ଅଶୁଭ ଅପେକ୍ଷା ଶୁଭଫଳର ପରିମାଣ ଅଧିକ ହେବ। ଚଳିତ ମାସରେ ସାମାନ୍ୟ ବିଚଳିତ ହୋଇ ପଡ଼ିବାର ସୂଚନା ମିଳୁଛି। ସମସ୍ତ ପ୍ରକାରର ନକାରାତ୍ମକ ଓ ଗତିରୋଧ ପରିବେଶକୁ ଭ୍ରୂକ୍ଷେପ ନକରି କର୍ମ ଓ କର୍ତ୍ତବ୍ୟକୁ ପ୍ରାଧାନ୍ୟ ଦେବେ। ସାମାଜିକ ସ୍ଥିତି ଦୃଢ଼ ହେବ। ସାମାନ୍ୟ ଭୁଲ ପାଇଁ ଅନୁତାପ କରିବେ। ବିବାଦୀୟ କ୍ଷେତ୍ରରୁ ଫାଇଦା ଉଠାଇବେ। ଦୈବୀକୃପା ଯୋଗେ ଅସମ୍ଭବକୁ ସମ୍ଭବ କରିପାରିବେ। ବେପାର ବାଣିଜ୍ୟରେ ଏକାଗ୍ରତାର ଅଭାବରୁ ଲାଭର ପରିମାଣ ଆଶାଜନକ ହେବନାହିଁ। ମନର କଥା ମନରେ ମାରିବାକୁ ପଡ଼ିବ। ଆର୍ଥୀକ ଦିଗ ସଂକୀର୍ଣ୍ଣ ହେଲେବି କୌଣସି କାର୍ଯ୍ୟ ଅଟକିବ ନାହିଁ। ଭ୍ରମଣ ବିଶେଷ ଶାନ୍ତି ଦେଇନପାରେ। ଧୈର୍ଯ୍ୟ ଦ୍ୱାରା କ୍ରୋଧକୁ ନିୟନ୍ତ୍ରଣ କଲେ ଶାନ୍ତି ପାଇବେ। ଅମ୍ଳପିତ୍ତ ଦୋଷ ଅସୁସ୍ଥି କରାଇପାରେ। ପାରିବାରିକ ସ୍ତରରେ ବୁଝାମଣା ଦ୍ୱାରା ଶାନ୍ତି ପାଇବେ। ମହିଳାମାନେ ମାସଟିରେ ଶାରିରୀକ ତଥା ମାନସିକ ସ୍ତରରେ ସନ୍ତୁଳିତ ହୋଇପାରନ୍ତି। ବିଦ୍ୟାର୍ଥୀମାନେ ବିଭିନ୍ନ ଚିନ୍ତାର ଶିକାର ହେବେ।
ଅଶୁଭ ଦିବସ:- ୮, ୯ ଅଷ୍ଟମଚନ୍ଦ୍ର:- ୨୬, ୨୭ ଘାତଚନ୍ଦ୍ର:- ୩୦, ୩୧ ବାକିଦିନ ଶୁଭ।



**ତୁଳା:-** ବର୍ଷ ତମାମ ଶନି ଆପଣଙ୍କ ସପକ୍ଷରେ ଅବସ୍ଥାନ କରି ଶତ୍ରୁ ନିପାତ, ରାଜଲକ୍ଷ୍ମୀ ପ୍ରାପ୍ତି, କାର୍ଯ୍ୟ ସାଧନ କରାଇବେ। ମଇମାସ ପର୍ଯ୍ୟନ୍ତ ଶୁଭ ବୃହସ୍ପତି, ଶାନ୍ତି ପ୍ରାପ୍ତି, ସନ୍ତାନ ବର୍ଗରେ ଉନ୍ନତି କରାଇବା ସହିତ ଦୈବୀକୃପା ଲାଭ ଓ ଭ୍ରମଣରେ ଆନନ୍ଦ ପ୍ରାପ୍ତି ତଥା ମାଙ୍ଗଳିକ କାର୍ଯ୍ୟ ସାଧନ କରାଇବେ। ଏକାଦଶସ୍ଥ କେତୁ ମହତ୍ ଆକାଙ୍କ୍ଷା ପୂରଣ କରିବା ସହିତ ଉପସ୍ଥିତ ବସ୍ତୁ ପ୍ରାପ୍ତ କରାଇବେ। ଜାନୁୟାରୀ ପ୍ରଥମାର୍ଦ୍ଧ, ମାର୍ଚ୍ଚରୁ ଅପ୍ରେଲର ପ୍ରଥମାର୍ଦ୍ଧ, ଜୁଲାଇରୁ ସେପ୍ଟେମ୍ବର ପ୍ରଥମାର୍ଦ୍ଧ, ଡିସେମ୍ବର ମାସସାରା ରବି ଶୁଭ ଓ ଲାଭଦାୟକ ହୋଇ ନୂତନ ଯାନବାହାନ କ୍ରୟ, ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ତଥା ଭବିଷ୍ୟତ ଯୋଜନାର ସଫଳ ରୂପାୟନ କରିବେ। ଚଳିତ ମାସଟି ଆପଣଙ୍କ ପକ୍ଷେ ଉତ୍ସାହପ୍ରଦ ହେବ। କର୍ମକ୍ଷେତ୍ରରେ ଗତି ବ୍ୟାହତ ରହିବ। କର୍ତ୍ତବ୍ୟକୁ ପ୍ରମୁଖତା ଦେଇ ଆଗକୁ ଆଗକୁ ମାଡ଼ି ଚାଲିବେ। ଉତ୍ତମ କାର୍ଯ୍ୟ ନିର୍ଘଣ୍ଟକୁ ଅନୁସରଣ କରି ମର୍ଯ୍ୟଦାବନ୍ତ ହେବେ। ମାଙ୍ଗଳିକ କାର୍ଯ୍ୟ ସଂପାଦିକ ହୋଇପାରେ। ସାମାଜିକ ସ୍ତରରେ ବ୍ୟକ୍ତିତ୍ୱର ବୃଦ୍ଧି ଘଟିବ। ବିବାଦୀୟ କ୍ଷେତ୍ରରୁ ଆତଙ୍କିତ ହେବାର ନାହିଁ। ବେପାର ବାଣିଜ୍ୟର ଧାରା ପ୍ରସାରିତ ହେବା ପ୍ରାୟ ସୁନିଶ୍ଚିତ। ଶତ୍ରୁମାନେ ପଛଘୁଞ୍ଚା ଦେବା କାରଣରୁ ଜୀବନଚର୍ଯ୍ୟା ସରଳ ହେବ। ଆର୍ଥୀକ ଦିଗରୁ ଚିନ୍ତିତ ହେବେନାହିଁ। ଧର୍ମାନୁଷ୍ଠାନ ପ୍ରତି ଅନୁରକ୍ତି ବୃଦ୍ଧି ପାଇବ। ଶୁଭ ସମ୍ବାଦର ଆଶା ନିରର୍ଥକ ହେବନାହିଁ। ମଝିରେ ମଝିରେ କ୍ଲାନ୍ତି ଅବସନ୍ନତା ଦେଖାଦେବ। ଚିନ୍ତାଜନକ ସ୍ୱାସ୍ଥ୍ୟ ପୀଡ଼ା ଘଟିବାର ନାହିଁ। ପାରିବାରିକ ଅଶାନ୍ତି ଦେଖାଦେବ ନାହିଁ। ମହିଳାମାନେ ନିରାମୟ ଜୀବନଯାପନ କରିବେ। ଅତିଥି ଓ ବନ୍ଧୁ ଚର୍ଚ୍ଚାରେ ସମୟ ବିତିବ। ବିଦ୍ୟାର୍ଥୀମାନେ ଲକ୍ଷ୍ୟସାଧନରେ ବ୍ରତୀ ହେବେ।
ଅଶୁଭ ଦିବସ:- ୧୫, ୧୯, ୨୦, ୧୦, ୧୧, ୧୨ ଅଷ୍ଟମଚନ୍ଦ୍ର:- ୨୮, ୨୯ ଘାତଚନ୍ଦ୍ର:- ୧୬, ୧୭, ୧୮, ୧୩, ୧୪ ବାକିଦିନ ଶୁଭ।



**ବିଛା:-** ଶନି ମହାଗ୍ରହ ତଥା ରାହୁ ମହାଗ୍ରହ ଆପଣଙ୍କ ପକ୍ଷେ ବର୍ଷାରେ ସହାୟକ ହେଉନଥିବାରୁ ଉତ୍ସାହଭଙ୍ଗ। ଶତ୍ରୁଦ୍ୱାରା ଆକ୍ରାନ୍ତ, ଦ୍ରବ୍ୟହାନୀ, ସନ୍ତାନପୀଡ଼ା ଦେଖାଦେଇପାରେ। ଜୁନ୍‌ମାସ ଠାରୁ ବୃହସ୍ପତି ଏବଂ ବର୍ଷ ତମାମ କେତୁ ଶୁଭସ୍ଥ ହେବାଫଳରେ ଅଶାନ୍ତି ଓ ଦୁଶ୍ଚିନ୍ତା ବହୁ ପରିମାଣରେ ହ୍ରାସ ଘଟାଇ ଶାନ୍ତି ଓ ଆନନ୍ଦ ପ୍ରଦାନ କରିବେ। ଜାନୁୟାରୀରୁ ଫେବୃୟାରୀ ପ୍ରଥମାର୍ଦ୍ଧ, ଅପ୍ରେଲରୁ ମଇର ପ୍ରଥମାର୍ଦ୍ଧ, ଅଗଷ୍ଟରୁ ଅକ୍ଟୋବର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଧର୍ମବଳ ବୃଦ୍ଧି ପାଇ ସମସ୍ତ ପ୍ରକାରର ନକାରାତ୍ମକ ପରିବେଶରୁ ଉଦ୍ଧାର କରି ଉନ୍ନତିର ମାର୍ଗରେ ଗତିଶୀଳ କରାଇବେ। ସନ୍ତାନମାନଙ୍କର ଉନ୍ନତିରେ ଉତ୍‌ଫୁଲ୍ଲିତ ହେବେ। ଋଣ ପରିଶୋଧର ମଉକା ମିଳିବ। ଦୂର ଭ୍ରମଣରୁ ସାଫଲ୍ୟତା ଅର୍ଜ୍ଜନ କରିବେ। ଉଦ୍ୟମ ଓ ଦୈବୀକୃପା ଯୋଗେ ସଙ୍କଟର ନିରାକରଣ ହେବ। ଚଳିତ ମାସଟିରେ ଶୁଭାଶୁଭ ଫଳ ପ୍ରାପ୍ତ ହେଲେବି ଅଶୁଭ ଅପେକ୍ଷା ଶୁଭଫଳର ମାତ୍ରା ଅଧିକ ହେବ। ଦୈନନ୍ଦିନ କାର୍ଯ୍ୟରେ ବିଶୃଙ୍ଖଳା ଉପୁଜିବ ନାହିଁ। ମନୋବଳ ଓ ଧର୍ମବଳକୁ ଏକତ୍ରିତ କରି ଉତ୍ସାହ ଓ ଉଦ୍ଦୀପନା ମଧ୍ୟେ କଠିନ କାର୍ଯ୍ୟ ସଂପାଦନରେ ସମର୍ଥ ହେବେ। ସାମାଜିକ ସ୍ତରରେ ଲୋକାଦୃତିର ବୃଦ୍ଧି ଘଟିବ। ବିବାଦୀୟ କ୍ଷେତ୍ରରେ ହାରିଯିବାର ନାହିଁ। ବେପାର ବାଣିଜ୍ୟରେ ପୂର୍ବ ତୁଳନାରେ ଆଗ୍ରହ ବୃଦ୍ଧିପାଇବ। ପିତୃକାର୍ଯ୍ୟ ଓ ଦେବକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଆପଣାରମାନେ ଛନ୍ଦି ପାରନ୍ତି। ଭ୍ରମଣ ତଥା ବନ୍ଧୁ ମିଳନରୁ ଆନନ୍ଦ ପାଇବେ। ଆର୍ଥୀକ ଦିଗ ବହୁ ଉଚ୍ଚକୋଟୀର ନହେଲେବି ଗୁଜୁରାଣ

ମେଣ୍ଟାଇବାକୁ ଦୁର୍ବଳ ହେବନାହିଁ । ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଲୋଡ଼ା । ବଡ଼ ଧରଣର ରୋଗଭୋଗର ଆଶଙ୍କା ନାହିଁ । ପାରିବାରିକ ଭବିଷ୍ୟତ ଗଠନରେ ବ୍ରତୀ ହେବେ ।

ଅଶୁଭ ଦିବସ:- ୧୬, ୧୭, ୧୮, ୨୧, ୨୨, ୨୩, ୧, ୨, ୧୩, ୧୪ ଅଷ୍ଟମଚନ୍ଦ୍ର:- ୩୦, ୩୧ ଘାତଚନ୍ଦ୍ର:- ୨୮, ୨୯ ବାକିଦିନ ଶୁଭ ।




**ଧନୁ:-** ଶନିଙ୍କ ଅଶୁଭ ସ୍ଥିତିରୁ ମାନସିକ ଉଦ୍‌ବେଗ ସହିତ ଶତୃପୀଡ଼ା ଲାଗିରହିପାରେ । ବିବ୍ରତ ଏବଂ ସ୍ଥାନାନ୍ତର ହେବାର ସୂଚନା ମିଳୁଛି । ମଇମାସ ପର୍ଯ୍ୟନ୍ତ ଶୁଭ ବୃହସ୍ପତି ମନରେ ଦୃଢ଼ ସାହାସ, କର୍ମରେ ସଫଳତା, ସନ୍ତାନ ବର୍ଗରେ ଉନ୍ନତି, ମହତ୍ ଲକ୍ଷ୍ମୀ ପ୍ରାପ୍ତି କରାଇବେ । ଉତ୍ତମ ଥଇମାନ ହେବାର ବଳିଷ୍ଠ ସୂଚନା ଅଛି । ଶତ୍ରୁ ତଥା ସମସ୍ତ ପ୍ରକାରର ନକାରାତ୍ମକ ପରିବେଶକୁ ରାହୁ ସପକ୍ଷରେ ରହି ଆଶାଜନକ ସହାୟତା କରିବେ । ଏତଦ୍ ଭିନ୍ନ ଫେବୃୟାରୀରୁ ମାର୍ଚ୍ଚ ପ୍ରଥମାର୍ଦ୍ଧ, ମଇରୁ ଜୁନ୍‌ର ପ୍ରଥମାର୍ଦ୍ଧ, ସେପ୍ଟେମ୍ବରରୁ ନଭେମ୍ବର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ରବି ମହାଗ୍ରହ ଆପଣଙ୍କ ସପକ୍ଷରେ ରହି ସାମାଜିକ ସ୍ତରରେ ପ୍ରତିଷ୍ଠା ଅର୍ଜନ କରାଇବା ସହିତ ସମସ୍ତ ପରିବେଶକୁ ଆୟତ୍ତରେ ରଖି ମହାନ୍ ବୋଲାଇବେ । ଆର୍ଥୀକ ଦିଗ ବଳବତ୍ତର ହେବା ସହିତ ଦେବଋଣ, ପିତୃଋଣ ପରିଶୋଧ କରିବେ । ନୂତନ ମୂଲ୍ୟବାନ ବସ୍ତୁର ଉପଭୋଗ କରିପାରନ୍ତି । ଚଳିତ ମାସରେ ଶୁଭାଶୁଭ ମିଶ୍ରିତ ଫଳ ପ୍ରାପ୍ତ ହେବ । କର୍ମସ୍ଥଳୀରେ ବୁଦ୍ଧି ବିବେକ ଖଟାଇ ପଦକ୍ଷେପ ଗ୍ରହଣ କଲେ ପଶ୍ଚାତାପର ଆଶଙ୍କା ରହିବ ନାହିଁ । ଅନ୍ୟମାନଙ୍କୁ ଶାନ୍ତି ଦେବା ନିମିତ୍ତ ନିଜର ମନର କଥା ମନରେ ମାରିବା ଛଡ଼ା ଅନ୍ୟ ଉପାୟ ନାହିଁ । ଅନେକଙ୍କ ଦାୟିତ୍ୱ କାନ୍ଧରେ ବହନ କରିବେ । ସାମାଜିକ ସ୍ତର ଉଚ୍ଚମାନର ହେବ । ବିବାଦୀୟ କ୍ଷେତ୍ରରେ ପଛେଇ ଯିବାର ନାହିଁ । ବେପାର ବାଣିଜ୍ୟର ଧାରା ପୂର୍ବଭଳି ଚାଲୁ ରହିବ । ବଳିଷ୍ଠ ପଦକ୍ଷେପ ଗ୍ରହଣ କରି ଶତୃମାନଙ୍କୁ କରାୟତ୍ତ କରିବେ । ମୂଳଜମା ଖର୍ଚ୍ଚ ହୋଇପାରେ । ସୁଖ ଭ୍ରମଣର ଯୋଗ ଓ ବନ୍ଧୁ ମିଳନ ଯୋଗ ଅଛି । ପେଟ ଗଣ୍ଡଗୋଳ ଓ ଥଣ୍ଡାରୋଗ ଦେଖାଦେବ । ପାରିବାରିକ ଜୀବନ କ୍ଷେତ୍ରରେ ତାଳମେଳ ରକ୍ଷା କଷ୍ଟରେ ହେଲେବି ଅସମ୍ଭବ ହେବନାହିଁ । ମହିଳାମାନେ କ୍ରୋଧ ନିୟନ୍ତ୍ରଣ କରି ସମଝଦାର ହେବାର ଆବଶ୍ୟକତା ଅଛି । ବିଦ୍ୟାର୍ଥୀମାନେ ଗତିରକ୍ଷା କରିବାରେ ବିଭ୍ରାଟ ଉପୁଜିପାରେ ।

ଅଶୁଭ ଦିବସ:- ୩, ୪ ଅଷ୍ଟମଚନ୍ଦ୍ର:- ୧, ୨ ଘାତଚନ୍ଦ୍ର:- ୨୪, ୨୫ ବାକିଦିନ ଶୁଭ ।



**ମକର:-** ଗ୍ରହ ଅବସ୍ଥିତିରୁ ବର୍ଷ ତମାମ ଶନି ଆପଣଙ୍କ ସପକ୍ଷରେ ରହି ରାଜଲକ୍ଷ୍ମୀ ପ୍ରାପ୍ତି କରାଇବା ସହିତ ଶତୃନିପାତ ଓ ସାମାଜିକ ପ୍ରତିଷ୍ଠାରେ ସହାୟକ ହେବେ । ଚମତ୍କାରୀତା ବୃଦ୍ଧିପାଇବ । ମଇମାସ ଠାରୁ ବୃହସ୍ପତି ସପ୍ତମସ୍ଥ ହୋଇ ଧନ, ଧର୍ମ୍ମ, ଶାନ୍ତି ଓ ପ୍ରତିଷ୍ଠା ଅର୍ଜନରେ ମୁଖ୍ୟ ଭୂମିକା ନିର୍ବାହ କରିବେ । ରାହୁ ଓ କେତୁ ଶୁଭ ହେଉଥିବାରୁ ଅଯଥା କାମରେ ନିୟୋଜିତ ଓ ଅପବ୍ୟୟ ହୋଇପାରନ୍ତି । ମାର୍ଚ୍ଚରୁ ଅପ୍ରେଲର ପ୍ରଥମାର୍ଦ୍ଧ । ଜୁନରୁ ଜୁଲାଇର ପ୍ରଥମାର୍ଦ୍ଧ, ଅକ୍ଟୋବରୁ ଡିସେମ୍ବର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ରହି ମହାଗ୍ରହ ଆପଣଙ୍କୁ କିଛି ନୂତନ ଓ ମୂଲ୍ୟବାନ ଦ୍ରବ୍ୟ ଭେଟିଦେଇପାରନ୍ତି । ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ଦୃଢ଼ତା ବୃଦ୍ଧିପାଇବ । ନୂତନ ପରିକଳ୍ପନାରେ ନିଜକୁ ସାମିଲ କରିବେ । ବକେୟା ଅର୍ଥ ହାତକୁ ଆସିବ । ଚଳିତ ମାସଟି ଶୁଭାଶୁଭ ମିଶ୍ରିତଫଳ ପ୍ରଦାୟକ ହେଲେବି ଅଶୁଭ ଅପେକ୍ଷା ଶୁଭତ୍ୱର ପରିମାଣ ଅଧିକ ହେବ । ଶତ୍ରୁମାନେ ଦୁର୍ବଳ ହୋଇ ପଡ଼ିବା କାରଣରୁ ଦିନଚର୍ଯ୍ୟା ବାଧା ଉପୁଜିବ ନାହିଁ । ସୁଚିନ୍ତିତ ପଥରେ ବିନା ପ୍ରତିରୋଧରେ ଆଗେଇଯାଇହେବ । ସାମାଜିକ ଏବଂ ଆନୁଷ୍ଠାନିକ କର୍ମ କୁଶଳତା ଲକ୍ଷ୍ୟଣୀୟ ହେବ । କାନ କୁହା କଥାକୁ ଗୁରୁତ୍ୱ ନଦେଇ କର୍ତ୍ତବ୍ୟରେ ଆଗେଇଯିବା ଶ୍ରେୟସ୍କର ହେବ । ସରକାରୀ ସ୍ତରରୁ ପ୍ରୋତ୍ସାହନ ପାଇ ପ୍ରଫୁଲ୍ଲିତ ହେବେ । ଆତ୍ମୀୟ ଓ ବନ୍ଧୁ ବାନ୍ଧବମାନେ ବୋଝ ହୋଇପାରନ୍ତି । ଭ୍ରମଣ ଓ ମାଙ୍ଗଳିକ କାର୍ଯ୍ୟରେ ଆନନ୍ଦ ମିଳିବ । ଅଧିକ ପରିଶ୍ରମ ନିମନ୍ତେ ମନୋବଳ ଜୁଟିବ । ବେପାର ବାଣିଜ୍ୟରେ ଯଥେଷ୍ଟ ଲାଭ ନହେଲେବି କ୍ଷତିର ଆଶଙ୍କା ନାହିଁ । ସାଧାରଣ ଅସୁସ୍ଥି ଦେହସୁହା ହୋଇଯିବ । ପାରିବାରିକ ସ୍ତରରେ ହସଖୁସି ମନାଇବା ନିମିତ୍ତ ସୁଅବସର ମିଳିବ । ମହିଳାମାନେ ମର୍ଯ୍ୟାଦାପୂର୍ଣ୍ଣ ସ୍ଥିତିରେ ସମୟ ବିତାଇବେ । ସ୍ୱଚ୍ଛଳତା ଓ ସଂପର୍ଣ୍ଣତା ଆଖି ଦୃଶିଆ ହେବ । ବିଦ୍ୟାର୍ଥୀମାନେ କର୍ତ୍ତବ୍ୟରେ ନିଷ୍ଠାବାନ ହେବେ ।

ଅଶୁଭ ଦିବସ:- ୨୬, ୨୭, ୫, ୬, ୭ ଅଷ୍ଟମଚନ୍ଦ୍ର:- ୩, ୪ ଘାତଚନ୍ଦ୍ର:- ୩, ୪ ବାକିଦିନ ଶୁଭ ।



**କୁମ୍ଭ:-** ଆପଣଙ୍କ ପକ୍ଷେ ବର୍ଷସାରା ଶନି ଏବଂ ରାହୁ ଶୁଭସ୍ଥ ନହେବା ଫଳରେ ବ୍ୟୟ ବହୁଳତା, ଅସ୍ଥିରତା, କୁଟୁମ୍ବେ ଅଶାନ୍ତି ଓ ସ୍ୱାସ୍ଥ୍ୟପୀଡ଼ା ଦେଖାଦେଇପାରେ । ଆର୍ଥୀକ ଅନାଟନ ସହିତ ଅଯଥା ଅପବ୍ୟୟ ବୃଦ୍ଧି ପାଇବ । ମଇମାସ ପର୍ଯ୍ୟନ୍ତ ବୃହସ୍ପତି ଶୁଭ ସଞ୍ଚାରିତ ହେବାଦ୍ୱାରା ଅସମ୍ଭବକୁ ସମ୍ଭବରେ ପରିଣତ କରାଇବା ସହିତ ଆତ୍ମ ସମ୍ମାନର ଅଧିକାରୀ ହେବେ । ମୋଟା ଅଙ୍କର ଅର୍ଥ ପ୍ରାପ୍ତି ଯୋଗ ନିଶ୍ଚିତ କରିବ । ଆତ୍ମୀୟମାନଙ୍କ ଗହଣରେ ସୁଖ ସମୟ ବିତାଇବେ । ଜାନୁୟାରୀ ପ୍ରଥମାର୍ଦ୍ଧ, ଅପ୍ରେଲରୁ ମଇର ପ୍ରଥମାର୍ଦ୍ଧ, ଜୁଲାଇରୁ ଅଗଷ୍ଟର ପ୍ରଥମାର୍ଦ୍ଧ, ନଭେମ୍ବର ଓ ଡିସେମ୍ବର ମାସରେ ରବି ଶୁଭ ଗୋଚର ଯୋଗେ ଆରୋଗ୍ୟ ଲାଭ, ଆର୍ଥୀକ ସ୍ଥିତି ଦୃଢ଼ତା ଓ ଇପ୍‌ସିତ କାର୍ଯ୍ୟ ସାଧିତ ହେବ । ଚଳିତ ମାସଟି ଆପଣଙ୍କ ନିମିତ୍ତ ଶୁଭାଶୁଭ ମିଶ୍ରିତଫଳ ପ୍ରଦାନ କରିବ । ମାସର ପ୍ରଥମାର୍ଦ୍ଧରେ କେତେକ ଦୁଶ୍ଚିନ୍ତାରୁ ମୁକୁଳିବାର ସୂଚନା ମିଳୁଛି । ଶୃଙ୍ଖଳିତ ଦିନଚର୍ଯ୍ୟା ମଧ୍ୟେ ସମୟ ଅତିବାହିତ ହେବ । ସୁଖ ଦୁଃଖ ମଧ୍ୟେ କର୍ମପଥରେ ଧିରେ ସୁସ୍ତେ ଆଗେଇବେ । ସାମାଜିକ ସ୍ତରରେ ସମ୍ମାନ ଓ ପ୍ରତିଷ୍ଠା ଦିଗପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହେବାର ନାହିଁ । ବିଳାସ ବ୍ୟସନର ସାଧନ ପ୍ରାଚୁର୍ଯ୍ୟ ଥିଲେବି ତାହାର ଉପଯୋଗ ନିମିତ୍ତ

ସମୟର ଅଭାବ ଘଟିବ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ତାହାର ନିରାକରଣ ଅଥବା ଆୟତ୍ତ କରିବେ। ବେପାର ବାଣିଜ୍ୟରେ ଅଧିକ ପୁଞ୍ଜି ଖଟାଇ ତାହାର ପ୍ରସାର କରିବେ। ଆର୍ଥୀକ ଦିଗ ମଜବୁତ ରହିବ। ନିର୍ମ୍ମାଣ କାର୍ଯ୍ୟ ଓ କଳକବ୍‌ଜା ପ୍ରତି ଆଗ୍ରହୀ ହେବେ। ଶିରୋପୀଡ଼ା ଅଥବା ରକ୍ତଗତ ରୋଗର ଶିକାର ହୋଇପାରନ୍ତି। ପରିବାରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ସନ୍ତୋଷ ଦେଇନପାରେ। ମହିଳାମାନେ ନିଜ ଭାବନାରେ ଅଟଳ ରହିବେ। ରକ୍ଷଣଶୀଳ ମନୋବୃତ୍ତି ବୃଦ୍ଧିପାଇବ। ବିଦ୍ୟାର୍ଥୀମାନେ ଆଶା ଅପେକ୍ଷା ଅଧିକ ଲାଭବାନ ହେବେ।

ଅଶୁଭ ଦିବସ:- ୧୯, ୨୦, ୨୮, ୨୯, ୮, ୯ ଅଷ୍ଟମଚନ୍ଦ୍ର:- ୫, ୬, ୭ ଘାତଚନ୍ଦ୍ର:- ୧୬, ୧୭, ୧୮, ୧୩, ୧୪ ବାକିଦିନ ଶୁଭ।



**ମୀନ:-** ଶନି ଆପଣଙ୍କ ନିମିତ୍ତ ଜନ୍ମରାଶିରେ ଅବସ୍ଥାନ ହେତୁ ଅଶାନ୍ତି ତଥା ମନକଷ୍ଟ କାରକହେବ। ସ୍ଥାନ ମାନ ପ୍ରତି ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ରାହୁ ଶୁଭ ନୁହଁନ୍ତି ମାତ୍ର କେତୁ ଶତ୍ରୁବିନାଶ ଓ ରାଜପୂଜା କରାଇପାରନ୍ତି। ମଇମାସଠାରୁ ଶୁଭ ବୃହସ୍ପତି ଉନ୍ନତି, ମନରେ ଶାନ୍ତି, ଆର୍ଥୀକ ଦିଗରେ ଯଥେଷ୍ଟ ସହାୟତା କରିବେ। ଭବିଷ୍ୟତର ଯୋଜନାକୁ ସଫଳ କରିବେ। ଜାନୁୟାରୀରୁ ଫେବୃୟାରୀର ପ୍ରଥମାର୍ଦ୍ଧ, ମଇରୁ ଜୁନ୍‌ର ପ୍ରଥମାର୍ଦ୍ଧ, ଅଗଷ୍ଟରୁ ସେପ୍ଟେମ୍ବର ପ୍ରଥମାର୍ଦ୍ଧ, ଡିସେମ୍ବର ମାସସାରା ରବି ଶୁଭ ପ୍ରଭାବକ ହୋଇ ଦିନଚର୍ଯ୍ୟା ସହଜ ସରଳ କରାଇବା ସହିତ ମୂଲ୍ୟବାନ ସୌଖୀନ ଦ୍ରବ୍ୟ କ୍ରୟ, ସମାଜରେ ନିଜକୁ ପ୍ରତିଷ୍ଠିତ, ବିବାହାଦି ମାଙ୍ଗଳିକ କାର୍ଯ୍ୟ ସାଧନ ନିମିତ୍ତ ସହାୟକ ହେବ। ଚଳିତ ମାସରେ ଶୁଭଫଳ ମିଳିବାର ଆଶା ବ୍ୟର୍ଥ ହେବନାହିଁ। ମନରେ ଆନନ୍ଦ ଅବାରିତ ରହିବ। କର୍ମକ୍ଷେତ୍ରରେ ନୂତନ ଆଗ୍ରହ ଓ ଉଦ୍ଦୀପନାର ସହିତ ଆଗେଇବାର ବାଧା ନାହିଁ। ପ୍ରତିଦ୍ୱନ୍ଦୀ ଏବଂ ଶତ୍ରୁମାନେ ରହିଲେବି ଗତିରୋଧ ହେବନାହିଁ। ଗଠନମୂଳକ ଚିନ୍ତାଧାରାକୁ ପ୍ରମୁଖତା ଦେଇ ବୈଷୟିକ ଦିଗରୁ ଉପକୃତ ହେବେ। ବୃହତ୍ତର ସ୍ୱପ୍ନକୁ ସାକାର କରିବା ନିମିତ୍ତ ଉଦ୍ୟମ ଅବାରିତ ରହିବ। ସାମାଜିକ ସ୍ତରରେ ଭାବମୂର୍ତ୍ତିରେ ମଳିନତା ଆସିବାର ନାହିଁ। ବେପାର ବାଣିଜ୍ୟର ଧାରା ଆନନ୍ଦପ୍ରଦ ହେବ। ଆର୍ଥୀକ ଦିଗରୁ ମନଊଣା କରିବାର ନାହିଁ। ଭ୍ରମଣରୁ ଶାନ୍ତି ମିଳିବ। ପରିଶ୍ରମ ପରିମାଣରେ ଅଗ୍ରଯାୟୀ ହେବେ। ସ୍ୱାସ୍ଥ୍ୟ ପ୍ରାୟତଃ ଠିକ୍‌ଠାକ୍ ରହିବ। ପାରିବାରିକ ଜୀବନରେ ଶାନ୍ତି ଓ ଆନନ୍ଦର ଅଭାବ ରହିବ ନାହିଁ। ମହିଳାମାନେ ଜଂଜାଳ ମଧ୍ୟେ ବୁଡି ରହିଲେବି ସମସ୍ତ ପରିବେଶକୁ ଆୟତ୍ତରେ ରଖିବା ସହିତ ଭୋଗ ବିଳାସର ଉପଭୋକ୍ତା ହେବେ। ସାମାଜିକ ଓ ପାରିବାରିକ ଶାନ୍ତି ଅତୁଟ ରହିବ। ନେତୃତ୍ୱ ନେବାର ସୁଯୋଗ ମିଳିପାରେ। ବିଦ୍ୟାର୍ଥୀମାନେ ହତାଶ ହେବାର ନାହିଁ।

ଅଶୁଭ ଦିବସ:- ୧୫, ୩୦, ୩୧, ୧, ୨, ୧୦, ୧୧, ୧୨ ଅଷ୍ଟମଚନ୍ଦ୍ର:- ୮, ୯ ଘାତଚନ୍ଦ୍ର:- ୨୧, ୨୨, ୨୩ ବାକିଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା*
*ଦୂରଭାଷ: ୬୩୭୨୫୯୬୯୧୯*


**DM Associates**
**Chartered Accountants**
**307, Block - A, 3rd Floor, Nirmala Plaza**
**Forest Park, Bhubaneswar**
**Ph.: +91 674 259511-13**
**Telefax : +91 674 2595912**

***We undertake***
***Auditing, Taxation, Consultancy outsourcing***

Postal Regd. No. CK (C)/91/2024-2026
The Samaroha January - 2026, Vol. - 35, Issue - 4
RNI Regd. No. : 034056/1981

KALINGA COMMERCIAL CORPORATION LTD
A Leading Turnkey Service Provider for Mining Sector
(ISO 9001 : 2008 Certified)

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

*CORPORATE OFFICE*

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

₹ 20/-

Date of Publication : 13.01.2026
Facebook: The Samaroha
E-mail: thesamaroha@gmail.com, Website: www.samaroha.in